# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୯/୨୦୨୨ (୧୮ ପୃଷ୍ଠା) | Sambalpur, Thursday, September 29/2022 Page 18 ₹ 7.00 ★★

୧୮ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 283 | ମୂଲ୍ୟ₹୭/-





**ମନପ୍ରୀତଙ୍କ ବ୍ୟଗ୍ରତା**
ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଅଭ୍ୟାସ ପାଇଁ ବ୍ୟଗ୍ରତା ପ୍ରକାଶ କରିଛନ୍ତି ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ। **୧୬**

**୧୪** **‘ହଜାରେ କୋଟି ମିଳିଲେ ଆଉ କାମ କରିବିନି’**
୧୦୦୦ କୋଟି ମିଳିଲେ ବାକି ଜୀବନ ମୋତେ ଆଉ କାମ କରିବାକୁ ପଡ଼ିବ ନାହିଁ ବୋଲି ସୁପରଷ୍ଟାର ସଲମାନ ଖାନ୍ କହିଛନ୍ତି।









# ଜଗତପୁରରେ ହାତୀ ଆତଙ୍କ, ୩ ମୃତ

**କଟକ ଅଫିସ/ମଙ୍ଗୁଳି (ଡି.ଏନ୍.ଏ.),୨୮।୯**

ଜନବସତି, ଶିଳ୍ପ କାରଖାନା ବୃଦ୍ଧି ଯୋଗୁ ବନ୍ୟଜନ୍ତୁଙ୍କ ପ୍ରାକୃତିକ ବାସସ୍ଥାନ ଧୀରେ ଧୀରେ ହ୍ରାସ ପାଉଛି, ଯେଉଁଥିପାଇଁ ସେମାନେ ଅଧିକାଂଶ ସମୟରେ ଜନବସତିମୁହାଁ ହେବା ସହ ଧନଜୀବନ ନଷ୍ଟ କରୁଛନ୍ତି। ଏଭଳି ଏକ ଘଟଣାରେ ବୁଧବାର ମଣିଷ ଓ ହାତୀ ଲଢ଼େଇରେ ପୁଣି ଯାଇଛି ଜୀବନ। କଟକ ଜଗତପୁର ଅଞ୍ଚଳରେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗୋଟିଏ ହାତୀ ମହାନଦୀରେ ଭାସିଯାଇ ପ୍ରାଣ ହରାଇଛି। ଲୋକଙ୍କୁ ଆକ୍ରମଣ କରିଥିବା ମାଈହାତୀକୁ ବନବିଭାଗ ଟ୍ରାଙ୍କୁଲାଇଜ କରି କାବୁ କରିଥିବାବେଳେ ଆଉ ଏକ ଦେଢ଼ବର୍ଷର ଛୁଆ ହାତୀ ଦିନ ତମାମ ଜନଗହଳିରୁ ବର୍ତ୍ତିବା ପାଇଁ ସଂଘର୍ଷ କରି ସନ୍ଧ୍ୟାରେ ଚୌଦ୍ୱାର ଅଞ୍ଚଳରେ ବୁଲୁଛି। ତାକୁ କାବୁ କରିବାକୁ ଚେଷ୍ଟା କରାଯାଉଥିବା ବନ ବିଭାଗ କର୍ମଚାରୀ କହିଛନ୍ତି। ଅପରପକ୍ଷରେ ହାତୀ ଆକ୍ରମଣରେ ୩ଜଣଙ୍କ ଜୀବନ ଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ଅପରପକ୍ଷରେ ମୃତକଙ୍କ ପରିବାରକୁ ଜଙ୍ଗଲ ବିଭାଗ ପକ୍ଷରୁ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ୩ଟିକିଆ ହାତୀପଲ ଢେଙ୍କାନାଳ ଜଙ୍ଗଲରୁ ଆସି ଡାଳିଜୋଡ଼ା ରେଞ୍ଜ ଅଧୀନ ଚୌଦ୍ୱାର କାଗଜକଳ ଭିତରେ ପଶିଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ ହାତୀକୁ ଘେରି ଯାଇଥିଲେ। ପରେ ବନବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରି ବାଣ ଫୁଟାଇଥିଲେ। ପରେ ହାତୀଗୁଡ଼ିକ ମହାନଦୀ ମଧ୍ୟକୁ ପଶିଯାଇଥିଲେ। ରାତିର ଅନ୍ଧାରରେ ମୁହାଣର ପ୍ରଖରସ୍ରୋତ ଓ ଗଭୀର ପାଣିରେ ଖୁବ୍ ସଂଘର୍ଷ କରି ଗୋଟିଏ ମାଈ ହାତୀ ଏବଂ ଗୋଟିଏ ଛୁଆହାତୀ ଜଗତ୍ପୁର ଆଇବି ନିକଟରେ ପାଣିରୁ ଉପରକୁ ଉଠିଆସିଥିଲେ। ହେଲେ ଆଉ ଗୋଟେ ମାଈହାତୀ ପାଣିରେ ଭାସି ଯାଇ ମହାନଦୀ ବ୍ରିଜ୍‌ର ୧୫ନମ୍ବର ଗେଟ୍‌ରେ ଲାଗିଯାଇଥିଲା। ସେଠାରୁ ଉଠି ନ ପାରି ତା'ର ମୃତ୍ୟୁ ଘଟିଥିବାବେଳେ ସକାଳୁ ତା'ର ମୃତଦେହ ଉଦ୍ଧାର କରାଯାଇଥିଲା।





କଟକ ଜଗତ୍ପୁର ଅଞ୍ଚଳରେ ଏଣେତେଣେ ବୁଲୁଥିବା ଛୁଆହାତୀ ଏବଂ ଆକ୍ରମଣକାରୀ ହାତୀ।

## ମହାନଦୀରେ ଭାସି ମାଈହାତୀର ମୃତ୍ୟୁ

- ଭୟରେ ଛୁଆହାତୀ ଏଣେତେଣେ ବୁଲୁଛି
- ଆକ୍ରମଣକାରୀ ହାତୀକୁ ଟ୍ରାଙ୍କୁଲାଇଜ୍ କଲା ବନ ବିଭାଗ
- ଲୋକଙ୍କ ନିଦ ହଜିଛି

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପାଣିରୁ ଉଠିଥିବା ମାଈ ହାତୀଟି ଭୋର ସମୟରେ ୪୮ନମ୍ବର ୱାର୍ଡ ଫକୀରପୁର ସାଇ ମନ୍ଦିର ପାଖ ଦେଇ ଯାଉଥିବା ସମୟରେ ଅଣ୍ଡେଇ ସାହିର ବୃଦ୍ଧା କମଳା ନାୟକ ଫୁଲ ତୋଳୁଥିବାବେଳେ ତାଙ୍କୁ ଗୋଡାଇ ଗୋଡ଼ାଇ ଆକ୍ରମଣ କରିଥିଲା। ବୃଦ୍ଧା ଜଣକ ତଳେ ପଡ଼ିଯିବାରୁ ହାତୀ ତାଙ୍କୁ ଦଳି ଦେଇଥିଲା। ପରେ ଉକ୍ତ ହାତୀ ଷ୍ଟେଶନ ବଜାର ନିକଟରେ ଲୋକମାନେ ଚା' ପିଉଥିବାବେଳେ ସ୍ଥାନୀୟ ପଣ୍ଡା ସାହିର ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ପଛପଟୁ ଶୁଣ୍ଢରେ ଟେକି ☞ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**
ରୁଷିଆ, ଇରାନ ଓ ଏକଚ୍ଛତ୍ରବାଦ

## କେନ୍ଦ୍ର କର୍ମଚାରୀଙ୍କ ଡିଏ ୪% ବଢ଼ିଲା

ନୂଆଦିଲ୍ଲୀ,୨୮।୯: ଦୀପାବଳି ପୂର୍ବରୁ କେନ୍ଦ୍ର ସରକାର କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ରେ ୪% ବୃଦ୍ଧି ଘଟାଇଛନ୍ତି। ୨୦୨୨ ଜୁଲାଇ ୧ରୁ ଏହା ପିଛିଲା ଭାବେ ଲାଗୁ ହେବ। ଏଥିରୁ ୪୧.୮୫ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୯.୭୬ ଲକ୍ଷ ପେନ୍‌ସନଭୋଗୀ ଲାଭାନ୍ୱିତ ହେବେ। ବର୍ତ୍ତମାନ କେନ୍ଦ୍ରୀୟ କର୍ମଚାରୀ ପାଉଥିବା ମୂଳ ଦରମା କିମ୍ବା ଅବସର ପରେ ପାଉଥିବା ପେନ୍‌ସନ ଉପରେ ଅତିରିକ୍ତ ଡିଏ ଏବଂ ଡିଅରନେସ୍ ରିଲିଫ୍ (ଡିଆର୍) ୪% ବଢ଼ାଯାଇଛି। ଏହି ବାବଦକୁ ରାଜକୋଷ ଉପରେ ୧୨,୮୫୨.୫ କୋଟି ଟଙ୍କା ବାର୍ଷିକ ବୋଝ ବଢ଼ିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି। ୨୦୨୨ ଜୁନ୍ ଶେଷରେ ସର୍ବଭାରତୀୟ ସ୍ତରରେ କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ ଆଧାରରେ ଏହି ବୃଦ୍ଧି କରାଯାଇଛି।

## ଗରିବଙ୍କ ପାଇଁ ୩ ମାସ ବଢ଼ିଲା ରାଶନ

ନୂଆଦିଲ୍ଲୀ,୨୮।୯: ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଗରିବଙ୍କୁ ମାଗଣା ରାଶନ ସାମଗ୍ରୀ ପ୍ରଦାନ କାର୍ଯ୍ୟକ୍ରମକୁ ୩ ମାସ ବୃଦ୍ଧି କରିଛନ୍ତି। ମୁଦ୍ରାସ୍ଫୀତି ଯୋଗୁ ଦରଦାମ ବୃଦ୍ଧି କଷ୍ଟ ଲାଘବ କରିବା ପାଇଁ ବୁଧବାର ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ଏଥିପାଇଁ ସରକାର ୪୪,୭୬୨ କୋଟି ଟଙ୍କା ଖର୍ଚ୍ଚ କରିବେ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଉକ୍ତ ଯୋଜନାରେ ପ୍ରତିମାସ ୮୦ କୋଟି ଗରିବଙ୍କୁ ମାସିକ ଜଣ ପିଛା ୫ କେ.ଜି. ଲେଖାଏ ଗହମ ଓ ଚାଉଳ ମାଗଣାରେ ଦିଆଯାଉଛି। ଶୁକ୍ରବାର ଏହାର ଅବଧି ଶେଷ ହେବାକୁ ଥିବାବେଳେ ସରକାର ୨୦୨୨ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ☞ପୃଷ୍ଠା-୪

## ଟଙ୍କା ପୁଣି ଦୁର୍ବଳ

- ଡଲାର ମୂଲ୍ୟ ୮୧.୯୪ ଟଙ୍କାକୁ ବୃଦ୍ଧି

ମୁମ୍ବାଇ,୨୮।୯: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଟଙ୍କା ଦୁର୍ବଳ ହୋଇ ନିମ୍ନ ସ୍ତରକୁ ଖସିବାରେ ରେକର୍ଡ ଭାଙ୍ଗି ଚାଲିଛି। ବୁଧବାର ଟଙ୍କା ମୂଲ୍ୟ ୦.୪% ଦୁର୍ବଳ ହେବା ଯୋଗୁ ଡଲାର ମୂଲ୍ୟ ୮୧.୯୪ ଟଙ୍କାକୁ ବୃଦ୍ଧି ହୋଇଛି। ମଙ୍ଗଳବାର ଟଙ୍କା ତୁଳନାରେ ଡଲାର ମୂଲ୍ୟ ୮୧.୫୮ ଟଙ୍କା ରହିଥିଲା। ଆମେରିକାରେ ଦେଖାଦେଇଥିବା ୪୦ ବର୍ଷର ଉଚ୍ଚ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ‘ଫେଡେରାଲ ରିଜର୍ଭ’ ଗତ ମାର୍ଚ୍ଚ ମାସଠାରୁ ଅଦ୍ୟାବଧି ସୁଧହାର ୩୦୦ ବିପିଏସ୍ ବଢ଼ାଇ ସାରିଲାଣି। ତଥାପି ମୁଦ୍ରାସ୍ଫୀତି ବୃଦ୍ଧି ଉପରେ ଲଗାମ ଲାଗିପାରୁନାହିଁ। ଏଭଳି ସ୍ଥିତିରେ ଫେଡେରାଲ ରିଜର୍ଭର ଅଧିକାରୀମାନେ ଆସନ୍ତା ଡିସେମ୍ବର ସୁଦ୍ଧା ସୁଧହାର ଆଉ ୧୨୫ ବିପିଏସ୍ ବଢ଼ାଇବା ସପକ୍ଷରେ ମତ ଦେଇଛନ୍ତି। ☞ପୃଷ୍ଠା-୪

## ଅନିଲ ଚୌହାନ ନୂଆ ସିଡିଏସ୍

**ନୂଆଦିଲ୍ଲୀ,୨୮।୯**

ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅନିଲ ଚୌହାନ ଦେଶର ନୂଆ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତ ହୋଇଛନ୍ତି। ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍ ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇବାର ପ୍ରାୟ ୧୦ ମାସ ବ୍ୟବଧାନ ପରେ କେନ୍ଦ୍ର ସରକାର ବୁଧବାର ପ୍ରାକ୍ତନ ସେନା ଅଧିକାରୀ ଚୌହାନଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।



୧୯୬୧ରେ ଜନ୍ମିତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅନିଲ ଚୌହାନ ହେଉଛନ୍ତି ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ), ଖଡ଼କୱାଲ୍‌ସା ଏବଂ ଭାରତୀୟ ସାମରିକ ଏକାଡେମୀ (ଆଇଏମ୍‌ଏ)ରେ ପ୍ରାକ୍ତନ ଛାତ୍ର। ୧୯୮୧ରେ ୧୧ ଗୋର୍ଖା ରାଇଫଲ୍ସରେ ଯୋଗଦେଇଥିବା ଚୌହାନ ୨୦୨୧ ମେ' ୩୧ରେ ସେନାର ଇଷ୍ଟର୍ନ କମାଣ୍ଡ ଚିଫ୍ ପଦରୁ ଅବସର ନେଇଥିଲେ। ଦୀର୍ଘ ୪୦ ବର୍ଷର କ୍ୟାରିୟର ମଧ୍ୟରେ ସେ ସଶସ୍ତ୍ର ବଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଅଳଙ୍କୃତ କରିଥିଲେ। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଓ ଉତ୍ତର-ପୂର୍ବରେ ଉଗ୍ରପନ୍ଥୀ ଦମନ ପାଇଁ ଅନେକ ଅପରେଶନର ନେତୃତ୍ୱ ନେଇଥିଲେ। ଭାରତୀୟ ସେନା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅନିଲ ଚୌହାନଙ୍କୁ ପରମ ବିଶିଷ୍ଟ ସେବା ମେଡାଲ, ଉତ୍ତମ ଯୁଦ୍ଧ ସେବା ମେଡାଲ, ଅତି ବିଶିଷ୍ଟ ସେବା ମେଡାଲ, ସେନା ମେଡାଲ ଓ ବିଶିଷ୍ଟ ସେବା ମେଡାଲ ଭଳି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି।

ସିଡିଏସ୍ ହେଉଛନ୍ତି ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟିର ସ୍ଥାୟୀ ଅଧ୍ୟକ୍ଷ। ଏଥିସହ ସେ ପ୍ରତିରକ୍ଷା ମନ୍ତ୍ରଣାଳୟର ☞ପୃଷ୍ଠା-୪

## ‘ଓଡ଼ିଶା ଶିଳ୍ପ ଯୁଗର ଅଂଶୀଦାର ହୁଅ’

### ଏକ୍ସ ପ୍ଲସ୍ ଇନ୍‌ସେନ୍‌ଟିଭ ପ୍ରଦାନ କରିବୁ: ଶିଳ୍ପ ମହାନାୟକଙ୍କୁ ନବୀନଙ୍କ ପ୍ରତିଶ୍ରୁତି

**ବେଙ୍ଗାଲୁରୁ ଇନ୍‌ଭେଷ୍ଟର୍ସ ମିଟ୍**

**ଯୋଗଦେଲେ ୪୦୦ରୁ ଊର୍ଦ୍ଧ୍ୱ ନିବେଶକ**

**ଭୁବନେଶ୍ୱର, ୨୮।୯(ବ୍ୟୁରୋ)**

ଓଡ଼ିଶାରେ ପ୍ରଚୁର ପ୍ରାକୃତିକ ସମ୍ପଦ ସହ ଦକ୍ଷମାନବ ସମ୍ବଳ ରହିଛି। ଏଠାକୁ ଆସନ୍ତୁ। ପୁଞ୍ଜିନିବେଶ କରନ୍ତୁ। ରାଜ୍ୟରେ ଚାଲିଥିବା ନୂତନ ଶିଳ୍ପ ଯୁଗରେ ଆମର ଅଂଶୀଦାର ହୁଅନ୍ତୁ। ଯଦି କୌଣସି ରାଜ୍ୟ ଶିଳ୍ପ କିମ୍ବା ବ୍ୟବସାୟକୁ ପ୍ରୋତ୍ସାହନ ପାଇଁ ଏକ୍ସ ସୁବିଧା ଦେଉଛନ୍ତି, ତେବେ ଆମେ ଆପଣମାନଙ୍କୁ ଏକ୍ସ ପ୍ଲସ୍ ଇନ୍‌ସେନ୍‌ଟିଭ ଯୋଗାଇବୁ ବଦ୍ଧପରିକର। ବୁଧବାର ବେଙ୍ଗାଲୁରୁର ତାଜ ୱେଷ୍ଟ ଏଣ୍ଡ ହୋଟେଲରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପପତିଙ୍କୁ ଏମିତି ଢଙ୍ଗରେ ଆମନ୍ତ୍ରଣ କରିଛନ୍ତି। ରାଜ୍ୟରେ ଥିବା ପ୍ରଚୁର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ବଳର ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଶିଳ୍ପ ମହାନାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହ ଭୁବନେଶ୍ୱରଠାରେ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ମଧ୍ୟରେ ହେବାକୁ ଥିବା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି ।




ବେଙ୍ଗାଲୁରୁରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅଧିକାରୀମାନେ।

ଇନ୍‌ଭେଷ୍ଟର୍ସ ମିଟ୍‌କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୈଷୟିକ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଭାରତ ବିଶ୍ୱରେ ଏକ ବଡ଼ ଶକ୍ତି ଭାବେ ଉଭା ହୋଇଛି। ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ ଏବଂ ସ୍ଥିର ପ୍ରଶାସନ ଓଡ଼ିଶାକୁ ଶିଳ୍ପ ଓ ପୁଞ୍ଜିନିବେଶ କ୍ଷେତ୍ରରେ ଏକ ଅଗ୍ରଣୀ ଲକ୍ଷ୍ୟସ୍ଥଳରେ ପରିଣତ କରିଛି। ଭୁବନେଶ୍ୱରରେ ଭାରତର ପ୍ରମୁଖ ଆଇଟି କମ୍ପାନୀ ସେମାନଙ୍କର ସେଣ୍ଟର ସ୍ଥାପନ କରିଛନ୍ତି। ସହରରେ ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ୍‌କୁ ରାଜ୍ୟ ସରକାର କ୍ରମାଗତ ଭାବେ ସହଯୋଗ କରି ଆସିଛନ୍ତି। ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ମାନୁଫାକ୍ଚରିଂ ଇନ୍‌ଭେଷ୍ଟମେଣ୍ଟ କ୍ଷେତ୍ରରେ ଓଡ଼ିଶା ନିଜର ☞ପୃଷ୍ଠା-୧୨

## ୫ଶହ ଟଙ୍କାରେ ଜେଲ ଅନୁଭୂତି

### ବନ୍ଧନ ଦୋଷର ସମାଧାନ ପାଇଁ ନିଆରା ଯୋଜନା

**ଡେରାଡୁନ୍, ୨୮।୯**

ଜାତକରେ ଗ୍ରହଚଳନ ପାଇଁ ଭୋଗିବାକୁ ପଡୁଥିବା ବନ୍ଧନ ଦୋଷର ସମାଧାନ ଏଣିକି ସହଜ ହୋଇଛି। ମାତ୍ର ୫୦୦ ଟଙ୍କାରେ ଏହି ଦୋଷରୁ ଯେ କେହି ବି ନିଜକୁ ମୁକ୍ତ କରିପାରିବେ। ଉତ୍ତରାଖଣ୍ଡର ହଲଦ୍ୱାନି ଜେଲ କର୍ତ୍ତୃପକ୍ଷ ବନ୍ଧନ ଦୋଷର ପ୍ରତିକାର ଏବଂ ଜେଲର ଅନୁଭୂତି ନେବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଏକ ନିଆରା ଯୋଜନା ପ୍ରସ୍ତୁତ କରିଛନ୍ତି। ନିର୍ଦ୍ଧାରିତ ଟଙ୍କା ଦେଇ ଯେ କୌଣସି ବ୍ୟକ୍ତି ଜେଲରେ ଯାଇ ସମୟ କାଟିପାରିବେ। ଯେଉଁ ବ୍ୟକ୍ତିଙ୍କ ଜାତକରେ ‘ବନ୍ଧନ ଯୋଗ’ ଦୋଷ ରହିଛି ସେମାନେ ୫୦୦ ଟଙ୍କାରେ ଏହି ଦୋଷର ସ୍ଥାୟୀ ସମାଧାନ କରିପାରିବେ।

୧୯୦୩ରେ ହଲଦ୍ୱାନି ଜେଲ ତିଆରି ହୋଇଥିଲା। ଜେଲ ପରିସରରେ ଥିବା ୬ଟି ଷ୍ଟାଫ୍ କ୍ୱାଟର୍ସକୁ ଅତିଥିଙ୍କ ଜେଲ ଭାବେ ବ୍ୟବହାର କରାଯିବ। ପୂର୍ବରୁ କେତେଜଣ ଲୋକଙ୍କୁ ଜେଲରେ କିଛି ସମୟ ପାଇଁ ବନ୍ଦ କରି ରଖିବା ଲାଗି କର୍ମଚାରୀଙ୍କୁ ଉଚ୍ଚାଧିକାରୀମାନେ ନିର୍ଦ୍ଦେଶ ଦେଉଛନ୍ତି। ଖାଲି ଜେଲରେ ରହିବା ନୁହେଁ ବରଂ ସେମାନଙ୍କୁ କଏଦୀଙ୍କ ପୋଷାକ ପିନ୍ଧିବାକୁ ଦିଆଯାଉଥିବାବେଳେ ବନ୍ଦୀମାନଙ୍କ ଖାଦ୍ୟ ମଧ୍ୟ ସେମାନେ ଖାଉଥିବା କର୍ତ୍ତୃପକ୍ଷ କହିଛନ୍ତି। ବିଶେଷ କରି ଯେଉଁ ବ୍ୟକ୍ତି ବିଶେଷଙ୍କ ଜାତକରେ ବନ୍ଧନ ଦୋଷ ରହିଛି ସେମାନଙ୍କ ଦୋଷକୁ କାଟିବା ପାଇଁ ଏପରି କରାଯାଉଥିବା କୁହାଯାଉଛି।



ସ୍ଥାନୀୟ ଜ୍ୟୋତିର୍ବିଦ୍ ମୃତ୍ୟୁଞ୍ଜୟ ଓଝାଙ୍କ କହିବା ଅନୁସାରେ ଜାତକରେ ଶନି ଓ ମଙ୍ଗଳ ଗ୍ରହର ସ୍ଥାନ ପରିବର୍ତ୍ତନ ଫଳରେ ସେମାନେ ଯଦି ପ୍ରତିକୂଳ ସ୍ଥାନରେ ଅବସ୍ଥାପିତ ହୁଅନ୍ତି ତେବେ ସେହି ବ୍ୟକ୍ତିଙ୍କୁ ବନ୍ଧନ ଯୋଗ ଭୋଗିବାକୁ ପଡ଼ିଥାଏ। ଏହାର ପ୍ରତିକାର ପାଇଁ ସେହି ବ୍ୟକ୍ତିଙ୍କୁ ଜେଲରେ ଗୋଟିଏ ରାତି ବା କିଛି ସମୟ କାଟିବା ପାଇଁ କୁହାଯାଉଥିବା ମୃତ୍ୟୁଞ୍ଜୟ କହିଛନ୍ତି।

## ପିଏଫ୍‌ଆଇ ନିଷିଦ୍ଧ

**ନୂଆଦିଲ୍ଲୀ,୨୮।୯**

**କେନ୍ଦ୍ରର ଘୋଷଣା ପରେ ସଙ୍ଗଠନ ଭଙ୍ଗ**

କଟ୍ଟରପନ୍ଥୀ ସଙ୍ଗଠନ ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)କୁ କେନ୍ଦ୍ର ସରକାର ବୁଧବାର ସକାଳେ ୫ ବର୍ଷ ପାଇଁ ନିଷିଦ୍ଧ ଘୋଷଣା କରିଛନ୍ତି। ୫ ଦିନ ମଧ୍ୟରେ ଦେଶବ୍ୟାପୀ ଦ୍ୱିତୀୟ ଥର ଚଢ଼ାଉ କରାଯାଇ ୨୭୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଗିରଫ କରାଯିବାର ଦିନକ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପିଏଫ୍‌ଆଇ ସମେତ ଏହାର ସହଯୋଗୀ ସଙ୍ଗଠନ ରିହାବ୍ ଇଣ୍ଡିଆ ଫାଉଣ୍ଡେଶନ ଏବଂ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆକୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ବ୍ୟାନ୍ କରାଯିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିଜ୍ଞପ୍ତି ପରେ ବିଭିନ୍ନ ମହଲରୁ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ପିଏଫ୍‌ଆଇ ପକ୍ଷରୁ ସଙ୍ଗଠନକୁ ଭଙ୍ଗ କରାଯାଇଛି।

ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଭଳି ବୈଶ୍ୱିକ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସହ ସମ୍ପୃକ୍ତି ଅଭିଯୋଗରେ ଆତଙ୍କବାଦ ନିରୋଧୀ ଆଇନ ବଳରେ ୧୬ ବର୍ଷ ପୁରୁଣା ପିଏଫ୍‌ଆଇକୁ ବ୍ୟାନ୍ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ପିଏଫ୍‌ଆଇର ପ୍ରତିଷ୍ଠାତା ☞ପୃଷ୍ଠା-୪



**ଚାଇନା ରେଷ୍ଟୁରାଣ୍ଟରେ ନିଆଁ: ୧୭ ମୃତ**

ଚାଇନାର ଚାଙ୍ଗଚୁନର ଏକ ରେଷ୍ଟୁରାଣ୍ଟରେ ନିଆଁ ଲାଗିବା କାରଣରୁ ୧୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୩ ଜଣ ଆହତ ହୋଇଛନ୍ତି। ଏହାର ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ରେଷ୍ଟୁରାଣ୍ଟରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲା। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନାହିଁ।

**ସଂକ୍ଷେପରେ**

## ଗୁଜରାଟ, ପଞ୍ଜାବ ଯାଅନାହିଁ
### ନିଜ ନାଗରିକଙ୍କୁ କାନାଡାର ପରାମର୍ଶ

**ଅଟ୍ଟାୱା, ୨୮।୯:** ଭାରତ ଯାତ୍ରାକୁ ନେଇ କାନାଡା ଏକ ଅଜବ ଆଡଭାଇଜରି ଜାରି କରିଛି। ପାକିସ୍ତାନ ସୀମା ସଂଲଗ୍ନ ଭାରତୀୟ ରାଜ୍ୟଗୁଡ଼ିକୁ ନ ଯିବା ପାଇଁ କାନାଡା ନିଜ ନାଗରିକଙ୍କୁ ପରାମର୍ଶ ଦେଇଛି। ଏହି ରାଜ୍ୟଗୁଡ଼ିକ ହେଲା ଗୁଜରାଟ, ପଞ୍ଜାବ ଏବଂ ରାଜସ୍ଥାନ। ସେଠାରେ ଆତଙ୍କବାଦୀ ଆକ୍ରମଣ ଭୟ ଏବଂ ଲ୍ୟାଣ୍ଡଲାଇନ ବିସ୍ଫୋରଣ ଆଶଙ୍କା ରହିଛି। ପାକିସ୍ତାନ ସୀମାଠାରୁ ୧୦ କିଲୋମିଟର ଅଞ୍ଚଳ ବିପଦପୂର୍ଣ୍ଣ। ଅତ୍ୟାବଶ୍ୟକ ନ ଥିଲେ ସେଠାକୁ କେହି ନ ଯିବାକୁ ଆଡ୍‌ଭାଇଜରିରେ କୁହାଯାଇଛି। ତେବେ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଏହି ତାଲିକାରୁ ବାଦ୍ ପଡ଼ିଥିବାବେଳେ ଆସାମ ଏବଂ ମଣିପୁରକୁ ମଧ କାନାଡାବାସୀ ବୁଲିବାକୁ ମନା କରାଯାଇଛି। କାନାଡାରେ ଘୃଣା ଅପରାଧ, ହିଂସା ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। କାନାଡାରେ ରହୁଥିବା ଭାରତୀୟ ନାଗରିକମାନେ ଅଟ୍ଟାୱାରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କଠାରେ ନାମ ପଞ୍ଜୀକରଣ କରିବାକୁ ପୂର୍ବରୁ କୁହାଯାଇଥିଲା।

## ୧୬୦ କୋଟିର ଡ୍ରଗ୍ସ ଜବତ

**ଗୁଆହାଟୀ, ୨୮।୯:** ଆସାମର କାଚର ଜିଲାରୁ ପୋଲିସ ମଙ୍ଗଳବାର ରାତିରେ ୧୬୦ କୋଟି ଟଙ୍କାର ଡ୍ରଗ୍ସ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ୟାବା ଟାବ୍‌ଲେଟ୍ ନେଇ ମିଜୋରାମରୁ ଆସାମକୁ ଯାଉଥିବା ଏକ ଗାଡ଼ିକୁ ସିଲଚର୍-ଆଇଜଲ୍ ରାଜପଥରେ ଅଟକାଯାଇଥିଲା। ଯାଞ୍ଚ ପରେ ସେଥିରୁ ବିପୁଳ ପରିମାଣରେ ଡ୍ରଗ୍ସ ମିଳିଥିଲା। ଏହି ନିଶାଦ୍ରବ୍ୟ ରଖିବା ନିମନ୍ତେ ଗାଡ଼ିରେ ସ୍ୱତନ୍ତ୍ର କୋଠରି କରାଯାଇଥିଲା।

## ଚିତ୍ରା ରାମକ୍ରିଷ୍ଣାଙ୍କୁ ଜାମିନ



**ନୂଆଦିଲ୍ଲୀ, ୨୮।୯:** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ରିଲୋକେଶନ ମାମଲାରେ ଏହାର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣା ଏବଂ ଏନ୍‌ଏସ୍‌ଇର ପୂର୍ବତନ ଅଧିକାରୀ ଆନନ୍ଦ ସୁବ୍ରମଣ୍ୟମଙ୍କୁ ଦିଲ୍ଲୀ ହାଇକୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତମାନେ ବିଚାର ବିଭାଗୀୟ ହାଜତରେ ଥିବାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଜଷ୍ଟିସ୍ ସୁଧୀର କୁମାର ଜୈନ ସେମାନଙ୍କୁ 'ବୈଧାନିକ ଜାମିନ' ଦେଇଛନ୍ତି। ଗତ ମେ'ରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଚିତ୍ରାଙ୍କ ଜାମିନ ଖାରଜ କରିଦେଇଥିବାବେଳେ ସେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

# ପିଏଫ୍‌ଆଇକୁ ପ୍ରହାର, ଆର୍‌ଏସ୍‌ଏସ୍‌କୁ ରିହାତି

ନୂଆଦିଲ୍ଲୀ, ୨୮।୯




କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା କାରଣ ପାଲଟିଥିବା କଠୋରପନ୍ଥୀ ସଙ୍ଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଉପରେ ମଙ୍ଗଳବାର ରାତିଅଧିଆ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆତଙ୍କବାଦ ନିରୋଧୀ ଆଇନ ବଳରେ ଦେଶର ବିଭିନ୍ନ ଭାଗରେ ଏନ୍‌ଆଇଏ ସମେତ ଅନ୍ୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ପିଏଫ୍‌ଆଇ ସଦସ୍ୟମାନଙ୍କୁ ଲଗାତର ଧରପଗଡ଼ କରିବା ପରେ ଏହାକୁ ନିଷିଦ୍ଧ ଘୋଷଣା କରାଯାଇଛି। କେବଳ ଏତିକି ନୁହେଁ, ଆଗକୁ ମଧ ସଙ୍ଗଠନର ଅନେକ ସଦସ୍ୟଙ୍କୁ ଗିରଫ କରାଯିବ। ଏଥିସହ ପିଏଫ୍‌ଆଇ ସମ୍ପତ୍ତି ବାଜ୍ୟାପ୍ତ ଓ ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯିବ। ପିଏଫ୍‌ଆଇ ଉପରେ କେନ୍ଦ୍ରୀୟ ଅଙ୍କୁଶକୁ ଭାଜପା ଏକ ଦୃଢ଼ ଓ ସମୟ ଉପଯୋଗୀ କାର୍ଯ୍ୟାନୁଷ୍ଠାନ ବୋଲି ପ୍ରଶଂସା କରିଛି। ଅନ୍ୟପକ୍ଷେ ବିରୋଧୀନେତାମାନେ ଏହାକୁ ନିନ୍ଦାକରି ଭାଜପାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆର୍‌ଏସ୍‌ଏସ୍ ବିରୋଧରେ ଅନୁରୂପ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ) ସମେତ ବାମପନ୍ଥୀ ନେତାମାନେ ଆର୍‌ଏସ୍‌ଏସ୍ ଉପରେ ବ୍ୟାନ୍ ଲଗାଇବାକୁ ଦାବି କରିଛନ୍ତି। ଏସ୍‌ଡିପିଆଇ ଅଧକ୍ଷ ଏମ.କେ. ଫୈଜି କହିଛନ୍ତି, ଭାଜପା ସରକାରର ଜନବିରୋଧୀ ନୀତି ଓ ଭୁଲ୍ ପଦକ୍ଷେପକୁ ନେଇ ଯିଏ ମୁହଁ ଖୋଲିବ ତାକୁ ଗିରଫ କରାଯିବ। ଆର୍‌ଜେଡି ଅଧକ୍ଷ ଲାଲୁ ପ୍ରସାଦ ଯାଦବ ଆର୍‌ଏସ୍‌ଏସ୍‌କୁ ଏକ ହିନ୍ଦୁ କଠୋରପନ୍ଥୀ ସଙ୍ଗଠନ ଭାବେ ଅଭିହିତ କରି ଏହା ଉପରେ ବ୍ୟାନ୍ ଲଗାଯିବାକୁ ଦାବି କରିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ମତରେ କୌଣସି ସଙ୍ଗଠନକୁ ନିଷିଦ୍ଧ ଘୋଷଣା କରିବା ସମାଧାନ ନୁହେଁ। କାରଣ ସେଗୁଡ଼ିକ ନୂଆ ନାମ ନେଇ ପୁନଃ ଆବିର୍ଭାବ ହୋଇଥାନ୍ତି। ଆର୍‌ଏସ୍‌ଏସ୍‌କୁ ୩ ଥର ବ୍ୟାନ୍ କରାଯାଇଥିଲା। ଏହି ସଙ୍ଗଠନ କ'ଣ କାମ କରିବା ବନ୍ଦ କରିଦେଇଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି, ଏହି ସଙ୍ଗଠନ ଭାରତରେ ଏକ ଆତଙ୍କବାଦଭିତ୍ତିକ ନକାରାତ୍ମକ ଶାସନ ପାଇଁ ଉଦ୍ୟମ ଚଳାଇଆସୁଥିଲା। ଦେଶ ବିରୋଧୀ ଭାବାବେଗକୁ ପ୍ରୋତ୍ସାହନ ଦେବା ସହ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ମତାଇ ବିଦ୍ୱେଷ ଓ ଘୃଣା ବିସ୍ତାର କରୁଥିଲା, ଯେଉଁଥିପାଇଁ ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ଦେଖାଦେଇଥିଲା। ରିହାବ୍ ଇଣ୍ଡିଆ ଫାଉଣ୍ଡେଶନ ପିଏଫ୍‌ଆଇ ସଙ୍ଗଠନ ସଦସ୍ୟଙ୍କ ସହାୟତାରେ ପାଣ୍ଠି ସଂଗ୍ରହ କରୁଥିଲା। ପିଏଫ୍‌ଆଇ ସଦସ୍ୟମାନେ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ, ଏମ୍ପାୱାର ଇଣ୍ଡିଆ ଫାଉଣ୍ଡେଶନ ଏବଂ କେରଳର ରିହାବ ଫାଉଣ୍ଡେଶନର ମଧ ସଦସ୍ୟ ଥିଲେ। ସେହିପରି ଜୁନିୟର ଫ୍ରଣ୍ଟ, ଅଲ୍ ଇଣ୍ଡିଆ ଇମାମ୍‌ସ କାଉନସିଲ୍, ନ୍ୟାଶନାଲ କନ୍‌ଫେଡେରେଶନ୍ ଅଫ୍ ହ୍ୟୁମାନ ରାଇଟ୍ସ କନଫେଡେରେଶନ ଏବଂ ନ୍ୟାଶନାଲ ଓମେନ୍‌ସ ଫ୍ରଣ୍ଟର କାର୍ଯ୍ୟକଳାପ ଉପରେ କିଛି ଦିନ ହେଲା କଡ଼ା ନଜର ରଖାଯାଇଥିଲା। ପିଏଫ୍‌ଆଇ ନେତାମାନେ ଏହି ସଙ୍ଗଠନଗୁଡ଼ିକୁ ବଳ ଦେଇଥିଲେ। ଯୁବ, ଛାତ୍ର, ମହିଳା, ଇମାମ୍, ଆଇନଜୀବୀ କିମ୍ବା ଦୁର୍ବଳ ଲୋକଙ୍କୁ ନେଇ ସଦସ୍ୟତା ବଢ଼ାଇବା ଏବଂ ପାଣ୍ଠି ସଂଗ୍ରହ ଦକ୍ଷତା ବୃଦ୍ଧି ପାଇଁ ଏହି ସହଯୋଗୀ ସଙ୍ଗଠନଗୁଡ଼ିକ ପ୍ରତିଷ୍ଠା କରାଯାଇଥିଲା। ପିଏଫ୍‌ଆଇ ପକ୍ଷରୁ ଘଟାଯାଇଥିବା ଆପରାଧିକ ହିଂସାତ୍ମକ କାର୍ଯ୍ୟ ମଧରେ ରହିଛି, ଜଣେ ପ୍ରଫେସରଙ୍କ ହାତ କାଟିବା, ଅନ୍ୟ ଧର୍ମ ଉପରେ ଆସ୍ଥା ରଖୁଥିବା ଲୋକଙ୍କୁ ହତ୍ୟା କରିବା, ବିଶିଷ୍ଟ ବ୍ୟକ୍ତି ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ ପାଇଁ ବିସ୍ଫୋରକ ସଂଗ୍ରହ କରିବା ଏବଂ ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ କରିବା। କେରଳ, କର୍ନାଟକ ଓ ତାମିଲନାଡୁର ଅନେକ ଲୋକ ପିଏଫ୍‌ଆଇ ବର୍ବରତାର ଶିକାର ହୋଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ପିଏଫ୍‌ଆଇ ବ୍ୟାନ୍ ପ୍ଲାନ୍

- ➡ଅଗଷ୍ଟ ଶେଷ ସପ୍ତାହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ମଧରେ ମନ୍ତ୍ରଣା।
- ➡ଶାହା-ଡୋଭାଲଙ୍କ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଞ୍ଜୁରୀ।
- -ସେପ୍ଟେମ୍ବର ୧୯ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏବଂ -ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନଙ୍କ ସହ ଡୋଭାଲଙ୍କ ବୈଠକ।
- ➡ସେପ୍ଟେମ୍ବର ୨୨ରେ ୧୫ ରାଜ୍ୟର ୧୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ ସହ ଶତାଧିକ ଗିରଫ।
- ➡ସେପ୍ଟେମ୍ବର ୨୭ରେ ଏକକାଳୀନ ୭ ରାଜ୍ୟରେ ଚଢ଼ାଉ କରି ୧୭୦ରୁ ଉର୍ଦ୍ଧ୍ୱ ପିଏଫ୍‌ଆଇ ସଦସ୍ୟଙ୍କୁ ଗିରଫ।

### ପିଏଫ୍‌ଆଇ କ'ଣ

ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ନିଜକୁ ସଂଖ୍ୟାଲଘୁ, ଦଳିତ ଓ ବଞ୍ଚିତ ବର୍ଗଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ଏକ ସଙ୍ଗଠନ ବୋଲି ଦାବି କରେ। ୨୦୦୬ ନଭେମ୍ବର ୨୨ରେ ପ୍ରତିଷ୍ଠିତ ଏହି ଇସ୍‌ଲାମିକ୍ ଅର୍ଗାନାଇଜେଶନ ମୁସଲମାନମାନଙ୍କୁ ରାଜନୈତିକ ଭାବେ ସଶକ୍ତ କରି ହିନ୍ଦୁ ଜାତୀୟତାବାଦ ବିରୋଧୀ ଆଭିମୁଖ୍ୟ ଦେଖାଇ ଆସିଛି। ନୂଆଦିଲ୍ଲୀରେ ଏହାର ମୁଖ୍ୟାଳୟ ଥିବାବେଳେ ଓଏମ୍‌ଏ ଅବଦୁଲ ସଲାମ ଅଧକ୍ଷ ରହିଛନ୍ତି। ଇଣ୍ଡିଆନ ମୁଜାହିଦ୍ଦିନ୍ ସହ ଅନୁବନ୍ଧିତ ସଙ୍ଗଠନ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି)କୁ କେନ୍ଦ୍ର ବ୍ୟାନ କରିବା ପରେ ଏହାର ଆବିର୍ଭାବ ହୋଇଥିଲା। ଇସ୍‌ଲାମିକ୍ ଷ୍ଟେଟ୍, ତାଲିବାନ୍ ଏବଂ ଅଲ୍‌କାଏଦା ଭଳି ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କ ରଖି ଭାରତ ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ଦର୍ଶାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବୁଧବାର ପିଏଫ୍‌ଆଇ ଉପରେ ୫ ବର୍ଷ ପାଇଁ ନିଷେଧାଦେଶ ଜାରି କରିଛି।

❝ ଭାରତ ବିରୋଧୀ ତତ୍ତ୍ୱଗୁଡ଼ିକ ସହ ଘନିଷ୍ଠତା ଥିବା ସଙ୍ଗଠନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗଣତନ୍ତ୍ର ବିରୋଧୀ ତଥା ଷଡ଼ଯନ୍ତ୍ରକାରୀଙ୍କ ଉପରେ ବ୍ୟାନ୍‌କୁ କେତେକ ରାଜନୈତିକ ଦଳ ସୁରକ୍ଷା ଦେଇ ଆସୁଥିଲେ। ସମାଜପ୍ରତି ପ୍ରତିଶ୍ରୁତିବଦ୍ଧ ମୋଦି ସରକାରଙ୍କ ପଦକ୍ଷେପ ରାଜନୈତିକ ହାନିଲାଭ ଦୃଷ୍ଟିରୁ ଦେଖା ନ ଯାଉ।

**-ମୁକ୍ତାର ଅବାସ୍ ନକ୍‌ଭି, ବରିଷ୍ଠ ଭାଜପା ନେତା**

❝ ପିଏଫ୍‌ଆଇ ହେଉଛି ସିମିର ଏକ ଅବତାର। ସମାଜରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ପାଇଁ ଅନେକ ଦରିଆପାରି ଆତଙ୍କବାଦୀ ସଙ୍ଗଠନ ସହ ପିଏଫ୍‌ଆଇ ସମ୍ପର୍କ ରଖିଥିଲା।

**-ସି.ଟି. ରବି, ଭାଜପା ସାଧାରଣ ସମ୍ପାଦକ**

❝ ସଂଖ୍ୟାଗରିଷ୍ଠ ହୁଅନ୍ତୁ କି ସଂଖ୍ୟାଲଘୁ, ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀଙ୍କ ବିରୋଧରେ କଂଗ୍ରେସ ସର୍ବଦା କହିଆସିଛି। ଘୃଣା ଓ ହିଂସାକୁ ପ୍ରଶ୍ରୟ ଦେଉଥିବା ବିଚାରଧାରା ନିନ୍ଦନୀୟ

**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

# ମହମ୍ମଦ ବିନ୍ ସଲମାନ ସାଉଦି ପ୍ରଧାନମନ୍ତ୍ରୀ

ରିୟାଧ, ୨୮।୯



ସାଉଦି ଆରବ କିଙ୍ଗ୍ ସଲ୍‌ମାନ ବିନ୍ ଅବଦୁଲାଜିଜ୍ ଅଲ୍ ସାଉଦ୍ କ୍ୟାବିନେଟରେ ଅଦଳବଦଳ କରି କ୍ରାଉନ୍‌ପ୍ରିନ୍ସମହମ୍ମଦବିନ୍‌ସଲମାନ୍(ଏମ୍‌ବିଏସ୍)ଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ସେହିପରି ସାଉଦି ପ୍ରିନ୍ସ ଖଲିଦ୍ ବିନ୍ ସଲମାନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ କରାଯାଇଛି। ମନ୍ତ୍ରୀମଣ୍ଡଳରେ ଏହି ପରିବର୍ତ୍ତନ ତଥା କ୍ଷମତା ହସ୍ତାନ୍ତର ପଛର କାରଣ ବିଷୟରେ ସୂଚନା ଦିଆଯାଇନାହିଁ। ବିଶ୍ୱର ସର୍ବାଧିକ ତୈଳ ଉତ୍ପାଦନକାରୀ ଦେଶ ସାଉଦିଆରବର ପ୍ରକୃତ ଶାସକ ପ୍ରିନ୍ସ ମହମ୍ମଦଙ୍କୁ ହିଁ ବୁଝାଏ। ତେବେ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଶାସନରେ ତାଙ୍କ ଭୂମିକାକୁ ବିଧିବଦ୍ଧ କରିବ। ପୂର୍ବରୁ କ୍ରାଉନପ୍ରିନ୍ସ ଉପପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ନିଯୁକ୍ତ ହୋଇଥିଲେ। ୩୭ ବର୍ଷୀୟ ଏମ୍‌ବିଏସ୍ ପ୍ରଧାନମନ୍ତ୍ରୀ ହେବା ଦ୍ୱାରା ଦେଶର ଉଦାର ଛବି ବଢ଼ିବା ସମ୍ଭାବନା ରହିଛି। ୨୦୧୭ରେ ସେ କ୍ରାଉନ୍ ପ୍ରିନ୍ସ ହେବା ପରେ ତାହା ଦେଖିବାକୁ ମଧ ମିଳିଥିଲା। କିଛି ବର୍ଷ ମଧରେ ଏମ୍‌ବିଏସ୍‌ଙ୍କ କେତେକ ନିଷ୍ପତ୍ତି ଯୋଗୁ ସେ କଠୋରପନ୍ଥୀଙ୍କ ଟାର୍ଗେଟରେ ମଧ ଅଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ଏମ୍‌ବିଏସ୍ ଉଚିତ ଢଙ୍ଗରେ ଶାସନ କରିବା ସହ ଉଦାରବାଦୀ ନୀତି ପ୍ରଣୟନ କରିପାରନ୍ତି ବୋଲି ଆଶା କରାଯାଉଛି। ୨୦୧୬ ଏପ୍ରିଲରେ ପ୍ରିନ୍ସ ମହମ୍ମଦ ଭିଜନ-୨୦୩୦ ଘୋଷଣା କରିଥିଲେ। ୩ ମହାଦେଶକୁ ସଂଯୋଗ ସହ ସାଉଦିଆରବକୁ ଇସ୍‌ଲାମିକ ଏବଂ ଆରବ ୱାର୍ଲ୍ଡର ଇନ୍‌ଭେଷ୍ଟମେଣ୍ଟ ପାୱାର ହାଉସ୍ କରିବା ନିମନ୍ତେ ସେ ଲକ୍ଷ୍ୟ ରଖିଛନ୍ତି। କିଛି ଦିନ ପୂର୍ବରୁ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସାକ୍ଷାତ କରି ୱାଶିଂଟନ୍ ସହ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ଦିଗରେ ଆଲୋଚନା କରିଥିଲେ।

## ଭଗତ ସିଂଙ୍କ ନାମରେ ନାମିତ ହେଲା ଚଣ୍ଡିଗଡ଼ ବିମାନବନ୍ଦର

ଚଣ୍ଡିଗଡ଼, ୨୮।୯

ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କ ୧୧୫ ତମ ଜନ୍ମ ଜୟନ୍ତୀରେ ବୁଧବାର ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନବନ୍ଦରକୁ 'ଶହୀଦ ଭଗତ ସିଂ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ' ଭାବେ ନାମିତ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଫଳକ ଅନାବରଣ କରିଥିଲେ। ଏହି ବିମାନବନ୍ଦର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, ପଞ୍ଜାବ ଓ ହରିୟାଣା ସରକାରଙ୍କ ମିଳିତ ଉଦ୍ୟୋଗ।

# ବନ୍ଧୁକ ମୁନରେ ଗଣଭୋଟ

ଜାପୋରିଝିଆ, ୨୮।୯

ପୂର୍ବ ୟୁକ୍ରେନ୍‌ର ଡୋନେସ୍କ, ଲୁହାନ୍‌ସ୍କ ସମେତ ଦକ୍ଷିଣରେ ଥିବା ଖେର୍‌ସନ୍ ଏବଂ ଜାପୋରିଝିଆରେ ରୁଷିଆ ବଳପୂର୍ବକ ଗଣଭୋଟ କରାଇଛି। ମଙ୍ଗଳବାର ଶେଷ ହୋଇଥିବା ଏହି ଗଣମତଦାନରେ ରୁଷିଆର ବିଜୟ ହୋଇଥିବା କ୍ରେମଲିନ୍ ଦାବି କରିଛି। ସେଠାକାର ବାସିନ୍ଦା ରୁଷିଆ ସହ ମିଶିବା ସପକ୍ଷରେ ଭୋଟ ଦେଇଥିବା ମସ୍କୋ କହିବା ସହ ଉକ୍ତ ଅଞ୍ଚଳରେ ନିଜ ଅଧିକାରୀଙ୍କୁ ନିଯୁକ୍ତ କରିଛି। ବନ୍ଧୁକମୁନରେ ଜବରଦସ୍ତି ଭୋଟିଂ କରାଇ ରୁଷିଆ ମିଛ ଫଳାଫଳ ଘୋଷଣା କରିଥିବା ୟୁକ୍ରେନ୍ କହିଛି। ଗଣଭୋଟକୁ ୟୁରୋପୀୟ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। କ୍ରମାଗତ ମାନବାଧିକାର ଉଲ୍ଲଂଘନ କରିଆସୁଥିବା ରୁଷିଆ ଏପରି କରି ୟୁକ୍ରେନ୍ ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଅସମ୍ମାନିତ କରିଛି ବୋଲି ୟୁରୋପୀୟ ସଂଘର ବିଦେଶନୀତି ମୁଖ୍ୟ ଜୋସେପ୍ ବୋରେଲ୍ କହିଛନ୍ତି। ୟୁକ୍ରେନ୍, ଏହାର ସହଯୋଗୀ ରାଷ୍ଟ୍ର ଏବଂ ପାଶ୍ଚାତ୍ୟ ଦେଶ କେବେ ତାହା ସ୍ୱୀକାର କରିବେ ନାହିଁ ବୋଲି କହିଛନ୍ତି।

ରୁଷିଆରେ ଶରଣାର୍ଥୀ ହୋଇଥିବା ୟୁକ୍ରେନ୍ ବାସିନ୍ଦାଙ୍କୁ ମଧ ଏହି ଗଣଭୋଟରେ ସାମିଲ କରାଯାଇଥିଲା। ୨୦୧୪ରୁ ରୁଷିଆ ଦଖଲରେ ଥିବା ୟୁକ୍ରେନ୍ ଉପଦ୍ୱୀପ କ୍ରିମିଆର ବାସିନ୍ଦାଙ୍କୁ ମତଦାନ କରିବାକୁ କୁହାଯାଇଥିଲା। ଏହି ପୂର୍ବ ୟୁରୋପୀୟ ଦେଶର ପ୍ରାୟ ୧୫% ଅଞ୍ଚଳରେ ୪୦ ଲକ୍ଷ ଲୋକଙ୍କୁ ଗଣଭୋଟ ପାଇଁ ରୁଷିଆ କହିଥିଲା। ତେବେ ଗଣଭୋଟର ସ୍ୱଚ୍ଛତା ଏବଂ ସତ୍ୟତା ପରଖିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ କେହି ତଦାରଖ କରି ନ ଥିଲେ। ରୁଷିଆ ନିଜ ହିସାବରେ ଏସବୁ ଆୟୋଜନ କରିବା ସହ ଏକପାଖିଆ ଭାବେ ଫଳାଫଳ ଘୋଷଣା କରିଛି। ରୁଷିଆ ସପକ୍ଷବାଦୀ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଜାପୋରିଝିଆରେ ୯୩.୧୧% ମସ୍କୋ ସହ ମିଶିବା ସପକ୍ଷରେ ମତଦେଇଛନ୍ତି। ସେହିପରି ଖେରସନ୍‌ରେ ୮୭.୦୫%, ଲୁହାନ୍‌ସ୍କରେ ୯୮.୪୨% ଏବଂ ଡୋନେସ୍କରେ ୯.୨୩% ରୁଷିଆରେ ଯୋଗଦେବାକୁ ଭୋଟ ଦେଇଥିବା ମସ୍କୋ ପକ୍ଷରୁ କୁହାଯାଇଛି। ଖୁବ୍‌ଶୀଘ୍ର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହି ଅଞ୍ଚଳଗୁଡ଼ିକୁ ରୁଷିଆର ଅଂଶ ଘୋଷଣା କରିପାରନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ମସ୍କୋ ଦଖଲକୁ ଯିବା ପରେ ସେଠାରୁ ୟୁକ୍ରେନ୍‌ର ଆଉ କିଛି ଅଂଶ କବ୍‌ଜା କରିବା ପାଇଁ ରୁଷିଆ ପ୍ରସ୍ତୁତ ହେବ ବୋଲି କୁହାଯାଉଛି। ଡୋନେସ୍କରେ ନିଯୁକ୍ତ ରୁଷିଆ ସପକ୍ଷବାଦୀ ଡେନିସ୍ ପୁଶିଲିନ୍ ମସ୍କୋ ଯାଇ ବିଧିବଦ୍ଧ ଭାବେ ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ କରିବେ ବୋଲି କହିଛନ୍ତି। ଡୋନେସ୍କର ପ୍ରାୟ ୪୦% ଅଞ୍ଚଳ ଏବେ ବି ୟୁକ୍ରେନ୍ ଅଧୀନରେ ରହିଛି। ଶୀଘ୍ର ସମ୍ପୂର୍ଣ୍ଣ ଡୋନେସ୍କକୁ ମସ୍କୋ ନିୟନ୍ତ୍ରଣକୁ ଅଣାଯିବ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି।

### ବିଜୟ ଦାବି କଲା ରୁଷିଆ



## ରୁଷିଆ ସହ ବୁଝାମଣା ବନ୍ଦ: ଜେଲେନ୍‌ସ୍କି

**କିଭ୍, ୨୮।୯:** ରୁଷିଆ ଜବରଦସ୍ତି ବେଆଇନ ଭାବେ ୟୁକ୍ରେନୀୟ ଅଞ୍ଚଳରେ ଗଣଭୋଟ କରାଇଛି। ଏହା ପରେ ରୁଷିଆ ସହ କେବେ କୌଣସି ବୁଝାମଣା ହୋଇପାରିବ ନାହିଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମଙ୍ଗଳବାର ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ କହିଛନ୍ତି। ୟୁକ୍ରେନ୍ ଅଧିକୃତ ଅଞ୍ଚଳରେ ରୁଷିଆ ପୂରା ବିଶ୍ୱ ସାମ୍ନାରେ ଗଣଭୋଟର ଡ୍ରାମା କରୁଛି। ବନ୍ଧୁକମୁନରେ ଲୋକଙ୍କୁ ଡରାଇ କେତେକ ଫର୍ମ ପୂରଣ ପାଇଁ ବାଧ କରାଯିବା ସହ ତାହାର ଫଟୋ ଛଡ଼ାଯାଉଛି। ଏହି ଛଦ୍ମ ମତଦାନର ଫଳାଫଳ ରୁଷିଆ କ'ଣ ଘୋଷଣା କରିବ ତାହା ସମସ୍ତଙ୍କୁ ଜଣାଥିଲା ବୋଲି ଜେଲେନ୍‌ସ୍କି କହିଛନ୍ତି। ଅଣୁଅସ୍ତ୍ରରେ ଆକ୍ରମଣ ଧମକ ରୁଷିଆ ପାଇଁ ଏକ ପାରମ୍ପରିକ ପ୍ରଥା ପାଲଟିଥିବା ଜେଲେନ୍‌ସ୍କି କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୧୪,୦୬,୨୬୯ | ୬୫,୪୩,୩୧୬ | ୬୦,୧୫,୯୨,୩୩୩ |
| ଭାରତ | ୪,୪୫,୭୯,୦୮୮ | ୫,୨୮,୫୮୪ | ୪,୪୦,୦୯,୫୨୫ |
| ଓଡ଼ିଶା | ୧୩,୩୩,୭୦୭ | ୯୧୯୨(+୫୩) | ୧୩,୨୩,୦୩୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବିକଳ୍ପ ବ୍ୟବସ୍ଥା ଜଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ

**ହାଇକୋର୍ଟରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ମାମଲା**




କଟକ ଅଫିସ,୨୮।୯

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜାରି ହୋଇଥିବା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ସମ୍ପର୍କିତ କଡ଼ା ନିୟମାବଳୀକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ବୁଧବାର ଏହି ମାମଲାର ଶୁଣାଣି କରି ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦ ତାରିଖରେ ହେବାକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଆଗାମୀ ଅକ୍ଟୋବର ୧ ତାରିଖରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ କଡ଼ାକଡ଼ି କରିବାକୁ ଘୋଷଣା କରାଯାଇଛି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନ ଥିଲେ ଜରିମାନା ଦେବାକୁ ହେବ। ଯଦି ପ୍ଲେଟ୍ ତିଆରି ହୋଇନାହିଁ, ତେବେ ସ୍ଲଟ୍ ବୁକିଂ କରାଯାଇଥିବା ରସିଦ ଦେଖାଇଲେ ଜରିମାନାରୁ ବର୍ତ୍ତି ହେବ। ଏହାକୁ ନେଇ ଗାଡ଼ି ମାଲିକ ଓ ଚାଳକଙ୍କ ମଧ୍ୟରେ ନାନା ଆଶଙ୍କା ପ୍ରକାଶ ପାଇଛି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିମନ୍ତେ ଏଚ୍ଏସ୍ଆର୍ପି ୱେବ୍ସାଇଟ୍ରେ ସ୍ଲଟ ବୁକିଂ କରିବାକୁ ପଡ଼େ। ହେଲେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ସବୁଠାରେ ଉପଲବ୍ଧ ନାହିଁ। ଇଣ୍ଟରନେଟ୍ ସୁବିଧା ମଧ୍ୟ ସମସ୍ତଙ୍କ ପାଖରେ ନାହିଁ। ଏପରି ସ୍ଥିତିରେ ସରକାର ନିୟମ କଡ଼ାକଡ଼ି କରିବାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବ୍ୟବସ୍ଥା ଠିକ୍ ନଥିବା ବେଳେ ଲୋକମାନେ ଆଉ କ'ଣ ବିକଳ୍ପ ବ୍ୟବସ୍ଥା ଆପଣାଇ ପାରିବେ, ସେନେଇ ତଥ୍ୟ ଉପସ୍ଥାପନ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱେଚ୍ଛାସେବୀ ପ୍ରିୟଙ୍କା ପଟ୍ଟନାୟକଙ୍କ ସନ୍ଦେହଜନକ ମୃତ୍ୟୁ



**ବଲାଙ୍ଗୀର ଅଫିସ, ୨୮।୯:** ବଲାଙ୍ଗୀର ସହରର ଯୁବ ସ୍ୱେଚ୍ଛାସେବୀ ପ୍ରିୟଙ୍କା ପଟ୍ଟନାୟକ (୨୫)ଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ସହରର ଟିକ୍ରାପଡା ଅଜୟ ପଟ୍ଟନାୟକଙ୍କ ବଡ ଝିଅ ପ୍ରିୟଙ୍କା ୫ ମାସ ତଳେ ଇନ୍ଦିରାନଗର ପଡା ସୁମିତ ବହିଦାରଙ୍କୁ ବିବାହ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୨ ଟାରେ ପ୍ରିୟଙ୍କା ବେକରେ ଦଉଡି ଦେଇ ଘର ଭିତରେ ଝୁଲି ପଡିଥିବା କୁହାଯାଇଛି। ପରିବାର ଲୋକେ କବାଟ ଭାଙ୍ଗି ପ୍ରିୟଙ୍କାଙ୍କୁ ଉଦ୍ଧାର କରି ହସ୍ପିଟାଲ ଆଣିଥିଲେ। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରିୟଙ୍କାଙ୍କ ବାପା କୌଣସି ଅଭିଯୋଗ କରି ନ ଥିଲେ ମଧ୍ୟ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପ୍ରିୟଙ୍କା ସହରର ଜଣାଶୁଣା ମାହେଶ୍ୱରୀ ସଂଗଠନର ମହିଳା ଶାଖା ସଂଯୋଜିକା ଥିଲେ। ମାହେଶ୍ୱରୀ ସଂଗଠନ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟରେ ସେ ନିଜକୁ ସାମିଲ କରୁଥିଲେ। କରୋନା ସମୟରେ ସହର ଭିତରେ ବୁଲି ଲୋକଙ୍କୁ ଖାଇବା ସେବା ସହିତ ରୋଗୀମାନଙ୍କର ସେବା କରୁଥିଲେ । ତାଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।




# ଭୁବନେଶ୍ୱରରୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ଫରକ ପଡୁନି ହ୍ୱାଇଟ୍ ସ୍ପାଇଡର୍**
- କାର ଜବତ, ଖସିଗଲେ ମୁଖ୍ୟ ଅଭିଯୁକ୍ତ
- ଜଟଣୀରୁ ଭୁବନେଶ୍ୱର ଆଣୁଥିଲେ




ଗିରଫ ଯୁବକ ଓ ଜବତ କାର।

ଭୁବନେଶ୍ୱର,୨୮।୯ (ବ୍ୟୁରୋ)

ବ୍ରାଉନସୁଗାର କାରବାର ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଅପରେଶନ 'ହ୍ୱାଇଟ୍ ସ୍ପାଇଡର'ରେ ଚଢ଼ାଉ, ଧରପଗଡ଼ ଜୋର୍‌ଦାର କରାଯାଉଛି। ଇତିମଧ୍ୟରେ ବିପୁଳ ନିଶାଦ୍ରବ୍ୟ ଜବତ ସହ ବହୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସତ୍ତ୍ୱେ କମିଶନରେଟ ପୋଲିସ ଅଞ୍ଚଳରେ ଏହି ବେଆଇନ କାରବାର ବନ୍ଦ ହୋଇପାରୁ ନାହିଁ। ବ୍ରାଉନସୁଗାର ବେପାରୀ, ଏଜେଣ୍ଟ, ଡିଲର ଓ ଗ୍ରାହକଙ୍କ ପାଇଁ କିଛି ବି ଫରକ ପଡୁନି। ଏ ପରିସ୍ଥିତିରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା-ଜଟଣୀ ରୋଡ୍‌ସ୍ଥିତ ହାଇଟେକ୍ ପ୍ଲାଜା ନିକଟରେ ଚଢ଼ାଉ କରି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧ କେଜି ୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଚାଲାଣରେ ବ୍ୟବହୃତ ଏକ କାର୍ (ଓଡି୦୨ବିଏଚ୍‌୭୬୯୫) ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହେଲେ କାର୍ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଏସ୍‌ଟିଏଫ୍ କବ୍‌ଜାରୁ ଖସି ପଳାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କସ୍ଥିତ ପ୍ଲଟ୍ ନଂ.୩୧ରେ ରହୁଥିବା ଉମେଶ ବେହେରା (୨୪)। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୯/୨୦୨୨) ରୁଜୁ କରି ଅଭିଯୁକ୍ତ ଉମେଶଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତଦନ୍ତରେ ବ୍ୟାଘାତ ଆଶଙ୍କାରେ ଏସ୍‌ଟିଏଫ୍ ମୁଖ୍ୟ ଅଭିଯୁକ୍ତଙ୍କ ନାଁ ପ୍ରକାଶ କରି ନ ଥିଲେ ମଧ୍ୟ ସେ ଜଟଣୀ ଅଞ୍ଚଳର ବୋଲି ଜଣାପଡ଼ିଛି। ଏଥିସହ ଜବତ କାରଟି ମୁଖ୍ୟ ଅଭିଯୁକ୍ତଙ୍କ ମା'ଙ୍କ ନାମରେ ଥିବା ଏସ୍‌ଟିଏଫ୍ ସୂଚନା ଦେବା ସହ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଏକ କାର୍‌ରେ କିଛି ଲୋକ ଜଟଣୀରୁ ସୁନ୍ଦରପଦା ଆଡ଼େ ବ୍ରାଉନସୁଗାର ଆଣୁଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ଏନେଇ ଏସ୍‌ଟିଏଫ୍ ଏୟାରଫିଲ୍ଡ ଥାନାକୁ ଖବର ଦେଇଥିଲା। ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ଜଟଣୀ-ସୁନ୍ଦରପଦା ରାସ୍ତାରେ ଉକ୍ତ କାର୍‌କୁ ପିଛା କରିଥିଲା। ଉକ୍ତ କାର୍‌ଟି ଏକ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ସମୟରେ ମୁଖ୍ୟ ଅଭିଯୁକ୍ତ ଖସି ପଳାଇଥିଲେ। ହେଲେ ଉମେଶ ଖସିବା ପୂର୍ବରୁ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ। କାର୍ ଯାଞ୍ଚ କରିବାରୁ ବ୍ରାଉନସୁଗାର ମିଳିଥିଲା।

# ଜାତୀୟସ୍ତରରେ ଏମ୍ସର ୬ ରେସିଡେଣ୍ଟ ଡାକ୍ତରୀ ଛାତ୍ରଙ୍କ ସଫଳତା

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଏମ୍ସ ଭୁବନେଶ୍ୱରର ୬ଜଣ ରେସିଡେଣ୍ଟ ଡାକ୍ତରୀ ଛାତ୍ର ତିନି ପୃଥକ୍ ଜାତୀୟ ଶୈକ୍ଷିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫିଜିକାଲ ମେଡିସିନ ଏବଂ ରିହାବିଲିଟେଶନ(ପିଏମ୍‌ଆର୍) ବିଭାଗର ଜୁନିୟର ରେସିଡେଣ୍ଟ ଡା. ଦେବାନ ବରାଳ ଏବଂ ଡା. ସୌଭିକ ଭଟ୍ଟାଚାର୍ଜଙ୍କ ଟିମ୍ ଏମ୍ସ ନାଗପୁରରେ ଅନୁଷ୍ଠିତ ଇଣ୍ଡିଆନ ଆସୋସିଏଶନ ଅଫ୍ ଫିଜିକାଲ ମେଡିସିନ ଆଣ୍ଡ ରିହାବିଲିଟେଶନ(ଆଇପିଏମ୍‌ଆର୍)ର ମିଡ୍‌ଟର୍ମ ସିଏମ୍‌ଇ-୨୦୨୨ର କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଜାତୀୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ କ୍ରମାଗତ ଭାବେ ଦ୍ୱିତୀୟଥର ଏମ୍ସ ଭୁବନେଶ୍ୱର ପିଏମ୍‌ଆର୍ ଟିମ୍ ଚାମ୍ପିୟନ ହୋଇଛି। ଚଳିତବର୍ଷ ମାର୍ଚ୍ଚରେ ଦିଲ୍ଲୀରେ ଅନୁଷ୍ଠିତ ଏକ ଜାତୀୟ କୁଇଜ୍ ପ୍ରତିଯୋଗିତାରେ ମଧ୍ୟ ଏମ୍ସ ଭୁବନେଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଥିଲା। ବର୍ନସ ଆଣ୍ଡ ପ୍ଲାଷ୍ଟିକ ସର୍ଜରି ବିଭାଗର ରେସିଡେଣ୍ଟ ଡା. କୌଶିକ ମହାଦିକ ଏବଂ ଡା. ଏମ୍. ବିଷ୍ଣୁ ସ୍ୱରୂପ ରେଡ୍ଡୀଙ୍କ ଟିମ୍ ପୁଣେସ୍ଥିତ ବିଜେ ସରକାରୀ ମେଡିକାଲ କଲେଜ ଏବଂ ସାଶୁନ ଜେନେରାଲ ହସ୍ପିଟାଲ ପକ୍ଷରୁ 'ଭାସ୍କୁଲାର ଆକ୍ସେସ ଅନ୍ ହେମୋଡାୟଲିସିସ-୨୦୨୨' ଉପରେ ଆୟୋଜିତ ତୃତୀୟ ଜାତୀୟ ସିଏମ୍‌ଇରେ ପ୍ରଥମ ପୁରସ୍କାର ପାଇଛନ୍ତି। ସେହିଭଳି ଫୁସ୍‌ଫୁସ୍ ଯକ୍ଷ୍ମା ବିଭାଗର ଆବାସିକ ଡା. ଦେବୋପମ ଚାଟାର୍ଜୀ ଏବଂ ଡା. ରୋହିତ ଶିରଗାଓଁକାର 'ପଲ୍‌କୋନନ୍-୨୦୨୨' ଜାତୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୋଲକାତାସ୍ଥିତ ସିଆଇଆଇ ସୁରେଶ ନେଟିଆ ସେଣ୍ଟରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲ୍‌ମୋକେୟାର ରିସର୍ଚ୍ଚ ଦ୍ୱାରା ଆୟୋଜିତ ୨୦ତମ ପଲ୍‌ମୋନାରୀ ମେଡିସିନ୍ କନ୍‌ଫରେନ୍ସରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ସମସ୍ତ କୃତୀ ଡାକ୍ତରୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଡିନ୍(ଏକାଡେମିକ) ଡା. ପି. ଆର୍. ମହାପାତ୍ର, କୁଳସଚିବ ବି. ବି. ମିଶ୍ର, ବର୍ନସ ଏବଂ ପ୍ଲାଷ୍ଟିକ ସର୍ଜରି ବିଭାଗ ମୁଖ୍ୟ ଡା. ସଞ୍ଜୟ ଗିରି, ପିଏମ୍‌ଆର୍ ବିଭାଗ ମୁଖ୍ୟ ଡା. ଜଗନ୍ନାଥ ସାହୁ ଏବଂ ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ସଫଳ ପ୍ରତିଭାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଯୁକ୍ତ ୩ ସ୍ପଟ୍ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୨୮।୯(ବ୍ୟୁରୋ):** ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ ୩ ସ୍ପଟ୍ ନାମଲେଖା ପାଇଁ ବୁଧବାର ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇଛି। ଏଥିସହିତ ନାମଲେଖା ମଧ୍ୟ ଆରମ୍ଭ ହୋଇଯାଇଛି। ମନୋନୀତ ଛାତ୍ରୀଛାତ୍ରମାନେ ଅକ୍ଟୋବର ୧ ସନ୍ଧ୍ୟା ୫ଟାରେ ମଧ୍ୟରେ ନାମ ଲେଖାଇ ପାରିବେ। ସୂଚନାଯୋଗ୍ୟ, ରାଜ୍ୟରେ ୧,୦୨୩ ଡିଗ୍ରୀ କଲେଜ ରହିଛି। ଏହି କଲେଜଗୁଡ଼ିକରେ ମୋଟ ୨,୫୨,୦୧୩ ସିଟ୍ ଥିବାବେଳେ ୧,୫୨,୫୭୫ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଯୁକ୍ତ ୩ ପାଇଁ ଦୁଇଟି ପର୍ଯ୍ୟାୟରେ ନାମଲେଖା ଶେଷ ହୋଇଥିବା ବେଳେ ୯୯,୪୩୮ ସିଟ୍ ବଳକା ଥିଲା। ଏହି ସିଟ୍‌ଗୁଡ଼ିକ ପୂରଣ ପାଇଁ ସ୍ପଟ ନାମଲେଖା ଆରମ୍ଭ ହୋଇଛି।




# ରାଜ୍ୟ କଳାକାର ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ବରଗଡ଼ ଜିଲାରେ ଯାତ୍ରା ପରିବେଷଣ ମନା**

**କଟକ ଅଫିସ,୨୮।୯:** ବରଗଡ଼ ଜିଲାରେ ଯାତ୍ରା(ଅପେରା) ପରିବେଷଣ ନିମନ୍ତେ ଅନୁମତି ଦେବାକୁ ନିବେଦନ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଙ୍ଗଳବାର ରୁଜୁ ହୋଇଛି। ରାଜ୍ୟ କଳାକାର ମହାସଂଘ ସମ୍ପାଦକ ସମରେନ୍ଦ୍ର କୁମାର ପଣ୍ଡାଙ୍କ ପକ୍ଷରୁ ଆଗତ ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସଂସ୍କୃତି ବିଭାଗ ସଚିବ, ବରଗଡ଼ ଜିଲାପାଳ ଓ ବରଗଡ଼ ଜିଲା ବାର୍ ଆସୋସିଏଶନ୍ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ଯାତ୍ରା ଓଡ଼ିଶାର ଏକ ପ୍ରାଚୀନ କଳା। ରାଜ୍ୟର ବିଭିନ୍ନ ଯାତ୍ରାପାର୍ଟିରେ ୫୦ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପରିବେଷଣ ନିମନ୍ତେ ଯାତ୍ରାପାର୍ଟିଗୁଡ଼ିକ ପଞ୍ଜୀକୃତ ହୋଇଥାନ୍ତି। ଜିଲା ପ୍ରଶାସନ ପକ୍ଷରୁ ଯାତ୍ରା ପରିବେଷଣ ନିମନ୍ତେ ଅନୁମତି ଦିଆଯାଇଥାଏ। ଏପରିସ୍ଥଳେ ୨୦୦୫ରେ ବରଗଡ଼ର ତତ୍କାଳୀନ ଜିଲାପାଳ ବିଭିନ୍ନ ସଂଗଠନ ଓ ଜିଲା ବାର୍ ଆସୋସିଏଶନର ଚାପରେ ପଡ଼ି ବରଗଡ଼ ଜିଲାରେ ଯାତ୍ରା ପରିବେଷଣ ନିମନ୍ତେ ଅନୁମତି ଦେଲେନାହିଁ। ଯଦ୍ୱାରା ଯାତ୍ରାପାର୍ଟିଗୁଡ଼ିକ ଉକ୍ତ ଜିଲାରେ ଯାତ୍ରା ପରିବେଷଣ କରିପାରିଲେ ନାହିଁ। ଫଳସ୍ୱରୂପ ସାଧାରଣ ଲୋକେ ଯାତ୍ରା ଦେଖିବାରୁ ବଞ୍ଚିତ ହେଲେ। ଅପରପକ୍ଷରେ ଯାତ୍ରା ଦେଖିବାକୁ ଚାହୁଁଥିବା ଲୋକମାନେ ପାର୍ଶ୍ୱବର୍ତ୍ତୀ ଜିଲାକୁ ଯାଇ ଅଧିକ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେଉଛନ୍ତି। ବରଗଡ଼ ଜିଲାରେ କାହିଁକି ଯାତ୍ରା ପରିବେଷଣକୁ ଅନୁମତି ଦିଆଯାଉ ନାହିଁ ସେନେଇ ପ୍ରତିପକ୍ଷମାନଙ୍କୁ ଅଦାଲତ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ। ଯଥେଷ୍ଟ କାରଣ ନ ଥିଲେ ଉକ୍ତ ଜିଲାରେ ଯାତ୍ରା ପରିବେଷଣ ଅନୁମତି ଦିଆଯିବା ନିମନ୍ତେ ଆଦେଶ ଦେବାକୁ ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classifieds Everyday
0674-2580101, 2549302




SALE

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । Mob.- 9827119799 D-1580

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200 mtr. ଦୂରତାରେ SC/General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

ପାହାଳ ଜଗନ୍ନାଥ ମନ୍ଦିର କଡ଼ରେ ଘରବାରି ପାଚେରି yellowzone North, East corner plot sqft.-2450/-. 9938558169. D-74128

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1651

ନଖରା East College Front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846520. D-74126

ଭୁବନେଶ୍ୱର ହଂସପାଳ ଛକ ନିକଟରେ 3BHK Duplex Modern Amenities ସହିତ ମିଳୁଛି। 9658122456, 8327785834. D-74122

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/- ରେ କିଣନ୍ତୁ। OD GROUP. 9437033320. D-74112

5.700 Acres gharabari projects, 30' road Single Owner, 95 plots immediate registration. sqft.-1050/-. Contact: 9040045759. D-74125




Tolet for Shop infront of Bijupattanaik College mainroad Bhubaneswar. 7008296802. D-1647




Ashirvaad Saloon and SPA getgood massage for your health tha best therapy. 7077181074. D-73973

Newly open full body massage ladies and gents. 9040171280. D-73977

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

Relax, Refresh your body, Mind at Saikrupa Spa with best therapies. 8984068077. D-1543

Newly opened full body massage center by expert therapist. 7381172169. D-73648




Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646




Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888. D-73647


## AFFIDAVIT

By virtue of an affidavit before Executive Magistrate, Nimapara on dt.08.07.2022, I have changed my surname from Nayak to Mishra and since then I am known and called as Subarna Jayanti Mishra, W/o- Sai Kalyan Mishra, Village- Nuharakiri, P.O./ P.S.- Nimapara, Dist.- Puri for all purpose. D-1650

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଆଁ ଶିଆଳ, ଯାତ୍ରା ଅନୁକୂଳ**
**କିଛି ନ ଭାଳ ;**
**ବାଆଁଠାରୁ ଡାହାଣ ଭଲ**
**ଯେବେ ଫେରି ଚାହେଁ**
**ଅବା ଲେଉଟି ଯାଏ ।**

ବାମରେ ଶିଆଳ ଦେଖିଲେ ଅନୁକୂଳ ଶୁଭ ହୋଇଥାଏ । ଉପରୋକ୍ତ ଅବସ୍ଥାରେ ଯେକୌଣସି କାମରେ ଘରୁ ବାହାରିଲେ କାର୍ଯ୍ୟରେ ସଫଳତା ମିଳୁଥିବା ନେଇ ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ବଳଦ ମୁହଁରେ ଛଉ,**
**ଭାଙ୍ଗିଲା ମନ କି ଯୋଡି ହୋଇବ**
**କେତେ କଅଁଳେଇ କହୁ ।**

କଟୁ ବା ତିକ୍ତ କଥା ମନରେ ଆଘାତ ଦେଇଥାଏ । ମନ ଥରେ ଭାଙ୍ଗିଗଲେ ପଛରେ ଯେତେ କଅଁଳେଇ କଥା କହିଲେ ମଧ୍ୟ ଆଉ ଯୋଡ଼ିବା ସମ୍ଭବପର ହୋଇ ନ ଥାଏ । ତେଣୁ ଟାଣ କଥା କହି କାହାରି ମନରେ ଆଘାତ ନ ଦେବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଗରିବଙ୍କ ପାଇଁ ୩ ମାସ...

ପ୍ରଥମ ପୃଷ୍ଠାରୁ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ କମିଟିରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଯେ, ମହାମାରୀ କରୋନା ସମୟରେ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ ଗରିବ ଲୋକେ ଜୀବିକା ହରାଇଥିଲେ। ସେମାନଙ୍କୁ ସହାୟତା ଦେବା ପାଇଁ କେନ୍ଦ୍ର ସରକାର ୨୦୨୦ ଏପ୍ରିଲରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମ୍‌ଜିକେଏୱାଇ) ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହାର ଅବଧି ୫ ଥର ବଢ଼ାଯାଇଥିଲା। ଆଗକୁ ପାର୍ବଣ ଆସୁଥିବାରୁ ଏହାକୁ ଆଉ ୩ ମାସ ବୃଦ୍ଧି କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ଆସୁଥିବା ସମସ୍ତ ହିତାଧିକାରୀ ଏଥିରୁ ଲାଭାନ୍ୱିତ ହୋଇଆସୁଛନ୍ତି। ୨୦୨୦ ଏପ୍ରିଲରେ ପିଏମ୍‌ଜିକେଏୱାଇ ଆରମ୍ଭ ହେବା ପରଠୁ ଅଦ୍ୟାବଧି ସରକାର ୩.୪୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ଅକ୍ଟୋବର ୧ରୁ ୩ ମାସ ପର୍ଯ୍ୟନ୍ତ ମାଗଣାରେ ଦିଆଯିବାକୁ ଥିବା ୧୨୨ ଟନ୍ ଖାଦ୍ୟଶସ୍ୟ ପାଇଁ ଅତିରିକ୍ତ ୪୪,୭୬୨ କୋଟି ଟଙ୍କା ବ୍ୟୟ ସହ ଏହି ରାଶି ୩.୯୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି।

## ପିଏଫ୍‌ଆଇ ନିଷିଦ୍ଧ...

ପ୍ରଥମ ପୃଷ୍ଠାରୁ...

ସଦସ୍ୟମାନେ ହେଉଛନ୍ତି ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ନେତା। ପିଏଫ୍‌ଆଇର ସମ୍ପର୍କ ଜମାତ୍ ଉଲ୍ ମୁଜାହିଦିନ ବାଂଲାଦେଶ (ଜେଏମ୍‌ବି) ସହ ରହିଛି। ଉଭୟ ଜେଏମ୍‌ବି ଏବଂ ସିମି ଉପରେ ପୂର୍ବରୁ ନିଷେଧାଦେଶ ଜାରି କରାଯାଇଛି। ପିଏଫ୍‌ଆଇ ଏବଂ ଏହାର ସହଯୋଗୀ ବା ଅନୁବନ୍ଧିତ ସାମ୍ମୁଖ୍ୟଗୁଡ଼ିକ ଏକ ସମ୍ପ୍ରଦାୟର କଠୋରପନ୍ଥୀ ବିଚାରଧାରାକୁ ବଢ଼ାଇବାରେ ଲାଗିଛନ୍ତି। ଏଥିଯୋଗୁ ଦେଶରେ ଅସୁରକ୍ଷା ଭାବ ସୃଷ୍ଟି ହୋଇଛି। ୟୁଏପିଏ ଧାରା ୩ର ଉପଧାରା ୩ ଦ୍ୱାରା ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ଏହାକୁ ୫ ବର୍ଷ ପାଇଁ ନିଷିଦ୍ଧ ଘୋଷଣା କରାଯାଇଛି।

ବ୍ୟାନ୍ ପାଇଁ ଉତ୍ତର ପ୍ରଦେଶ, କର୍ଣ୍ଣାଟକ ଓ ଗୁଜରାଟ ସରକାର ମଧ୍ୟ ପୂର୍ବରୁ ସୁପାରିସ କରିଥିଲେ। ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟିକାରୀ ସଙ୍ଗଠନ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ସ୍ୱାଗତ କରିଛନ୍ତି। କେରଳ କଂଗ୍ରେସ ଓ ଏହାର ସହଯୋଗୀ ୟୁନିୟନ୍ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ମଧ୍ୟ ଏହାକୁ ସ୍ୱାଗତ କରିଥିବାବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଉପରେ ମଧ ଅନୁରୂପ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷେ ପିଏଫ୍‌ଆଇ ସାଧାରଣ ସମ୍ପାଦକ ଏ. ଅବଦୁଲ ସତ୍ତାର ଏକ ବିବୃତିରେ କହିଛନ୍ତି, ଦେଶର ଆଇନ ଅନୁପାଳନକାରୀ ନାଗରିକ ଭାବେ ଆମେ ନିଷିଦ୍ଧ ଘୋଷଣାକୁ ମାନିନେଉଛୁ। ସମାଜର ବଞ୍ଚିତ ଓ ଅବହେଳିତ ବର୍ଗଙ୍କୁ ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିରୁ ସଶକ୍ତ କରିବା ପାଇଁ ପିଏଫ୍‌ଆଇ ସ୍ପଷ୍ଟ ଦୂରଦୃଷ୍ଟି ନେଇ କାର୍ଯ୍ୟ କରିଆସୁଛି। କିନ୍ତୁ ଆମ ମହାନ୍ ଦେଶର ଆଇନ ଅନୁପାଳନ କରିବାକୁ ଯାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ଗ୍ରହଣ କରୁଛୁ। ସଙ୍ଗଠନର ସମସ୍ତ ପୂର୍ବତନ ସଦସ୍ୟ ଓ ସାଧାରଣ ଜନତାଙ୍କୁ ପିଏଫ୍‌ଆଇ ଭଙ୍ଗ ସମ୍ପର୍କରେ ଅବଗତ କରାଯାଇଛି। ବିଜ୍ଞପ୍ତି ଜାରି ପରଠାରୁ ସଦସ୍ୟମାନଙ୍କୁ କାର୍ଯ୍ୟକଳାପ ବନ୍ଦ ପାଇଁ ଅନୁରୋଧ କରାଯାଇଥିବା ସେ କହିଛନ୍ତି।

## ଟଙ୍କା ପୁଣି ...

ଏହାକୁ ନେଇ ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା ସୃଷ୍ଟି ହେବା ସହ ଡଲାର ଚାହିଦା ବୃଦ୍ଧି ପାଉଛି। ଫଳରେ ବୁଧବାର ଡଲାର ସୂଚକାଙ୍କ ୨୦ ବର୍ଷର ସର୍ବୋଚ୍ଚ ସ୍ତରରେ ଅର୍ଥାତ୍ ୧୧୪.୭୮ରେ ପହଞ୍ଚିଛି। ଅନ୍ୟପକ୍ଷରେ ଟଙ୍କାର ମୂଲ୍ୟ ହ୍ରାସ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବିପୁଳ ପରିମାଣର ଡଲାର ବିକ୍ରି କରିବାକୁ ବାଧ ହେଉଛି। ଫୋରେକ୍ସ ବ୍ୟବସାୟୀ ଅନୁମାନ କରୁଛନ୍ତି ଯେ, ଆର୍‌ବିଆଇ ଦୈନିକ ୧ ବିଲିୟନରୁ ୧.୮ ବିଲିୟନ ଡଲାର ବିକ୍ରି କରିପାରେ।

## LEGAL NOTICE

**ମାନ୍ୟବର ଅତିରିକ୍ତ କମିଶନର ନଂ.-୨ ଇଜିଲାସ ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର ଆର୍.ପି.କେସ୍ ନମ୍ବର-୧୬୬୩/୨୦୧୪**

ଶ୍ରୀମତୀ ବିନିତା ମହାନ୍ତି ...ବାଦୀ

ବନାମ

ଉଷା ପାଲଟାସିଂ ଏବଂ ଅନ୍ୟମାନେ ....ପ୍ରତିବାଦୀ

**ନୋଟିସ୍ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ**

ଲକ୍ଷ୍ମୀଧର ନାୟକ, ପିତା: ପରମାନନ୍ଦ ନାୟକ, ପ୍ରତିବାଦୀ ନ.°-୫, ସା- ଶାସ୍ତ୍ରୀ ନଗର, ୟୁନିଟ୍ ନଂ.-୪, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୫ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୨ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୪।୧୦।୨୦୨୨ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ସମ୍ପତ୍ତିର ବିବରଣୀ**

ମୌଜା- ପଥରଗାଡ଼ିଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ ଖାତା ନଂ.-୩୧୯, ସାବକ ପ୍ଲଟ୍ ନଂ.-୬୪୩, ଏରିଆ- ଏ୦.୦୭୦ଡି., ହାଲ୍ ଖାତା ନଂ.- ୧୭୧୩, ହାଲ୍ ପ୍ଲଟ୍ ନଂ.-୨୯୭୮, ଏରିଆ- ଏ୦.୦୭୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

**ଅତିରିକ୍ତ କମିଶନର ଅଦାଲତ**
**ନଂ.-୨ଙ୍କ ଆଦେଶକ୍ରମେ**
**(କୋର୍ଟ ଅଧିକାରୀ)**
**Court Officer, Addl. Revisional, Court No.II, BBSR**

ଧ-୧୬୩୫

**ମାନ୍ୟବର ସଭ୍ୟ ଓଡ଼ିଶା ରାଜସ୍ୱ ପର୍ଷଦଙ୍କ ଅଦାଲତ, କଟକ, କ୍ୟାମ୍ପ କୋର୍ଟ ଭୁବନେଶ୍ୱର ସନ୍ନିକଟ କେଶରୀ ନଗର, ନିର୍ମାଣ ସୌଧ, ୟୁନିଟ୍ ନଂ.୪, ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍ ନଂ.୭୩୮/୨୦୨୧**

ଶ୍ରୀ ପ୍ରଭାକର ସେନାପତି ..... ବାଦୀ/ ଦରଖାସ୍ତକାରୀ

ବନାମ

ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ .... ପ୍ରତିବାଦୀ / ଅପରପକ୍ଷ

ଆଦେଶ ନଂ.୫ ଏବଂ ନିୟମ ୨୦ (୧-କ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ନିମ୍ନ ଲିଖିତ ପ୍ରତିବାଦୀମାନଙ୍କୁ ଅବଗତି ନିମନ୍ତେ ନୋଟିସ ଦିଆଯାଉଛି କି ଧାର୍ଯ୍ୟ ତାରିଖ ଦିନ ଉପରଲିଖିତ ଅଦାଲତରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବେ:-

ପ୍ରତିବାଦୀ/ ଅପରପକ୍ଷଙ୍କ ନାମ ଓ ଧାମ:-

ପ୍ରତିବାଦୀ / ଅପରପକ୍ଷ ନଂ.-(୨) ସାରଙ୍ଗ ପ୍ରଧାନ, ପିତା- ସ୍ୱର୍ଗତ କାଶୀ ପ୍ରଧାନ ।

ପ୍ରତିବାଦୀ / ଅପରପକ୍ଷ ନଂ.- (୩) ଅଲେଖ ପ୍ରଧାନ, ପିତା- ସ୍ୱର୍ଗତ ବିଶି ପ୍ରଧାନ ।

ପ୍ରତିବାଦୀ / ଅପରପକ୍ଷ ନଂ.- (୪) ଦଅଣି ମହାରଣା, ସ୍ୱାମୀ- ଜଗନ୍ନାଥ ମହାରଣା।

ପ୍ରତିବାଦୀ / ଅପରପକ୍ଷ ନଂ.- (୫) ବାଞ୍ଛାନିଧି ମହାରଣା, ପିତା- ସ୍ୱର୍ଗତ ବଳରାମ ମହାରଣା।

ପ୍ରତିବାଦୀ / ଅପରପକ୍ଷ ନଂ.- (୬) ବିଶ୍ୱନାଥ ମହାରଣା, ପିତା- ସ୍ୱର୍ଗତ ବଳରାମ ମହାରଣା।

ପ୍ରତିବାଦୀ / ଅପରପକ୍ଷ ନଂ.- (୭) ସତ୍ୟବାଦୀ ମହାରଣା, ପିତା- ସ୍ୱର୍ଗତ ଅର୍ଜୁନ ମହାରଣା ।

ପ୍ରତିବାଦୀ / ଅପରପକ୍ଷ ନଂ.- (୮) ଜନାର୍ଦ୍ଦନ ମହାରଣା, ପିତା- ସ୍ୱର୍ଗତ ଅର୍ଜୁନ ମହାରଣା।

ପ୍ରତିବାଦୀ / ଅପରପକ୍ଷ ନଂ.- (୯) ବେଣୁଧର ମହାରଣା, ପିତା- ସ୍ୱର୍ଗତ ଅର୍ଜୁନ ମହାରଣା।

ପ୍ରତିବାଦୀ / ଅପରପକ୍ଷ ନଂ.- (୧୦) ଧନେଶ୍ୱର ମହାରଣା, ପିତା- ସ୍ୱର୍ଗତ ଅର୍ଜୁନ ମହାରଣା।

ପ୍ରତିବାଦୀ / ଅପରପକ୍ଷ ନଂ.- (୧୧) ଜଗନ୍ନାଥ ଦାସ, ପିତା- ସ୍ୱର୍ଗତ ବ୍ରଜସୁନ୍ଦର ଦାସ ।

ଉପରଲିଖିତ ପ୍ରତିବାଦୀ / ଅପରପକ୍ଷ କ୍ରମିକ ନଂ. ୨ ଲଗାୟାତ ୧୧ଙ୍କର ଠିକଣା ଗ୍ରାମ/ ପୋଷ୍ଟ / ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

**ନୋଟିସ**

ଉପରଲିଖିତ ପ୍ରତିବାଦୀ ନଂ. (୨) ଲଗାୟାତ (୧୧) ମାନଙ୍କ ପକ୍ଷଭୁକ୍ତ କରି ଉପରଲିଖିତ ବାଦୀ/ ଦରଖାସ୍ତ କରି ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ୧୯୮୫ ଧାରା ୧୫(ଖ) ମୁତାବକ ରିଭିଜନ ମକଦ୍ଦମା ଦାଏର କରିଛନ୍ତି କି ବାଦୀ ନିମ୍ନଲିଖିତ ତଫସିଲ ବର୍ଣ୍ଣିତ ଭୂ ସମ୍ପତ୍ତି ଗତ ତା୧୭।୦୨।୨୦୧୦ ରିଖ ରେଜିଷ୍ଟ୍ରି କ୍ରୟ ଦଲିଲ ନଂ. ୧୯୭୬ ଏବଂ କ୍ରମିକ ନଂ. ୨୦୧୦ ଦ୍ୱାରା ମୌଜା- ସୁନ୍ଦରପୁର ଅନ୍ତର୍ଗତ ସାବକ ଖାତା ନଂ.୧୦୨, ପ୍ଲଟ୍ ନଂ. ୭୫୨ରୁ ରକବା ଏ.ସି. ୦.୦୬୨ କ୍ରୟ କରିଛନ୍ତି। କିନ୍ତୁ ଚଳିତ ହାଲ୍ ବନ୍ଦୋବସ୍ତରେ ଉକ୍ତ ଭୂ-ସମ୍ପତ୍ତିଟି ପୃଥକ୍ ତଥା ନୂତନ ହାଲ ଖାତା ନଂ. ୪୨୮ ଏବଂ ହାଲ ପ୍ଲଟ୍ ନଂ.- ୫୯ ରେକର୍ଡ ରକବା ଏ.ସି. ୦.୦୭୦ ଡିସିମିଲ ହୋଇ ଉପର ଲିଖିତ ପ୍ରତିବାଦୀମାନଙ୍କ ନାମରେ ରେକର୍ଡ ଦରଜ ହୋଇଥିବାରୁ ବାଦୀ ଉକ୍ତ ହାଲ ପ୍ଲଟ୍‌ରୁ ତାଙ୍କ ନାମରେ ଏ.ସି. ୦.୦୬୨ ଡିସିମିଲ ରେକର୍ଡ କରିବା ପାଇଁ ରିଭିଜନ ମକଦ୍ଦମାରେ ପ୍ରତିବାଦୀ ଭାବେ ଉପର ଲିଖିତ ଠିକଣାରେ ନୋଟିସ ପ୍ରେରଣ କରାଯାଇଥିଲା। କିନ୍ତୁ ଉପର ଲିଖିତ ପ୍ରତିବାଦୀ ନଂ. ୨ ଲଗାୟାତ ୧୧ ମାନଙ୍କର ଦେହାନ୍ତ ହୋଇଯାଇଥିବାରୁ ଉକ୍ତ ନୋଟିସଗୁଡିକ ଫେରସ୍ତ ଆସିଥିଲା। ଏଣୁ ଆଦ୍ୟ ରିଭିଜନ କେସ୍ ସମ୍ବନ୍ଧୀୟ ନୋଟିସ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ତଥା ସେମାନଙ୍କର ୱାଲି ୱାରସମାନେ ଉକ୍ତ ଭୂ ସମ୍ପତ୍ତିରେ ଥିବା ସେମାନଙ୍କର ଦାବି, ସ୍ୱତ୍ୱ, ଅଧିକାର ଥିବା ବ୍ୟକ୍ତିବିଶେଷମାନେ ଅଦ୍ୟ ଦୈନିକ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍ ଶୁଣାଣି ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦଙ୍କ ଅଦାଲତ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ କ୍ୟାମ୍ପକୋର୍ଟ ଅଫିସ, ଭୁବନେଶ୍ୱର (ୟୁନିଟ୍ ନଂ.୫), କେଶରୀନଗର, ରାଜୀବ ଭବନ ପଛ ପାର୍ଶ୍ୱ କାର୍ଯ୍ୟାଳୟଠାରେ ଆସନ୍ତା ତା୨୦।୧୨।୨୦୨୨ ରିଖ ଦିବା ୧୧ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି । ଏଣୁ ଉପର ଲିଖିତ ପ୍ରତିବାଦୀମାନଙ୍କର କୌଣସି ଉତ୍ତରାଧିକାରୀମାନଙ୍କୁ ତଥା ସେମାନଙ୍କର ୱାଲି ୱାରସମାନେ ଉକ୍ତ ଭୂ ସମ୍ପତ୍ତିରେ ଥିବା ସେମାନଙ୍କର ଦାବି, ସ୍ୱତ୍ୱ, ଅଧିକାର ଦାବି କରୁଥିବା ବ୍ୟକ୍ତିବିଶେଷମାନେ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ରିଭିଜନ ମକଦ୍ଦମାକୁ ପରିଚାଳନା କରିବା ପାଇଁ ସେମାନଙ୍କର ପ୍ରତିନିଧି କିମ୍ବା ସେମାନେ ନିଜେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଉପସ୍ଥିତ ରହି ତଦବିର କରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଫଇସଲା କରାଯିବ। ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ମକଦ୍ଦମାଭୁକ୍ତ ଭୂ ସମ୍ପତ୍ତିର ବିବରଣୀ**

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର- ଭୁବନେଶ୍ୱର, ଥାନା- ଚନ୍ଦକା ନଂ. ୪୧, ମୌଜା- ସୁନ୍ଦରପୁର, ହାଲ୍ ଖାତା ନଂ. ୪୨୮, ହାଲ୍ ପ୍ଲଟ୍ ନଂ. ୫୯ ରେକର୍ଡ ରକବା ଏ.ସି. ୦.୦୭୦ ଡିସିମିଲରୁ ବାଦୀ କ୍ରୟ ସୂତ୍ରେ ଦାଖଲ ଦାବି ରକବା ଏ.ସି. ୦.୦୬୨ ଡିସିମିଲ, କିସମ- ବାଗାୟାତ-୨ ଯାହାର ସାବକ ଖାତା ନଂ.୧୦୨, ସାବକ ପ୍ଲଟ୍ ନଂ.-୭୫୨ ମଧ୍ୟରୁ କ୍ରୟ ରକବା ଏ.ସି. ୦.୦୬୨ ଡିସିମିଲ ଅଟେ ।

**ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ**
**ସ୍ୱା./- ଅନୁସଚିବ (ବିଚାର)**
**ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ**

ଧ-୧୬୪୮

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ପାପଯୁକ୍ତ ଚନ୍ଦ୍ର ଓ ଶୁକ୍ରଙ୍କ ପ୍ରଭାବରେ ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବନାହିଁ। ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ସକାଳୁଆ ଯାତ୍ରା ଶାନ୍ତିପ୍ରଦ ହେବ। ପାରିବାରିକ, ପରିବହନ, ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

**ବୃଷ**

ନିଜ ଲୋକଙ୍କ ବେଖାତିର ମନୋଭାବ ମନରେ ଉତ୍ତେଜନାମୂଳକ ସ୍ଥିତି ଉତ୍ପନ୍ନ କରିବ। ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ମଧ ଗୁରୁତର ସମସ୍ୟା ରହିବ ନାହିଁ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁମିଳନ, କଳା, ସାହିତ୍ୟ, ସଭାସମିତିରେ ସମ୍ମାନିତ ହେବେ।

**ମିଥୁନ**

ବିଚାରବୁଦ୍ଧି, ସହନଶୀଳତା ଓ ଉଦାରତା ଗୁଣରୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ। ସହକର୍ମୀଙ୍କ ବାକି ରହିଥିବା ଟଙ୍କା ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ। ଆଜି ବ୍ୟବସାୟ, ଆଲୋଚନା, ସଭାସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ**

କର୍ମାଧିପ ଲାଭଭାବସ୍ଥ ହେତୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ବିଗତ ଦିନରୁ ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି, ଏଣୁ ସତର୍କତାର ସହ କାମ କରିବା ଭଲ।

**ସିଂହ**

ଅସନ୍ତୁଳନ କଥାବାର୍ତ୍ତାରୁ ସମସ୍ୟା ଜାଲରେ ଛନ୍ଦି ହୋଇଯିବେ। ଆର୍ଥିକ ସ୍ୱଚ୍ଛଳ ଥାଇ ମଧ କାମ ସୁବିଧାରେ ହୋଇପାରିବ ନାହିଁ। ରାହୁଙ୍କ ଗ୍ରହ ସ୍ଥିତି ଜନିତ ରାଜନୀତିସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା**

ଅଷ୍ଟମାଧିପ ଭାଗ୍ୟସ୍ଥ ଯୋଗୁ ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେବେ, ଯାହା କାମକୁ ଆସିବନାହିଁ। ଅର୍ଥ ଲାଭ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦିରେ ସାମିଲ ହୋଇପାରନ୍ତି। ହିତୈଷୀଙ୍କ ସାହାଯ୍ୟରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା**

ପାପଦୃଷ୍ଟ ଗୁରୁ ହେତୁକ ଆଜି ଆପଣ ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଶନି ଚତୁର୍ଥ କେନ୍ଦ୍ରସ୍ଥ ହେତୁ ସଭାସମିତିରେ ଯୋଗଦେଲେ ପ୍ରଶଂସିତ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା**

ଏକାଦଶ ଚନ୍ଦ୍ର ହେତୁ ଯାହା କଲେ ମଧ କୌଣସି ଅସୁବିଧା ରହିବନାହିଁ। କିନ୍ତୁ ବିଶାଖା ନକ୍ଷତ୍ର ସକାଶେ ଅଫିସ୍‌ରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଗୁରୁଜନଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**

ଅଧିକାଂଶ ସମୟ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ବକ୍ରୀ ବୃହସ୍ପତିଜନିତ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ଚିନ୍ତା ବୃଦ୍ଧି କରିବ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ।

**ମକର**

ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ କାମ ହାସଲରେ ପ୍ରତିବନ୍ଧକ ଦେଖାଦେଇପାରେ। ଶ୍ରବଣା ନକ୍ଷତ୍ର ସକାଶେ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ।

**କୁମ୍ଭ**

ଆକସ୍ମିକ ଭାବେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂର ଯାତ୍ରା କରିବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ର ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖା ଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ, କିନ୍ତୁ କିଛି ଲାଭ ହେବନି।

**ମୀନ**

ପରିବାରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନ୍‌ସନ କମିଯିବ। ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ।

## ଅନିଲ ଚୌହାନ ...

ପ୍ରଥମ ପୃଷ୍ଠାରୁ...

ସାମରିକ ବ୍ୟାପାର ସଚିବ ତଥା ପ୍ରତିରକ୍ଷା ମନ୍ତ୍ରୀଙ୍କ ମୁଖ୍ୟ ସାମରିକ ପରାମର୍ଶଦାତା ଭାବେ ମଧ କାର୍ଯ୍ୟ କରିବେ। ପ୍ରକାଶ ଯେ, ସ୍ଥଳସେନା, ବାୟୁସେନା ଓ ନୌସେନାରେ ସମନ୍ୱୟ ରକ୍ଷାକରି ସଶସ୍ତ୍ର ବଳକୁ ମଜଭୁତ କରିବା ପାଇଁ ୨୦୨୦ ଜାନୁୟାରୀରେ କେନ୍ଦ୍ର ସରକାର ସିଡିଏସ୍ ପଦବୀ ସୃଷ୍ଟି କରିଥିଲେ। ୨୦୨୧ ଡିସେମ୍ବରରେ ୮ରେ ଭାରତର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍ ଓ ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍‌ଙ୍କ ସମେତ ଅନ୍ୟ ୧୧ ଜଣଙ୍କୁ ନେଇ ଯାଉଥିବା ଭାରତୀୟ ବାୟୁସେନା(ଆଇଏଏଫ୍)ର ଏମ୍‌ଆଇ-୧୭ଭି୫ ହେଲିକପ୍ଟର ତାମିଲନାଡୁର କୁନ୍ନୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସିଡିଏସ୍‌ଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେବେଠୁ ଏହି ଗୁରୁତ୍ୱପୂର୍ଣ୍ଣ ସାମରିକ ପଦବୀ ଖାଲି ପଡ଼ିଥିଲା।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଚାଳକ ମୃତ

**ଲହୁଣୀପଡ଼ା, ୨୮।୯(ଡି.ଏନ.ଏ):** ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଛିଡାକୁଦର ଗ୍ରାମ ରାସ୍ତା କଡରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଚାଳକ ଚାପିହୋଇ ମୃତ୍ୟୁବରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଯେ ଓଡ଼ି ୧୪କେ - ୪୨୪୬ ଟ୍ରାକ୍ଟର ଆସୁଥିବା ବେଳେ ଛିଡାକୁଦର ଗ୍ରାମର ରାସ୍ତା କଡରେ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ଚାଳକ ଚାପିହୋଇ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତ ଟ୍ରାକ୍ଟର ଚାଳକ ଗୋପନା ଗ୍ରାମର ଆନନ୍ଦ ମୁଣ୍ଡା(୨୭)ବୋଲି ଜଣାପଡ଼ିଛି।

### ଅନ୍‌ଲାଇନ ଦୋକାନରୁ ଚୋରି

**କୁତ୍ରା, ୨୮।୯(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ରାଙ୍ଗିରୋଡ ଛକରେ ଥିବା ଅନଲାଇନ ଦୋକାନରୁ ଚୋରି ହୋଇଛି। ୧୦ ନମ୍ବର ରାଜ୍ୟ ରାଜପଥ ରାଙ୍ଗିରୋଡ଼ ଛକରେ ଥିବା ଜଗଦିଶ ଲାକଡାଙ୍କ ଅନଲାଇନ ଦୋକାନ ରହିଛି। ଗତ ରାତିରେ ଚୋର ଆସି ତାଙ୍କ ଦୋକାନ ଆଜବେଷ୍ଟ ଭାଙ୍ଗି ଦୋକାନକୁ ପଶି ତାଙ୍କ ଦୋକାନରେ ଥିବା ଏକ କମ୍ପ୍ୟୁଟର, ଜେରକ୍ସ ମେସିନ, ମୋବାଇଲ କଭର ଓ ଚାର୍ଜର ପ୍ରଭୃତି ଚୋରି ହୋଇଛି।

# ରାଜଗାଙ୍ଗପୁର ଓକିଲ ସଂଘର ପ୍ରତିବାଦ ଦିବସ ପାଳନ




ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ପ୍ରତିବାଦ କରାଯାଉଛି।.....................

**ରାଜଗାଙ୍ଗପୁର, ୨୮।୯(ଡି.ଏନ.ଏ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ବୁଧବାର ରାଜଗାଙ୍ଗପୁର ଓକିଲ ସଂଘର ପ୍ରତିବାଦ ଦିବସ ପାଳନ ହୋଇଯାଇଛି। ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ ସେଣ୍ଟ୍ରାଲ ଆକ୍ସନ କମିଟି ପକ୍ଷରୁ ରାଜଗାଙ୍ଗପୁର ଓକିଲ ସଂଘର ସଭାପତି ପ୍ରଳୟ ହାଜରାଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ରାଜଗାଙ୍ଗପୁର ତହସିଲ ନିକଟରେ ଟେଣ୍ଟ ପକାଇ ଧାରଣାରେ ବସିଥିଲେ ଓ ସଭାକାର୍ଯ୍ୟ କରିଥିଲେ। ସଂଘର ଉପସଭାପତି ଅଶୋକ ପାଣି, ସମ୍ପାଦକ ରବିନ୍ଦ୍ର ଦାଶ, ମୁରଲିଧର ଦାସ, ଲବେନ୍ଦ୍ର ବେହେରା, ମହମ୍ମଦ ମହସିନ, ପ୍ରଦୀପ ପଟ୍ଟନାୟକ, ମହେନ୍ଦ୍ର ମାଝୀ, ଆଲବର୍ଟ କିଣ୍ଡୋ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କାହିଁକି ଉଚିତ ପଦକ୍ଷେପ ନେଉନାହାନ୍ତି ବୋଲି ମତ ରଖିଥିଲେ।

# ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା

**ଲହୁଣୀପଡ଼ା, ୨୮।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଚାନ୍ଦିଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବୁଧବାର ବ୍ଲକସ୍ତରୀୟ ୧୭ ବର୍ଷରୁ କମ ବାଳିକା ବାଳକ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଚାନ୍ଦିଲ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ମାହାନ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହୁଲପଦା ପ୍ରଧାନ ଶିକ୍ଷକ କ୍ଷେତ୍ର ମୋହନ ମାହାନ୍ତ ମୁଖ୍ୟ ବକ୍ତା ଭାବେ ଏବିଇଓ ନରହରି କିଷାନ ଯୋଗ ଦେଇଥିଲେ। ଚାନ୍ଦିଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳିପୋଷ ଉଚ୍ଚ ବିଦ୍ୟାଳୟର ବାଳକ ଦଳ ଚାମ୍ପିୟନ ହୋଇଥିବା ବେଳେ ବାଳିକା ଦଳରେ ଲହୁଣୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଦଳ ଚାମ୍ପିୟନ ହୋଇଥିଲେ।

MAHANADI AQUA FRESH LLP
FRESH TILAPIA FISH HIRAKUD DAM
- GOOD FOR THE BONES — ହାଡ଼ ପାଇଁ ଭଲ
- GOOD FOR THE BRAIN — ମସ୍ତିଷ୍କ ପାଇଁ ଭଲ
- PROTECT THE HEART — ହୃଦ୍‌ଘାତରୁ ସୁରକ୍ଷା
- GREAT SOURCE OF VITAMIN-D — ପ୍ରଚୁର ପରିମାଣରେ ଭିଟାମିନ୍ D ଥାଏ
- HIGH PROTEIN AND LOW FAT — ଅଧିକ ପ୍ରୋଟିନ ଏବଂ ମୋଟାପାରୁ ସୁରକ୍ଷା

Special Rate for Trader
Contact No.: 9348459748, 8554917617



# ଲେଫ୍ରିପଡ଼ା ଥାନାରେ ରକ୍ତଦାନ ଶିବିର



ସୁନ୍ଦରଗଡ଼ ବ୍ଲଡ଼ବ୍ୟାଙ୍କ କର୍ମଚାରୀ ଓ ପୋଲିସ ଅଧିକାରୀ।

**ଲେଫ୍ରିପଡ଼ା,୨୮।୯ (ଡି.ଏନ୍.ଏ.)**

### ୩୮ ୟୁନିଟ ରକ୍ତ ସଂଗ୍ରହ

ରାଜ୍ୟ ସରକାରଙ୍କ ମୋ ସରକାର ମାଧ୍ୟମରେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ପରିସରରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ମଧୁଶିକ୍ତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଏକ ମହତ କାର୍ଯ୍ୟ। ରକ୍ତଦାନ ମାଧ୍ୟମରେ ଜନସାଧାରଣଙ୍କ ଜୀବନ ବଞ୍ଚାଇ ପାରିବା ବୋଲି ମତାମତ ପ୍ରଦାନ କରିଥିଲେ। ପରେ ଆୟୋଜିତ ଶିବିରରେ ସୁନ୍ଦରଗଡ଼ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନରେ ଥାନା କର୍ମଚାରୀ ଏବଂ ଅଞ୍ଚଳର ବିଭିନ୍ନ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ମୋଟ ୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସୁନ୍ଦରଗଡ଼ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବ୍ୟକ୍ତିଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଥାନା ଆଇଆଇସି ସୁମନ୍ତ କୁମାର ନାଏକ ପରିଚାଳନା କରିଥିଲେ। ଏଥିରେ ଥାନା କର୍ମଚାରୀ ଏବଂ ସୁନ୍ଦରଗଡ଼ ବ୍ଲଡ଼ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅଞ୍ଚଳର ଜନସାଧାରଣ ଯୋଗଦାନ କରି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ: ୩୭୦୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ



**ଟେନସା, ୨୮।୯(ଡି ଏନ ଏ)**

ମହାକାଶ ବିଜ୍ଞାନ କ୍ଷେତ୍ରରେ ଓ ଛାତ୍ରୀଛାତ୍ରଙ୍କ ପ୍ରତିଭା ଚିହ୍ନଟ ଓ ପ୍ରସାର ଲକ୍ଷ୍ୟରେ ଆୟୋଜିତ କରାଯାଉଥିବା ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ) ପ୍ରତିଯୋଗିତା ସୁନ୍ଦରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ସମଗ୍ର ରାଜ୍ୟରେ ୨ ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ୨୩ଟି ବିଦ୍ୟାଳୟର ୩୭୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ସହଭାଗିତାରେ ୟାଟସ୍ର ଆୟୋଜନ କରାଯାଉଛି। କୁଇଜ ଓ ପ୍ରବନ୍ଧ ଲିଖନକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତା ଟାଟା ଷ୍ଟିଲର କଳମାଙ୍ଗ ଲୌହ ଖଣି ଅଞ୍ଚଳ ପାର୍ଶ୍ୱବର୍ତ୍ତୀ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ ହୋଇଯାଇଛି । ଆଲୋଚନା ଓ ଜ୍ଞାନ ଭିତ୍ତିକ ଅଧିବେସନ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀ, ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଟାଟା ଷ୍ଟିଲର ଅଧିକାରୀମାନେ ଛାତ୍ରଛାତ୍ରୀଙ୍କୁ ଅନୁପ୍ରେରିତ କରିଥିଲେ। ଚଳିତ ବର୍ଷ ୟାଟସ ହାଇବ୍ରିଡ଼ ମୋ ଆୟୋଜନ କରାଯାଉଛି, ଯେଉଁଥିରେ ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ଭାବେ ବିଦ୍ୟାଳୟ ଓ ଭର୍ଚୁଆଲି ୟାଟସ ୱେବ୍ସାଇଟ ଜରିଆରେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ । ଓ ସମସ୍ତ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ । ଚଳିତ ବର୍ଷ ୟାଟସ ୨୦୨୨ ର ବିଷୟବସ୍ତୁ ହେଉଛି ବ୍ରହ୍ମାଣ୍ଡ ରହସ୍ୟ ଉନ୍ମୋଚନ କରିବାର ଏବେ ସମୟ । ପ୍ରତ୍ୟେକ ଜିଲାରୁ ଶ୍ରେଷ୍ଠ ୨ ଜଣ ପ୍ରତିଯୋଗୀଙ୍କୁ ଚଳିତ ବର୍ଷ ଡିସେମ୍ବର ମାସରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ନିମନ୍ତେ ଆମନ୍ତ୍ରିତ କରାଯିବ । ଏହି ଅବସରରେ ବ୍ୟକ୍ତିଗତ ସାକ୍ଷାତକାର ଆଧାରରେ ଚୂଡାନ୍ତ ମୂଲ୍ୟାଙ୍କନ ପରେ ଶ୍ରେଷ୍ଠ ୨୦ ଜଣ ବିଜେତାଙ୍କ ନାମ ଘୋଷଣା କରାଯିବା ସହିତ ସେମାନଙ୍କୁ ସମ୍ମାନିତ କରାଯିବ । ଜ୍ୟୋତିର୍ବିଜ୍ଞାନର ରହସ୍ୟ ସମ୍ପର୍କରେ ଯୁବ ପ୍ରତିଭାମାନଙ୍କ ଜ୍ଞାନ ପରିସୀମାକୁ ବୃଦ୍ଧି କରିବା ଦିଗରେ ୟାଟସ ୧୫ ବର୍ଷ ପୂରଣ କରିଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନ୍ତରୀକ୍ଷ ବିଜ୍ଞାନକୁ ଓ କିମ୍ବଦନ୍ତୀ ପୁରୁଷ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଅବଦାନକୁ ଲୋକପ୍ରିୟ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ।

Azadi Ka Amrit Mahotsav
GOVERNMENT OF INDIA

ଅମୃତ କାଳରେ
ପୁରୁଣା ମାନସିକତାରୁ ମୁକ୍ତି

ଏକ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଭାରତ ଏକ ନିର୍ଣ୍ଣାୟକ କାଳଖଣ୍ଡରେ ଦ୍ରୁତଗତିରେ ଆଗକୁ ବଢ଼ୁଛି । ଆସନ୍ତୁ ମିଳିମିଶି ଗୋଲାମି ମାନସିକତାରୁ ଦେଶକୁ ମୁକ୍ତ କରିବା ।

ପରିବାରବାଦରୁ ମୁକ୍ତ ହେଉଛନ୍ତି ବିଭିନ୍ନ ପ୍ରତିଷ୍ଠାନ
- କ୍ରୀଡ଼ା କ୍ଷେତ୍ରରେ ହକଦାର ପ୍ରତିଭାଙ୍କୁ ମିଳୁଛି ସୁଯୋଗ, ଖେଳାଳି ଲଗାତାର ରଚୁଛନ୍ତି ନୂଆ କୀର୍ତ୍ତିମାନ
- ଏବେ ଚିହ୍ନା ପରିଚିତଙ୍କ ବଦଳରେ ପ୍ରତିଭାଙ୍କୁ ମିଳୁଛି ଅଗ୍ରାଧିକାର, ଯୋଗ୍ୟ ଲୋକ ପାଉଛନ୍ତି ପଦ୍ମ ପୁରସ୍କାର

ଦାସତ୍ୱ ମାନସିକତାରୁ ମୁକ୍ତି
- ୧୫୦୦ରୁ ଅଧିକ ପୁରୁଣା ଏବଂ ଅନୁପଯୋଗୀ ଆଇନ ଉଚ୍ଛେଦ
- ଭାରତୀୟ ନୌସେନାର ଚିହ୍ନକୁ ମିଳିଲା ଉପନିବେଶବାଦୀ ପ୍ରତୀକରୁ ମୁକ୍ତି
- ବଜେଟ ଉପସ୍ଥାପନ କରିବାର ତାରିଖରେ ପରିବର୍ତ୍ତନ, ସାଧାରଣ ବଜେଟ୍ ଓ ରେଳ ବଜେଟ୍‌ର ହେଲା ବିଲୟ
- ସରକାରୀ ଗାଡ଼ିରୁ ହଟିଲା ନାଲିବତୀ, ଭିଆଇପି ସଂସ୍କୃତି ଉପରେ ପ୍ରହାର

ଦୁର୍ନୀତିରୁ ମୁକ୍ତି ପାଇଲା ବ୍ୟବସ୍ଥା
- ଡିବିଟି ଯୋଗୁ ଦୂର ହେଲା ଦଲାଲି, ହିତାଧିକାରୀଙ୍କୁ ମିଳିଲା ପ୍ରତ୍ୟକ୍ଷ ଲାଭ
- CPGRAMS ପୋର୍ଟାଲ ମାଧ୍ୟମରେ ଅଭିଯୋଗର ତୁରନ୍ତ ସମାଧାନ
- ଆୟକର, ଇଡି ଭଳି ଏଜେନ୍ସି ଦୁର୍ନୀତିରେ ଲିପ୍ତ ଲୋକଙ୍କ ବିରୋଧରେ ଗ୍ରହଣ କରୁଛି କାର୍ଯ୍ୟାନୁଷ୍ଠାନ

ମଇଳା ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକରୁ ମୁକ୍ତି
- ସ୍ୱଚ୍ଛ ଭାରତ ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କଲା ଦେଶ, ସ୍ୱଚ୍ଛତା ହେଲା ରାଷ୍ଟ୍ରୀୟ ସ୍ୱଭାବ
- ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧରେ ଦେଶ ହେଲା ଏକଜୁଟ, ପ୍ରତ୍ୟେକ ଆୟୁ ବର୍ଗର ଲୋକମାନେ ଦେଉଛନ୍ତି ଯୋଗଦାନ

ରାସାୟନିକ ମୁକ୍ତ କୃଷି
- ପ୍ରାକୃତିକ କୃଷିକୁ ଆପଣାଉଛନ୍ତି ସାରା ଦେଶର କୃଷକ
- ପ୍ରାକୃତିକ କୃଷି କ୍ଷେତ୍ରରେ ହେଉଛି ଅଭିବୃଦ୍ଧି



ଲକ୍ଷ୍ୟ ଯେତେ କଠିନ ହେଉ, ଆହ୍ୱାନ ଯେତେ ବଡ଼ ହେଉ, ଥରେ ଭାରତ ସଂକଳ୍ପ ନେଲେ, କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ ।
-ନରେନ୍ଦ୍ର ମୋଦୀ

cbc 22201/13/0119/2223

ଆଜି ଗୁଜରାଟର ଅହମ୍ମଦାବାଦଠାରେ ଦେଶର କ୍ରୀଡ଼ା ମହାକୁମ୍ଭ, ୩୬ତମ ଜାତୀୟ କ୍ରୀଡ଼ାର ଭବ୍ୟ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

୩୬ତମ ଜାତୀୟ କ୍ରୀଡ଼ା | ୩୬ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ | ୩୬ କ୍ରୀଡ଼ା
ଜୁଡ଼େଗା ଇଣ୍ଡିଆ, ଜିତେଗା ଇଣ୍ଡିଆ



ଆଧ୍ୟାତ୍ମିକ ଚିନ୍ତାରେ ଓ ଅନୁଭବରେ ସବୁପ୍ରକାର ନୀଚତା, ସଂକୀର୍ଣ୍ଣତା ଓ ବହିର୍ମୁଖତା ପରିତ୍ୟାଗ କରିବ। ବିଶାଳତମ ଦିଗ୍‌ବଳୟ ଅପେକ୍ଷା ବିଶାଳ ହେବ। ଉଚ୍ଚତମ କାଞ୍ଚନଜଂଘା ଅପେକ୍ଷା ସମୁଚ୍ଚ ହେବ। ଗଭୀରତମ ମହାସାଗର ଅପେକ୍ଷା ମଧ୍ୟ ଗଭୀର ହେବ। – ଶ୍ରୀଅରବିନ୍ଦ

# ରୁଷିଆ, ଇରାନ ଓ ଏକଛତ୍ରବାଦ



ରବର୍ଟ ଡି.କପ୍ଲାନ

ବେଳେବେଳେ ନ୍ୟୁଜ୍ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ଘଟଣାକୁ ବହୁବାର ପୁନରାବୃତ୍ତି କରାଯାଏ। ଉକ୍ତ ଘଟଣାର ପ୍ରଚ୍ଛଦରେ କ'ଣ ଥାଇପାରେ ସେ ସମ୍ପର୍କରେ ଏହା ଏକ ରହସ୍ୟମୟ ସଙ୍କେତ ପ୍ରଦାନ କରିଥାଏ। ଚଳିତ ମାସରେ ଏଭଳି ସଙ୍କେତ ମିଳିଛି। ନ୍ୟୁଜ୍‌ରେ ପ୍ରକାଶ ପାଇଥିବା ଏକ ଅଧିକ ଆଶାବାଦୀ, ବିପଜ୍ଜନକ ଏବଂ ମୌଳିକ ରୂପେ ଭିନ୍ନ ଭୂରାଜନୈତିକ ସ୍ଥିତିରୁ ଏହା ସାମ୍ନାକୁ ଆସିଛି। ବାସ୍ତବରେ କିଛି ଦିନ ମଧ୍ୟରେ ଏକ ସମୟରେ ପାଖାପାଖିରେ ଦୁଇଟି ଘଟଣାରେ ଆମେ ଏହା ଦେଖିବାକୁ ପାଇଛୁ। ଗୋଟିଏ ହେଲା ୟୁକ୍ରେନ୍‌ରେ ରୁଷୀୟ ସେନାର ଆସନ୍ନ ପତନ ଏବଂ ଅନ୍ୟଟି ଇରାନର ସହରଗୁଡ଼ିକର ରାସ୍ତାରେ ସରକାରଙ୍କ ଅପମାନଜନକ ସ୍ଥିତି। ରୁଷିଆର ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ୍‌ଙ୍କ ସୈନ୍ୟମାନେ ଏକ ଆନ୍ଦୋଳନରତ ଭିଡ଼ଠାରୁ ସମାନ୍ୟ ଅଧିକ ସ୍ଥିତିରେ ରହିଥିବା ଦେଖାଗଲା। ନାଗରିକମାନଙ୍କୁ ଖରାପ ବ୍ୟବହାର ଏବଂ ନିର୍ଯାତନା ଦେଉଥିବା ସୈନ୍ୟମାନେ ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ନିୟନ୍ତ୍ରଣରେ ରହିଥିବା ଅଞ୍ଚଳ ଛାଡିଦେଲେ ଏବଂ ୟୁକ୍ରେନ ସେନାଆଗକୁ ବଢୁଥିବା ଦେଖି ସେଠାରୁ ଦୂରକୁ ଚାଲିଗଲେ। ଏହାକୁ ଲକ୍ଷ୍ୟ କଲେ ପୁଟିନ୍‌ଙ୍କ ଫାସିବାଦୀ ଜାତୀୟ ସୁରକ୍ଷା ବିଚାରଧାରାର ସ୍ଥିତି ଧୂଳିସାତ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ତେବେ ଏହା ପୂର୍ବରୁ ପୁଟିନ୍‌ଙ୍କ ଆଣବିକ ଯୁଦ୍ଧ ଧମକ ସୂଚିତ କରୁଛି ଯେ, ତାଙ୍କ ଏକଛତ୍ରବାଦ ଶାସନ ସବୁଠୁ ବିପଜ୍ଜନକ ସ୍ଥିତିରେ ରହିଛି। ଅନ୍ୟପକ୍ଷରେ ଇରାନ ଶାସନ ବ୍ୟବସ୍ଥାରେ ଦେଖାଯାଇଥିବା ଅପମାନଜନକ ସ୍ଥିତି ସ୍ୱ ଅଭ୍ୟନ୍ତରୀଣ ପ୍ରସଙ୍ଗଗୁଡ଼ିକ ଦ୍ୱାରା ପ୍ରକାଶ ପାଇଛି। ଅନେକ ସହରକୁ ପ୍ରଭାବିତ କରିଥିବା ବିଶାଳ ପ୍ରତିବାଦ ଓ ସମାବେଶରେ ଇସ୍‌ଲାମିକ ରିପବ୍ଲିକ ଶେଷ କରିବାର ଦାବି ବାସ୍ତବରେ ଶାସନ ପାଇଁ ବଦନାମ ସ୍ଥିତି ଆଣିଛି। ସେଠାରେ ନୈତିକତାର ଦ୍ୱାହି ଦେଉଥିବା ତଥାକଥିତ ପୋଲିସ ଦ୍ୱାରା ୨୨ ବର୍ଷୀୟା ମାଶା ଅମିନ୍‌ଙ୍କ ମୃତ୍ୟୁକୁ ନେଇ ନାଗରିକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା କ୍ରୋଧ ସୋସିଆଲ ମିଡିଆରେ ଜୋର୍‌ସୋରରେ ପ୍ରସାରିତ ହୋଇଛି। ଅମିନ୍ ହିଜାବ ପିନ୍ଧିବାକୁ ମନା କରିବାରୁ ତାଙ୍କୁ ପୋଲିସର ଏଭଳି ନିର୍ମମ ଦଣ୍ଡ ଭୋଗିବାକୁ ପଡ଼ିଲା। କିନ୍ତୁ ଦେଖିବାକୁ ଗଲେ ଏହା ଥିଲା ଦଶନ୍ଧିବ୍ୟାପୀ ଦମନ ଓ ଦୁର୍ନୀତି ଏବଂ ଧ୍ୱଂସପ୍ରାୟ ଏକ ଅର୍ଥ ବ୍ୟବସ୍ଥା ସହ ଜଡ଼ିତ ଶାସକୀୟ ମନୋଭାବର ପ୍ରତିଫଳନ।

ୟୁକ୍ରେନ୍‌ରେ ଚାଲିଥିବା ଯୁଦ୍ଧ ୟୁରୋପ ଏବଂ ବିଶ୍ୱର ଭୂରାଜନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିଦେଇଛି। ଯଦି ପୁଟିନଙ୍କ ଶାସନର ସମାପ୍ତି ହୁଏ ତେବେ ତାହା ଅସଂଖ୍ୟ ପରିବର୍ତ୍ତନ ଆଣିବ। ରୁଷିଆନ ଫେଡେରେଶନ ଖଣ୍ଡ ବିଖଣ୍ଡିତ ହୋଇଯିବ। ନାଟୋ ଏବଂ ୟୁରୋପୀୟ ସଂଘ ପୂର୍ବୋତ୍ତର ଦେଶଗୁଡ଼ିକ ଆଡକୁ ମୁହାଁଇବ। ସେହିଭଳି ଇରାନର ମୁସଲିମ ଧର୍ମଗୁରୁଙ୍କ ଶାସନର ପତନ ଘଟିଲେ ଏହା ବାସ୍ତବରେ ଦୀର୍ଘଦଶନ୍ଧି ବ୍ୟାପୀ ସୁନ୍ନି – ଶିୟା ଗୋଷ୍ଠୀ ସଂଘର୍ଷରେ ପୂର୍ଣ୍ଣଚ୍ଛେଦ ପକାଇବ ଏବଂ ଇସ୍ରାଏଲ ଓ ରକ୍ଷଣଶୀଳ ଆରବ ଦେଶଗୁଡ଼ିକର ରଣନୀତିକ ସ୍ଥିତିରେ ବ୍ୟାପକ ଉନ୍ନତି ଆଣିପାରିବ। ଏସବୁ ଘଟଣା ସମଗ୍ର ମଧ୍ୟପ୍ରାଚ୍ୟକୁ ପରିବର୍ତ୍ତନ କରିଦେବ। ଫଳସ୍ୱରୂପ ଇରାକରେ ନିଶ୍ଚିତ ଭାବେ ସ୍ଥିରତା ଆସିବ, ଲେବାନନ୍ ଓ ସିରିଆରେ ବି ଏଭଳି ସ୍ଥିତି ଆସିବ ଏଥିରେ କୌଣସି ଦ୍ୱିମତ ନାହିଁ।

ରୁଷିଆ ହେଉ କି ଇରାନ ସରକାର, ବିଶେଷକରି ଏମାନେ ଏବେ କେହି ବିପଦରେ ନାହାନ୍ତି। ଏହି ସରକାରଗୁଡ଼ିକର ପତନ ନିକଟରେ ହେବ ବୋଲି ଆମେ ଯାହା ଭାବୁଛେ ତାହା ନ ଘଟି ନପାରେ। ସେମାନେ ତା'ଠାରୁ ଆହୁରି ଅଧିକ ବର୍ଷ ଏହି ସ୍ଥିତିରେ ରହିବେ। କିନ୍ତୁ ଚଳିତ ମାସରେ ସେମାନଙ୍କ ପତନର ସାମାନ୍ୟ ସଙ୍କେତ ମିଳିଛି। କାରଣ ପୁଟିନ୍ ଯୁଦ୍ଧ ଜିତି ପାରିବେ ନାହିଁ କି ୟୁକ୍ରେନରେ ଆଗକୁ ଆଉ ବଢ଼ିପାରିବେ ନାହିଁ। ଅନ୍ୟପକ୍ଷରେ ଇରାନରେ ମୁଲ୍ଲାମାନଙ୍କୁ ବ୍ୟାପକ ଅଞ୍ଚଳରେ ସେମାନଙ୍କ ନିଜ ଲୋକମାନେ ଖୋଲାଖୋଲି ଭାବେ ଘୃଣା କରିଛନ୍ତି। ତେବେ ସେମାନଙ୍କ ଅଧଃପତନ ନିଶ୍ଚିତ, କିନ୍ତୁ କେବେ ଓ କେଉଁ ସମୟରେ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶ୍ୱରେ ଯେଉଁଠି ଏକ ସେନାର ପରାଜୟ କିମ୍ବା ଏକ ପ୍ରତିବାଦ ଅବା ଏକ ଅସ୍ପଷ୍ଟ ଓ ପ୍ରତୀକାତ୍ମକ କାର୍ଯ୍ୟ ସୋସିଆଲ ମିଡିଆରେ ତତ୍‌କ୍ଷଣାତ ପ୍ରସାରିତ ହେଉଛି ,ସେଠାରେ ପୁଟିନ୍ ଓ ଇରାନର ସର୍ବୋଚ୍ଚ ନେତା ଅଲି ଖାମେନି କେବେ ବି ଶାନ୍ତିରେ ଶୋଇପାରିବେ ନାହିଁ। କିନ୍ତୁ ବାସ୍ତବରେ ଏହି ଏକଛତ୍ରବାଦ ବ୍ୟବସ୍ଥାର କୌଣସି ଭବିଷ୍ୟତ ନାହିଁ। ଏହି ବ୍ୟବସ୍ଥାଗୁଡ଼ିକରେ ଭୂରାଜନୈତିକ ବିପଦ ମଧ୍ୟ ରହିଛି। ଏହାଯୋଗୁ ସେମାନଙ୍କୁ ବଦଳାଇବାକୁ କୌଣସି ସ୍ପଷ୍ଟ ଏବଂ ସଂସ୍ଥାଗତ ଉପଯୋଗୀ ବିକଳ୍ପ ନାହିଁ। ତେବେ ଏହି ଦୁଇଟି ଦେଶ ନୁହେଁ , ସବୁ ଏକଛତ୍ରବାଦୀ



ରାଷ୍ଟ୍ରଗୁଡ଼ିକ ପାଇଁ ଏହା କୁହାଯାଉଛି। ତେବେ ଏବେ ଏଭଳି ଶାସନକୁ ଆପଣାଇଥିବା ରୁଷିଆ ଏକ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଅନ୍ୟପଟେ ଆଣବିକ ରାଷ୍ଟ୍ର ହେବାକୁ ଯାଉଥିବା ଇରାନ ମଧ୍ୟପ୍ରାଚ୍ୟ ଏବଂ କେନ୍ଦ୍ର ଏସିଆରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଦେଶ ।

ଗଣତାନ୍ତ୍ରିକ ମୌଳିକ ଧାରା ବିନା ଗଣତନ୍ତ୍ରର ସଫଳତା ରାତାରାତି ପ୍ରକାଶ ପାଏ ନାହିଁ। ବହୁ ସମୟରେ ଏଥିପାଇଁ ଅନେକ ବର୍ଷର ଅନିଶ୍ଚୟ ସ୍ଥିତି ଦେଇ ଆଗକୁ ବଢ଼ିବାକୁ ପଡ଼େ। ୧୯୯୦ ଦଶନ୍ଧିରେ ସୋଭିଏଟ୍ ସଂଘର ପତନ ପରେ ରୁଷିଆରେ ଏକ ସମୟ ପଡ଼ିଥଲା ଯେଉଁଥିରେ ଅନିୟନ୍ତ୍ରିତ ଅପରାଧ, ଆର୍ଥିକ ଅବ୍ୟବସ୍ଥା ଏବଂ ସୁଧାରର କୁପ୍ରବନ୍ଧନ ଦେଖାଦେଇଥିଲା। ଏହା ଯୋଗୁ ପ୍ରାୟ ୭୦% ରୁଷୀୟଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚିବାକୁ ପଡ଼ିଥିଲା। ନିଷ୍କ୍ରିୟ ଗଣତନ୍ତ୍ରର ଏହି ଦ୍ୱନ୍ଦ୍ୱାତ୍ମକ ତଥା ହିଂସାପୂର୍ଣ୍ଣ ସ୍ଥିତିରୁ ଶେଷରେ ପୁଟିନ ସାମ୍ନାକୁ ଆସିଥିଲେ। ତୁଳନାତ୍ମକ ଭାବେ ଇରାନ ୧୯୭୯ରେ ଖୁବ୍ କମ୍ ଯନ୍ତ୍ରଣାଦାୟକ ଏବଂ ନୀରବ ରାଜନୈତିକ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିଥିଲା, କାରଣ ଗଣତନ୍ତ୍ର କେବେ ବି ମୁଲ୍ଲାମାନଙ୍କ ଲକ୍ଷ୍ୟ ନ ଥିଲା। ସେମାନେ ଧର୍ମଗୁରୁଙ୍କ ସ୍ୱେଚ୍ଛାଚାରୀ ବଳରେ ଶିୟା ଏକଛତ୍ରବାଦ ଶାସନକୁ ଶୀଘ୍ର ବଦଳାଇ ଦେଇଥିଲେ। କିନ୍ତୁ ମୁଲ୍ଲାମାନେ ସେମାନଙ୍କ ସମାଜକୁ ଏମିତି କ୍ଷତି କରିଛନ୍ତି ଯେ, ଧର୍ମଶାସିତ ହେବା ପରେ ଇରାନ ଉତ୍ତମ ଶାସନ କରିବାକୁ ଯୋଗ୍ୟ ହୋଇପାରିଲା ନାହିଁ, ବରଂ ବିଭିନ୍ନ ଜାତି ଓ ଭୌଗୋଳିକ ଅଞ୍ଚଳଗୁଡ଼ିକ ମଧ୍ୟରେ ବିଭାଜନ ଦେଖାଦେଲା।

ଏହିସବୁ କାରଣ ଯୋଗୁ ରୁଷିଆ ଓ ଇରାନରେ ଆଗାମୀ କିଛି ବର୍ଷରେ ଏକଛତ୍ରବାଦ ଶାସନର ପତନ ହୋଇ ଯଦି ଗଣତାନ୍ତ୍ରିକ ବ୍ୟବସ୍ଥା ସକ୍ରିୟ ହୁଏ ସେଥିରେ ସଫଳତା ମିଳିବା କଠିନ ହେବ। ମସ୍କୋ ଏବଂ ତେହରାନରେ ଏକ ଭୟାନକ ନିସ୍ପ୍ରଭାବୀ ରାଜନେତିକ ସ୍ଥିତି ଦେଖାଦେବ। ସମ୍ଭବତଃ, ରୁଷିଆର ଚରମ ଜାତୀୟତାବାଦୀ ଏବଂ ଇରାନର ରିଭଲ୍ୟୁସନାରି ଗାର୍ଡଙ୍କ ଭଳି ଅଧିକ ରୁଢ଼ୀବାଦୀ ଶକ୍ତି ସେମାନଙ୍କ କ୍ଷମତା ପ୍ରୟୋଗ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସବୁଠୁ କ୍ଷତିକାରକ ଦମନକାରୀ ବା ଅତ୍ୟାଚାରୀ ଶାସନ ବହୁ ସମୟରେ ଅତ୍ୟଧିକ ଅରାଜତାର କାରଣ ହୋଇଆସିଛି। ଅତ୍ୟାଚାରୀ ଶାସନ ଶେଷରେ ଗଢିଉଠିଥିବା ଅରାଜକ ବିଶ୍ୱରେ ବ୍ୟବସ୍ଥିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସନ୍ଧାନ କରିବାର ମହତ୍ତ୍ୱ ନିଶ୍ଚିତ ଅଧିକ ରହିବ। ବୁଦ୍ଧିଜୀବୀ ଏବଂ ନୀତି ନିର୍ଦ୍ଧାରକମାନଙ୍କ ଏଥିରେ ଭୂମିକା ବି ରହିବ। କିନ୍ତୁ ସେମାନଙ୍କ ମଧ୍ୟରେ ଏକଛତ୍ରବାଦ ଶାସନର ଭୟ ବଦଳରେ ଅରାଜକତାର ଭୟ ପ୍ରକାଶ ପାଇବା ଆଶଙ୍କା ରହିଛି। ପୁଟିନ୍ ଓ ମୁଲ୍ଲାମାନେ ତାଙ୍କ ତରଫରୁ ଛାଡ଼ିଯିବାକୁ ଥିବା ସମ୍ପୂର୍ଣ୍ଣ ବିଖଣ୍ଡିତ ରାଷ୍ଟ୍ର ଓ ସମାଜଗୁଡ଼ିକରେ ସ୍ଥିରତା ଆଣିବା କଷ୍ଟକର ହେବ। ଏକଛତ୍ରବାଦ ଶାସନର ପତନ ହିଁ କେବଳ ଏକ ଅତ୍ୟନ୍ତ କଠିନ ଗଣତାନ୍ତ୍ରିକ କାର୍ଯ୍ୟ ବହନ କରିବ।

ଚେୟାରପର୍ଶନ ଇନ୍ ଜିଓପଲିଟିକ୍ସ,
ଫରେନ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଆମେରିକା

# ହାର୍ ମାନିବା ନାହିଁ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ନିରନ୍ତର ସାଧନା ଓ ପ୍ରଚେଷ୍ଟା ପରେ ମଧ୍ୟ ବେଳେବେଳେ କାର୍ଯ୍ୟରେ ସଫଳତା ମିଳି ନ ଥାଏ। ଏଭଳି କ୍ଷେତ୍ରରେ ବ୍ୟକ୍ତି ନିରାଶ ହୋଇ ଚେଷ୍ଟା ଛାଡ଼ିଦିଏ କିମ୍ବା ହାର୍ ମାନିଯାଏ। କାର୍ଯ୍ୟଟିକୁ ଅସମ୍ଭବ ମନେକରି ପଛଘୁଞ୍ଚା ଦିଏ ଅଥବା ଭାଗ୍ୟରେ ନାହିଁ ବୋଲି ମନକୁ ବୁଝେଇଦିଏ। ସତ କହିବାକୁ ଗଲେ, ଏହା ହିଁ ଥାଏ ପ୍ରକୃତ ପରୀକ୍ଷାର ବେଳ ; ଧୈର୍ଯ୍ୟ ଓ ଏକାଗ୍ରତାର ପରୀକ୍ଷା। ଯେଉଁ ବ୍ୟକ୍ତି ଧୈର୍ଯ୍ୟର ସହ ପୁଣିଥରେ ନୂଆ ଉତ୍ସାହ ନେଇ କାମ କରିବାକୁ ଇଚ୍ଛା କରେ, ସେ ପ୍ରତ୍ୟକ୍ଷ ଭାବରେ କାମଟିକୁ ପୂରା କରି ନ ପାରିଲେ ମଧ୍ୟ ପରୋକ୍ଷ ଭାବେ କାହାର ସାହାଯ୍ୟ ପାଇ କିମ୍ବା ସେ କାମଟିକୁ ଶେଷ କରିବାରେ ସଫଳ ହୁଏ। ଏହାକୁ ବୁଝାଇବାକୁ ଯାଇ ଗୋଟିଏ ଛୋଟ କାହାଣୀ।

ପୋଖରୀ କୂଳରେ ବସିଥିବା ଜଣେ ବ୍ୟକ୍ତି ଥରେ ପକ୍ଷୀଟିଏକୁ ବାରମ୍ବାର ପାଣିରେ ବୁଡ଼ି ଉଠିବାର ଦେଖିଲେ। ତାଙ୍କ ମନରେ ଘଟଣାଟି ବିଷୟରେ ଜାଣିବାକୁ କୌତୂହଳ ଜାତ ହେଲା। ସେ ଅତି ନିକଟକୁ ଯାଇ ପ୍ରକୃତ ଘଟଣାଟି ବୁଝି ଜାଣିପାରିଲେ ଯେ ପକ୍ଷୀର ଶାବକଟି ପୋଖରୀରେ ପଡ଼ିଯାଇଛି। ତାକୁ ରକ୍ଷା କରିବା ପାଇଁ ସେ ବାରମ୍ବାର ପାଣିରେ ପଶି ନିଜକୁ ଓଦା କରିବା ପରେ କୂଳକୁ ଆସି ପରରୁ ପାଣିଝାଡ଼ି ତାକୁ ଶୁଖାଇ ପୁଣି ପାଣିରେ ପଶୁଛି। ପକ୍ଷୀଟି ପୋଖରୀକୁ ଶୁଖାଇବାର ଅସମ୍ଭବ ପ୍ରୟାସରେ ଲିପ୍ତ ଅଛି। ଅସମ୍ଭବ ମନେହେଉଥିବା କାମଟିକୁ ସେ ନ ଥକି, ନ ହାରି କରିଚାଲିଛି। ଏହାପରେ ସେ ନିଜେ ଯାଇ ପକ୍ଷୀ ଶାବକକୁ ପାଣିରୁ ଉଦ୍ଧାର କଲେ। ପକ୍ଷୀ ପାଇଁ ଅସମ୍ଭବ ପ୍ରାୟ କାର୍ଯ୍ୟଟି ଅନ୍ୟ କାହା ଦ୍ୱାରା ସଫଳ ହେଲା, କାରଣ ତା'ର ନିରନ୍ତର ଚେଷ୍ଟା ଓ ପରିଶ୍ରମ ଭଦ୍ରବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କଲା ଏବଂ ସେ ସାହାଯ୍ୟ କଲେ।

କାହାଣୀ କହିବାର ଅଭିପ୍ରାୟ ଏହା ଯେ, ନିଜର ଚେଷ୍ଟା, ସାଧନା ବିଫଳ ହେଉଛି ଭାବି ନିରାଶ ହୋଇ ବସିପଡ଼ିଲେ କିମ୍ବା ଦୁଃଖରେ ଭାଙ୍ଗିପଡ଼ିଲେ ହେବନାହିଁ। ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଉପାୟରେ ପରିଶ୍ରମର ଫଳ ନିଶ୍ଚୟ ମିଳିଥାଏ। ପିଲାମାନେ କୌଣସି ପ୍ରତିଯୋଗିତା କିମ୍ବା ପରୀକ୍ଷାରେ ସଫଳତା ପାଇବାର କଥା ଉଦାହରଣ ରୂପେ ନିଆଯାଉ। ଅନେକ ସମୟରେ ବହୁତ ପଢ଼ି ମଧ୍ୟ ବିଫଳତାର ସ୍ୱାଦ ଚାଖିବାକୁ ହୋଇଥାଏ। ମାତ୍ର ସେଥିରେ ନିରୁତ୍ସାହିତ ନ ହୋଇ ଚେଷ୍ଟା ଜାରି ରଖିବାକୁ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଗୁରୁଜନମାନେ ପରାମର୍ଶ ଦେବା ଉଚିତ୍। ସ୍ନେହବୋଳା କଥା କେଇପଦ ସହିତ ଠିକ୍ ମାର୍ଗଦର୍ଶନ ସେମାନଙ୍କ ଆତ୍ମବିଶ୍ୱାସକୁ ବଢ଼ାଇବାର କ୍ଷମତା ରଖେ। ପରିଶ୍ରମର ମୂଲ୍ୟ ଯେ ଖୁବ୍‌ଶୀଘ୍ର ମିଳିବ, ଏହି ବିଶ୍ୱାସ ଜନ୍ମେଇବା ପାଇଁ ସେମାନଙ୍କ ପାଖରେ ସେପରି ସହୃଦୟ ବ୍ୟକ୍ତିଙ୍କ ଉପସ୍ଥିତିର ଆବଶ୍ୟକତା ନିଶ୍ଚିତରୂପେ ରହିଛି ଓ ରହିଥିବ। ୧୦୦୦ରୁ ଅଧିକ ଉଦ୍ଭାବନ କରିଥିବା ଥୋମାସ୍ ଏଡିସନଙ୍କୁ ପିଲାଦିନେ ଶିକ୍ଷକମାନେ ସ୍ୱଳ୍ପବୁଦ୍ଧିସମ୍ପନ୍ନ କହି ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ କରିଥିଲେ। ମାତ୍ର ତାଙ୍କ ମା' ନିଜେ ଘରେ ନିଜ ଉଦ୍ୟମରେ ତାଙ୍କୁ ଶିକ୍ଷା ଯୋଗାଇ ଦେଇଥିଲେ, ଯାହାର ପରିଣାମ ଆଜି ସମଗ୍ର ବିଶ୍ୱରେ ଥୋମାସ୍ ଏଡିସନ ଚର୍ଚ୍ଚିତ ଏବଂ ପୂରା ବିଶ୍ୱବାସୀ ତାଙ୍କ ଉଦ୍ଭାବିତ ଉପକରଣଗୁଡ଼ିକ ଦ୍ୱାରା ଉପକୃତ ହେଉଛନ୍ତି।

ଅସଫଳତା ଭୋଗିଥିବା ବ୍ୟକ୍ତି ଏହାକୁ ସଫଳତାର ବିରୋଧୀ ନ ଭାବି, ତା'ର ଗୋଟିଏ ଅଂଶ ଭାବିବା ଠିକ୍ ହେବ। ବାସ୍ତବରେ କହିବାକୁ ଗଲେ ସଫଳତା ଓ ଅସଫଳତା କେବଳ ଆମ ମନର ସ୍ଥିତି ମାତ୍ର। ଜୀବନରେ ଅନେକ ପରୀକ୍ଷା ଆସିବ ଏବଂ ପ୍ରତ୍ୟେକ ପରୀକ୍ଷାରେ ସଫଳ ହେବା ପାଇଁ ଆମେ ଚେଷ୍ଟିତ ରହିବା। ଏମିତି ବି ହେବ, ଆମକୁ ପଛରେ ପକେଇ ଅନ୍ୟ କିଏ ଜିତିଯିବ। ଏହାକୁ ନିଜର ପରାଜୟ ନ ଭାବି ଆହୁରି ଅଧିକ ପରିଶ୍ରମ କରିବା ଉଚିତ। କାରଣ ଆମର ପରାଜୟ ତେବେ ହୁଏନାହିଁ, ଯେବେ ଅନ୍ୟ ଜଣେ ଜିତିଯାଏ। ବରଂ ସେତେବେଳେ ହୁଏ, ଯେବେ ଆମେ ନିଜେ ପରାଜୟ ସ୍ୱୀକାର କରୁ। ଠିକ୍ ସେହିପରି ଜଣେ ବ୍ୟକ୍ତି ସେତେବେଳେ ଅସଫଳ ହୁଏ ନାହିଁ, ଯେବେ ସେ ତା'ର ଲକ୍ଷ୍ୟକୁ ପାଇପାରେ ନାହିଁ, ବରଂ ସେ ସେତେବେଳେ ଅସଫଳ ହୁଏ, ଯେବେ ସେ ଚେଷ୍ଟା କରିବା ହିଁ ବନ୍ଦ କରିଦିଏ। ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. କଲାମ କହିଥିଲେ, ''ଜଣେ ସଫଳତାର କାହାଣୀ ପଢ଼ିଲେ କେବଳ ଏକ ବାର୍ତ୍ତା ପାଇବ, କିନ୍ତୁ ଅସଫଳତାର କାହାଣୀ ପଢ଼ିଲେ ସଫଳତା ପାଇବା ପାଇଁ କିଛି ଧାରଣା ପାଇ ପାରିବ। ସଫଳତା ପାଇବାକୁ ହେଲେ ଅସଫଳତାର ଅନୁଭୂତି ମଧ୍ୟ ରହିଥିବା ଆବଶ୍ୟକ।''

ଏଣୁ ଅକୃତକାର୍ଯ୍ୟ ହେଲେ କିମ୍ବା ବିଫଳତା ଲାଭକଲେ ସେଥିରେ ମ୍ରିୟମାଣ ନ ହୋଇ ପୁଣିଥରେ ସେହି କାମକୁ ନୂଆ ଉପାୟରେ କରିବାର ପ୍ରୟାସ କରିବାକୁ ହେବ। ଭାବିବାକୁ ହେବ ଯେ ଏହା ଭାଙ୍ଗିପଡ଼ିବା ନୁହେଁ ବରଂ ସଳଖି ଠିଆହେବାର ବେଳ। ମନେ ରଖିବାକୁ ହେବ ଯେ, ଆମେ ଜୀବନ ତମାମ୍ ଚେଷ୍ଟା କରିଚାଲିଥିବା ଏବଂ କେବେହେଲେ ହାର୍ ମାନିବା ନାହିଁ। ହାର୍ ସ୍ୱୀକାର କରିବା ବନ୍ଦ କରିଦେଲେ ସଫଳତା ନିଶ୍ଚୟ ଦିନେ ହାତ ବଢ଼େଇ ପାଖକୁ ଡାକିବ।

ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସୋଲାର ବା ସୌରଶକ୍ତିକୁ ବିକଳ୍ପ ଭାବେ ବ୍ୟବହାର କରିବାରେ ଚେତନ ସୋଲାଙ୍କିଙ୍କ ପ୍ରୟାସ ପ୍ରଶଂସନୀୟ। ବରୱାନୀ ନିବାସୀ ସୋଲାଙ୍କି ଆଇଆଇଟି ମୁମ୍ବାଇର ଜଣେ ପ୍ରଫେସର । ସେ ଲୋକମାନଙ୍କ ମଧ୍ୟରେ ସୌରଶକ୍ତିର ଗ୍ରହଣୀୟତା ବଢ଼ାଇବା ପାଇଁ 'ଶକ୍ତି ସ୍ୱରାଜ ଯାତ୍ରା' ଆରମ୍ଭ କରିଛନ୍ତି। ଏକ ସୌର ଚାଳିତ ବସ୍‌ରେ ମଧ୍ୟପ୍ରଦେଶରୁ ସେ ଏହି ଯାତ୍ରା ଆରମ୍ଭ କରି ସାରାଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ସୋଲାଙ୍କିଙ୍କୁ 'ସୋଲାର ଗାନ୍ଧୀ' କୁହାଯାଉଛି। ସେ ୟୁରୋପରେ ଅକ୍ଷୟ ଶକ୍ତି ଉପରେ ଗବେଷଣା କରି ୨୦୦୪ରେ ଭାରତ ଫେରିବା ପରେ ସେ ଉକ୍ତ ବିଷୟରେ ଲୋକଙ୍କୁ ସଚେତନ କରିବାକୁ ଯୋଜନା କରିଥିଲେ। ପ୍ରଫେସର ଥିବାବେଳେ ସେ ୧୧ ବର୍ଷ ଧରି ଅସ୍ଥାୟୀ ବସ୍‌ରେ ଦେଶ ଭ୍ରମଣ କରିବା ସମୟରେ ଅକ୍ଷୟ ଶକ୍ତି ସମ୍ପର୍କରେ କ୍ଲାସ ଆୟୋଜନ କରୁଥିଲେ ଓ ଲୋକମାନଙ୍କୁ ପରିବେଶ ସହନୀୟ ଜୀବନଶୈଳୀର ମହତ୍ତ୍ୱ ସମ୍ପର୍କରେ ଶିକ୍ଷା ଦେଉଥିଲେ। ଏବେ ଅବୈତନିକ ଛୁଟିରେ ରହି ସୋଲାର ବସ୍‌ରେ ୨୦୨୦ରୁ 'ଶକ୍ତି ସ୍ୱରାଜ ଯାତ୍ରା' ଆରମ୍ଭ କରିଛନ୍ତି। ଏହା ୨୦୩୦ ଯାଏ ଚାଲିବ। ଏହି ବସ୍‌ରେ ୮ଟି ସୋଲାର ପ୍ୟାନେଲ ଲାଗିଛି। ଏଯାବତ୍ ସେ ସାରା ଦେଶରେ ଜଳବାୟୁ ସମ୍ପର୍କିତ ୬୦୦ କ୍ଲାସ୍ କରିସାରିଲେଣି। ସେ ମଧ୍ୟପ୍ରଦେଶର ଏକ ଗାଁରେ ଗୋଟିଏ ସ୍କୁଲ୍ ଆରମ୍ଭ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ସୌରଶକ୍ତିରେ ଚାଲୁଛି। ସେଠାରେ ସେ ଗ୍ରାମବାସୀଙ୍କୁ ସୋଲାର ଲାଣ୍ଟିନ ତିଆରି କରିବା କୌଶଳ ଶିକ୍ଷା ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୯ ସେପ୍ଟେମ୍ବର ୧୯୯୭**

- ବାଂଲାଦେଶ ଉପକୂଳରେ ପ୍ରବାହିତ ହୋଇଥିବା ଭୀଷଣ ସାମୁଦ୍ରିକ ଝଡ଼ ପ୍ରଭାବରେ ୩୦୦ ଧୀବରଙ୍କ ମୃତ୍ୟୁ ଆଶଙ୍କା।
- ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପାଞ୍ଚଳରେ ଭୂମିକମ୍ପ ଘଟି ୧୨ ମୃତ।
- ଚାନ୍ଦିପୁରଠାରେ ଥିବା ଅନ୍ତରୀଣ କ୍ଷେପଣାସ୍ତ୍ର ଘାଟିରେ କମାଣ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ନାଗ'ର ସଫଳ ପରୀକ୍ଷଣ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 3 | | 7 | | | | | 8 |
| 7 | | | 2 | | 3 | | | |
| 8 | | | | | | | | 5 |
| | | | | | | 8 | 9 | 6 |
| | 5 | | | | | | | |
| | | | | 9 | | 4 | | |
| | | | | | 4 | 2 | 6 | 1 |
| | 2 | | | | | | | |
| 9 | | | 6 | | 5 | 3 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 2 | 8 | 1 | 6 | 5 | 7 |
| 8 | 2 | 7 | 4 | 5 | 6 | 1 | 9 | 3 |
| 5 | 6 | 1 | 9 | 3 | 7 | 2 | 8 | 4 |
| 6 | 9 | 4 | 8 | 1 | 2 | 7 | 3 | 5 |
| 7 | 5 | 2 | 3 | 6 | 4 | 8 | 1 | 9 |
| 3 | 1 | 8 | 5 | 7 | 9 | 4 | 2 | 6 |
| 1 | 4 | 3 | 7 | 2 | 5 | 9 | 6 | 8 |
| 9 | 8 | 6 | 1 | 4 | 3 | 5 | 7 | 2 |
| 2 | 7 | 5 | 6 | 9 | 8 | 3 | 4 | 1 |

ଗତ କାଲିର ଉତ୍ତର

# ଶିକ୍ଷା କାଲିର ଓ ଆଜିର



ବୈକୁଣ୍ଠନାଥ ମିଶ୍ର

'କାଖରେ ପୋଥି ଯାକି ଚାଲଇ ଚାଟ-ଦିଶଇ କିସୁନ୍ଦର ଗ୍ରାମର ବାଟ' ଶିଶୁ ସାହିତ୍ୟିକଙ୍କର ଏ କବିତାଂଶଟି ମଧ୍ୟରେ ଶିଶୁମାନଙ୍କର ବିଦ୍ୟାଳୟ ଗମନର ଅଭିନବ ପରିପାଟୀ ପରିସ୍ଫୁଟ। ବହିଖାତା ଭର୍ତ୍ତି ବସ୍ତାନି ଧରି ଖରା, ବର୍ଷା ଓ ଶୀତକାକରକୁ ଭ୍ରୂକ୍ଷେପ ନ କରି ବିଦ୍ୟାଳୟ ଗମନର ସାମୂହିକ ମନୋମୁଗ୍ଧକର ରୂପଲାବଣ୍ୟର ସଂଦର୍ଶନରେ ଦର୍ଶକର ମନ ଆପେ ଆପେ ପୁଲକିତ ହେଉଥିଲା। ସ୍ୱର୍ଗୀୟ ସୁଷମାର ଗନ୍ତାଘର ଏଇ କୁନିକୁନି ପିଲାମାନେ ଗାଁ ଦାଣ୍ଡରେ ଧୂଳି ଉଡ଼ାଇ ଯାଉଥିବାର ଦୃଶ୍ୟ ବାସ୍ତବରେ ହୃଦୟସ୍ପର୍ଶୀ। ନିଷ୍ପାପ ନିଷ୍କଳଙ୍କ ହୃଦୟ, କୋମଳମନ, ଶାନ୍ତବିଷାଦହୀନ ମୁଖମଣ୍ଡଳରେ ଭବିଷ୍ୟତର ସମୁଜ୍ଜ୍ୱଳ ଭାଗ୍ୟଲିପିକୁ ବହନକରି ଛନ୍ଦାୟିତ ପଦନିକ୍ୱଣରେ ବିଦ୍ୟାଳୟ ଗମନର ଦୃଶ୍ୟ ପଥଚାରୀର ଦୃଷ୍ଟି ଆକର୍ଷଣର ଥିଲା ଏକ ମନୋଜ୍ଞ ଆଧାର। ସାଙ୍ଗସାଥୀଙ୍କ ସହ କେବେ କଲିଗୋଳ, ରାଗରୁଷା ତ କେବେ ପାଠ୍ୟ ପ୍ରସ୍ତୁତିରେ ବ୍ୟତିକ୍ରମଜନିତ ଗୁରୁଙ୍କର କଠିନ ଦଣ୍ଡର ସମ୍ଭାବନାକୁ ନେଇ ଭୀତତ୍ରସ୍ତ ମନରେ ବିଦ୍ୟାଳୟରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଉପସ୍ଥିତ ହେବାର ପ୍ରତିଯୋଗିତା ବାସ୍ତବିକ ଅବିସ୍ମରଣୀୟ। ଗୁରୁ ମଧ୍ୟ କଳାପଟା ଓ ଧଳାଚକ୍ ଅର୍ଥାତ ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌ର ଏଇ ଅମୂଲ୍ୟ ଉପକରଣକୁ ନେଇ ଗଢୁଥିଲେ ଛାତ୍ରର ରଙ୍ଗିନ ଭବିଷ୍ୟତ। ସାଧାରଣ ପୋଷାକ ପରିହିତ ଗୁରୁ ମନରେ ନା ଥିଲା କିଛି ପ୍ରାପ୍ତିର ଲାଳସା ନା ପଦୋନ୍ନତି ଅବା ବେତନ ବୃଦ୍ଧିର ଚିନ୍ତା। ଜୀବନରେ ନାନା ଅର୍ଥକରୀ ଚାକିରିର ମୋହ ତ୍ୟାଗକରି ଆପଣେଇ ନେଇଥିଲେ ମଣିଷ ଗଢ଼ାର ଏ ମହତ୍ କର୍ମକୁ।

ଆଜି କିନ୍ତୁ ସମୟ ବଦଳିଛି। ପିଲାମାନଙ୍କର ଗାଁଦାଣ୍ଡର ଧୂଳିରେ ଅବା ବିଲଭୂଇଁର କାଦୁଆ ହିଡ଼ରେ ବିଦ୍ୟାଳୟ ଗମନର ସେ ଦୃଶ୍ୟ ଆଜି ବିରଳ। ଘରୋଇ ବିଦ୍ୟାଳୟଗୁଡ଼ିକର ପର୍ଯ୍ୟାପ୍ତ ଉପସ୍ଥିତି ପ୍ରଭାବିତ କରିଛି ପାରମ୍ପରିକ ଶିକ୍ଷାନୁଷ୍ଠାନଗୁଡିକୁ। ସରକାରୀ ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଥିବାବେଳେ ଘରୋଇ ସ୍କୁଲରେ ଏହା ବୃଦ୍ଧି ପାଇଚାଲିଛି। ୨୦୦୭-୦୮ରେ ସରକାରୀ ସ୍କୁଲରେ ୪୩ଲକ୍ଷ ୯୨ହଜାର ପ୍ରାଥମିକ ସ୍ତରରେ ନାମଲେଖାଇ ଥିବାବେଳେ ଘରୋଇ ସ୍କୁଲରେ ନାମ ଲେଖାଇଥିଲେ ୨ଲକ୍ଷ ୨୨ହଜାର। ୨୦୧୪-୧୫ ଶିକ୍ଷାବର୍ଷ ବେଳକୁ ସରକାରୀ ପ୍ରାଥମିକ ସ୍କୁଲରେ ୪୨ଲକ୍ଷ ୨୦ହଜାର ପିଲା ନାମଲେଖାଇ ଥିବାବେଳେ ଘରୋଇ ସ୍କୁଲରେ ନାମ ଲେଖାଇଥିଲେ ୪ଲକ୍ଷ ୭୭ହଜାର, ଯାହା ୨୦୦୭-୦୮ ତୁଳନାରେ ଦୁଇଗୁଣରୁ ଅଧିକ। ବର୍ତ୍ତମାନ ଘରୋଇ ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ୨୦୧୪-୧୫ରୁ ଦୁଇଗୁଣ ହୁଅନ୍ତାଣି। କିନ୍ତୁ ସରକାର ଗତବର୍ଷ ଯେଉଁ ଘୋଷଣା କଲେ ଯେ ସରକାରୀ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନଙ୍କୁ ଡାକ୍ତରୀ ତଥା ଅନ୍ୟାନ୍ୟ ବୈଷୟିକ ଶିକ୍ଷା କ୍ଷେତ୍ରରେ ଶତକଡ଼ା ୧୦ସିଟ୍ ସଂରକ୍ଷିତ ରଖାଯିବ। ଫଳରେ ଘରୋଇ ଶିକ୍ଷାନୁଷ୍ଠାନରେ



ନାମଲେଖା ସାମାନ୍ୟ ଧିମେଇ ଯାଇଛି।

ପ୍ରତ୍ୟୁଷରୁ ଅଟୋ କିମ୍ବା ସ୍କୁଲ ବସ୍‌ରେ ଭର୍ତ୍ତି ହେବା ଓ ପଶୁ ଭଳି ବୁହାହୋଇ ବିଦ୍ୟାଳୟରେ ପହଞ୍ଚିବାର ସେ ଦୁଃଖ କୋମଳମତି ଶିଶୁଟି ଭିନ୍ନ କିଏ ବୁଝିପାରିବ ? ମା' ବାପାଙ୍କର ପିଲା ଉପରେ ଅକଥନୀୟ ଚାପ ସେମାନଙ୍କୁ ଅଧିକ ଭାରାକ୍ରାନ୍ତ କରୁଛି। ମୋ ଝିଅ ବା ପୁଅ ସ୍ମାର୍ଟ ହେଉ- ଶିକ୍ଷା ଓ ଆନୁଷଙ୍ଗିକ ସମସ୍ତ ପ୍ରତିଯୋଗିତାରେ ପ୍ରଥମ ହେଉ- ଏପରି ଏକ ଦୂରାକାଂକ୍ଷିତ ଅଭିଳାଷ ଶିଶୁର ସୁସ୍ଥ ମାନସିକତାକୁ କିପରି ବିଦୀର୍ଣ୍ଣ କରୁଛି, ସେକଥା ଚିନ୍ତାକରିବାର ଅବକାଶ ସ୍ୱପ୍ନ ବିଭୋର ମାତାପିତାଙ୍କ ନିକଟରେ ନାହିଁ। ଘରଠାରୁ ବିଦ୍ୟାଳୟ ଯାଏ ସବୁଠି ଉକ୍ଟ କଟକଣା। ଶିକ୍ଷା ପ୍ରତି ଶିଶୁର ସହଜାତ ଆବେଗକୁ ଏକ ପ୍ରକାର ହତ୍ୟାକରାଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଶୈଶବରେ ପିଲାମାନଙ୍କୁ ଏତେ ନଷ୍ପେଷଣର ସମ୍ମୁଖୀନ ହେବାକୁ ପଡୁଛି ଯେ ଭବିଷ୍ୟତରେ କୌଣସି ଗୁରୁଦାୟିତ୍ୱ ସମ୍ପାଦନ ସମୟରେ ସେମାନଙ୍କଠାରେ ମାନବିକ ମୂଲ୍ୟବୋଧର ଅଭାବ ରହୁଛି। ଡାକ୍ତର ହୁଅନ୍ତୁ ଅବା ପ୍ରଶାସନିକ ଅଧିକାରୀ ଅନ୍ୟର ଦୁଃଖ ପାଇଁ ସମ୍ପୂର୍ଣ୍ଣ ଉଦାସୀନ। ଶୈଶବରେ ମୁକ୍ତ ଚିନ୍ତନରୁ ବଞ୍ଚିତ କରି ଓ ଅନ୍ୟମାନଙ୍କଠାରୁ ସେମାନଙ୍କୁ ଦୂରେଇ ରଖିବାର ପରିଣତି ସେମାନଙ୍କୁ ଏକପ୍ରକାର ସହାନୁଭୂତି ବିହୀନ କରିଦେଉଛି। ବେଳେବେଳେ ବୃଦ୍ଧ ମାତାପିତାଙ୍କ ପାଇଁ ମଧ୍ୟ ସେମାନଙ୍କ ନିଷ୍ଠୁରତା ଚରମ ସୀମାରେ ପହଞ୍ଚିଛି।

ଆଜି ବିଦ୍ୟାଳୟର ଭିତ୍ତିଭୂମି ସରସ ସୁନ୍ଦର ହୋଇଛି। ପାଠ୍ୟପୁସ୍ତକ, ଡେସ୍କବେଞ୍ଚ ଯୋଗାଣ, ଉନ୍ନତ ଶ୍ରେଣୀଗୃହ ନିର୍ମାଣ, ବିଦ୍ୟୁତୀକରଣ, କମ୍ପ୍ୟୁଟର ଯୋଗାଣ, ମଧ୍ୟାହ୍ନଭୋଜନ, ସାଇକେଲ ଯୋଗାଣ ଓ ଅବୈତନିକ ଶିକ୍ଷାବ୍ୟବସ୍ଥା ସତ୍ତ୍ୱେ ଶିକ୍ଷାଦାନ ଆଶାନୁରୂପ ସଫଳତା ହାସଲ କରିପାରୁ ନାହିଁ। ପ୍ରତି ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ, ପ୍ରତି ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ଓ ପ୍ରାୟ ପ୍ରତି ବ୍ଲକ୍‌ରେ ମହାବିଦ୍ୟାଳୟ ଗଢ଼ିଉଠିଥିଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟି କୋଣରୁ ଶିକ୍ଷା ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ। ପ୍ରତିବର୍ଷ ୨-୩ ଶତାଂଶ ପିଲା ଅଧାରୁ ପାଠ ଛାଡୁଛନ୍ତି (ଡ୍ରପ୍‌ଆଉଟ୍)। ଏକ ସର୍ବେକ୍ଷଣ ଅନୁସାରେ କନ୍ଧମାଳ ଜିଲାରେ ଡ୍ରପ୍‌ଆଉଟ୍ ସଂଖ୍ୟା ସର୍ବାଧିକ ଅର୍ଥାତ ବାର୍ଷିକ ୧୮.୪୯ ଶତାଂଶ। ଯେଉଁମାନେ ବି ନିୟମିତ ବିଦ୍ୟାଳୟକୁ ଆସୁଛନ୍ତି ସେମାନଙ୍କ ମଧ୍ୟରୁ ଏକ ବୃହଦାଂଶ ନିଜଶ୍ରେଣୀ ପାଇଁ ଅଯୋଗ୍ୟ। ତୃତୀୟ ଶ୍ରେଣୀ ପିଲା ଓଡ଼ିଆ ପଢ଼ିପାରୁନାହିଁ। ସପ୍ତମ ଶ୍ରେଣୀ ପିଲା ଶୁଦ୍ଧ ଓଡ଼ିଆ ବାକ୍ୟଟିଏ ଲେଖିପାରୁ ନାହିଁ। ଅଥଚ ମାଟ୍ରିକ ପରୀକ୍ଷାରେ ସେହି ପିଲା ଓଡ଼ିଆରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିବା ଆଶ୍ଚର୍ଯ୍ୟର କଥା ନୁହେଁକି ? ଗତ ମାଟ୍ରିକ ପରୀକ୍ଷାରେ ଓଡ଼ିଆରେ କିଛିପିଲା ଶତ ପ୍ରତିଶତ ନମ୍ବର ରଖିଛନ୍ତି। ଆମ ସମୟରେ ଅତି ମେଧାବୀ ଛାତ୍ର ଏପରିକି ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ପିଲା ଓଡ଼ିଆ ମାତୃଭାଷାରେ ୭୦ପ୍ରତିଶତ ନମ୍ବର ରଖିବା କଷ୍ଟକର ଥିଲା। ଅଧିକ ନମ୍ବର ରଖିବା ଭଲକଥା ; କିନ୍ତୁ ତଦନୁଯାୟୀ ଗୁଣାତ୍ମକ ବିକାଶ ସାଧିତ ହେବା ଉଚିତ।

ଗାନ୍ଧିଜୀଙ୍କ ଭାଷାରେ ଶିକ୍ଷା ଛାତ୍ରର ସାମଗ୍ରିକ ବିକାଶ ଅର୍ଥାତ-ଶାରୀରିକ, ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ବିକାଶକୁ ବୁଝାଏ। ଅଧିକ ନମ୍ବର ରଖି ଉଚ୍ଚ ପଦବୀ ମଣ୍ଡନ କଲେ ମଧ୍ୟ ଯଦି ଚାରିତ୍ରିକ ଶୁଦ୍ଧତା ନାହିଁ, ତେବେ ତାକୁ ପୂର୍ଣ୍ଣାଙ୍ଗ ଶିକ୍ଷା କୁହାଯାଇପାରିବ ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ-୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଗତ ଓ ଜିନ୍ଦାବାଦ୍‌ରେ ବହୁ କୋଟି ବ୍ୟୟ

ମହାଶୟ,

ଓଡ଼ିଶା ହେଉଛି ଏକ ଗରିବ ରାଜ୍ୟ। ବର୍ତ୍ତମାନ ରାଜ୍ୟବାସୀଙ୍କ ମୁଣ୍ଡ ଉପରେ ରାଜ୍ୟ ସରକାରଙ୍କ ମୋଟ ଋଣ ଭାର ପ୍ରାୟ ୧ ଲକ୍ଷ ୩୦ ହଜାର କୋଟି ଟଙ୍କା ; ଯାହା କି ଆମ ରାଜ୍ୟର ମୋଟ ଘରୋଇ ଉତ୍ପାଦର ପ୍ରାୟ ୧୬.୫% । ଏଥିପାଇଁ ଅନାବଶ୍ୟକ ଖର୍ଚ୍ଚ କାଟ କରି ରାଜ୍ୟର ଋଣଭାରକୁ ଯଥାସମ୍ଭବ କମ୍ କରିବା ଲାଗି ପ୍ରୟାସ କରିବା କଥା ; କିନ୍ତୁ ତାହା କରାଯାଉ ନାହିଁ। ଧନୀ ଦରିଦ୍ର ନିର୍ବିଶେଷରେ ବିଭିନ୍ନ ଯୋଜନାର ଲକ୍ଷ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ବାଣ୍ଟି ଦିଆଯାଉଛି। ଉଦ୍ଦେଶ୍ୟ ହେଉଛି ସବୁଦିନ କ୍ଷମତାରେ ରହିବା। ଏଠାରେ ଉଲ୍ଲେଖଯୋଗ୍ୟ, ବିଭିନ୍ନ ସମୟରେ ଓଡ଼ିଶାର ବହୁ ନେତା ମନ୍ତ୍ରୀ ହେବା ପରେ କିମ୍ବା କେହି ପୁରସ୍କୃତ ହୋଇ ଓଡ଼ିଶା ଆସିଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଉଛି। ଓଡ଼ିଶାର କୋଣ ଅନୁକୋଣରୁ ଲୋକମାନଙ୍କୁ ଆଣିବାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ଏହି ଟଙ୍କା ଦଳୀୟ ଧନ କିମ୍ବା କଳାଧନ ହୋଇପାରେ। ଜନତାଙ୍କ ସମୟ ବରବାଦ ହେବା ସହିତ ସେମାନଙ୍କୁ ମାନସିକ ଓ ଶାରୀରିକ କଷ୍ଟ ମଧ୍ୟ ଦିଆଯାଉଛି। ଏଭଳି ପ୍ରହସନ ବନ୍ଦ ହେବା ଉଚିତ।

– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯୁଗେ ଯୁଗେ କେତେ କଥା
ଆସିଛି ସେ କହି
କେତେ ମୁଖେ ନବ ନବ
ରୂପ ରସ ବହି।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ


କାଜଲ

# ଚାନ୍ଦମାମା ଦେଲା ପରିଚୟ

ତାମିଲ ହେଉ କି ତେଲୁଗୁ-କାଜଲ ଅଗ୍ରୱାଲ ସେଠାରେ କେତେ ଲୋକପ୍ରିୟ ତାହା କହିବା ଅନାବଶ୍ୟକ। ଇତିମଧ୍ୟରେ ୧୫ ବର୍ଷ ବିତିଗଲାଣି। ନିଜର ଅଭିନୟ ଦକ୍ଷତା ବଳରେ ସେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମ 'ଲକ୍ଷ୍ମୀ କଲ୍ୟାନମ୍' ୨୦୦୭ରେ ରିଲିଜ୍ ହୋଇଥିଲା। କିନ୍ତୁ ସେହି ବର୍ଷ ପରଦା ଉପରକୁ ଆସିଥିବା ତେଲୁଗୁ ଚିତ୍ର 'ଚାନ୍ଦମାମା' ତାଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିଦେଇଥିଲା। ତେଲୁଗୁ ଆକ୍ସନ ଫିଲ୍ମ 'ମଗଧୀରା' ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଏହାର ଆଶାତୀତ ସଫଳତା ତାଙ୍କ ଉପରେ ଅଜାଡ଼ି ଦେଇଥିଲା ପ୍ରଶଂସା ଉପରେ ପ୍ରଶଂସା। ଏହାଭିତରେ କାଜଲ ପ୍ରାୟ ୫୦ଟି ସିନେମାରେ ଭିନ୍ନ ଭିନ୍ନ ଚରିତ୍ରରେ ଅବତୀର୍ଣ୍ଣ ହୋଇସାରିଛନ୍ତି, ହେଲେ 'ଚାନ୍ଦମାମା'ର ସଫଳତାକୁ ଏବେ ବି ବଖାଣି ବସନ୍ତି ଏହି ଅଭିନେତ୍ରୀ। ହିନ୍ଦୀ ସିନେମା 'କ୍ୟୁଁ ହୋଗୟା ନା', 'ସିଂଘମ୍', 'ସ୍ପେଶାଲ ୨୬', 'ଦୋ ଲଫଜୋନ୍ କି କାହାନୀ', 'ଫାଇନାଲ କଟ୍ ଅଫ୍ ଡାଇରେକ୍ଟର' ଏବଂ 'ମୁମ୍ବାଇ ସାଗା'ରେ ସେ ଅଭିନୟ କରିସାରିଛନ୍ତି।

## ଭୁଲନ୍ତି ନାହିଁ ବରୁଣ


ବରୁଣ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ସେ ଅଭିନୟ କରିଥିବା ପ୍ରତିଟି ସିନେମା ପରଦା ଉପରକୁ ଆସିବା ପୂର୍ବରୁ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଫିଲ୍ମଟିର ରିଲିଜ ଦିନ ଭୋରୁ ସେ ଯେମିତି ହେଲେ ନିକଟସ୍ଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ମନ୍ଦିର ଯିବା ମୋର ପିଲାଟି ଦିନରୁ ଅଭ୍ୟାସ। ମୁଁ ଅଭିନୟ କରିବାକୁ ଯାଉଥିବା କୌଣସି ନୂଆ ସିନେମାର ଶୁଟିଂ ପୂର୍ବରୁ ଯେମିତି ହେଲେ ମନ୍ଦିର ଯାଏ। କାରଣ ଠାକୁରଙ୍କ ଆର୍ଶୀବାଦ ବିନା କିଛି ସମ୍ଭବ ନୁହେଁ ବୋଲି ଦୃଢ଼ ବିଶ୍ୱାସ ରହିଛି।' ଯେତେବେଳେ ସେ ଆମେରିକାର ନଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରେ ପଢ଼ୁଥିଲେ ସେତେବେଳେ ପକେଟ୍‌ମନି ପାଇ ବରୁଣ ନାଇଟ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ। ମେକ୍‌ଅପ୍ ନେବା ସମୟରେ ନିଜର କେଶ ବିନ୍ୟାସ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି ସେ। ବେଳେବେଳେ ସେ ଏଥିପାଇଁ ଘଣ୍ଟାଏରୁ ଅଧିକ ସମୟ ନେଇଥାଆନ୍ତି। ବରୁଣଙ୍କ ନିକ୍ ନେମ୍ ପପୁ।

## ଟାଇଟଲ ପାଇଁ ଟେନ୍‌ସନ


ଶ୍ରଦ୍ଧା

ଶ୍ରଦ୍ଧା କପୁର ଗୋଟିଏ କଥାକୁ ନେଇ ଟେନସନ୍‌ରେ। କ'ଣ ପାଇଁ ଜାଣନ୍ତି ? ବର୍ତ୍ତମାନ ସେ ଲଭ୍ ରଞ୍ଜନଙ୍କ ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରୁଛନ୍ତି। ଏକ ଦ୍ୱିପାକ୍ଷିକ ପ୍ରେମକାହାଣୀକୁ ଆଧାର କରି ଏହାର କାହାଣୀ ଗତିଶୀଳ। ହେଲେ ଚିତ୍ରଟିର ଟାଇଟଲ କ'ଣ ହେବ ତାହା ଫାଇନାଲ ହୋଇପାରୁନାହିଁ। ଆଉ ଏତିକିବେଳେ ନିର୍ଦ୍ଦେଶକଙ୍କୁ ଏକ ଆଇଡିଆ ଦେଇଥିଲେ ଶ୍ରଦ୍ଧା। ଏ ନେଇ ସେ କହନ୍ତି, 'ଥରେ ଶୁଟିଂ ସମୟରେ ନିର୍ଦ୍ଦେଶକ ଟେନସନ୍‌ରେ ଥିବା ପରି ମୋତେ ଲାଗିଲେ। ଏତିକି ବେଳେ ମୁଁ ତାଙ୍କ ନିକଟକୁ ଯାଇ ତାହାର କାରଣ ପଚାରିଥିଲି। ଟାଇଟଲକୁ ନେଇ ସେ ଚିନ୍ତାରେ ଥିବା କଥା କହିଥିଲେ। ସେତିକିବେଳେ ମୁଁ ଏଥିପାଇଁ ଏକ ଆଟ୍ରାକ୍ଟିଭ ଟାଇଟଲ ଖୋଜିଦେବି ବୋଲି କହିଥିଲି। ଏବେ ସେହି କାମରେ ନିଜକୁ ବ୍ୟସ୍ତ ରଖିଛି। ମୋର ଆଶା କିଛି ଦିନ ମଧ୍ୟରେ ମୋତେ ଏଥିରେ ସଫଳତା ମିଳିଯିବ।' ଏହି ଫିଲ୍ମରେ ତାଙ୍କ ସହ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରଣବୀର କପୁର। ରଣବୀର-ଶ୍ରଦ୍ଧାଙ୍କ ବ୍ୟତୀତ ବୋନି କପୁର ଏବଂ ଡିମ୍ପଲ କାପାଡିଆ ମଧ୍ୟ ଏଥିରେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ୮ରେ ମୁକ୍ତିଲାଭ କରିବ। ତେବେ ନିଜ ସିନେମା ପାଇଁ ଶ୍ରଦ୍ଧା କେଉଁଭଳି ଟାଇଟଲ ଚୟନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଏବର୍ଷ ପୂଜା ବଜାରରେ ଓଡ଼ିଆ ସିନେମା

"ଓଡ଼ିଆ ସିନେମାର ନିର୍ମାଣଧାରା ସତେଯେମିତି ଶିଥିଳ ହୋଇଯାଇଛି। ଓଟିଟି ଫର୍ମାଟ୍‌ରେ ସିନେମା ମୁକ୍ତିଲାଭ କରିବା ମଧ୍ୟ ନୈରାଶ୍ୟଜନକ। କେବଳ ଭୁବନେଶ୍ୱର ଏବଂ କଟକକୁ ବାଦ୍ ଦେଲେ ଆମ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ଅନେକ ପ୍ରେକ୍ଷାଳୟର ଅବସ୍ଥା ନ କହିବା ଭଲ। ଓଡ଼ିଆ ସିନେମାକୁ ପୁଣିଥରେ ପୂର୍ବ ଧାରାକୁ ଫେରାଇ ଆଣିବାକୁ କେବଳ ପ୍ରଯୋଜକ, ନିର୍ଦ୍ଦେଶକ ନୁହନ୍ତି, କଳାକାର, ଦର୍ଶକ ଏପରି କି ସାଧାରଣ ଜନତାଙ୍କର ମଧ ସହଯୋଗର ଆବଶ୍ୟକତା ରହିଛି।"

ଚଳିତ ବର୍ଷ ଦୁର୍ଗାପୂଜା ଉପଲକ୍ଷେ ଓଡ଼ିଆ ସିନେମା ବଜାର ନିଷ୍କ୍ରିୟ ହେବା ଘଟଣା ସିନେପ୍ରେମୀଙ୍କୁ ମର୍ମାହତ କରିଛି। ସାଧାରଣତଃ ଦୁର୍ଗାପୂଜା, ରଜ, ନୂଆବର୍ଷରେ ଓଡ଼ିଆ ଚିତ୍ର ଜଗତ ସତେଯେମିତି ଚଳଚଞ୍ଚଳ ହୋଇଉଠେ। ଏହି ସମୟରେ ଦୁଇ-ତିନୋଟି ଏପରି କି ଏକାଥରେ ଚାରୋଟି ଫିଲ୍ମ ପରଦା ଉପରକୁ ଆସିବା ନଜିର ରହିଛି। ସେତେବେଳେ ବ୍ୟବସାୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୁଏ। ପୂର୍ବରୁ ପୂଜା ପାର୍ବଣରେ ଅନେକ ଫିଲ୍ମ ଭଲ ବିଜନେସ୍ କରିବାର ଉଦାହରଣ ମଧ୍ୟ ରହିଛି। ହେଲେ ଏବେ ଯେମିତି ଠିକ୍ ସମୟରେ ଓଡ଼ିଆ ସିନେମାର ମରୁଡ଼ି ଅନୁଭୂତ ହେଉଛି। କାରଣ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାମୀ କଳାକାରଙ୍କୁ ନେଇ ପ୍ରସ୍ତୁତ ସିନେମା ପୂଜା ବଜାରକୁ ଆହୁରି ସରଗରମ କରିଥାଏ। ହେଲେ ଏବର୍ଷ କେବଳ ଗୋଟିଏ ସିନେମା 'ତିତିଲି' ସେପ୍ଟେମ୍ବର ୩୦ରେ ରିଲିଜ୍ ହେବାକୁ ଯାଉଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ (ସେପ୍ଟେମ୍ବର ୨୯) ୨୩ଟି ଓଡ଼ିଆ ସିନେମା ରିଲିଜ୍ ହୋଇଛି। ଏବେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ବେଶ୍ ବିଚାରବିମର୍ଶ ଚାଲିଛି। ଓଡ଼ିଆ ସିନେମା ନିର୍ମାଣଧାରା ସତେଯେମିତି ଶିଥିଳ ହୋଇଯାଇଛି। ଓଟିଟି ଫର୍ମାଟ୍‌ରେ ସିନେମା ମୁକ୍ତିଲାଭ କରିବା ମଧ୍ୟ ନୈରାଶ୍ୟଜନକ। କେବଳ ଭୁବନେଶ୍ୱର ଏବଂ କଟକକୁ ବାଦ୍ ଦେଲେ ଆମ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ଅନେକ ପ୍ରେକ୍ଷାଳୟର ଅବସ୍ଥା ନ କହିବା ଭଲ। ଓଡ଼ିଆ ସିନେମାକୁ ପୁଣିଥରେ ପୂର୍ବ ଧାରାକୁ ଫେରାଇ ଆଣିବାକୁ କେବଳ ପ୍ରଯୋଜକ, ନିର୍ଦ୍ଦେଶକ ନୁହନ୍ତି, କଳାକାର, ଦର୍ଶକ ଏପରି କି ସାଧାରଣ ଜନତାଙ୍କର ମଧ୍ୟ ସହଯୋଗର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ଓଡ଼ିଶା ଚଳଚ୍ଚିତ୍ର ନିଗମ (ଓଏଫ୍‌ଡିସି) ମଧ୍ୟ ଆହୁରି ସକ୍ରିୟ ହେବା ଆବଶ୍ୟକ।

ବର୍ତ୍ତମାନ ଏ କଥା ମଧ୍ୟ କୁହାଯାଇପାରେ ଯେ, ଅଧିକାଂଶ ଓଡ଼ିଆ ସିନେମା ଏବେ ଦର୍ଶକଙ୍କୁ ପ୍ରଭାବିତ କରିବାରେ ବିଫଳ ହୋଇଛି। ଏହାର ଅନେକ କାରଣ ରହିଛି। ଭଲ କାହାଣୀ, ଚିତ୍ରନାଟ୍ୟ, ସଂଳାପ, ଗୀତ ଏବଂ ସର୍ବୋପରି ଅଭିନୟକୁ ଆଧାର କରି ଫିଲ୍ମଟିଏ ନିର୍ମାଣ ହେଲେ ତାହା ଦର୍ଶକଙ୍କ ମନକୁ ଛୁଇଁପାରିବ। କେବଳ ନିଜ ନାମ ପଛରେ ପ୍ରଯୋଜକ, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ ଲେଖିଦେଲେ ହେବନାହିଁ, ନିଜର କାମ ଅନ୍ୟମାନଙ୍କୁ ପ୍ରଭାବିତ କରିବା ନିହାତି ଦରକାର। କେବଳ ଆତ୍ମପ୍ରଚାର କଲେ ପ୍ରସ୍ତୁତ ଓଡ଼ିଆ ସିନେମାର ଅବସ୍ଥା କ'ଣ ହେବ ତାହାର ଅନେକ ଉଦାହରଣ ନିକଟ ଅତୀତରେ ରହିଛି। ଏବେ ଅନେକ ସିନେମା ରିଲିଜ୍ ହେଉଛି ହେଲେ କେତେକର ଭାଗ୍ୟ କେବଳ ପ୍ରିମିୟର ଶୋ'ରେ ସୀମିତ ହୋଇଯାଉଛି। ଦିନ ଥିଲା, ଓଡ଼ିଆ ଚଳଚ୍ଚିତ୍ର ଦୀର୍ଘ ଦିନ ଧରି ପ୍ରେକ୍ଷାଳୟରେ ଚାଲୁଥିଲା। ଦର୍ଶକ ସିନେମାଟିଏ ଦେଖିବାକୁ ସେଠାରେ ଭିଡ଼ ଜମାଉଥିଲେ। ହେଲେ ଏବେ ପ୍ରିମିୟର ଶୋ'ରେ ମଧ୍ୟ କାଉ ଉଡୁଥିବାର ଦେଖିବାକୁ ମିଳୁଛି। ଭଲ ସିନେମା ନିର୍ମାଣ ପ୍ରତି ମନ ଦେଲେ ତାହା ସଫଳ ହେବ। ଫିଲ୍ମଟିଏ ନିର୍ମାଣ କରିବାକୁ ନୂଆ ପ୍ରଯୋଜକ ମନ ବଳାଇବେ। ତେଣୁ ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି କହିଲେ ଆଦୌ ଭୁଲ୍ ହେବ ନାହିଁ।



-ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର,
ମୋ : ୯୮୬୧୦୦୯୨୫୨

### ଅପେରା ହାଲଚାଲ

## ପ୍ରଚାରରୁ ମିଳେ ନିଆରା ଆନନ୍ଦ

ଜଲିଉଡ୍‌ରେ ଅପେରା ପ୍ରଚାରକୁ ନେଇ ପାର୍ଟିମାନଙ୍କ ମଧ୍ୟରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ। କୌଣସି ସ୍ଥାନରେ ଅପେରା ପରିବେଷଣ ପୂର୍ବରୁ ସେହି ଅଞ୍ଚଳରେ ପ୍ରଚାର ଗାଡି ବୁଲି ବୁଲି ନାଟକଗୁଡିକ ଏବଂ ସେହି ପାର୍ଟିର ବିଶେଷତ୍ୱ ବିଷୟରେ ପ୍ରଚାର କରିଥାଏ। ଆଉ ସେଭଳି କାମରେ ବ୍ୟସ୍ତଥାଆନ୍ତି ଜଣେ ବ୍ୟକ୍ତି। ନିଜର ଭିନ୍ନ ପ୍ରଚାରଶୈଳୀରେ ସେ ଯାତ୍ରାପ୍ରେମୀଙ୍କର ମନ ଜିଣିଥାଆନ୍ତି। ସେପରି ବର୍ତ୍ତମାନ ଯାତ୍ରା ସ୍ୱପ୍ନମହଲରେ ଏହି କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି ପୁରୀ ଜିଲା କାକଟପୁର ଅନ୍ତର୍ଗତ ମହାଦେବସ୍ତ ଗ୍ରାମରେ ଜନ୍ମିତ ମନୋଜ କୁମାର ଦାସ। ଦୀର୍ଘ ୨୨ ବର୍ଷ ଧରି ସେ ପ୍ରଚାର ପରି ଗୁରୁଦାୟିତ୍ୱକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ପ୍ରଥମେ ମୁଁ ସାଉଣ୍ଡ ଦାୟିତ୍ୱରେ ଥିଲି। କଳିଙ୍ଗ ଗଣନାଟ୍ୟରେ ପ୍ରଚାରକ ପାକୁଆ ଭାଇ ମୋତେ ଏହି ସୁଯୋଗ ଦେଇଥିଲେ। ୨୦୦୩ରୁ ଧୀରେ ଧୀରେ ମୁଁ ଏଭଳି କାମକୁ ଆଦରି ନେଇଥିଲି। ଦର୍ଶକମାନଙ୍କୁ ନାଟକ ପ୍ରତି ଆକର୍ଷଣ କରିବାରେ ପ୍ରଚାର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ସମୟରେ ମୁଁ କେବଳ ନାଟକର ଟାଇଟଲ ନୁହେଁ, ଏଥିରେ ଅଭିନୟ କରୁଥିବା କଳାକାରଙ୍କ ନାମକୁ ଏଭଳି କହିଥାଏ, ଯାହା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିବାରେ ସକ୍ଷମ ହୋଇଥାଏ। ଆଉ ସେଇଥିପାଇଁ ଆଜି ମୁଁ ଜଲିଉଡ୍‌ରେ ତିଷ୍ଠି ରହିଛି। ପ୍ରଚାରରୁ ମୋତେ ନିଆରା ଆନନ୍ଦ ମିଳିଥାଏ ବୋଲି ନିଶ୍ଚୟ କହିବି।' ଏହାପୂର୍ବରୁ ମନୋଜ କଳିଙ୍ଗ, ଧଉଳି, କ୍ଲାସିକ, କୋଣାର୍କ, ବାଘାଯତୀନ ଏବଂ ସ୍ୱର୍ଣ୍ଣମହଲ ଆଦି ପାର୍ଟିରେ ନିଜକୁ ଜଣେ ଷ୍ଟାର ଅପେରା ପ୍ରଚାରକ ଭାବରେ କାମ କରି ସାଉଁଟିଛନ୍ତି ପୁରସ୍କାର ଓ ପ୍ରଶଂସା।


ମନୋଜ

### ନୂଆ ସିନେମା

## ବେସାହାରା


ସୁପ୍ରିୟା-ପ୍ରଦ୍ୟୁମ୍ନ

ମଣିଷ ଜୀବନରେ ଭୁଲ୍ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ବେଳେବେଳେ ଏକ ଭୁଲ୍‌ର ପରିଣାମ ଭୟଙ୍କର ହୋଇଥାଏ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥାରେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବେସାହାରା'। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଦ୍ୱିତୀୟ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଏହାର ଶୁଟିଂ ବର୍ତ୍ତମାନ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଯୋଗୀ' ଫେମ୍ ନିର୍ଦ୍ଦେଶକ ନିରଞ୍ଜନ ବେହେରା। "ଏହା ଏକ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ମଦ କିପରି ଦୁଇଟି ପରିବାରକୁ ସମସ୍ୟା ମୁହଁକୁ ଠେଲିଦେଉଛି ତାହା ଏଥିରେ ଦେଖିବାକୁ ମିଳିବ ବୋଲି କହନ୍ତି ନିରଞ୍ଜନ।" ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଦୀପ 'ପ୍ରେମ ପାଇଁ ମହାଭାରତ' ଶୀର୍ଷକ ସିନେମା ପ୍ରଯୋଜନା କରିଥିଲେ, ଯାହା ଦର୍ଶକଙ୍କ ମନକୁ ଛୁଇଁପାରିଥିଲା।

## ସଂକ୍ଷେପରେ

### ଆମ ଜଙ୍ଗଲ ଯୋଜନାରେ ଉଜ୍ଜ୍ୱଳା ଗ୍ୟାସ୍ ବଣ୍ଟନ

**ନାକଟିଦେଉଳ,୨୮।୯(ଡ଼ି.ଏନ.ଏ.):** ନାକଟିଦେଉଳ ବନାଞ୍ଚଳ ଘୋଷରାମାଲ ଫରେଷ୍ଟ ସେକ୍ସନର ଡ଼ାହିମାଲ ଗ୍ରାମରେ ବୁଧବାର ରାଜ୍ୟ ସରକାରଙ୍କ ଆମ ଜଙ୍ଗଲ ଯୋଜନାରେ ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଗ୍ୟାସ ବଣ୍ଟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଡ଼ାହିମାଲ ଗ୍ରାମର ୧୩ ମହିଳାଙ୍କୁ ଏହି ଗ୍ୟାସ୍ ଦିଆଯାଇଛି। ଟିମ୍ ଲିଡ଼ର ହବାକୁବ ଦେଶୀନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଘୋଷରାମାଲ ଫରେଷ୍ଟ ସେକ୍ସନର ଫରେଷ୍ଟଗାର୍ଡ଼ ରତ୍ନା ଦେହୁରି, ଆମ ଜଙ୍ଗଲ ଯୋଜନାର ଉନ୍ନୟନ ଅଧିକାରୀ ଜୟପ୍ରକାଶ ମାଝି ଓ ଶିବନାରାୟଣ ବିଲର ଯୋଗଦେଇଥିଲେ। ହରଗୌରୀ ଇଣ୍ଡେନ ଗ୍ୟାସ ବିତରକ ରାଜେନ୍ଦ୍ର ବେହେରା ଉପସ୍ଥିତ ରହି ଗ୍ୟାସ ସଂଯୋଗ ଯୋଗାଇ ଦେଇଥିଲେ। ଡ଼ାହିମାଲ ବନସୁରକ୍ଷା ସମିତି ସଭାପତି ସତ୍ୟବାଦୀ ମିର୍ଦ୍ଧା, ଉପସଭାପତି ଦଶ୍ମିତା ମିର୍ଦ୍ଧା, କୋଷାଧକ୍ଷ ପ୍ରଦୀପ ମିର୍ଦ୍ଧା ଉପସ୍ଥିତ ଥିଲେ।

### କୁଚିଣ୍ଡାରେ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

**କୁଚିଣ୍ଡା, ୨୮।୯(ଡି.ଏନ.ଏ.):** କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୧ ସଇଡା ବଡକିସାନ ପଡ଼ାଠାରେ ରାତ୍ରକାଳୀନ ରକ୍ତ ନମୁନା ସଂଗ୍ରହ ସହିତ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୱାର୍ଡମେମ୍ବର କ୍ଷୀରୋଦ ଚିଲ, ପର୍ଯ୍ୟବେକ୍ଷକ ସଞ୍ଜୟ ପଟେଲ, ଲ୍ୟାବ୍ ଟେକ୍ନିସିଆନ ସତ୍ୟପ୍ରିୟ ଖୁଣ୍ଟିଆ, ପିଣ୍ଟୁ ହଂସ, ସୁବ୍ରତ ପଟେଲ, ସଞ୍ଜୀବ କାଲୋ, ଆଶାକର୍ମୀ ବାସନ୍ତୀ ଡନସେନା, ଅଙ୍ଗନୱାଡ଼ି କର୍ମୀ ବିଶାଖା ମାଝି, ସୌଦାମିନୀ ମାଝି ଓ ସବିତା ଠାକୁର ଉପସ୍ଥିତ ରହି ପ୍ରାୟ ୩୦୦ ରକ୍ତ ନମୁନା ସଂଗ୍ରହ କରିଥିଲେ।

### କଲେଜରେ ଆଜାଦୀ କା ଅମୃତ ମହୋତ୍ସବ

**ନାକଟିଦେଉଳ,୨୮।୯(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚମାଧମିକ ବିଦ୍ୟାଳୟରେ ହରି ଫାଉଣ୍ଡେଶନ ସମ୍ବଲପୁରର ସହଯୋଗରେ ବୁଧବାର ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ସୁଶ୍ରୀତା ଭୋଇ ଓ ହରି ଫାଉଣ୍ଡେଶନର ସଭାପତି ଗୋବିନ୍ଦ ଅଗ୍ରୱାଲାଙ୍କ ପରିଚାଳନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସଞ୍ଜୟ ପ୍ରଧାନ, କୌଶିକ ପ୍ରଧାନ, ବିନୟ ସାହୁ, ସୁଶାନ୍ତ ନାୟକ, ସୁରେଶ ପାତ୍ର ଓ ଅଧାପିକା ଅନୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ହରି ଫାଉଣ୍ଡେଶନର ଭୋଳାନାଥ ବେହେରା ଧନ୍ୟବାଦ ଦେଇଥିଲେ।

# ବିଚାରପତିଙ୍କୁ ମୁଣ୍ଡିଆମାରି ଫେରାଇଲେ

**ସମ୍ବଲପୁର,୨୮।୯(ବ୍ୟୁରୋ)**


ବିଚାରପତିମାନଙ୍କୁ ମୁଣ୍ଡିଆମାରି ଫେରିଯିବାକୁ ଅନୁରୋଧ କରାଯାଉଛି ।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ତଦନୁଯାୟୀ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପଶ୍ଚମି ଓଡ଼ିଶାର ଆଇନଜୀବୀମାନେ ଆନ୍ଦୋଳନ କରିଥିଲେ। ଅନୁରୂପ ଭାବେ ସମ୍ବଲପୁର ଜିଲାରେ ବିଭିନ୍ନ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। କେନ୍ଦ୍ରୀୟ କମିଟି ଆହ୍ୱାନକ୍ରମେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କଚେରି ଆଗରେ ଆନ୍ଦୋଳନକାରୀ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ପୂର୍ବାହ୍ନ ୧୦ଟା ସମୟରେ ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗଦେବା ପାଇଁ ଆସୁଥିବା ବେଳେ କୋର୍ଟ ସମ୍ମୁଖରେ ପିକେଟିଂ କରି ସେମାନଙ୍କୁ ଅଟକାଇଥିଲେ। ଆନ୍ଦୋଳନରେ ସାମିଲ ଥିବା ମହିଳାମାନେ ବିଚାରପତିମାନଙ୍କୁ ରାସ୍ତା ଉପରେ ମୁଣ୍ଡିଆମାରି କୋର୍ଟ କାର୍ଯ୍ୟରେ ଯୋଗ ନ ଦେବାକୁ ଅନୁରୋଧ କରିଥିଲେ। ଉପସ୍ଥିତ ମହିଳା ପୋଲିସ କର୍ମଚାରୀମାନେ ମହିଳାମାନଙ୍କୁ ବୁଝାଶୁଝା କରି ଉଠାଇବାକୁ ଚେଷ୍ଟା କରିଥିଲେ। କିଛି ସମୟ ଆଲୋଚନା ପରେ ବିଚାରପତିମାନେ ଫେରିଯାଇଥିଲେ। ଆନ୍ଦୋଳନକୁ ସମର୍ଥନ କରି ସହରର ବିଭିନ୍ନ ରାଜନୈତିକ ଦଳ, ସାମାଜିକ କର୍ମୀ, ସାମାଜିକ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ। ସୁରେଖା ସାହୁ, ଅନ୍ନପୂର୍ଣ୍ଣା ବାରିକ, ପୂର୍ବତନ ଏମ୍‌ପି ଭବାନୀ ହୋତା, ପଶ୍ଚିମ ଓଡ଼ିଶା କୃଷକ ସଂଘ ଆବାହକ ଅଶୋକ ପ୍ରଧାନ, ଖବରଦାତା ଶିବ ମେହେର, ପ୍ରଫୁଲ୍ଲ ହୋତା, ହରିଶଙ୍କର ପୁରୋହିତ, ଶଶିଭୂଷଣ ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଏଭଳି ଆନ୍ଦୋଳନ ହୋଇଥିଲା।

# ସମ୍ବଲପୁର ଜିଲାପାଳଙ୍କ ଲଙ୍କା ନର୍ସରୀ ପରିଦର୍ଶନ

**କୁଚିଣ୍ଡା,୨୮।୯(ଡି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ମଙ୍ଗଳବାର କୁଚିଣ୍ଡା ଗସ୍ତରେ ଆସି ଲଙ୍କା ଚାଷ ନର୍ସରୀ ପରିଦର୍ଶନ କରିଛନ୍ତି। ତାଙ୍କ ସହ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲ, ଓର୍‌ମାସର ଶ୍ରୀମନ୍ତ ହୋତା, ହର୍ଟିକଲଚର ଡେପୁଟି ଡାଇରେକ୍ଟର ଅମ୍ବର ଲୁଗୁନ, କୁଚିଣ୍ଡା ବ୍ଲକ ବିପିଏମ୍ ଟିପେନସନ ବେହେରା, କୁଚିଣ୍ଡା ଏବଂ ବାମରା ସିବିବିଓ ସିଇଓ, କୃଷି ମିତ୍ର, ଏମ୍‌ବିକେମାନେ ଉପସ୍ଥିତ ଥିଲେ। ଏହି ନର୍ସରୀରେ ଲଙ୍କା ଚାରା କରାଯାଇ ଚାଷୀମାନଙ୍କୁ ଦିଆଯିବ। କୁଚିଣ୍ଡା ଓଏଲ୍‌ଏମ୍‌ର କୃଷିମିତ୍ରଙ୍କ ଦ୍ୱାରା ୮୭୫ ଚାଷୀଙ୍କୁ ଚିହ୍ନଟ କରାଯାଇ କୁଚିଣ୍ଡାର ତିନୋଟି ଲ୍ୟାମ୍ପରେ ପଞ୍ଜିକରଣ କରାଯାଇଛି। ଚାଷୀଙ୍କଠାରୁ ଲଙ୍କା ସଂଗ୍ରହ କରି ମେଟାକାନି ଆଗ୍ରୋ ବାହାର ଦେଶକୁ ରପ୍ତାନୀ କରିବା ଯୋଜନା କରାଯାଇଛି।


ନର୍ସରୀ ବୁଲିବା ଅବସରରେ ଜିଲାପାଳ ଓ ଅନ୍ୟମାନେ।

# ଧାର୍ମିକ ପୀଠରେ ଶୃଙ୍ଗାର ଆଣୁଛି ପରିବର୍ତ୍ତନ

**ସମ୍ବଲପୁର,୨୮।୯(ବ୍ୟୁରୋ)**

କେଉଁ ଆବାହମାନ କାଳରୁ ବିଭିନ୍ନ ପୀଠରେ ଦେବୀଦେବଙ୍କୁ ଶୃଙ୍ଗାର କରାଯାଇଆସୁଛି। ପୂର୍ବରୁ ଶୃଙ୍ଗାର ପାଇଁ ସ୍ୱତନ୍ତ୍ର ତିଥି ଓ ଦିନ ରହୁଥିଲା। ହେଲେ ଏବେ ପ୍ରାୟ ସମସ୍ତ ଧାର୍ମିକ ପୀଠରେ ଦେବୀଦେବଙ୍କୁ ନିୟମିତ ଶୃଙ୍ଗାର କରାଯାଉଛି। ଦେବୀଙ୍କୁ ବେଶଭୂଷା ସହ ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଉଛି। ଦେବାଳୟରେ ମଧ୍ୟ ବେଶଭୂଷା ସହ ଫୁଲ, ଫଳ, ପତ୍ର ବ୍ୟବହାର କରି ଭଗବାନଙ୍କୁ ସଜ୍ଜିତ କରାଯାଉଛି। ଶୃଙ୍ଗାର ହେବା ଫଳରେ କେତେକ ପରିବାରଙ୍କୁ ରୋଜଗାର ମିଳୁଥିବା ବେଳେ ସାମାଜିକ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସୁଥିବା କୁହାଯାଉଛି। ଗୁଡ଼େଶ୍ୱର ବାବା ମନ୍ଦିର ଟ୍ରଷ୍ଟ ସଦସ୍ୟ ମୁକେଶ ଜରିୱାଲ କହିଛନ୍ତି ଯେ, ଶୃଙ୍ଗାର ହେବା ଦ୍ୱାରା ସାମାଜିକ, ଆର୍ଥିକ ବର୍ଗଙ୍କୁ ଏକାଠି କରିବା ସୁଯୋଗ ସୃଷ୍ଟି ହେଉଛି। ଯୁବବର୍ଗ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରୁଛି। ଏଥିରେ ବ୍ୟବହାର ହେଉଥିବା ଫୁଲ, ବେଲପତ୍ର ଓ ଅନ୍ୟ ସାମଗ୍ରୀ ଯୋଗାଇ କେତେକ ପରିବାରଙ୍କୁ ରୋଜଗାର ମିଳିପାରୁଛି। ଫୁଲଚାଷ କରୁଥିବା ଚାଷୀ ଓ ଫୁଲ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଲାଭ ମିଳୁଛି। ଗୁଡ଼େଶ୍ୱର ବାବାଙ୍କ ପ୍ରତିଦିନ ସନ୍ଧ୍ୟାରେ ଶୃଙ୍ଗାର କରାଯାଇଥାଏ। ଏଥିରେ ବିଶେଷଭାବେ ଯୁବବର୍ଗ ସାମିଲ ହୋଇ ନିଜ ଖର୍ଚ୍ଚରେ ଶୃଙ୍ଗାର କରୁଛନ୍ତି। ପ୍ରତିଦିନ ସୁନ୍ଦରଭାବେ ଭିନ୍ନ ରଙ୍ଗ ଓ ପ୍ରକାରର ଫୁଲ, ପତ୍ରକୁ ନେଇ ଶୃଙ୍ଗାର କରାଯାଉଛି। ଗୁଡ଼େଶ୍ୱର ବାବାଙ୍କ ଲିଙ୍ଗ ଓ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ କରାଯାଇଥାଏ। ଏଥିରେ ବିଭିନ୍ନ ପ୍ରକାର ଫୁଲ, ବେଲପତ୍ର ବ୍ୟବହାର ହୋଇଥାଏ। ପରେ ସନ୍ଧ୍ୟା ଆଳତି ହୋଇଥାଏ। ଶୃଙ୍ଗାରରେ ବ୍ୟବହୃତ ଫୁଲକୁ ବଜାରରୁ କିଣାଯାଇଥାଏ। ଗୁଡ଼େଶ୍ୱର ବାବାଙ୍କ ମନ୍ଦିରରେ ମାସସାରା ଗୋଟିଏ ପରିବାର ଫୁଲ ଯୋଗାଇ ରୋଜଗାର ପାଇଥାନ୍ତି। ବାଲିବନ୍ଧା ସୋମନାଥ ବାବା, ମାନେଶ୍ୱର ମାନଧାତା ବାବା, ମାରୱାଡ଼ିପଡ଼ା ବିଶ୍ୱନାଥ ମନ୍ଦିର, ହୁମା ବକ୍ରମନ୍ଦିର ବିମଳେଶ୍ୱର ବାବା, ବାଗଡ଼ି ମହାକାଳେଶ୍ୱର ବାବା ଆଦି ମନ୍ଦିରରେ ସନ୍ଧ୍ୟାରେ ଶୃଙ୍ଗାର ହେଉଛି।


ଗୁଡ଼େଶ୍ୱର ବାବାଙ୍କ ଶୃଙ୍ଗାର କରାଯାଇଛି ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ କର୍ମଶାଳା

**ଝାରସୁଗୁଡ଼ା ଅଫିସ,୨୮।୯**

ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ବୁଧବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସାମଲ ଜିଲାର ୧୭ ଉପକେନ୍ଦ୍ର, ୪ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉଭୟ ଆଇପି ଏଚ୍‌ଏସ୍ ଓ ଏନ୍‌କ୍ୟୁଏଏସ୍ ମାନ ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସିଡିଏମ୍‌ଓ ଡୋଳାମଣି ପଟେଲ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବ୍ରଜକିଶୋର ଭୋଇ, ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୧-୨୨ ବର୍ଷରେ କାର୍ଯ୍ୟକ୍ରମ ପରିଚାଳନା ଉତ୍କର୍ଷତା ହାସଲ କରିଥିବା କୋଲାବିରା ବିପିଏମ୍ ଶୁଭମ୍ ସାମନ୍ତ, ମୁନ୍ଦ୍ରାଯୋର ବିଏଏମ୍ କାଳୀପ୍ରସାଦ ମିଶ୍ର, ୟୁଡ଼ିଏମ୍ ବିଷ୍ଣୁଦେବ କଛାରିଆ, ଡ଼ିଏଏ ପଞ୍ଚପଡା ସ୍ୱାସ୍ଥ୍ୟକେନ୍ଦ୍ରର ଗୌରି ଶଙ୍କର ସାହୁଙ୍କୁ ଜିଲାପଳ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

# ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

## ଉପକୃତ ହେବେ ସର୍ବସାଧାରଣ

**ଝାରସୁଗୁଡ଼ା ଅଫିସ୍,୨୮।୯**

ଲଖନପୁର ବ୍ଲକ୍ କୁଶ୍ରାଲୋଇ ପଞ୍ଚାୟତ ଅଡାପଡା ଗ୍ରାମରେ ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରେ ସର୍ବସାଧାରଣ ଉପଯୋଗୀ ସୁବିଧା କେନ୍ଦ୍ର ନିର୍ମାଣ ହେବ। ସୋମବାର ଗ୍ରାମର ଦୁର୍ଗାମଣ୍ଡପ ନିକଟରେ ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତହିରିଆଙ୍କ କରକମଳରେ ଭିତ୍ତିପ୍ରସ୍ତର ନାମଫଳକ ସ୍ଥାପନ କରାଯାଇଛି। ଏଥିରେ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଜିଲାପରିଷଦ ପୁଷ୍ପଲତା ସେଠ୍, ବ୍ଲକ୍ ଉପାଧ୍ୟକ୍ଷା ଅରୁଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ରଘୁମଣି ପ୍ରଧାନ, ସମିତିସଭ୍ୟା ଦମୟନ୍ତୀ ସା ପ୍ରମୁଖ ଯୋଗଦେଇଥିଲେ।

# ଜିଲା ଓକିଲ ସଂଘର ଧାରଣା


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଇନଜୀବୀ ଧାରଣା ଦେଇଛନ୍ତି।

**ଝାରସୁଗୁଡ଼ା ଅଫିସ,୨୮।୯**

ପଶ୍ଚିମ ଓଡ଼ିଶା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଝାରସୁଗୁଡ଼ା ଜିଲା ଓକିଲ ସଂଘ ତରଫରୁ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସମ୍ପାଦକ ତୁଳସୀ ପ୍ରସାଦ ଦାଶ ଆନ୍ଦୋଳନ ସମ୍ବନ୍ଧରେ ସୂଚନା ଦେଇଥିବାବେଳେ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ପଟେଲ ସଭା ପରିଚାଳନା କରିଥିଲେ। ଧାରଣାରେ ବରିଷ୍ଠ ଆଇନଜୀବୀ ଦୀନେଶ ଜୈନ, ରଘୁମଣି ପଟେଲ, ତାପସ ରାଏ ଚୌଧୁରୀ, ବନ୍ଦନା ମୁନ୍ଦୁରା, ସନ୍ଦିପ ଅବସ୍ଥି, ପ୍ରଶାନ୍ତ ତ୍ରିପାଠୀ, ବିଜୟ କୁମାର ସ, ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଅସିତ ବେହେରା, ମୋହରି ସଂଘ ସଭାପତି ବିଦ୍ୟାଧର ପଟେଲ, ସମ୍ପାଦକ ବିରଞ୍ଚି ମେହେର ଓ ଆଲୋକ ସା ସହଯୋଗ କରିଥିଲେ।

# ଆପ୍ ପକ୍ଷରୁ ଭଗତ ସିଂଙ୍କ ଜୟନ୍ତୀ

**ସମ୍ବଲପୁର,୨୮।୯(ବ୍ୟୁରୋ)**

ସମ୍ବଲପୁର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଶହୀଦ ଭଗତ ସିଂଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ବଲପୁର ଜିଲା ସଭାପତି ଲାଲମଣି ଲୁଗୁନ, ଜିଲା ଉପସଭାପତି ଦେଓନିସ ନୁରୁଗୁନ, ଜିଲା ଯୁବ ସଭାପତି ଲୁଲୁ ନାୟକ, ସଚିଦାନନ୍ଦ ପଟେଲ, ହିମାଂଶୁ ଠାକୁର, ତୁଷାର ସାହୁ, ଆସଫାକ ଅଲ୍ଲୀ, ସୁନିଲ ମିର୍ଦ୍ଧା, ନିଳାମ୍ବର ରୋହିଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ଆପ୍‌କୁ ଜିଲାରେ କିଭଳି ମଜବୁତ କରାଯିବ ସେ ନେଇ ମତପ୍ରକାଶ ପାଇଥିଲା। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

# ପଲିଟେକ୍‌ନିକ କଲେଜରେ ଛାତ୍ର ଗଣ୍ଡଗୋଳ

**ସମ୍ବଲପୁର,୨୮।୯(ବ୍ୟୁରୋ)**

ସମ୍ବଲପୁର ରେଙ୍ଗାଲିସ୍ଥିତ ସରକାରୀ ପଲିଟେକ୍‌ନିକ କଲେଜରେ ବିଶ୍ୱକର୍ମା ପୂଜା ସମୟର ଗଣ୍ଡଗୋଳ ଘଟଣା ଏବେ ପଦାକୁ ଆସିଛି। ଭଷାଣୀ ଶୋଭାଯାତ୍ରା ବେଳେ ୫ଜଣ ଛାତ୍ର ସଂଘବଦ୍ଧ ଭାବେ ୨ଜଣ ଶିକ୍ଷକ ଓ କେତେଜଣ ଛାତ୍ରଙ୍କୁ ମାରପିଟ କରିଥିବା ଅଭିଯୋଗ ହୋଇଛି। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଶିକ୍ଷକ ଅଭିଯୋଗ କରିଛନ୍ତି। ପରେ କଲେଜ କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରମାନଙ୍କୁ ଡାକି ତାଗିଦ କରିଥିବା ଜଣାପଡ଼ିଛି। କଲେଜ ଅଧକ୍ଷ ସୁଧାଂଶୁ ରାୟ କହିଛନ୍ତି, ବିଶ୍ୱକର୍ମା ପୂଜା ସମୟରେ ଘଟଣା ଘଟିଥିଲା। ଶିକ୍ଷକଙ୍କୁ ମାରପିଟ କରାଯାଇନାହିଁ। ଭଷାଣୀ ସମୟରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସାମାନ୍ୟ ଠେଲାପେଲା ଓ ବଚସା ହୋଇଥିଲା। ସଂପୃକ୍ତ ଛାତ୍ରମାନଙ୍କୁ ଶୃଙ୍ଖଳା କମିଟି ତାଗିଦ କରିଛି। ଘଟଣା କଲେଜ ପରିସରରେ ସୀମିତ ଥିଲା। ହେଲେ କଲେଜକୁ ବଦ୍‌ନାମ କରିବା ପାଇଁ କେତେଜଣ ବ୍ୟକ୍ତି ଛୋଟ ଘଟଣାକୁ ବଡ଼ ରୂପ ଦେବାକୁ ଚେଷ୍ଟା କରୁଛନ୍ତି। ଆଗାମୀ ଦିନରେ ଏଭଳି ଘଟଣା ଯେଭଳି ନ ଘଟେ କଲେଜ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

**ନାକଟିଦେଉଳ,୨୮।୯(ଡ଼ି.ଏନ.ଏ.)**

ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବୁଧବାର ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ୧୨୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମ୍ୟୁଜିକ ଚେୟାର, ଉଚ୍ଚଡ଼ିଆଁ, ଲମ୍ବ ଡ଼ିଆଁ, ଶଟ୍‌ପୁଟ, ୧୦୦ମି. ଦୌଡ଼, ଜିଲାପି ରେସ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ପ୍ରାରମ୍ଭରେ ଏବିଇଓ ଚନ୍ଦ୍ରମଣୀ ବେହେରା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଇଓ ବିଜୟ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଓ ସୁଧୀର କୁମାର ସାହୁଙ୍କ ପରିଚାଳନାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।


କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ଦିବ୍ୟାଙ୍ଗ।

# ୪୦ ଫୁଟ୍‌ର ଇକୋ ଫ୍ରେଣ୍ଡ୍‌ଲି ରାବଣ ଆକର୍ଷଣ

**ସମ୍ବଲପୁର,୨୮।୯(ବ୍ୟୁରୋ)**


ଦଳେଇପଡା ରାବଣପୋଡି କମିଟି ପକ୍ଷରୁ ସୂଚନା ଦିଆଯାଉଛି ।

୨ବର୍ଷ ହେଲା କୋଭିଡ୍ କଟକଣା ଯୋଗୁ ଦଶହରାରେ ରାବଣ ପୋଡି ହୋଇପାରି ନ ଥିଲା। ହେଲେ ଚଳିତ ଦଶହରାରେ ରାବଣ ପୋଡି ମହାଆଡମ୍ବରରେ କରାଯିବ ବୋଲି ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଦଳେଇପଡା ରାବଣ ପୋଡ଼ି କମିଟି ପକ୍ଷରୁ କୁହାଯାଇଛି। କର୍ମକର୍ତ୍ତା ସୂଚନା ଦେଇ କହିଥିଲେ,ଏଠାକାର ରାବଣପୋଡି ୨୦ବର୍ଷ ଅତିକ୍ରମ କରିଛି। ଦଳେଇପଡା ମହାନଦୀ ଘାଟରେ ପ୍ରତିବର୍ଷ ଭଳି ଏହି ଉତ୍ସବ ଅନୁଷ୍ଠିତ ହେବ। ଏଥର ଗ୍ରୀନ୍ ଓ ଇକୋ ଫ୍ରେଣ୍ଡ୍‌ଲି ରାବଣ ତିଆରି କରାଯିବ। ମହାନଦୀ ଭିତରେ ଦେଖିବାକୁ ମିଳିବ ଆତସବାଜି କାର୍ଯ୍ୟକ୍ରମ। ଗଞ୍ଜାମ, ଯାଜପୁର ଓ ସୁନ୍ଦରଗଡ଼ର ଏକ୍ସପର୍ଟ ଟ୍ରୁପ ଇକୋ ଫ୍ରେଣ୍ଡ୍‌ଲି ବାଣ ତିଆରି କରିବେ। ଡଙ୍ଗା ସାହାଯ୍ୟରେ ମହାନଦୀ ଗର୍ଭକୁ ଯାଇ ସେଠାରେ ଥିବା ଟାପୁ ଉପରେ ଏହି ରଙ୍ଗାରଙ୍ଗ ଆତସବାଜି କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମହାନଦୀ ଭିତରେ ପ୍ରାୟ ୪୦ଫୁଟ୍ ଉଚ୍ଚତା ବିଶିଷ୍ଟ ଇକୋ ଫ୍ରେଣ୍ଡ୍‌ଲି ରାବଣ ତିଆରି କରାଯିବ। ମୁଖ୍ୟତ ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ଏଭଳି କରାଯାଉଛି। ରାବଣ ପୋଡି ପୂର୍ବରୁ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ରାମଲୀଳା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ କରାଯିବ ବୋଲି କହିଥିଲେ। ଦଳେଇପଡା ରାବଣ ପୋଡି କମିଟି ସଭାପତି ସିଦ୍ଧାର୍ଥ ସାହା, ଉପସଭାପତି ଶିଶିର ପାଣ୍ଡେ, ଅନୁପ ତରିଆ, ଇନ୍ଦ୍ରଜିତ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବିଡିଓଙ୍କୁ ଦାବିପତ୍ର

ନୂଆପଡା ଅଫିସ,୨୮।୯: କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ସଭାପତି ସାଗର ଦାସଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ନୂଆପଡା ଜିଲା ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶାହରୁଖ ଖାନ, ଗୋପାଲ କୁମ୍ଭା, ଭବାନୀ ପଣ୍ଡା, ଜୟଦେବ ମାଝି, ପ୍ରବୀଣ ସେନାପତି, ଟିକନୁ ପଟେଲ, ପୁଷ୍ପମ ଲୁହାର ପ୍ରମୁଖ ଉପସ୍ଥିତ ଥିଲେ ।

### ସରପଞ୍ଚଙ୍କ ସାଧାରଣ ବୈଠକ

ଲେଫ୍ରିପଡା,୨୮।୯( ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକର ସରପଞ୍ଚମାନଙ୍କୁ ନେଇ ସରପଗ ଡ୍ୟାମଠାରେ ବୁଧବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବ୍ୟାପକ ଭାବେ ଆଲୋଚନା କରାଯାଇ ଏକ ସଂଘ ଗଠନ କରିବା ପାଇଁ ସରପଞ୍ଚମାନେ ପ୍ରସ୍ତାବ ଗୃହୀତ କରିଥିଲେ । ସର୍ବସମ୍ମତି କ୍ରମେ ଗିରିଙ୍ଗକେଲା ପଞ୍ଚାୟତର ସରପଞ୍ଚ ନୀଳମଣି ମାଝୀ ସଭାପତି, ଜେ. ରାଏବଗା ପଞ୍ଚାୟତର ସରପଞ୍ଚ ଇନ୍ଦ୍ରମଣି କାଲୋ ସମ୍ପାଦକ ଏବଂ ଅଲାପକା ପଞ୍ଚାୟତର ସରପଞ୍ଚ ଇମାନ୍ୟୁସ କୁଜୁର କୋଷାଧକ୍ଷ୍ୟ ଭାବେ ମନୋନୀତ ହୋଇଥିବା ଜଣାପଡିଛି। ଏହି ବୈଠକରେ ବଡବଙ୍ଗା ସରପଞ୍ଚ ସନ୍ତୋଷ ସୋରେନ, ଝୁରିମାଲ ସରପଞ୍ଚ ପ୍ରମୋଦ ମାଝୀ, ଲେଫ୍ରିପଡା ସରପଞ୍ଚ କୁମାରୀ ଚୌଧୁରୀ, ଦର୍ଲିପାଲି ସରପଞ୍ଚ ନଳିନୀ କୁମୁରା, ଗୁଣ୍ଡିଆଡ଼ିହି ସରପଞ୍ଚ ଫୁଲ ମାଝୀ, ହୂର୍ମେଇ ସରପଞ୍ଚ ଫୁଲମନୀ ଏକ୍କା, ମଶାବିରା ସରପଞ୍ଚ ଫ୍ରାନସିସ ବାଘଲା, ରାଜବା ହାଲ ସରପଞ୍ଚ ଖ୍ରୀଷ୍ଟିନା ଖେସ, ରାଏଡିହି ସରପଞ୍ଚ ଇଲାବତୀ ମାଝୀ ପ୍ରମୁଖ ଯୋଗଦାନ କରିଥିଲେ।

# କାର୍‌ରେ ଆସି ଜାତୀୟ ରାଜପଥରେ ଟ୍ରକ୍‌ରୁ ଲୁଟ୍‌: ୩ ଗିରଫ

ଦେବଗଡ଼,୨୮।୯(ଡି.ଏନ୍.ଏ.)

ମଙ୍ଗଳବାର ବିଳମ୍ବିତ ରାତିରେ ୪୯ ନମ୍ବର ଜାତୀୟ ରାଜପଥ ବାଇପାସ ନିକଟରେ ଏକ ମାଲବାହୀ ଟ୍ରକ୍‌ରୁ ଲୁଟ କରିଥିବା ଅଭିଯୋଗରେ ଦେବଗଡ଼ ଥାନା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ପୌରାଞ୍ଚଳ ଗୁରୁସାହିର ତ୍ରିନାଥ ଦାଶ, ବାସୁଦେବପୁର ଗ୍ରାମର ଦୀପକ ଆଚାର୍ଯ୍ୟ ଓ ବାରକୋଟ ବ୍ଲକ ଚାପବାହାଲ ଗ୍ରାମର ପ୍ରମୋଦ ନାୟକ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାଇ ରାତି ପ୍ରାୟ ଦେଢ଼ଟା ସମୟରେ କେନ୍ଦୁଝରରୁ ପଟୁ ବରଗଡ଼ ଅଭିମୁଖେ ଯାଉଥିବା ଏକ କୁଣ୍ଡା ବୋଝେଇ ଟ୍ରକକୁ ଦେବଗଡ଼ ବାଇପାସ ନିକଟରେ ଏକ କାରରେ ଆସି ଉକ୍ତ ତିନି ଜଣ ଯୁବକ ଅଟକାଇବାକୁ ଚେଷ୍ଟା କରିଥିଲେ। ଗାଡି ଚାଳକ ଗୋପାଳ ମିର୍ଦ୍ଧା ଗାଡିକୁ ସେଠାରେ ନ ଅଟକାଇ ଚାଲିଆସିଥିଲେ। କୁରଡ଼ ଗ୍ରାମ ନିକଟରେ ପହଞ୍ଚିବା ପୂର୍ବରୁ କାରରେ ୩ ଯୁବକ ଆସି ଟ୍ରକ ସମ୍ମୁଖରେ କାରକୁ ଛିଡା କରି ଗାଡି ଚାଳକକୁ ଆକ୍ରମଣ କରିଥିଲେ। ପର୍ସ, ମୋବାଇଲ ଫୋନ ଓ ଗାଡି ଚାବି ଛଡାଇ ନେଇ ଫେରାର୍ ହୋଇଯାଇଥିଲେ। ହାଇୱେ ଉପରେ ଏଭଳି ଲୁଟ ଦେଖି ଅନ୍ୟ ଗାଡିର ଚାଳକମାନେ ନିକଟରେ ଥିବା ଚା ଦୋକାନରେ ଖବର ଦେବାରୁ ସ୍ଥାନୀୟ ଲୋକେ ଘଟଣା ସ୍ଥଳକୁ ପହଞ୍ଚିବା ପୂର୍ବରୁ ଲୁଟେରାମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏନେଇ ଗାଡି ଚାଳକ ଗୋପାଳ ଦେବଗଡ଼ ଥାନାକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଗାଡି ଚାଳକକୁ ଆକ୍ରମଣ ବେଳେ ନିଜେ ମଧ୍ୟ ଆହତ ହୋଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସିତ ପାଇଁ ଆସିଥିବା ଜାଣିବା ପରେ ସେଠାରେ ପହଞ୍ଚି ସମସ୍ତ ତିନି ଅଭିଯୁକ୍ତଙ୍କୁ କାବୁ କରିଥିଲା । ଏଥିସହ ସେମାନେ ବ୍ୟବହାର କରୁଥିବା କାରକୁ ମଧ୍ୟ ଜବତ କରିଛି।



ଟ୍ରକ୍‌ରୁ ଲୁଟ କରିବା ଅଭିଯୋଗରେ ଗିରଫ ୩ ଅଭିଯୁକ୍ତ।

# ସୁନ୍ଦରଗଡ଼ ଜିଲ୍ଲାରେ ସୁନେତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ

ସୁନ୍ଦରଗଡ଼,୨୮।୯(ଡି.ଏନ.ଏ)

ଜିଲ୍ଲା ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ ବୁଧବାର ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୁନେତ୍ର-୨୨ ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ସରୋଜ କୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡ. ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗରୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ସୁନ୍ଦରଗଡ ବ୍ଲକ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଚୌଧୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସହକାରୀ ଶିକ୍ଷକ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ ଶିବିରରେ ସୁନ୍ଦରଗଡ ମୁନିସିପାଲିଟିର ୩୦୭ ଛାତ୍ରୀଛାତ୍ର ଓ ତାଙ୍କର ସହାୟକ ଶିକ୍ଷକ ଯୋଗଦାନ କରିଥିଲେ। ଜିଲ୍ଲାରେ ଅକ୍ଟୋବର ଓ ନଭେମ୍ବରରେ ଏହିଭଳି ୪୭ଟି ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜନ କରାଯିବ ସହିତ ଯୋଗ୍ୟ ବିବେଚିତ ସମସ୍ତ ଛାତ୍ରୀ ଛାତ୍ରଙ୍କୁ ସରକାରଙ୍କ ଠାରୁ ମାଗଣା ଚଷମା ଓ ଆବଶ୍ୟକ ସ୍ଥଳେ ଚିକିତ୍ସା ଯୋଗାଇଦିଆଯିବ।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ
ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର,
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ: ୦୬୭୪-୨୩୬୨୨୫୧/୨୩୬୨୨୪୬,
ଇ-ମେଲ: zo.bhubaneswar@bankofindia.co.in

**ବର୍ତ୍ତମାନର ଅଫିସ୍ ଗୃହ ଉପରେ ୩ୟ ମହଲା ନିର୍ମାଣ (ଇଣ୍ଟେରିଅର, ଇଲେକ୍ଟ୍ରିକାଲ ଏବଂ ଡାଟା କେବଲିଙ୍ଗ, ଏସି ସ୍ଥାପନା) ନିମନ୍ତେ ଆର୍କିଟେକ୍ଟ ନିଯୁକ୍ତି**

ନୟାପଲ୍ଲୀ, ଭୁବନେଶ୍ୱରରେ ଥିବା ଅଫିସ୍ ଗୃହ ଉପରେ ୩ୟ ମହଲା ନିର୍ମାଣ ପାଇଁ ଆର୍କିଟେକ୍ଟ ପରାମର୍ଶଦାତା ନିଯୁକ୍ତି / ପ୍ରାକ୍ ଯୋଗ୍ୟତା ନିମନ୍ତେ ଆବେଦନ ପତ୍ର ଆହ୍ୱାନର ସବିଶେଷ ବିଜ୍ଞପ୍ତି ଆମର ୱେବସାଇଟ୍ www.bankofindia.co.inରେ ଉପଲବ୍ଧ। ପ୍ରସ୍ତାବ ଦାଖଲ ପାଇଁ ଧାର୍ଯ୍ୟ ଫର୍ମାଟ ଉପରୋକ୍ତ କାର୍ଯ୍ୟାଳୟ ଠିକଣାରେ ତା.୧୮.୧୦.୨୦୨୨ରିଖ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ଟ.୧,୦୦୦/- (ଦରଖାସ୍ତ ଫି) ଦାଖଲ କରି ପାଇପାରିବେ । ବିକଳ୍ପ ଭାବେ ଉକ୍ତ ଫର୍ମାଟ ଆମ ୱେବସାଇଟରୁ ମଧ୍ୟ ଡାଉନଲୋଡ କରିପାରିବେ। ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ଅଞ୍ଚଳ ଠାରେ ପ୍ରସ୍ତାବ ଦାଖଲ କରିବାର ଅନ୍ତିମ ତାରିଖ: ୧୮.୧୦.୨୦୨୨ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା।

ଆଞ୍ଚଳିକ ପ୍ରବନ୍ଧକ


# ଗାନ୍ଧିଜୀଙ୍କ ଦୃଷ୍ଟିରେ କୃଷି, କୃଷକ ସମ୍ପର୍କିତ ପାଠଚକ୍ର

ଦେବଗଡ଼, ୨୮।୯(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ପାଳିତ ହେଉଥିବା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ବୁଧବାର ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ଓ ମୋ କଲେଜ ଅଭିଯାନର ମିଳିତ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ଦୃଷ୍ଟିରେ କୃଷି ଓ କୃଷକ ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସେମିନାରରେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ ଓ ସାହିତ୍ୟିକ ଡ. ଭାରତ ଭୂଷଣ ନନ୍ଦ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଆମନ୍ତ୍ରିତ ବକ୍ତାମାନେ ଗାନ୍ଧିଜୀଙ୍କ କୃଷି ସମ୍ପର୍କିତ ବିଚାରଧାରାକୁ ଆଲୋଚନା କରି ସାମ୍ପ୍ରତିକ ପରିସ୍ଥିତିରେ କୃଷିର ଉନ୍ନତି କରି କିପରି କ୍ରମବର୍ଦ୍ଧିତ ବେକାରୀ ସମସ୍ୟାକୁ ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଦେବଗଡ଼ ଜିଲାପରି ଶିଳ୍ପ ବିହୀନ କୃଷି ପ୍ରଧାନ ଜିଲାରେ ଉନ୍ନତ କୌଶଳରେ କୃଷି ମାଧ୍ୟମରେ ହିଁ ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ସହିତ ବେକାରୀ ସମସ୍ୟାକୁ ଦୂର କରାଯାଇପାରିବ ବୋଲି ମତଦାନ କରିଥିଲେ। ସଭା ଶେଷରେ କଲେଜର ଉଦ୍ଭିଦ ଉଦ୍ୟାନରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଡାଲଚିନି ଓ ଲିଚି ଆଦି ବୃକ୍ଷ ରୋପଣ କରାଯାଇଥିଲା। ସଭାରେ ମୋ କଲେଜ ଅଭିଯାନର ସଂଯୋଜକ ଦାମୋଦର ନାୟକ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା, ଅଧ୍ୟାପିକା ପ୍ରଯୁକ୍ତି ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

# ରାସ୍ତା କଡରୁ ଯୁବକଙ୍କ ମୃତଦେହ ଜବତ

ଲହୁଣୀପଡ଼ା, ୨୮।୯(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କରଡ଼ା ଖାରବେଡା ରାସ୍ତା କଡରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଉକ୍ତ ରାସ୍ତା ଦେଇ କେତେକ ଲୋକ ଯାଉଥିବାବେଳେ ଜଣେ ମରି ପଡିଥିବା ଦେଖି ଚାନ୍ଦିପୋଷ ଥାନାକୁ ଖବର ଦେଇଥିଲେ। ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ ଯୁବକ କରଡ଼ା ଗ୍ରାମର ଧନସିଂ ସିଂ। ରାସ୍ତା କଡରେ ପଡି ମୃତ୍ୟୁବରଣ କରିବାର ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ।

# ଗରିବଙ୍କ ପାଇଁ ମାଗଣା ହାଟ

ରାଉରକେଲା ଅଫିସ,୨୮।୯

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ୱାର୍ଡ ନଂ-୧୦ ଅଞ୍ଚଳରେ ଥିବା ଲେପର୍ସ କଲୋନୀରେ ଅନ୍ୱେଷା ଦ ହେଲ୍ପିଂ ହ୍ୟାଣ୍ଡ ଟିମ୍ ପକ୍ଷରୁ ବୁଧବାର ୮୧ତମ ମାଗଣା ହାଟ ସଭାପତି କଳ୍ପନା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ହାଟରେ ଶାଢି, ସାର୍ଟ, ପ୍ୟାଣ୍ଟ, ଶିଶୁମାନଙ୍କ ପାଇଁ ପୋଷାକ ଭଳି ବହୁ ଆକର୍ଷଣୀୟ ଜିନିଷ ରହିଥିଲା। ଏହି ହାଟକୁ ଶତାଧିକ ଗରିବ ଓ ଅସହାୟ ଲୋକ ଆସି ମାଗଣାରେ ନିଜ ପସନ୍ଦ ଅନୁସାରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରିଥିଲେ। ସାଧାରଣ ସମ୍ପାଦିକା ରଶ୍ମିତା ପଣ୍ଡା, ପ୍ରଶାନ୍ତ ପାତ୍ର, ଦିବାକର ଦାସ, ରୋବଟ ହାଇଫିଲ, ଝୁନୁ ନାୟକ, ତରୁଲତା ସାମଲ, ପ୍ରକାଶ ରାଓ, ସ୍ନେହଲତା ପାତ୍ର, ବିଶ୍ୱଜିତ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ହାଟରେ ବିଭିନ୍ନ ବସ୍ତ୍ର ସାମଗ୍ରୀ ସହିତ ଅନୁଷ୍ଠାନର କର୍ମକର୍ତ୍ତା।

# ଖପରସାହିରେ ମିନିପାର୍କ ନିର୍ମାଣ କରାଯାଉ



କାଉନସିଲର ଓ ଅନ୍ୟମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

ଦେବଗଡ଼,୨୮।୯(ଡି.ଏନ୍.ଏ.)

**ଏକ ନମ୍ବର ୱାର୍ଡର କାଉନସିଲର, ଏସ୍‌ଡିଏ ଗ୍ରୁପ ଓ ଅନ୍ୟମାନେ ଦାବିକଲେ**

ଦେବଗଡ଼ ପୌରାଞ୍ଚଳ ୧ ନମ୍ବର ୱାର୍ଡ ଅଧିନସ୍ଥ ଖପରସାହିରେ ପୌର ପରିଷଦ ଦ୍ୱାରା ଏକ ମିନି ପାର୍କର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର 'ରାବଣ ପୋଡି' ହେଉଥିବା ସ୍ଥାନରେ ଏହା ନିର୍ମାଣ କରାଯାଉଥିବା ଦର୍ଶାଇ ନିର୍ମାଣ କାର୍ଯ୍ୟର ବିରୋଧ କରିବା ସହ ମଙ୍ଗଳବାର ଖପରସାହି ୱାର୍ଡ ନଂ. ୧ର ବହୁ ଜନସାଧାରଣ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ମାତ୍ର ବୁଧବାର ସମ୍ପୃକ୍ତ ୱାର୍ଡର ଅନ୍ୟମାନେ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ମିନି ପାର୍କ ନିର୍ମାଣ ନିଷ୍ପତ୍ତିକୁ ସ୍ୱାଗତ କରିଥିବା ଜଣାପଡିଛି। ଜାଗା ମିଶନ ଯୋଜନାରେ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ ମିନି ପାର୍କ ନିର୍ମାଣ ହେଲେ ସାହିବାସୀନ୍ଦାଙ୍କ ଆମୋଦ ପ୍ରମୋଦ ସହିତ ଛୋଟ ଛୁଆଙ୍କର ମନୋରଞ୍ଜନରେ ଏହା ସହାୟକ ହେବ ବୋଲି ଦର୍ଶାଇଛନ୍ତି। ତେବେ ସମ୍ପୃକ୍ତ ୱାର୍ଡର କେତେକ ବାସୀନ୍ଦା ବିଭିନ୍ନ ବାହାନା କରି ମିନି ପାର୍କ ନିର୍ମାଣକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ଏବଂ ଏସ୍.ଡି.ଏ. ଗ୍ରୁପ ସହିତ ବସ୍ତିବାସିନ୍ଦା ମିନିପାର୍କ ନିର୍ମାଣକୁ ପୂର୍ଣ୍ଣ ସମର୍ଥନ କରୁଥିବା ଦର୍ଶାଇ ବୁଧବାର ସ୍ମାରକପତ୍ର ପୌର ପରିଷଦ ନିର୍ବାହୀ ଅଧିକାରୀ ଏବଂ ଦେବଗଡ ଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ସେହିପରି ଏହାର ଏକ ନକଲ ପୌର ପରିଷଦ ଅଧକ୍ଷାଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡିଛି । ବୁଧବାର ୱାର୍ଡ ନଂ-୧ ର କାଉନସିଲର ପ୍ରମିଳା ବେହେରା, ଏସ୍.ଡି.ଏ. ଖପରସାହିର ସଭାନେତ୍ରୀ କବିତା ମହାକୁଦ ଓ ସମ୍ପାଦିକା ପ୍ରମୋଦିନୀ ପ୍ରଧାନଙ୍କ ନେତୃତ୍ୱରେ ଖପରସାହିର ବହୁ ପୁରୁଷ ଓ ମହିଳା ପୌର ପରିଷଦ କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।


## ବିଜ୍ଞପ୍ତି

ପ୍ରାପ୍ତେଷୁ
**ଶ୍ରୀ କେଶବ ଚନ୍ଦ୍ର ମହାରଣା,ବୈଷୟିକ ସହାୟକ**
ସହାୟକ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ,
ଭବାନୀପାଟଣା, ଜିଲ୍ଲା-କଳାହାଣ୍ଡି ।
ସ୍ଥାୟୀ ଠିକଣା:ଗ୍ରାମ-ଗମହାଡିଆ, ପୋଷ୍ଟ-ବକ୍ସିବଜାର, ଜିଲ୍ଲା-କଟକ

**No.PP-39:**ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଆପଣ ଆସନ୍ତା ତା.୧୦.୧୦.୨୦୨୨ ରିଖ ଦିବା ୧୧.୩୦ ସମୟରେ ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ସତ୍ୟନଗର, ଭୁବନେଶ୍ୱରଙ୍କ ନିକଟରେ ଉପସ୍ଥିତ ହୋଇ ସ୍ମାରକ ପତ୍ର ନଂ.୩୮୫୦/ବୟନ ତାରିଖ ୨୬.୦୫.୨୦୨୨ ର ପ୍ରାପ୍ତ ସ୍ୱୀକାର ରସିଦକୁ ଫେରସ୍ତ କରିବେ ଏବଂ ଏହାକୁ ଉପଯୁକ୍ତ ସମୟରେ ଫେରସ୍ତ ନ କରିବା ସମ୍ବନ୍ଧରେ ନିଜ ପକ୍ଷ ଉପସ୍ଥାପନ କରିବେ ।

ଉପରୋକ୍ତ ନିର୍ଦ୍ଧାରିତ ସମୟାନୁଯାୟୀ ଉପସ୍ଥିତିରେ ବିଫଳ ହେଲେ ଆପଣଙ୍କୁ ପଳାତକ ହିସାବରେ ଧରି ନିଆଯିବ ଏବଂ ଆପଣଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏକତରଫାଭାବେ ଫଇସଲା କରାଯିବ ।

**ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା**

OIPR-31001/11/0006/2223



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**No.A-549: TEL BASIN, BHAWANIPATNA**
**"e" PROCUREMENT NOTICE NO.- CE&BM,TEL, 04/2022-23**

| | | | |
|---|---|---|---|
| 1 | Name of Work:- | Construction of FPE on Tel left from Gaterkela to Tel Bridge from RD 0.00 M To 6000 M | |
| 2 | Total Number of Works:- | 1 No | |
| 3 | Value of work:- | Rs 1269.56 Lakhs (excluding G.S.T.) | |
| 4 | Period of completion:- | 18 (Eighteen) Calendar months | |
| 5 | Other details as follows. | | |
| Procurement Officer/ Name & address of the officer inviting Bids. | Bid Identification No. | Date & Time of availability of Bid document in the Portal. | |
| Chief Engineer & Basin Manager, Tel Basin, Bhawanipatna | **CE&BM, TEL, 04/2022-23** | From Dt.30.09.2022 10.00 hours | To Dt.20.10.2022 to 17.30 hours |

Further details can be seen from the Govt. website www.tendersorissa.gov.in.
**Sd./- Chief Engineer & Basin Manager, Tel Basin, Bhawanipatna**
**OIPR-32317/11/0005/2223**



| କ୍ର.ନଂ. | ସର୍ଭେ/ ପ୍ଲଟ ନଂ. | ସରକାରୀ/ ବେସରକାରୀ | ଜମିର କିସମ | ଅଧିଗ୍ରହଣ (ହେକ୍ଟର) | ଜମିର ମାଲିକ |
|---|---|---|---|---|---|
| ୯୯ | ୧୧୩ | ବେସରକାରୀ | ଘରବାରି | ୦.୦୦୮୯ | ସୁଜାତା ପାତ୍ର, ସ୍ୱା:ଲଳିତ ମୋହନ ପାତ୍ର, ହରେକୃଷ୍ଣ ପାତ୍ର, ପି:ଲଳିତ ମୋହନ ପାତ୍ର, ଜା:ଖଡୁରା, ବା:ଝାରସୁଗୁଡା, ୧୧୩ |
| ୧୦୦ | ୧୧୪ | ବେସରକାରୀ | ଘରବାରି | ୦.୦୧୨୫ | ବୁଦ୍ଧି ଘାସି, ପି:ସହଦେବ ଘାସି, ଜା:ଘାସି, ବା:ନିଜଗାଁ ୧୧୪ |
| ୧୦୧ | ୧୧୫ | ବେସରକାରୀ | ଘରବାରି | ୦.୦୩୧୫ | ରମେଶ କୁମାର ସୋନି, ପି:କିସନ ଲାଲ ସୋନି, ଜା:ପଞ୍ଜାବୀ, ବା:ଝାରସୁଗୁଡା ୧୧୫ |
| ୧୦୨ | ୧୧୭ | ବେସରକାରୀ | ଆଟ ସାଧାରଣ | ୦.୦୧୧୭ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ସତ୍ରୀ ବା:ଝାରସୁଗୁଡା ୧୧୭ |
| ୧୦୩ | ୧୧୭/ ୨୫୪୬ | ବେସରକାରୀ | ଆଟ ସାଧାରଣ | ୦.୦୧ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ସତ୍ରୀ ବା:ଝାରସୁଗୁଡା ୧୧୭/୨୫୪୬ |
| ୧୦୪ | ୧୭୬୦ | ବେସରକାରୀ | ଆଟ ସାଧାରଣ | ୦.୦୧ | ଲଳିତ ପଟେଲ, ପି:ଶୁବନାଥ ପଟେଲ, ଜା:ମାଳି, ବା:ନିଜଗାଁ ୧୭୬୦ |
| ୧୦୫ | ୧୭୬୭ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ମାୟାରାମ ସାହୁ, ଗୁରୁଚରଣ ସାହୁ, ପି:ନାନକୁ ସାହୁ, ସୁନ୍ଦରଲାଲ ସାହୁ, ବଂଶିଲାଲ ସାହୁ, ପି:ଦୟାରାମ ସାହୁ, ଆଶା ସାହୁ, ସ୍ୱା:ଶିବ ନାରାୟଣ ସାହୁ, ବିଜୟ କୁମାର ସାହୁ, ଅଜୟ କୁମାର ସାହୁ, ହେମନ୍ତ କୁମାର ସାହୁ, ପି:ଶିବ ନାରାୟଣ ସାହୁ, ଶାନ୍ତିଲତା ସାହୁ, ସ୍ୱା:ରାମ ପ୍ରସାଦ ସାହୁ, ନୀଳକାନ୍ତ ସାହୁ, ପି: ରାମ ପ୍ରସାଦ ସାହୁ, ରାଜକୁମାରୀ ସାହୁ, ସ୍ୱା:ସଞ୍ଜୟ କୁମାର ସାହୁ, ସାହିଲ ସାହୁ, ପି:ସଞ୍ଜୟ କୁମାର ସାହୁ, ଜା:ତେଲି, ବା:ସମାସିଂହା ୧୭୬୭ |
| ୧୦୬ | ୧୮୫୭ | ବେସରକାରୀ | ଘରବାରି | ୦.୦୦୪ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୧୮୫୭ |
| ୧୦୭ | ୧୮୬୦ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୧୮୬୦ |
| ୧୦୮ | ୧୮୭୮ | ବେସରକାରୀ | ଆଟ ସାଧାରଣ | ୦.୦୨ | ମାୟାରାମ ସାହୁ, ଗୁରୁଚରଣ ସାହୁ, ପି:ନାନକୁ ସାହୁ, ସୁନ୍ଦରଲାଲ ସାହୁ, ବଂଶିଲାଲ ସାହୁ, ପି:ଦୟାରାମ ସାହୁ, ଆଶା ସାହୁ, ସ୍ୱା:ଶିବ ନାରାୟଣ ସାହୁ, ବିଜୟ କୁମାର ସାହୁ, ଅଜୟ କୁମାର ସାହୁ, ହେମନ୍ତ କୁମାର ସାହୁ, ପି:ଶିବ ନାରାୟଣ ସାହୁ, ଶାନ୍ତିଲତା ସାହୁ, ସ୍ୱା:ରାମ ପ୍ରସାଦ ସାହୁ, ନୀଳକାନ୍ତ ସାହୁ, ପି: ରାମ ପ୍ରସାଦ ସାହୁ, ରାଜକୁମାରୀ ସାହୁ, ସ୍ୱା:ସଞ୍ଜୟ କୁମାର ସାହୁ, ସାହିଲ ସାହୁ, ପି:ସଞ୍ଜୟ କୁମାର ସାହୁ, ଜା:ତେଲି, ବା:ସମାସିଂହା ୧୮୭୮ |
| ୧୦୯ | ୨୦୦ | ବେସରକାରୀ | ଆଟ ସାଧାରଣ | ୦.୦୦୯୩ | ଗିରଶ ଚନ୍ଦ୍ର ପାଣ୍ଡେ, ହେମାଦ୍ରୀ ପାଣ୍ଡେ, ଦବ୍ୟଲୋଚନ ପାଣ୍ଡେ, ତେଜରାଜ ପାଣ୍ଡେ, ପି: ନରୋତ୍ତମ ପାଣ୍ଡେ, ଜା:ଅଘରିଆ, ବା:ପୂର୍ଣ୍ଣା ୨୦୦ |
| ୧୧୦ | ୨୦୨ | ବେସରକାରୀ | ଆଟ ସାଧାରଣ | ୦.୦୨୮୭ | ଭବାନୀ ପଟେଲ, ସ୍ୱା:ଘନଶ୍ୟାମ ପଟେଲ, ଜା:ମାଳି, ବା:ଦଲକି ୨୦୨ |
| ୧୧୧ | ୨୦୩୨ | ବେସରକାରୀ | ଜଙ୍ଗଲ | ୦.୦୨୩ | ରାମଚନ୍ଦ୍ର ମାହାର, ପୁରୁଷୋତ୍ତମ ମାହାର, ପି:କଳିଆ ମାହାର, ଜା:ଗଉଡ, ବା: ନିଜଗାଁ (ବୁଚାମୁଣ୍ଡା ପଡ଼ା) ୨୦୩୨ |
| ୧୧୨ | ୨୦୮ | ବେସରକାରୀ | ଆଟ ସାଧାରଣ | ୦.୦୩୮ | ଦୈତାରି ପଟେଲ, ଦିନବନ୍ଧୁ ପଟେଲ, ବୁନ୍ଦେ ପଟେଲ, ନିସପୁରି ପଟେଲ, କାଦୋ ପଟେଲ, ପି:ଦଶରଥ ପଟେଲ, ବୁଇ ପଟେଲ, ପଚ୍ଚାଙ୍ଗି ପଟେଲ, ରାଏମତି ପଟେଲ, ପି:ଲତାବନ ପଟେଲ, ଜା:ମାଳି, ବା:ନିଜଗାଁ ୨୦୮ |
| ୧୧୩ | ୨୨୮ | ବେସରକାରୀ | ଆଟ ସାଧାରଣ | ୦.୦୨ | ଯୁଧିଷ୍ଠିର ଝଙ୍କାର, ଇନ୍ଦୁ ନାୟକ, କଳା ଭୋଇ, ପିତା:ଖେତୁ ଝଙ୍କାର, ଜାତି: ଗୋଣ୍ଡ, ଗ୍ରାମ:ନିଜଗାଁ ୨୨୮ |
| ୧୧୪ | ୨୨୯/ ୨୨୩୫ | ବେସରକାରୀ | ଆଟ ସାଧାରଣ | ୦.୦୧୪୫ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୨୨୯/୨୨୩୫ |
| ୧୧୫ | ୨୩୦ | ବେସରକାରୀ | ଆଟ ସାଧାରଣ | ୦.୦୧୪୫ | ଖେତୁ ଝାଙ୍କର, ପି:ମାଦ୍ରୀ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୦ |
| ୧୧୬ | ୨୩୮ | ବେସରକାରୀ | ଆଟ ସାଧାରଣ | ୦.୦୧୬ | ଯୁଧିଷ୍ଠିର ଝାଙ୍କର, ଇନ୍ଦୁ ନାଏକ, କଳ ଭୋଇ, ପି:ଖେତୁ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୮ |
| ୧୧୭ | ୨୩୯ | ବେସରକାରୀ | ଆଟ ସାଧାରଣ | ୦.୦୨୪ | ଯୁଧିଷ୍ଠିର ଝାଙ୍କର, ଇନ୍ଦୁ ନାଏକ, କଳ ଭୋଇ, ପି:ଖେତୁ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୯ |
| ୧୧୮ | ୨୪୪ | ବେସରକାରୀ | ଆଟ ସାଧାରଣ | ୦..୦୧୮ | ଅଶୋକ କୁମାର ସିଂହ, ପି:ଜାନେଶ୍ୱର ସିଂହ, ଜା:ରାଜପୁତ, ବା:କାଳୀ ମନ୍ଦିର ରୋଡ, ଝାରସୁଗୁଡା ୨୪୪ |
| ୧୧୯ | ୨୪୫ | ବେସରକାରୀ | ଆଟ ସାଧାରଣ | ୦.୦୧୮୬ | ଅଶୋକ କୁମାର ସିଂହ, ପି:ଜାନେଶ୍ୱର ସିଂହ, ଜା:ରାଜପୁତ, ବା:କାଳୀ ମନ୍ଦିର ରୋଡ, ଝାରସୁଗୁଡା ୨୪୫ |
| ୧୨୦ | ୨୫୨ | ବେସରକାରୀ | ଆଟ ସାଧାରଣ | ୦.୦୨୧୮ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୨୫୨ |
| ୧୨୧ | ୨୫୩ | ବେସରକାରୀ | ଆଟ ସାଧାରଣ | ୦.୦୧୨୫ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ଛତ୍ରି, ବା:ଝାରସୁଗୁଡା ୨୫୩ |
| ୧୨୨ | ୨୫୪ | ବେସରକାରୀ | ଆଟ ସାଧାରଣ | ୦.୦୪୮୫ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ଛତ୍ରି, ବା:ଝାରସୁଗୁଡା ୨୫୪ |
| ୧୨୩ | ୨୫୫ | ବେସରକାରୀ | ଆଟ ସାଧାରଣ | ୦.୦୩୩୫ | ରଘୁନାଥ ନାଏକ, ପି:ନରସିଂହ ନାଏକ, ଜା:କରଣ, ବା:ନିଜଗାଁ, ୨୫୫ |
| ୧୨୪ | ୨୬୪ | ବେସରକାରୀ | ଆଟ ସାଧାରଣ | ୦.୦୪୨ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୨୬୪ |
| ୧୨୫ | ୫୦ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ଗିରିଶ ଚନ୍ଦ୍ର ପାଣ୍ଡେ, ପି: ନରୋତ୍ତମ ପାଣ୍ଡେ, ଜା:ଅଘରିଆ, ବା:ପୂର୍ଣ୍ଣା, ଥା:ଝାରସୁଗୁଡା ୫୦ |
| ୧୨୬ | ୫୧ | ବେସରକାରୀ | ଆଟ ସାଧାରଣ | ୦.୦୫୨୬ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୫୧ |
| ୧୨୭ | ୫୨ | ବେସରକାରୀ | ଆଟ ସାଧାରଣ | ୦.୦୦୪ | ବାଳମତି ପଟେଲ, ସ୍ୱା:କୌତୁକ ପଟେଲ, ପ୍ରେମାନନ୍ଦ ପଟେଲ, ପ୍ରମୋଦିନୀ ପଟେଲ, ସଇରେନ୍ଦ୍ରି ପଟେଲ, ରାଜେଶ୍ୱରୀ ପଟେଲ, ପି:ବିଛଲାଲ ପଟେଲ, ଶିବଲାଲ ପଟେଲ, ମୁନୁ ଉର୍ଫ ନରେନ୍ଦ୍ର ପଟେଲ, ସୁଷମା ପଟେଲ, କିଶୋର ପଟେଲ, କଳକତି ପଟେଲ, ପି:ଚନ୍ଦ୍ରଶେଖର ପଟେଲ, ଜା:ମାଳି, ବା:ନିଜଗାଁ ୫୨ |
| ୧୨୮ | ୫୨/ ୨୨୯୧ | ବେସରକାରୀ | ଆଟ ସାଧାରଣ | ୦.୦୨ | ଆଶା ଶର୍ମା, ସ୍ୱା:କମଳ କିଶୋର ଶର୍ମା, ଜା:ବ୍ରାହ୍ମଣ, ବା:ମାରୱାଡିପଡା, ଝାରସୁଗୁଡା, ୫୨/୨୨୯୧ |
| | ମୋଟ ଅଧିକୃତ ଜମି | | | ୩.୮୩୧୪୯ | |

ସ୍ୱା./- ତହସିଲଦାର ତଥା କ୍ଷମତାପନ୍ନ ଭୂ-ଅର୍ଜନ ଅଧିକାରୀ
ଜାତୀୟ ରାଜପଥ ନଂ. ୪୯, ଭୂ-ଅର୍ଜନ ପ୍ରକୋଷ୍ଠ, ତହସିଲ କାର୍ଯ୍ୟାଳୟ,
କୋଲାବିରା, ଝାରସୁଗୁଡ଼ା

OIPR-24126/14/0011/2223

## ଜଗତପୁରରେ ହାତୀ ...

କଚାଡ଼ି ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ହାତୀକୁ ଦେଖି ସେଠାରେ ଚା'ପିଉ ଥିବା ଅନ୍ୟମାନେ ଜୀବନ ବିକଳରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ । ଅପରପକ୍ଷରେ ଛୁଆହାତୀକୁ ଦେଖି ଲୋକମାନେ ପାଟି କରିବାରୁ ଜଗତପୁରସ୍ଥିତ ପଣ୍ଡା ସାହିରେ ଏକ ପଙ୍କ ପୋଖରୀରେ ହାତୀଟି ଫସି ଯାଇଥିଲା । ପରେ ମାଈ ହାତୀ ଆହୁରି ଆକ୍ରମଣାତ୍ମକ ହୋଇ ଉଠିଥିଲା । ନିୟୁ ଶିଳ୍ପାଞ୍ଚଳସ୍ଥିତ ପାଣି ଟାଙ୍କି ନିକଟରେ ଜଣେ ଯୁବକ ହାତୀ ସହ ସେଲ୍ଫି ନେବା ବେଳେ ହାତୀ ଗୋଡ଼ାଇ ଆକ୍ରମଣ କରିଥିଲା । ସେ ଜୀବନ ବିକଳରେ ଦୌଡ଼ୁଥିବାବେଳେ ଅନ୍ୟ ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲେ । ଫଳରେ ଦୁଇ ଜଣ ଆହତ ହୋଇଥଲେ । ସେହିପରି ଚାରିଜଣ ଯୁବକ ମା' ହାତୀପାଖକୁ ଯାଇ ଘଉଡ଼େଇବା ସମୟରେ ହାତୀଟି ସେମାନଙ୍କୁ ଗୋଡ଼ାଇଥିଲା । ଜଣେ ଯୁବକ ଦୌଡ଼ି ନ ପାରି ତଳେ ପଡି ଯିବାରୁ ହାତୀ ତାଙ୍କୁ ମଧ୍ୟ ଦଳି ଦେଇଥିଲା । ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ । ଅନ୍ୟ ୨ଜଣ ଏସ୍‌ସିବିରେ ଚିକିତ୍ସାଧୀନ ଅଛନ୍ତି । ମାଈ ହାତୀକୁ କାବୁ କରିବାକୁ ଦିନ ତମାମ ବନ ବିଭାଗ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା । ପରେ ଇମାମ୍‌ନଗର ନିୟୁ ଶିଳ୍ପାଞ୍ଚଳରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଛି । ଗୁରୁବାର ତା'ର ସ୍ୱାସ୍ଥ୍ୟ ଯାଞ୍ଚ ପରେ ଖୁଣ୍ଟୁଣି ଜଙ୍ଗଲରେ ଛଡ଼ାଯିବ । ଅପରପକ୍ଷରେ ଛୁଆ ହାତୀଟି ସନ୍ଧ୍ୟାରେ ଚୌଦ୍ୱାର ଓଟିଏମ୍ ଅଞ୍ଚଳରେ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି । ବନ ବିଭାଗର ଡିଏଫ୍‌ଓ, ଏସିଏଫ୍, ଫରେଷ୍ଟର, ଜଗତପୁର ଥାନା ଆଇଆଇସି ରବୀନ୍ଦ୍ରନାଥ ମେହେରଙ୍କ ସମେତ ପୋଲିସ ଫୋର୍ସ ହାତୀଙ୍କୁ ଜଙ୍ଗଲମୁହାଁ କରିବାରେ ଚେଷ୍ଟା ଜାରି ରଖିଛନ୍ତି । ଏ ସଂକ୍ରାନ୍ତରେ ଡାଳିଯୋଡ଼ା ରେଞ୍ଜର ଅଭିରାମ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଅଧିକ ଲୋକ ହାତୀଙ୍କ ନିକଟକୁ ଦେଖିବାକୁ ଆସିବାରୁ ହାତୀ ବିରକ୍ତ ହୋଇ ଲୋକଙ୍କୁ ଆକ୍ରମଣ କରୁଛି । ମା' ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇଛି । ଛୁଆ ହାତୀକୁ ଟ୍ରାଙ୍କୁଲାଇଜ ପରେ ଜଙ୍ଗଲ ନିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି ।

ପ୍ରଥମ ପୃଷ୍ଠାରୁ...

## 'ଓଡ଼ିଶା ଶିଳ୍ପ ଯୁଗର ...

ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ ର୍‍ୟାଙ୍କିଂରେ ଓଡ଼ିଶା ନିକଟରେ ଆଚିଭର ଷ୍ଟାଟସ୍ ହାସଲ କରିପାରିଛି । ରାଜ୍ୟର ଅଭିବୃଦ୍ଧିର ଶୋକେସ ଉପସ୍ଥାପନ ପାଇଁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ହେଉଛି ପ୍ଲାଟ୍‌ଫର୍ମ । ବିଶ୍ୱର ପୁଞ୍ଜିନିବେଶକଙ୍କ ପାଇଁ ରାଜ୍ୟ ସରକାର କ'ଣ ସୁବିଧା ସୁଯୋଗ ଯୋଗାଇ ପାରିବେ ସେ ନେଇ ଏହି ଶିଳ୍ପ ମହାକୁମ୍ଭରେ ଉପସ୍ଥାପନ କରାଯିବ । ଭବିଷ୍ୟତର ଶିଳ୍ପକ୍ଷେତ୍ର ପାଇଁ ଏହା ହେଉଛି ଏକ ପ୍ଲାଟ୍‌ଫର୍ମ । ନିଯୁକ୍ତିଭିତ୍ତିକ ଶିଳ୍ପ ଅଭିବୃଦ୍ଧି ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ରୂପାନ୍ତରଣ ଯାତ୍ରାରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରିଛନ୍ତି ।

ଏହି ଅବସରରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ସରକାର ନାଗରିକ ଓ ବ୍ୟବସାୟ ପାଇଁ ଏକ ହୋଲ୍ ଅଫ୍ ଗଭର୍ନମେଣ୍ଟ ମନୋଭାବ ଆପଣାଇଛନ୍ତି । ଦେଶରେ ଓଡ଼ିଶା ପୁଞ୍ଜିନିବେଶ ପାଇଁ ଏକ ପ୍ରକୃଷ୍ଟ ଲକ୍ଷ୍ୟସ୍ଥଳରେ ପରିଣତ ହୋଇଛି । ଶିଳ୍ପ ସଚିବ ହେମନ୍ତ ଶର୍ମା ଶିଳ୍ପ ପାଇଁ ଓଡ଼ିଶାରେ ଥିବା ଇକୋସିଷ୍ଟମ୍ ଏବଂ ମେକ୍ ଇନ୍ ଓଡ଼ିଶା ବିଷୟରେ ଏକ ଉପସ୍ଥାପନ ରଖିଥିଲେ । କର୍ଣ୍ଣାଟକ ରାଜ୍ୟ ପରିଷଦର ଫିକି ଅଧ୍ୟକ୍ଷ କେ. ଉଲ୍ଲାସ କାମଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭବିଷ୍ୟତର ଆଇଟି ନୀତି ଉପରେ ଫୋକସ କରିଥିଲେ । ଷ୍ଟାର୍ଟ ଅପ୍ ଓଡ଼ିଶାର ଅଧ୍ୟକ୍ଷ ଓମ୍‌କାର ରାୟ ୨୦୧୮ ଏବଂ ୨୦୧୯ରେ ଓଡ଼ିଶା ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟର ମାନ୍ୟତା ହାସଲ କରିଥିବା ଉଲ୍ଲେଖ କରିଥିଲେ ।

ଅନ୍ୟପକ୍ଷରେ ଜି ୨ବି ବୈଠକରେ ଓଡ଼ିଶା ଆଇଟି ହବ୍ ସ୍ୱପ୍ନକୁ ବୁଷ୍ଟର ଡୋଜ ମିଳିଛି । ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ୍ ପରେ ଆଇବିଏମ୍ କମ୍ପାନୀ ବଡ଼ ଘୋଷଣା କରିଛି । ଓଡ଼ିଶାରେ ଆଇବିଏମ୍‌ର ଏକ ଶାଖା ଖୋଲିବ । ଆସନ୍ତା ଅକ୍ଟୋବରରେ ଭୁବନେଶ୍ୱରରେ ଆଇବିଏମ୍ ଶାଖା ଖୋଲିବା ନେଇ ସୂଚନା ଥିବାବେଳେ ଏହାଦ୍ୱାରା ୨୦୦ରୁ ୪୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ସମ୍ମିଳନୀରେ ଉପସ୍ଥିତ ରହି ବିଶିଷ୍ଟ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି । ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ କ'ଣ ସୁବିଧା ସୁଯୋଗ ରହିଛି ସେ ନେଇ ଅବଗତ କରାଇଛନ୍ତି । ନିବେଶକ ସମ୍ମିଳନୀରେ ଆଇଟି ସହ ଇଏସ୍‌ଡିଏମ୍, ଟେକ୍ସଟାଇଲ୍ ଆପାରେଲ୍, ଫୁଡ୍ ପ୍ରୋସେସିଂ, ଇ-ଭେହିକିଲ୍, ଅଟୋ ଆଣ୍ଡ ଅଟୋ କମ୍ପୋନେଣ୍ଟ, ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରକୁ ଫୋକସ୍ କରାଯାଇଛି । ଇନ୍‌ଭେଷ୍ଟର୍ସ ମିଟ୍‌ରେ ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ନିବେଶକ ଯୋଗଦେଇଛନ୍ତି । ଜି୨ବି ବୈଠକରେ ଇଙ୍କଚର ଇଣ୍ଡିଆର ସେଣ୍ଟର ହେଡ୍ ରଞ୍ଜିତ କୁମାର, ଆଇବିଏମ୍ ଇଣ୍ଡିଆ ମ୍ୟାନେଜିଂ ପାର୍ଟନର ଅମିତ ଶର୍ମା, ୱିପ୍ରୋ-ଜିଇ ହେଲ୍‌ଥକେୟାର ଏମ୍‌ଡି ଶ୍ରବଣ ସୁବ୍ରମନ୍ୟମ, କନ୍‌ସେନଟ୍ରିକ୍ସ ଡ୍ରାକସ ସର୍ଭିସେସର ସଭାପତି ଗିରିଶ ମେନନ, ଏମ୍‌ବିବିର ସିଏଫ୍‌ଓ ଟି.କେ. ଶ୍ରୀଧର, ଟିକେକେ ପ୍ରେଷ୍ଟିଜର ସିଏଫ୍‌ଓ ସରନ୍ୟାୟନ, ଇଣ୍ଡୋ ନିସିନି ଫୁଡ୍‌ସର ଗୌତମ ଶର୍ମା, କୋକଲ ଦାସ ଏକ୍ସପୋର୍ଟ ପରିଚାଳନା ନିର୍ଦ୍ଦେଶକ ଶିବ ଗଣପତି, ଆସେଞ୍ଚୁର ପରିଚାଳନା ନିର୍ଦ୍ଦେଶକ ଅଜୟ ଭୀଜ୍, ଫ୍ଲିପ୍‌କାର୍ଟର ସିନିୟର ଭି.ପି. ରଜନୀଶ କୁମାର, ପେଜ୍ ଇଣ୍ଡଷ୍ଟ୍ରିଜ୍ ସିଇଓ ଭି.ଏସ୍. ଗଣେଶ, ହାପିଏଷ୍ଟ ମାଇଣ୍ଡସର ସିଏଫ୍‌ଓ ଭେଙ୍କଟରମଣଙ୍କ ସମେତ ୨୦ଜଣ ଶିଳ୍ପପତିଙ୍କ ସହ ନବୀନ ଆଲୋଚନା କରିଛନ୍ତି ।

# କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ
# ତହସିଲଦାର, ରାମପୁରଙ୍କ କାର୍ଯ୍ୟାଳୟ
## ଜାତୀୟ ରାଜପଥ - ୨୬ର ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ

ସଂ. 5227 ତା. 05.09.2022

## ସାଧାରଣ ବିଜ୍ଞପ୍ତି

No. XXXIV-04: ଜାତୀୟ ରାଜପଥ ସଂଖ୍ୟା ଆଇନ୍ - 1956 (ଧାରା - 48ର 1956)ର ଧାରା ୩ (କ) ଉପଧାରା - 3(1) ମୁତାବକ ଯେହେତୁ ଭାରତ ସରକାର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ, ନୂଆଦିଲ୍ଲୀ ଦ୍ୱାରା ଓଡ଼ିଶା ରାଜ୍ୟର ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ - 26ରେ 21/0 କି.ମି.ରୁ 72/0 କି.ମି. ପର୍ଯ୍ୟନ୍ତ ଭୂମିର ସମ୍ପ୍ରସାରଣ/ଦୋହରୀକରଣ ଏବଂ ପେଭଡ ସୋଲ୍ଡର ସହିତ (୨ - ଲେନ/୪ - ଲେନ ନିର୍ମାଣ) ରକ୍ଷଣାବେକ୍ଷଣ, ପରିଚାଳନା ଓ ସମ୍ପାଦନା ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ 1956 (1956ର 48 ନଂ. ଆଇନ)ର ଧାରା ୩ (କ)ର ଉପଧାରା ୧ ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ସଂ. 3792 ତା 23.08.2022 ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି ।

ଏତଦ୍ୱାରା ତଫସିଲ ଭୁକ୍ତ ଜମି ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତା ହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧି ପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ, ତହସିଲଦାର ରାମପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ସର୍ବସାଧାରଣ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

ସ୍ୱା./- ସହକାରୀ ନିର୍ବାହୀ ଯନ୍ତ୍ରୀ
ଜାତୀୟ ରାଜପଥ ଡିଭିଜନ, ବଲାଙ୍ଗୀର

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ଜାତୀୟ ରାଜପଥ ଡିଭିଜନ, ବଲାଙ୍ଗୀର

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ ତଥା
ଭୂ-ଅର୍ଜନ ଅଧିକାରୀ, ଅତିରିକ୍ତ ତହସିଲଦାର,
ତହସିଲଦାର ରାମପୁରଙ୍କ କାର୍ଯ୍ୟାଳୟ, ରାମପୁର

### ଔପଚାରିକତା

### ଓଡ଼ିଶା ରାଜ୍ୟର ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ - ୨୬ର ୨୧/୦ କି.ମି.ରୁ ୭୨/୦ କି.ମି.ର ଭୂ-ଅର୍ଜନ ନିମନ୍ତେ ଉଦ୍ଦିଷ୍ଟ ଜମିର ସଂକ୍ଷିପ୍ତ ବିବରଣୀ

| ରାଜ୍ୟ: ଓଡ଼ିଶା | | | ଜିଲ୍ଲା: ସୁବର୍ଣ୍ଣପୁର | | |
|---|---|---|---|---|---|
| କ୍ର.ନଂ. | ପ୍ଲଟ ନଂ. | ଜମିର କିସମ | ଜମିର ପ୍ରକୃତି | ଅଧିଗ୍ରହଣ ଜମିର ରକବା (ଏକରରେ) | ଅଧିଗ୍ରହଣ ଜମିର ରକବା (ହେକ୍ଟରରେ) |
| ତହସିଲ: ରାମପୁର | | | | | |
| ମୌଜା: ଚିନାଯୁରୀ | | ଥାନା: ଡୁଙ୍ଗୁରିପାଲି | | ଥାନା ନଂ.: ୫୦ | |
| 1 | 184 | ସରକାରୀ | ଘରବାରି | 0.0099999 | 0.0040469 |
| 2 | 314 | ବେସରକାରୀ | ଚକ ଲ୍ୟାଣ୍ଡ | 0.0060001 | 0.0024282 |
| 3 | 315 | ବେସରକାରୀ | ଚକ ଲ୍ୟାଣ୍ଡ | 0.0170000 | 0.0068798 |
| 4 | 323 | ବେସରକାରୀ | ଘର | 0.0020000 | 0.0008094 |
| 5 | 327 | ବେସରକାରୀ | ଘର | 0.0040001 | 0.0016188 |
| 6 | 328 | ସରକାରୀ | ରାସ୍ତା | 0.0010000 | 0.0004047 |
| 7 | 329 | ବେସରକାରୀ | ଘର | 0.0099999 | 0.0040469 |
| 8 | 335 | ବେସରକାରୀ | ଘର | 0.0060001 | 0.0024282 |
| 9 | 340 | ବେସରକାରୀ | ଘର | 0.0020000 | 0.0008094 |
| 10 | 342 | ବେସରକାରୀ | ଘର | 0.0050001 | 0.0020235 |
| 11 | 343 | ବେସରକାରୀ | ଘର | 0.0010000 | 0.0004047 |
| 12 | 344 | ବେସରକାରୀ | ଘର | 0.0060001 | 0.0024282 |
| 13 | 543 | ବେସରକାରୀ | ଘରବାରି | 0.0180000 | 0.0072845 |
| ମୌଜା: ଡୁଙ୍ଗୁରିପାଲି | | ଥାନା: ଡୁଙ୍ଗୁରିପାଲି | | ଥାନା ନଂ.: ୨୫ | |
| 1 | 209 | ବେସରକାରୀ | ଘରବାରି | 0.0420001 | 0.0169972 |
| 2 | 221 | ବେସରକାରୀ | ଚକ ଲ୍ୟାଣ୍ଡ | 0.0310000 | 0.0125455 |
| 3 | 222 | ବେସରକାରୀ | ଘରବାରି | 0.0090000 | 0.0036423 |
| 4 | 222/1727 | ବେସରକାରୀ | ଚକ ଲ୍ୟାଣ୍ଡ | 0.0090000 | 0.0036423 |
| 5 | 222/1728 | ବେସରକାରୀ | ଘରବାରି | 0.0090000 | 0.0036423 |
| 6 | 222/1729 | ବେସରକାରୀ | ଚକ ଲ୍ୟାଣ୍ଡ | 0.0090000 | 0.0036423 |
| 7 | 227 | ବେସରକାରୀ | ଘରବାରି | 0.0190000 | 0.0076892 |
| 8 | 227/1826 | ବେସରକାରୀ | ଘରବାରି | 0.0080000 | 0.0032376 |
| 9 | 227/1865 | ବେସରକାରୀ | ଘରବାରି | 0.0100000 | 0.0040469 |
| 10 | 227/2023 | ବେସରକାରୀ | ଚକ ଲ୍ୟାଣ୍ଡ | 0.0020000 | 0.0008094 |
| 11 | 231 | ବେସରକାରୀ | ଚକ ଲ୍ୟାଣ୍ଡ | 0.0499999 | 0.0202347 |
| 12 | 232 | ବେସରକାରୀ | ଘରବାରି | 0.0600001 | 0.0242817 |
| 13 | 235/1864 | ବେସରକାରୀ | ଘରବାରି | 0.0150000 | 0.0060704 |
| 14 | 235/1875 | ବେସରକାରୀ | ଘରବାରି | 0.0250001 | 0.0101174 |
| 15 | 235/2197 | ବେସରକାରୀ | ଘରବାରି | 0.0200000 | 0.0080939 |
| 16 | 784 | ସରକାରୀ | ରାସ୍ତା | 0.0099999 | 0.0040469 |
| 17 | 785 | ବେସରକାରୀ | ଘରବାରି | 0.0270001 | 0.0109268 |
| 18 | 786 | ବେସରକାରୀ | ଘରବାରି | 0.0030000 | 0.0012141 |
| 19 | 798 | ବେସରକାରୀ | ଘରବାରି | 0.0530000 | 0.0214488 |
| 20 | 798/2130 | ବେସରକାରୀ | ଘରବାରି | 0.0080001 | 0.0032376 |
| 21 | 799 | ବେସରକାରୀ | ଘରବାରି | 0.0090001 | 0.0036423 |
| 22 | 799/2169 | ବେସରକାରୀ | ଘରବାରି | 0.0109999 | 0.0044516 |
| 23 | 802 | ବେସରକାରୀ | ଚକ ଲ୍ୟାଣ୍ଡ | 0.0060001 | 0.0024282 |
| 24 | 802/2187 | ବେସରକାରୀ | ଘରବାରି | 0.0060001 | 0.0024282 |
| 25 | 804 | ସରକାରୀ | ପାଣି ନାଳ | 0.0060001 | 0.0024282 |
| 26 | 812 | ବେସରକାରୀ | ଚକ ଲ୍ୟାଣ୍ଡ | 0.0080001 | 0.0032376 |
| 27 | 813/1880 | ବେସରକାରୀ | ଘରବାରି | 0.0129999 | 0.0052610 |
| 28 | 813/2205 | ବେସରକାରୀ | ଘରବାରି | 0.0260001 | 0.0105221 |
| 29 | 817 | ବେସରକାରୀ | ମାଳ ପାଣି ଏକ ଦୋ | 0.0340000 | 0.0137596 |
| 30 | 818 | ବେସରକାରୀ | ଚକ ଲ୍ୟାଣ୍ଡ | 0.0240001 | 0.0097127 |
| 31 | 819 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ | 0.0020000 | 0.0008094 |
| 32 | 819/1829 | ବେସରକାରୀ | ଘରବାରି | 0.0109999 | 0.0044516 |
| 33 | 819/2154 | ବେସରକାରୀ | ଘରବାରି | 0.0080001 | 0.0032376 |
| 34 | 819/2155 | ବେସରକାରୀ | ଘରବାରି | 0.0090001 | 0.0036423 |
| 35 | 820 | ବେସରକାରୀ | ଘରବାରି | 0.0200000 | 0.0080939 |
| 36 | 846 | ବେସରକାରୀ | ଘର | 0.0040001 | 0.0016188 |
| 37 | 847 | ବେସରକାରୀ | ଘର | 0.0119999 | 0.0048563 |
| 38 | 849 | ବେସରକାରୀ | ଘରବାରି | 0.0080001 | 0.0032376 |
| 39 | 850 | ବେସରକାରୀ | ଆଟପାଣି ଏକ | 0.0099999 | 0.0040469 |
| 40 | 850/1809 | ବେସରକାରୀ | ଘରବାରି | 0.0099999 | 0.0040469 |
| 41 | 851 | ବେସରକାରୀ | ଘର | 0.0160000 | 0.0064751 |
| 42 | 851/1857 | ବେସରକାରୀ | ଘର | 0.0030000 | 0.0012141 |
| 43 | 851/2029 | ବେସରକାରୀ | ଘର | 0.0050001 | 0.0020235 |
| 44 | 852 | ବେସରକାରୀ | ଘରବାରି | 0.0040001 | 0.0016188 |
| 45 | 858 | ବେସରକାରୀ | ଚକ ଲ୍ୟାଣ୍ଡ | 0.0200000 | 0.0080939 |
| 46 | 858/1666 | ବେସରକାରୀ | ଚକ ଲ୍ୟାଣ୍ଡ | 0.0040001 | 0.0016188 |
| 47 | 858/1672 | ବେସରକାରୀ | ଘରବାରି | 0.0040001 | 0.0016188 |
| 48 | 858/1686 | ବେସରକାରୀ | ଚକ ଲ୍ୟାଣ୍ଡ | 0.0040001 | 0.0016188 |
| 49 | 858/1689 | ବେସରକାରୀ | ଚକ ଲ୍ୟାଣ୍ଡ | 0.0030000 | 0.0012141 |
| 50 | 858/1690 | ବେସରକାରୀ | ଚକ ଲ୍ୟାଣ୍ଡ | 0.0050001 | 0.0020235 |
| 51 | 858/1691 | ବେସରକାରୀ | ଚକ ଲ୍ୟାଣ୍ଡ | 0.0040001 | 0.0016188 |
| 52 | 858/1692 | ବେସରକାରୀ | ଚକ ଲ୍ୟାଣ୍ଡ | 0.0080001 | 0.0032376 |
| 53 | 858/1738 | ବେସରକାରୀ | ଘରବାରି | 0.0119999 | 0.0048563 |
| 54 | 858/1757 | ବେସରକାରୀ | ଚକ ଲ୍ୟାଣ୍ଡ | 0.0040001 | 0.0016188 |
| 55 | 860 | ବେସରକାରୀ | ଘର | 0.0200000 | 0.0080939 |
| 56 | 861 | ବେସରକାରୀ | ଘରବାରି | 0.0200000 | 0.0080939 |
| 57 | 864 | ବେସରକାରୀ | ଘରବାରି | 0.0200000 | 0.0080939 |
| 58 | 865 | ବେସରକାରୀ | ଘରବାରି | 0.0080001 | 0.0032376 |
| 59 | 867 | ସରକାରୀ | ବନ୍ଧ ଆଡ଼ି | 0.0669999 | 0.0271145 |
| 60 | 881 | ବେସରକାରୀ | ମନ୍ଦିର | 0.0150000 | 0.0060704 |
| 61 | 882 | ବେସରକାରୀ | ଚକ ଲ୍ୟାଣ୍ଡ | 0.0770001 | 0.0311615 |
| 62 | 883 | ବେସରକାରୀ | ମାଳପାଣି ଏକ ଦୋ | 0.0020000 | 0.0008094 |
| 63 | 883/2184 | ବେସରକାରୀ | ଘରବାରି | 0.0020000 | 0.0008094 |
| 64 | 895 | ବେସରକାରୀ | ଘରବାରି | 0.0550000 | 0.0222582 |
| 65 | 896 | ବେସରକାରୀ | ଘରବାରି | 0.0270001 | 0.0109268 |
| 66 | 899 | ବେସରକାରୀ | ରାସ୍ତା | 0.0060001 | 0.0024282 |
| 67 | 901 | ବେସରକାରୀ | ବାହାଲପାଣି ଏକ ଦୋ | 0.0570000 | 0.0230676 |
| 68 | 96 | ବେସରକାରୀ | ଚକ ଲ୍ୟାଣ୍ଡ | 0.0070000 | 0.0028329 |
| 69 | 96/1731 | ବେସରକାରୀ | ଘରବାରି | 0.0070000 | 0.0028329 |
| 70 | 96/1763 | ବେସରକାରୀ | ଘରବାରି | 0.0040000 | 0.0016188 |
| 71 | 96/1773 | ବେସରକାରୀ | ଘରବାରି | 0.0040000 | 0.0016188 |
| 72 | 96/1813 | ବେସରକାରୀ | ଘରବାରି | 0.0040001 | 0.0016188 |
| 73 | 96/1814 | ବେସରକାରୀ | ଘରବାରି | 0.0030000 | 0.0012141 |
| 74 | 97 | ବେସରକାରୀ | ଚକ ଲ୍ୟାଣ୍ଡ | 0.0380000 | 0.0153784 |
| ମୌଜା: ଗମ୍ଭାରିପାଲି | | ଥାନା: ଡୁଙ୍ଗୁରିପାଲି | | ଥାନା ନଂ.: ୨୬ | |
| 1 | 1819 | ସରକାରୀ | ଧର୍ସା | 0.1199999 | 0.0485633 |
| 2 | 1841 | ବେସରକାରୀ | ଘରବାରି | 0.0020000 | 0.0008094 |
| 3 | 1841/2128 | ବେସରକାରୀ | ଘରବାରି | 0.0020000 | 0.0008094 |
| 4 | 1852 | ବେସରକାରୀ | ଘରବାରି | 0.0050001 | 0.0020235 |
| 5 | 1853 | ବେସରକାରୀ | ଘରବାରି | 0.0050001 | 0.0020235 |
| 6 | 2030 | ବେସରକାରୀ | ଘରବାରି | 0.0050001 | 0.0020235 |
| 7 | 2031 | ବେସରକାରୀ | ଘରବାରି | 0.0040001 | 0.0016188 |
| 8 | 2032 | ବେସରକାରୀ | ଘରବାରି | 0.0030000 | 0.0012141 |
| 9 | 2033 | ବେସରକାରୀ | ରାସ୍ତା | 0.0020000 | 0.0008094 |
| 10 | 2034 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0109999 | 0.0044516 |
| 11 | 2034/2538 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0010000 | 0.0004047 |
| 12 | 2035 | ବେସରକାରୀ | ଚକ ଲ୍ୟାଣ୍ଡ | 0.0299999 | 0.0121408 |
| 13 | 2036 | ବେସରକାରୀ | ଘରବାରି | 0.0119999 | 0.0048563 |
| 14 | 2036/2188 | ବେସରକାରୀ | ଘରବାରି | 0.0040001 | 0.0016188 |
| 15 | 2036/2210 | ବେସରକାରୀ | ଘରବାରି | 0.0030000 | 0.0012141 |
| 16 | 2036/2238 | ବେସରକାରୀ | ଘରବାରି | 0.0040001 | 0.0016188 |
| 17 | 2036/2337 | ବେସରକାରୀ | ଘରବାରି | 0.0040001 | 0.0016188 |
| 18 | 2036/2670 | ବେସରକାରୀ | ଘରବାରି | 0.0010000 | 0.0004047 |
| 19 | 2037 | ସରକାରୀ | ଉନ୍ନତ ଯୋଜନା ଯୋଗ୍ୟ | 0.0200000 | 0.0080939 |
| 20 | 2038 | ବେସରକାରୀ | ଚକ ଲ୍ୟାଣ୍ଡ | 0.0060001 | 0.0024282 |
| 21 | 2038/2131 | ବେସରକାରୀ | ଘରବାରି | 0.0040001 | 0.0016188 |
| 22 | 2038/2132 | ବେସରକାରୀ | ଘରବାରି | 0.0040001 | 0.0016188 |
| 23 | 2038/2444 | ବେସରକାରୀ | ଘରବାରି | 0.0040001 | 0.0016188 |
| 24 | 2038/2454 | ବେସରକାରୀ | ଘରବାରି | 0.0040001 | 0.0016188 |
| 25 | 2038/2456 | ବେସରକାରୀ | ଘରବାରି | 0.0040001 | 0.0016188 |
| 26 | 2038/3025 | ବେସରକାରୀ | ଚକ ଲ୍ୟାଣ୍ଡ | 0.0040001 | 0.0016188 |
| 27 | 2039 | ବେସରକାରୀ | ଚକ ଲ୍ୟାଣ୍ଡ | 0.0010000 | 0.0004047 |
| 28 | 2039/2169 | ବେସରକାରୀ | ଘରବାରି | 0.0080001 | 0.0032376 |
| 29 | 2039/2200 | ବେସରକାରୀ | ଘରବାରି | 0.0060001 | 0.0024282 |
| 30 | 2039/2325 | ବେସରକାରୀ | ଘରବାରି | 0.0010000 | 0.0004047 |
| 31 | 2039/2450 | ବେସରକାରୀ | ଘରବାରି | 0.0020000 | 0.0008094 |
| 32 | 2039/2451 | ବେସରକାରୀ | ଘରବାରି | 0.0020000 | 0.0008094 |
| 33 | 2043 | ବେସରକାରୀ | ଘରବାରି | 0.0109999 | 0.0044516 |
| 34 | 2043/2098 | ବେସରକାରୀ | ଘରବାରି | 0.0020000 | 0.0008094 |
| 35 | 2043/2104 | ବେସରକାରୀ | ଘରବାରି | 0.0020000 | 0.0008094 |
| 36 | 2043/2105 | ବେସରକାରୀ | ଘରବାରି | 0.0020000 | 0.0008094 |
| 37 | 2043/2136 | ବେସରକାରୀ | ଚକ ଲ୍ୟାଣ୍ଡ | 0.0020000 | 0.0008094 |
| 38 | 2043/2170 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0020000 | 0.0008094 |
| 39 | 2043/2305 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0020000 | 0.0008094 |
| 40 | 2043/2306 | ବେସରକାରୀ | ଘରବାରି | 0.0020000 | 0.0008094 |
| 41 | 2043/2308 | ବେସରକାରୀ | ଘରବାରି | 0.0020000 | 0.0008094 |
| 42 | 2043/2344 | ବେସରକାରୀ | ଘରବାରି | 0.0020000 | 0.0008094 |
| 43 | 2043/2346 | ବେସରକାରୀ | ଚକ ଲ୍ୟାଣ୍ଡ | 0.0020000 | 0.0008094 |
| 44 | 2043/2431 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0020000 | 0.0008094 |
| 45 | 2046 | ବେସରକାରୀ | ଘରବାରି | 0.0080001 | 0.0032376 |
| 46 | 2047 | ବେସରକାରୀ | ଧର୍ସା | 0.0010000 | 0.0004047 |
| 47 | 2077 | ବେସରକାରୀ | ଘରବାରି | 0.0050001 | 0.0020235 |
| 48 | 2077/2261 | ବେସରକାରୀ | ଘରବାରି | 0.0010000 | 0.0004047 |
| 49 | 2077/2390 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0030000 | 0.0012141 |
| 50 | 2077/2415 | ବେସରକାରୀ | ଘରବାରି | 0.0020000 | 0.0008094 |
| 51 | 2077/2416 | ବେସରକାରୀ | ଘରବାରି | 0.0010000 | 0.0004047 |
| 52 | 2077/2474 | ବେସରକାରୀ | ଘରବାରି | 0.0030000 | 0.0012141 |
| 53 | 2077/2475 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0010000 | 0.0004047 |
| 54 | 2078 | ବେସରକାରୀ | ଘରବାରି | 0.0060001 | 0.0024282 |
| 55 | 2078/2211 | ବେସରକାରୀ | ଘରବାରି | 0.0020000 | 0.0008094 |
| 56 | 2078/2221 | ବେସରକାରୀ | ଘରବାରି | 0.0020000 | 0.0008094 |
| 57 | 2078/2231 | ବେସରକାରୀ | ଘରବାରି | 0.0030000 | 0.0012141 |
| 58 | 2078/2234 | ବେସରକାରୀ | ଘରବାରି | 0.0030000 | 0.0012141 |
| 59 | 2078/2236 | ବେସରକାରୀ | ବାହାଲ ପାଣି ଏକ ଦୋ ଫସଲ | 0.0010000 | 0.0004047 |
| 60 | 2078/2298 | ବେସରକାରୀ | ଘରବାରି | 0.0020000 | 0.0008094 |
| 61 | 2078/2422 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0020000 | 0.0008094 |
| 62 | 2080 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0030000 | 0.0012141 |
| 63 | 2080/2217 | ବେସରକାରୀ | ଘରବାରି | 0.0020000 | 0.0008094 |
| 64 | 2080/2371 | ବେସରକାରୀ | ଘରବାରି | 0.0020000 | 0.0008094 |
| 65 | 2080/2385 | ବେସରକାରୀ | ଘରବାରି | 0.0010000 | 0.0004047 |
| 66 | 2080/2386 | ବେସରକାରୀ | ଘରବାରି | 0.0010000 | 0.0004047 |
| 67 | 2080/2387 | ବେସରକାରୀ | ଘରବାରି | 0.0010000 | 0.0004047 |
| 68 | 2080/2389 | ବେସରକାରୀ | ଘରବାରି | 0.0010000 | 0.0004047 |
| 69 | 2080/2400 | ବେସରକାରୀ | ଘରବାରି | 0.0010000 | 0.0004047 |
| 70 | 2080/2401 | ବେସରକାରୀ | ଘରବାରି | 0.0010000 | 0.0004047 |
| 71 | 2080/2407 | ବେସରକାରୀ | ଘରବାରି | 0.0020000 | 0.0008094 |
| 72 | 2080/2420 | ବେସରକାରୀ | ଘରବାରି | 0.0010000 | 0.0004047 |
| 73 | 2080/2482 | ବେସରକାରୀ | ଘରବାରି | 0.0020000 | 0.0008094 |
| 74 | 2080/2572 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0010000 | 0.0004047 |
| 75 | 2080/2600 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0010000 | 0.0004047 |
| 76 | 2080/2694 | ବେସରକାରୀ | ବେର୍ଣ୍ଣାପାଣି ଏକ ଦୋ ଫସଲ | 0.0010000 | 0.0004047 |
| 77 | 2080/2725 | ବେସରକାରୀ | ଘରବାରି | 0.0010000 | 0.0004047 |
| ମୌଜା: ଖୁଣ୍ଟପାଲି | | ଥାନା: ଡୁଙ୍ଗୁରିପାଲି | | ଥାନା ନଂ.: ୨୭ | |
| 1 | 1133 | ସରକାରୀ | କରନାଳ | 0.0300000 | 0.0121408 |
| 2 | 1213 | ସରକାରୀ | ଗୋଚର | 0.0100000 | 0.0040469 |
| 3 | 1239 | ବେସରକାରୀ | ଚକ ଲ୍ୟାଣ୍ଡ | 0.0190000 | 0.0076892 |
| 4 | 1240 | ବେସରକାରୀ | ଚକ ଲ୍ୟାଣ୍ଡ | 0.0620000 | 0.0250911 |
| 5 | 1240/1853 | ବେସରକାରୀ | ଘରବାରି | 0.0040000 | 0.0016188 |
| 6 | 1240/1871 | ବେସରକାରୀ | ଘରବାରି | 0.0040000 | 0.0016188 |
| 7 | 328 | ବେସରକାରୀ | ଘରବାରି | 0.0150000 | 0.0060704 |
| 8 | 382 | ବେସରକାରୀ | ମାଲପାଣି ଏକ ଦୋ ଫସଲ | 0.0020000 | 0.0008094 |
| 9 | 382/1891 | ବେସରକାରୀ | ମାଲପାଣି ଏକ ଦୋ ଫସଲ | 0.0040001 | 0.0016188 |
| 10 | 384 | ବେସରକାରୀ | ଚକ ଲ୍ୟାଣ୍ଡ | 0.0060001 | 0.0024282 |
| 11 | 385 | ସରକାରୀ | ଉନ୍ନତ ଯୋଜନା ଯୋଗ୍ୟ | 0.0590001 | 0.0238770 |
| 12 | 385/1696 | ବେସରକାରୀ | ଘରବାରି | 0.0040000 | 0.0016188 |
| 13 | 385/1702 | ବେସରକାରୀ | ଘରବାରି | 0.0040000 | 0.0016188 |
| 14 | 385/1703 | ବେସରକାରୀ | ଘରବାରି | 0.0040000 | 0.0016188 |
| 15 | 385/1704 | ବେସରକାରୀ | ଘରବାରି | 0.0040000 | 0.0016188 |
| 16 | 385/1708 | ବେସରକାରୀ | ଘରବାରି | 0.0040000 | 0.0016188 |
| 17 | 385/1709 | ବେସରକାରୀ | ଘରବାରି | 0.0040000 | 0.0016188 |
| 18 | 385/1710 | ବେସରକାରୀ | ଘରବାରି | 0.0040000 | 0.0016188 |
| 19 | 385/1711 | ବେସରକାରୀ | ଘରବାରି | 0.0040000 | 0.0016188 |
| 20 | 530 | ବେସରକାରୀ | ଚକ ଲ୍ୟାଣ୍ଡ | 0.0499999 | 0.0202347 |
| 21 | 530/1900 | ବେସରକାରୀ | ଘରବାରି | 0.0479999 | 0.0194253 |
| 22 | 533 | ବେସରକାରୀ | ଚକ ଲ୍ୟାଣ୍ଡ | 0.2089999 | 0.0845811 |
| 23 | 612 | ବେସରକାରୀ | ଚକ ଲ୍ୟାଣ୍ଡ | 0.0600001 | 0.0242817 |
| 24 | 613 | ବେସରକାରୀ | ଚକ ଲ୍ୟାଣ୍ଡ | 0.0540000 | 0.0218535 |
| 25 | 614 | ବେସରକାରୀ | ବାହାଲ ପାଣି ଏକ ଦୋ ଫସଲ | 0.0380000 | 0.0153784 |
| 26 | 889 | ସରକାରୀ | ନୟନ ଯୋରୀ | 0.0800001 | 0.0323756 |
| 27 | 890 | ସରକାରୀ | ଗ୍ରାମ୍ୟ ଜଙ୍ଗଲ | 0.0400001 | 0.0161878 |
| 28 | 891 | ସରକାରୀ | ନୟନ ଯୋରୀ | 0.0200000 | 0.0080939 |
| 29 | 893 | ବେସରକାରୀ | ଚକ ଲ୍ୟାଣ୍ଡ | 0.0050001 | 0.0020235 |
| 30 | 893/1855 | ବେସରକାରୀ | ଘରବାରି | 0.0020000 | 0.0008094 |
| 31 | 893/1867 | ବେସରକାରୀ | ଘରବାରି | 0.0080001 | 0.0032376 |
| 32 | 893/1890 | ବେସରକାରୀ | ଘରବାରି | 0.0119999 | 0.0048563 |
| 33 | 894 | ବେସରକାରୀ | ଘରବାରି | 0.0010000 | 0.0004047 |
| 34 | 894/1760 | ବେସରକାରୀ | ଚକ ଲ୍ୟାଣ୍ଡ | 0.0040000 | 0.0016188 |

OIPR-24323/14/0001/2223

# ବିଜେଡି-ଭାଜପା ଟକ୍କର



■ଆଜିଠୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡାଙ୍କ ୨ଦିନିଆ ଓଡ଼ିଶା ଗସ୍ତ

■ ବରମୁଣ୍ଡା ପଡ଼ିଆରେ ବିଜେଡିର ଦୁଇ ଦିନିଆ ସମ୍ମିଳନୀ ଆରମ୍ଭ

■କଂଗ୍ରେସ କହିଲା ବିଜେଡି-ଭାଜପାର କେବଳ ନାଟକ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଭୁବନେଶ୍ୱରରେ ଗୁରୁବାର ହାଇଭୋଲ୍ଟେଜ୍ ରାଜନୈତିକ ଟକ୍କର ଦେଖିବାକୁ ମିଳିବ। ଦଳୀୟ କାର୍ଯ୍ୟକ୍ରମ ବାହାନାରେ ଉଭୟ ବିଜେଡି ଏବଂ ଭାଜପା ନିଜ ନିଜର ଶକ୍ତି ପ୍ରଦର୍ଶନ କରିବେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଓଡ଼ିଶା ଗସ୍ତ ଲାଗି ଭାଜପା କରିଥିବା ବ୍ୟାପକ ଆୟୋଜନକୁ ଟକ୍କରଦେବାକୁ ବିଜେଡି ଆରମ୍ଭ କରିଛି ପ୍ରତିନିଧି ସମ୍ମିଳନୀ। ୨୦୨୪ ସାଧାରଣ ନିର୍ବାଚନ ଲାଗି ଭାଜପା ବିଗୁଲ୍ ଫୁଙ୍କିବା ସହିତ ରାଜ୍ୟରେ ଭାଜପା କିପରି ଶାସନ କ୍ଷମତାକୁ ଆସିବ ସେନେଇ ଦଳୀୟ ନେତୃବୃନ୍ଦଙ୍କୁ ନଡ୍ଡା ଗୁରୁମନ୍ତ୍ର ଦେବେ। ଅନ୍ୟପଟେ ଆସନ୍ତା ୨ ତାରିଖରୁ ବିଜେଡିର ଆରମ୍ଭ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରାରେ କେଉଁ ସବୁ ପ୍ରସଙ୍ଗ ନେଇ ଦଳ ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ଆଲୋଚନା କରିବ। ତେବେ ନିକଟରେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନରେ ଭାଜପା ଏବଂ ବିଜେଡି ଏକାଠି ଥିବାବେଳେ ନଡ୍ଡାଙ୍କ ଆଭିମୁଖ୍ୟ କ'ଣ ହେବ ତାକୁ ନେଇ ତାଙ୍କ ଦଳର ନେତାମାନଙ୍କ ମଧ୍ୟ ଅପେକ୍ଷା ରହିଥିବା ଚର୍ଚ୍ଚା ହେଉଛି।

ଜନତା ମଇଦାନରେ ଭାଜପା ନଡ୍ଡାଙ୍କ କାର୍ଯ୍ୟକ୍ରମ ଲାଗି ମଞ୍ଚଠାରୁ ଆରମ୍ଭ କରି କର୍ମକର୍ତ୍ତାଙ୍କ ବସିବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟବସ୍ଥା ଚଳାଇଥିବା ବେଳେ ବିଜେଡି ନିଜ କାର୍ଯ୍ୟକ୍ରମ ପାଇଁ ବରମୁଣ୍ଡା ପଡ଼ିଆକୁ ବାଛିଛି। ଭାଜପା କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଦଳ ପକ୍ଷରୁ ବ୍ୟାପକ ଆୟୋଜନ ଚାଲିଥିବା ବେଳେ ବିଜେଡି ମଧ୍ୟ ସବୁ ପ୍ରକାର ବନ୍ଦୋବସ୍ତ ଚଳାଇଛି। ଭାଜପା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀଙ୍କ ସହ ପୂରା ଟିମ୍ ନଡ୍ଡାଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତିକୁ ତଦାରଖ କରୁଛନ୍ତି। ବିଜେଡି ଛାମୁଆ ସଙ୍ଗଠନ ଦଳର କାର୍ଯ୍ୟକ୍ରମ ଲାଗି ସବୁକିଛି ପ୍ରସ୍ତୁତିର ତଦାରଖ ଚଳାଇଛନ୍ତି। ରାଜଧାନୀରେ ଗୁରୁବାର ବିଜେଡି ଏବଂ ଭାଜପା ମୁହାଁମୁହିଁ ହେବେ। ନଡ୍ଡା ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବାପରେ ପ୍ରଥମ ଥର ଲାଗି ଓଡ଼ିଶା ଆସୁଛନ୍ତି। ସେଥିଲାଗି ଦଳ ତାଙ୍କୁ ସ୍ୱାଗତ କରିବା ଲାଗି ବ୍ୟାପକ ଆୟୋଜନ ଚଳାଇଛି। ଏୟାରପୋର୍ଟରୁ ଆରମ୍ଭକରି ଭାଜପା ରାଜ୍ୟ କାର୍ଯ୍ୟାଳୟ ଏବଂ ସେଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ସବୁଠାରେ ନଡ୍ଡାଙ୍କ ପୋଷ୍ଟର ଏବଂ କଟ୍ଆଉଟ ଛାଇ ହୋଇଯାଇଛି। ନଡ୍ଡାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ଭାଜପା ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହିତ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ ଓ ଗୀତର ଆୟୋଜନ କରିଛି। ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ନଡ୍ଡାଙ୍କୁ ଦଳୀୟ କାର୍ଯ୍ୟାଳୟ ଏବଂ ଏହାପରେ ଜନତା ମଇଦାନକୁ ଯିବେ। ସେଠାରେ ଶକ୍ତିକେନ୍ଦ୍ର ବା ପଞ୍ଚାୟତରୁ ଆସିଥିବା କାର୍ଯ୍ୟକର୍ତ୍ତାଙ୍କୁ ସେ ଗୁରୁମନ୍ତ୍ର ଦେବେ। ସଙ୍ଗଠନକୁ ମଜଭୁତ କରିବା ସହିତ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସବୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ମାହୋଲ ବନାଇବାକୁ ରଣନୀତି ପ୍ରସ୍ତୁତ ହେବ। ସେଠାରୁ କାର୍ଯ୍ୟକ୍ରମ ଶେଷକରି ଦଳୀୟ କାର୍ଯ୍ୟାଳୟରେ ଏମ୍‌ପି, ବିଧାୟକ ଏବଂ ପଦାଧିକାରୀମାନଙ୍କ ସହ ଗୁପ୍ତ ଆଲୋଚନା ହେବ। ଏହାପରେ ସନ୍ଧ୍ୟାରେ ପୁରୀ ଗସ୍ତରେ ଯାଇ ସେଠାରେ ରାତ୍ରିଯାପନ କରିବେ। ୩୦ ତାରିଖ ସକାଳେ ମହାପ୍ରଭୁଙ୍କ ଦର୍ଶନ ସାରି ସେଠାରୁ ସିଧାସଳଖ ଭଦ୍ରକ ଗସ୍ତ କରିବେ। ଦିବଂଗତ ନେତା ବିଷ୍ଣୁ ସେଠୀଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବେ। ସେଠାରୁ ଫେରିବା ପରେ ପୁଣିଥରେ ଜନତା ମଇଦାନଠାରେ ସଂଯୁକ୍ତ ମୋର୍ଚ୍ଚାମାନଙ୍କୁ ନେଇ ଆୟୋଜନ ହେବାକୁ ଥିବା ସଭାରେ ସାମିଲ ହେବେ। ଏହାପରେ ଦଳୀୟ କାର୍ଯ୍ୟାଳୟ ଫେରି କୋର୍ ଟିମ୍ ସଦସ୍ୟମାନଙ୍କ ସହ ଆଲୋଚନା କରିବେ। ପୁରନ୍ଦେଶ୍ୱରୀ କହିଛନ୍ତି, ନଡ୍ଡା ଏଠାରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିବା ସହ ମାର୍ଗଦର୍ଶନ ଦେବାକୁ ଏବଂ ଆଗାମୀ ନିର୍ବାଚନରେ ଦଳ କିପରି ଲଢ଼େଇକୁ ଓହ୍ଲାଇବ, ତା'ର ପ୍ରସ୍ତୁତି କେମିତି ହେବ ସେନେଇ ଜଣାଇବେ। ଏହାସହ କେଉଁ ଏଜେଣ୍ଡା ଧରି ଆଗକୁ ଦଳ ଯିବ ସେହି ସମସ୍ତ ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ନଡ୍ଡା ମାର୍ଗଦର୍ଶନ ଦେବେ।

ସେହିପରି ସମାନ ଦୁଇଦିନ ବିଜେଡି ଭାଜପା କାର୍ଯ୍ୟକ୍ରମକୁ କାଉଣ୍ଟର କରିବ। ପ୍ରଥମ ଦିନ ବିଜୁ ଯୁବ, ଛାତ୍ର ଓ ମହିଳା ଟିମ୍, ବିଧାୟକ, ଏମ୍‌ପି, ଜିଲା ସଭାପତିମାନେ ଯୋଗଦେବେ। ୩୦ରେ ବିଜେଡିର ନିର୍ବାଚିତ ପ୍ରତିନିଧିମାନଙ୍କ ବୈଠକ ହେବ। ଅକ୍ଟୋବର ୨ରୁ ଆରମ୍ଭ ହେଉଥିବା ପଦଯାତ୍ରାରେ ଦଳ କେଉଁ ସବୁ ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବ ସେନେଇ ଆଲୋଚନା ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଭିସି ଜରିଆରେ ସାମିଲ ହୋଇପାରନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବିଜେଡି ଓ ଭାଜପା କାର୍ଯ୍ୟକ୍ରମକୁ କାଉଣ୍ଟର କରି କହିଛନ୍ତି, ବିଜେଡି ଓ ଭାଜପା ଉଭୟ ଭିତରେ ଏକାଠି ହୋଇଛନ୍ତି। ଭାଜପାର କେନ୍ଦ୍ରୀୟ ନେତା ଆଉ ବିଜେଡି ବିରୋଧରେ ମୁହଁ ଖୋଲୁନାହାନ୍ତି। ଭାଜପାକୁ ୧୫ଟି ଏମ୍‌ପି ଆସନ ଦରକାର ଏବଂ ବିଜେଡିକୁ ମୁଖ୍ୟମନ୍ତ୍ରୀ ପଦ ଆବଶ୍ୟକ। ବିଜେଡିକୁ ସିବିଆଇ ଭୟ ଥିବାବେଳେ ଭାଜପାକୁ ଭୋଟ୍ ଡର। ତେଣୁ ଉଭୟେ ଏକାଠି ବୋଲି ସେ କହିଛନ୍ତି।

## ୭ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ ନବୀନ ନିବାସ ଘେରାଉ: ଛାତ୍ର କଂଗ୍ରେସ



ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ସରକାରୀ ବାସଭବନ ଆଗରେ ଛାତ୍ର କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

### ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଅଣ୍ଡା, ଟମାଟୋ ମାଡ଼

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ପୁରୀ ଜିଲା ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ଧର୍ମେନ୍ଦ୍ରଙ୍କ ମୃତ୍ୟୁ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଦାୟୀ କରିଛନ୍ତି ବିରୋଧୀ ଭାଜପା ଓ କଂଗ୍ରେସ। ଏପରିକି ଏହି ଘଟଣାରେ ସମୀରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପ୍ରତିବାଦରେ ଛାତ୍ର କଂଗ୍ରେସ ତାତିଛି। ଏନେଇ ବୁଧବାର ୟୁନିଟ୍-୧ ସ୍ଥିତ ମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖ ରଣକ୍ଷେତ୍ର ପାଲଟିଛି। ଶତାଧିକ ଛାତ୍ର କଂଗ୍ରେସ କର୍ମୀ ସେଠାରେ ପହଞ୍ଚି ମନ୍ତ୍ରୀଙ୍କ ବିରୋଧରେ ନାରା ଦେବା ସହ ମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ। ଏହି ସମୟରେ ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରବଳ ଟଣାଓଟରା ପରିସ୍ଥିତି ଦେଖିବାକୁ ମିଳିଥିଲା। ଏହାପରେ ପୋଲିସ ପହଞ୍ଚି ସମସ୍ତ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଅଧିକ ଜୋର୍‌ଦାର କରାଯିବା ସହ ନବୀନ ନିବାସ ଘେରାଉ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁକୁ ନେଇ ତୁମ୍ଫିତୋଫାନ ଆରମ୍ଭ ହୋଇଯାଇଥିବା ବେଳେ ଗତ ମଙ୍ଗଳବାର ଏକ ଅଡିଓ ଭାଇରାଲ ହୋଇଛି। ଉକ୍ତ ଅଡିଓରେ ଧର୍ମେନ୍ଦ୍ର ନିଜର ଜଣେ ବନ୍ଧୁଙ୍କ ସହ କଥା ହେବା ବେଳେ ମନ୍ତ୍ରୀ ସମୀର ଦାଶ ତାଙ୍କୁ ବହୁତ ମାନସିକ ନିର୍ଯାତନା ଦେଉଥିବା କଥା ଶୁଣିବାକୁ ମିଳୁଛି। ଏପରିକି ଆତ୍ମହତ୍ୟା କଲେ ଏହା ପଛରେ ସମୀର ଦାୟୀ ବୋଲି ସ୍ପଷ୍ଟ ଭାବେ କହୁଥିବାର ଅଭିଯୋଗ ମଧ୍ୟ ଆସିଛି। ଏହାବାଦ ଧର୍ମେନ୍ଦ୍ର ନିଜ ସ୍ତ୍ରୀ ଓ ଜଣେ କଣ୍ଟ୍ରାକ୍ଟରଙ୍କ ନାଁ ମଧ୍ୟ ନେଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି।

## ପ୍ରିୟଙ୍କାଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବାକୁ ଦାବି

ନୂଆଦିଲ୍ଲୀ,୨୮।୯

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଦଳର ମୁଖ୍ୟ କରିବାକୁ ଦାବି କରାଯାଇଛି। ଆସାମର କଂଗ୍ରେସ ଏମ୍‌ପି ଅବଦୁଲ ଖାଲେକ ପ୍ରିୟଙ୍କାଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବାକୁ ଦାବି କରିଛନ୍ତି। ଖାଲେକ ଯୁକ୍ତି ବାଢିଛନ୍ତି, ଭଦ୍ରା ପରିବାରର ବୋହୂ ହୋଇ ସାରିଥିବା ପ୍ରିୟଙ୍କାଙ୍କୁ ଭାରତୀୟ ପରମ୍ପରା ଅନୁଯାୟୀ ଗାନ୍ଧୀ ପରିବାରର ସଦସ୍ୟ ବୋଲି କୁହାଯାଇପାରିବ ନାହିଁ। ପ୍ରିୟଙ୍କା କଂଗ୍ରେସ ଅଧ୍ୟକ୍ଷ ହେବା ଆବଶ୍ୟକ। ସୂଚନାଯୋଗ୍ୟ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ଗାନ୍ଧୀ ପରିବାରର କୌଣସି ସଦସ୍ୟ ଅଧ୍ୟକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। କଂଗ୍ରେସର ଅନେକ ରାଜ୍ୟ ୟୁନିଟ୍ ମଧ୍ୟ ରାହୁଲଙ୍କୁ ଅଧ୍ୟକ୍ଷ କରିବାକୁ ଦାବି କରି ସଂକଳ୍ପ ପାରିତ କରିଥିଲେ ବି ରାହୁଲ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ରାଜି ହୋଇ ନ ଥିଲେ। କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ରେସ ଦିନକୁ ଦିନ ରୋଚକ ହେବାରେ ଲାଗିଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପରେ, ଶଶି ଥରୁର ଏବଂ ଏବେ ଦିଗବିଜୟ ସିଂଙ୍କ ନାମ ଏହି ରେସ୍‌ରେ ସାମିଲ ହୋଇଛି। ସେପ୍ଟେମ୍ବର ୩୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ଏକରୁ ଅଧିକ ପ୍ରାର୍ଥୀ ହେଲେ ଅକ୍ଟୋବର ୧୭ରେ ନିର୍ବାଚନ ହେବ ଏବଂ ଅକ୍ଟୋବର ୧୯ରେ ଫଳାଫଳ ଘୋଷଣା କରାଯିବ।



## ମୋଦି ମଧ୍ୟ ମୋ କ୍ୟାରିୟରକୁ ଶେଷ କରିପାରିବେ ନାହିଁ : ପଙ୍କଜା ମୁଣ୍ଡେ

ମୁମ୍ବାଇ, ୨୮।୯

ଭାଜପାର ରାଷ୍ଟ୍ରୀୟ ସଚିବ ପଙ୍କଜା ମୁଣ୍ଡେ ତାଙ୍କ ଅଭିଭାଷଣରେ କହିଛନ୍ତି 'ମୋଦି ଜୀ ମଧ୍ୟ ତାଙ୍କ କ୍ୟାରିୟର ଶେଷ କରିପାରିବେ ନାହିଁ'। ଏହାକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁଯାୟୀ ମହାରାଷ୍ଟ୍ରର ବିଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ପାଳନ ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି ପଙ୍କଜା କହିଛନ୍ତି, କଂଗ୍ରେସରେ ବଂଶବାଦ ଜାରି ରହିଛି। ମୋଦିଜୀ ବଂଶବାଦ ଶାସନ ଶେଷ କରିବାକୁ ଚାହାଁନ୍ତି। ମୁଁ ଏକ ରାଜନୈତିକ ପରିବାରରୁ ଆସିଛି, କିନ୍ତୁ ଯଦି ଆପଣଙ୍କ ହୃଦୟ ଏବଂ ମନରେ ରହିଥାଏ ତେବେ ମୋଦିଜୀ ମଧ୍ୟ ମୋର ରାଜନୈତିକ କ୍ୟାରିୟର ଶେଷ କରିପାରିବେ ନାହିଁ ବୋଲି ସେ କହିଛନ୍ତି ।


GOVERNMENT OF ODISHA

**Office of the Superintending Engineer Kanupur Canal Division No.- II,**
AT / PO-Rimuli, Dist. - Keonjhar, PIN-758047.

**e- PROCUREMENT NOTICE**
Bid Identification No. SE, KCD No. - II - 01/ 2022-23

No.A-541: Email- eekcdvn2@qmail.com

| | | |
|---|---|---|
| 1 | Name of the work | "Shifting of 33 KV line, 11KV line & LT. line at Badaposi, Birikuan (Kha), Birikuan (Ka) & Chhelianal (3 parts) for excavation of Kanupur Main Canal". |
| 2 | Estimated Cost | Rs. 30.40 Lakh |
| 3 | Period of Completion | 3 (Three) Calendar months |
| 4 | Date & Time of availability of bid document in the portal | Dt.30.09.2022 from 10.00 Hours to Dt.13.10.2022 up to 17.00 Hours. |
| 5 | Last date / time of receipt of bid in the portal | Dt. 13.10.2022 up to 17.00 Hours. |
| 6 | Name & Address of the Officer inviting Bid | Er. Surendra Kumar Bhoi Superintending Engineer, Kanupur Canal Division No. - II, AT / PO - Rimuli, Dist. - Keonjhar, PIN - 758047 |

Further details can be seen from e-Procurement portal **www.tendersodisha.gov.in.**

Sd./- (Er.Surendra Kumar Bhoi)
Superintending Engineer,
Kanupur Canal Division No.-II
Rimuli, Keonjhar, Odisha

OIPR-32269/11/0001/2223

OFFICE OF THE SR. GENERAL MANAGER (ELECTRICAL.), UPPER INDRAVATI HYDRO ELECTRIC PROJECT, MUKHIGUDA
DIST: KALAHANDI-766026, Mobile No. 7328840143, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bholnagar, Bhubaneswar-751022, Tel: 91-0674-2542983, 2542802, 2545526, 2542826. Fax:2542102. E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com. CIN: U40101OR1995SGC003963

'e'- Procurement Notice

No.CAD-1973: **NOTICE INVITING TENDER NO.UIHEP/21/2022-23 DATED.27.09.2022**

The Unit Head, UIHEP, Mukhiguda, Dist- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible 'D' and 'C' class Civil Contractors registered with the state government and contractors of equivalent grade/class registered with central government/MES/railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Approx. Estimated Cost in Rs. | EMD/Bid Security Declaration | Class of Contractor | Cost of bid document in Rs. | Period of Contract |
|---|---|---|---|---|---|---|
| 1 | Renovation of back side drain from D1 to D8 and E1 to E10 at Sector-I of UIHEP, Mukhiguda. | 5,08,551/- (including GST) | As per Annexure-VIII and clause No.4.11.6 of Section-I of tender Document | 'D' & 'C' | 4,000/-+ GST @18%= 4,720/- | 03 (Three) months from date of signing of contract agreement. |

Date & Time of availability of tender document in the portal:From 10:00 Hrs of 06.10.2022 to 18.10.2022 (up to 13:00 Hrs.). Last date & time of submission of tenders in the portal: Up to 13:00 Hrs. of 18.10.2022. The date & time of opening of the bid: 18.10.2022 at 16:30 Hrs (Only Technical Bid)
Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

OIPR-04008/11/0027/2223 Sd./- Unit Head, UIHEP, Mukhiguda

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
(District Central Store)
TENDER CALL NOTICE
Notification No.CDM&PHO/07/NIDAN/2022-23

**No.E-496:**Sealed tenders are invited from registered Firms/ Suppliers/Manufacturers /authorized distributors for supply of Lab Chemicals, Reagents & Consumables to the undersigned. Details regarding items with terms and conditions may be downloaded from District website www.nuapada.nic.in . The tenders should reach the office of the undersigned by **Date-26.10.2022 up to 02.00 PM through Speed Post/ Registered Post/ Courier Services only.** The Tender paper cost is mentioned in the term & conditions of the tender. The tender will be opened on date **27.10.2022** at **11.00 AM** in the office chamber / conference hall of the undersigned.
The undersigned reserves the right to reject any or all the tenders without assigning any reason thereof.

Sd./-Chief District Medical & Public Health Officer, Nuapada
OIPR-10055/11/0018/2223

**GOVT. OF ODISHA** Email Id - cerripdkl@gmail.com
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER, RENGALI RIGHT IRRIGATION PROJECT, DHENKANAL**
**'e' Procurement Notice**

**No.A-543:**The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Government of Odisha invites on line percentage rate bids in double cover system for construction of the work as detailed below:
1. Name of the work : Excavation of Narasinghpur Branch Canal from RD 32.430km to RD 35.160 km including construction of its structures, Lining & Service road of RRIP. 2. Tender Cost : Rs. 1201.60 Lakh. 3. Bid Document Cost: Rs. 10,000.00 (on line). 4. Bid Security : Bid Security Declaration as per proforma. 5. Class of Contractor : 'A' and 'Special' Class. 6. Period of Completion :18 calendar months including rainy seasons. 7.Other details are as follows

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer, RRIP, Dhenkanal | CER-RIP-02/2022-23 | 01.10.2022 10.00 AM | 20.10.2022 5.30 PM | 21.10.2022 11.00 AM |

Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the above notice will be published in the Govt. website **www.tendersodisha.gov.in.**

**Sd./- Chief Engineer, Rengali Right Irrigation Project, Dhenkanal**
OIPR-32351/11/0002/2223

**ZILLA SWASTHYA SAMITI, GAJAPATI**
(Department of Health & FW, Govt. of Odisha)
Advt.No.6733/DPMU/NHM/2022 Dt.27.09.2022

**NOTICE**

**No.E-495:**Applications are invited from in-house contractual employee of NHM working in the same post under OSH&FW society in other districts desiring to be posted in Gajapati district Fresh candidates **need not to apply.**
The interested candidates may log on the website www.gajapati.nic.in for details (Vacancies, terms & conditions and application form etc. Eligibility candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to the undersigned by **Regd/Speed post on or before** Dt.15.10.2022 by 5.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web-hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.

**Sd./- CDM & PHO-cum-DMD, Gajapati**
OIPR-10105/11/0006/2223

**SELECTION AND ENGAGEMENT OF FACILITATING NGO (FNGO) UNDER ECRICC PROJECT REQUEST FOR EXPRESSION OF INTEREST**
Enhancing Climate Resilience of India's Coastal Communities (ECRICC), District Project Management Unit (DPMU), Balasore
Forest, Environment and Climate Change Department, Govt. of Odisha
O/o - Divisional Forest Officer, Balasore Wildlife Division,
At / P.O.:- Kuruda, Dist:- Balasore, Pin :- 756056, M: 9437691870
email id :- dfo.balasorewl@odisha.gov.in

**EoI No.03/2022-23, Dt. 26th September, 2022**

**No.MM-177:**Forest, Environment and Climate Change Department, Govt. of Odisha is implementing a climate change project in Odisha, titled - Enhancing Climate Resilience of India's Coastal Communities (ECRICC) jointly funded by Government of Odisha and Green Climate Fund (GCF). This project is covering 7 project landscapes of 4 costal districts (Puri, Kendrapada, Ganjam and Balasore) through 4 Project DPMUs (Puri, Rajnagar - Kendrapada, Brahmapur and Balasore) spread across 5 Forest Divisions of Odisha (4 Wildlife Forest Divisions and 1 Territorial Forest Division).
Expression of Interest (EoI) / Request for proposal is invited from eligible and interested Non-Government Organizations (NGO) of Odisha with prior experience in implementing projects at grassroot level related to participatory forest management / farm forestry / climate change / disaster management / bio-diversity conservation / wetland development / watershed management / livelihoods enhancement in agriculture, fishery and other non farm sectors / institutional and capacity building of communities / community mobilization, women empowerment and economic development etc., to be engaged as Facilitating NGO (FNGO) at project landscape level to facilitate and provide field level assistance during implementation of project activities at landscape level under ECRICC project in Odisha.
Interested NGOs may download the details of "Terms of Reference (ToR) and the Application Form" from District NIC website www.baleswar.nic.in. EoI along with required documents, as sought for, shall be sent through a closed envelope superscribed as " Expression of Interest for Engagement of FNGO under ECRICC project for Talasari Landscape" accompanied with a Demand Draft for Rs. 2000/- as application fees in favour of DFO, Balasore Wildlife Division, Balasore ECRICC, payable at Balasore and should reach O/o the Divisional Forest Officer, Balasore Wildlife Division, At / P.O. :- Kuruda, Dist :- Balasore, Pin :- 756056 latest by 15th October, 2022 (05.00 PM). EoI received after the stipulated Date and Time will not be entertained. DFO, Balasore Wildlife Division - cum- Nodal Officer, ECRICC Project, Balasore District reserves the right to cancel / alter the advertisement and reject all or any EoI without assigning any reason whatsoever.

**CANVASSING IN ANY FORM WILL INVITE DISQUALIFICATION OF THE EoI**

Sd./- Divisional Forest Officer
Balasore Wildlife Division-cum-Nodal Officer,
OIPR-08036/11/0007/2223 ECRICC Project, Balasore District

**OFFICE OF THE EXECUTIVE ENGINEER L.I. DIVISION, CUTTACK**
e-mail - eeolic_ctc@yahoo.in

No.CAD-1972: **e-Procurement Notice**
**Bid Identification No.08/OLIC (CTC) / Dt. 27/9/2022**

The Executive Engineer, Lift Irrigation Division, Cuttack on behalf of Odisha Lift Irrigation Corporation Limited , Bhubaneswar invites Percentage Rate bids in online mode for Drilling & Installation of 200mm dia Tube Wells in different blocks of Cuttack & Jagatsinghpur Districts from reputed drilling Contractors having **minimum TWO OWN RIGS & experience** in similar nature of works. The proof of registration from the appropriate authority shall be enclosed along with the Bid

| | | |
|---|---|---|
| 1. | Number of Package | 1 (One) (Double Cover) |
| 2. | Estimated Cost | AS PER DTCN |
| 3. | Cost of tender paper | Rs.10000/(in on-line mode) +5% GST as reverse charge basis vide challan N0.21AAACO5986G1ZF of OLIC |
| 4. | Date & time of publication | Dt.29.09.2022 from 10.00 A.M. |
| 5. | Date & time of closing | Dt. 18.10.2022 at 5.00 P.M. |
| 6. | Date & time of opening of bid | Dt. 19.10.2022 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any, can be seen in the said website

**Sd./- Executive Engineer**
OIPR-32238/11/0011/2223

**TENDER CALL NOTICE**

No.MM-176:- Sealed tenders are invited from the intending bidders for disposal of the following confiscated vehicles, seized in commisison of forest offence cases in this division as is where is basis, superscribed as Tender for Auction Sale of Conifscated Vehicles as furnished below.

**List of confiscated vehicles to be auctioned**

| Sl. No. | Case No. | Vehicle No. | Make/Model | Location where the vehicle is now available for inspection |
|---|---|---|---|---|
| 1. | OR Case No. 323K of 2011-12 | OR-11-3346 | TATA-407 | Naranpur Central Depot, Naranpur, Keonjhar |
| 2. | UD Case No. 11K of 2011-12 | OR-09-K-4587 | PickUp Van | |
| 3. | UD Case No. 18K of 2012-13 | OR-11-D-2143 | TATA-DI-2017 | |
| 4. | UD Case No. 12K of 2012-13 | OR-07-B-5414 | Bolero | |
| 5. | OR Case No.116K of 2013-14 | OR-09-A-1725 | Savari | |
| 6. | OR Case No. 54G of 2014-15 | OR-04-M-9725 | Truck | Ghatagaon Range Office Campus, Ghatagaon |
| 7. | UD Case No. 5K of 2014-15 | OR-01-8304/8305 | Tractor/ Trolley | Naranpur Central Depot, Naranpur, Keonjhar |
| 8. | OR Case No. 22K of 2014-15 | AP-31-C-6141 | Maruti Omini | |
| 9. | OR Case No. 76K of 2016-17 | OR-09-G-6077 | TATA-DI-207-EX | |
| 10. | OR Case No. 25K of 2017-18 | OD-09-E-9579 | Tempo | |
| 11. | OR Case No. 165K of 2017-18 | OD-09-E-7412 | Auto | |
| 12. | OR Case No. 26K of 2018-19 | OR-09-H-2529 | Mahindra Savari | |
| 13. | OR Case No. 77CH of 2011-12 | OR-09-J-8065 | Tipper | Champua Range Oficer Campus, Champua |
| 14. | UD Case No. 13CH of 2012-13 | JH-05-AA-9221 | Tempo | |
| 15. | OR Case No. 66CH of 2015-16 | OR-09-M-8326 | Pick-Up | |
| 16. | OR Case No. 253CH of 2016-17 | OR-09-H-2963 | Mahindra Pick-Up | |
| 17. | OR Case No. 210CH of 2017-18 | OR-09-Q-8382 | Bolero Pick-Up | |
| 18. | OR Case No. 302T of 2011-12 | OR-09-A-3693 | Mini-Truck | Telkoi Range Office Campus, Telkoi |
| 19. | OR Case No. 401T of 2014-15 | OR-06-H-6841/6842 | Tractor/Trolley | |
| 20. | OR Case No. 39T of 2015-16 | OR-06-H-8126/8127 | Tractor/ Trolley | |
| 21. | OR Case No. 99T of 2018-19 | OD-09-8880 | Tata Xenon- Pick-Up | |
| 22. | OR Case No. 207G of 2011-12 | OR-19-C-0577 | Bolero | Ghatagaon Range Office Campus, Ghatagaon |
| 23. | OR Case No. 76G of 2014-15 | OR-11-F-6391/6392 | Tractor/Trolley | |
| 24. | OR Case No. 60BL of 2014-15 | OR-09-L-8385 | Tipper | Barbil Range Office Campus, Barbil |
| 25. | OR Case No. 41BL of 2016-17 | OR-04-D-6627 | Tipper | |
| 26. | OR Case No. 39BL of 2016-17 | JH-05-AS-4053 | Mahindra Pick-Up | |
| 27. | OR Case No. 24BL of 2017-18 | OD-09-A-2976 | TataAce | |
| 28. | OR Case No. 108BJ of 2014-15 | OD-09-1862/1863 | Tractor/Trolley | BJP Range Office Campus, BJP |
| 29. | OR Case No. 155BJ of 2016-17 | OD-09-D-9050 | Pick-Up | |
| 30. | OR Case No. 70BJ of 2016-17 | OD-09-E-6558 | Auto | |
| 31. | OR Case No. 71BJ of 2016-17 | OD-09-B-9668 | Auto | |

The tender will be received up to 12.00 Noon of dt.18.10.2022 by Regd. Post or Speed Post in the office of the undersigned with EMD of Rs. 5,000/- (Rupees five thousand) only for each vehicle in shape of Demand Draft drawn on any Nationalized Bank payable at Keonjhar in favour of the Divisional Forest Officer, Keonjhar Division. Tenders shall be opened on dt.19.10.2022 in the office of the undersigned at 03.00 P.M. in the presence of tenderers or their authorized representatives. Tenders without E.M.D. and beyond the stipulated time shall be rejected. The vehicles can be inspected at the places as mentioned above against each vehicle on any working day from 2.00 PM to 5.00 PM AS where is basis.
Successful bidder has to deposit 25% of the bid amount on the same day then and the balance amount within 7 (seven) days failing which the deposit including EMD shall be forfeited. EMD can be adjusted with the total bid amount at the time of final payment of bid amount. The bidder must remove the vehicle from the site within 7 (seven) days from the date of final deposit of the full bid amount failing which ground rent @1% of the bid amount shall be charged for each day or part till removal of the vehicle from the site. The custody and safeguard of the vehicle beyond the date of deposit of full bid amount shall be the responsibility of the bidder and no claim or complaint on that account shall be entertained. In case the ground rent so charged exceeds the sale price deposited the bidder shall cease to have any right on the vehicle. The amount deposited by him towards the sale price shall be adjusted towards the ground rent and the vehicle shall become absolute property of Orissa Forest Department free from encumbrances. The authority reserves the right to reject any or all the tenders without assigning any reason thereof. The bidders are requested to mention clearly on the sealed envelope "Tender for Auction Sale of Confiscated Vehicles-2022" as per the proforma mentioned below.

**Proforma**

| Name and address of bidder (Please submit at least any 1 (One) I.D. proof* | Sl. No. of the vehicle | Vehicle No. | Place in which vehicle is available | Bid Amount (in Rs.) | Details of EMD (D.D. No./Date/Amount) |
|---|---|---|---|---|---|
| 1 | 2 | 3 | 4 | 5 | 6 |

**N.B.: (*) I.D. Proof may be Xerox copy/Attested AADHAAR Card, Xerox copy of Driving Licence/Any Photo I.D. Issued by the Govt. official.**
OIPR-08042/11/0004/2223 **Sd./- Divisional Forest Officer, Keonjhar Division**

# ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାରରେ ପହଞ୍ଚିବ ମିଡିଆ କ୍ଷେତ୍ର

ନୂଆଦିଲ୍ଲୀ,୨୮।୯

୨୦୩୦ ସୁଦ୍ଧା ଭାରତୀୟ ମିଡିଆ ଓ ମନୋରଞ୍ଜନ ଉଦ୍ୟୋଗ କ୍ଷେତ୍ରରେ କାରବାର ୧୦୦ ବିଲିୟନ ଡଲାରରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ର ମୁମ୍ବାଇଠାରେ ଆୟୋଜିତ ଫିକି ଫ୍ରେମ୍ସ ଫାଷ୍ଟ ଟ୍ରାକ୍-୨୦୨୨ ସମାରୋହର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ଏଭଳି ମତ ପ୍ରକାଶ କରିଛନ୍ତି। ଏପରିକି ବର୍ତ୍ତମାନଠାରୁ ଉକ୍ତ ଲକ୍ଷ୍ୟକୁ ନେଇ କାର୍ଯ୍ୟ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ଅପୂର୍ବ ଚନ୍ଦ୍ର ଆହ୍ୱାନ କରିଛନ୍ତି। ବିଶେଷକରି ଆସନ୍ତା ୧୦ ବର୍ଷ ମଧ୍ୟରେ ଭାରତୀୟ ଅର୍ଥବ୍ୟବସ୍ଥାର ଆକାର


ଅପୂର୍ବ ଚନ୍ଦ୍ର

୧୦ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମିଡିଆ ଓ ମନୋରଞ୍ଜନ ଉଦ୍ୟୋଗକୁ ଆମେ ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାରରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଉକ୍ତ ଶିଳ୍ପ କ୍ଷେତ୍ରକୁ ସହାୟତା କରିବା ଲାଗି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସବୁ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅପୂର୍ବ ଚନ୍ଦ୍ର ଘୋଷଣା କରିଥିଲେ, ଭାରତୀୟ ଚଳଚ୍ଚିତ୍ର କ୍ଷେତ୍ରରେ ଅଧିକ ବିଦେଶୀ ନିବେଶକୁ ଆକୃଷ୍ଟ କରିବା ଲାଗି ଇନ୍‌ଭେଷ୍ଟ ଇଣ୍ଡିଆରେ ରହିଥିବା ସମ୍ଭାବନାକୁ ମଧ୍ୟ ଉଜାଗର କରାଯିବ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଚଳଚ୍ଚିତ୍ର ୟୁନିଟ୍‌ଗୁଡ଼ିକୁ ଗୋଟିଏ ବ୍ୟବସ୍ଥା ମଧ୍ୟକୁ ଆଣିବା ଲାଗି ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଅପରପକ୍ଷରେ ମୁମ୍ବାଇରେ ଥିବା ଏନ୍‌ଏଫ୍‌ଡିସି ସରକାରଙ୍କ ଚଳଚ୍ଚିତ୍ର ଶାଖାର ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଚଳଚ୍ଚିତ୍ର ସୁବିଧା ପ୍ରଦାନ କାର୍ଯ୍ୟାଳୟର ପୁନରୁଦ୍ଧାର କରିବା ଲାଗି ସବୁ ବର୍ଗର ବୁଦ୍ଧିଜୀବୀ ପ୍ରସ୍ତାବ ଦେଇଥିବା ବେଳେ ଆମେ ମଧ୍ୟ ତା'ର ବିକାଶ ଚାହୁଁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ମୁଖ୍ୟ ନିବେଶ ଶାଖା, ଇନ୍‌ଭେଷ୍ଟ ଇଣ୍ଡିଆ ହାତରେ ଆମେ ଏହି ଦାୟିତ୍ୱ ଦେବାକୁ ଆଗ୍ରହୀ ଅଛୁ। ଫଳରେ ଭାରତକୁ ବିଦେଶୀ ଉଦ୍ୟୋଗମାନେ ଆକର୍ଷିତ ହୋଇ ଆସିପାରନ୍ତି ବୋଲି ଆକଳନ କରାଯାଇଛି। ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ଆମେ ଇନ୍‌ଭେଷ୍ଟ ଇଣ୍ଡିଆ ବ୍ୟବସ୍ଥାର ଉପଯୋଗ କରିବୁ ଏବଂ ଭାରତକୁ ଆସିବା ଲାଗି ବିଦେଶୀ ଚଳଚ୍ଚିତ୍ର ନିର୍ମାତାଙ୍କ ସହ ସମ୍ପର୍କ ସ୍ଥାପନ କରିବୁ ବୋଲି ସଚିବ ମତ ପ୍ରକାଶ କରିଛନ୍ତି।

# ଖସୁଛି ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୮।୯

ଅର୍ନ୍ତଜାତୀୟ ସମସ୍ୟା ସାଙ୍ଗକୁ ୟୁଏସ ଫେଡର କ୍ରମାଗତ ସୁଧ ବୃଦ୍ଧି ଭଳି ଘଟଣା ଯୋଗୁ କ୍ରମାଗତ ୬ଷ୍ଠ ଦିନ ହେବ ଭାରତୀୟ ଶେୟାର ବଜାରର କାରବାର ମାନ୍ଦା ସାଙ୍ଗକୁ ଫଳାଫଳ ମଧ୍ୟ ଖରାପ ରହିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁସାରେ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ୍ୟ ହ୍ରାସ ପାଇଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୫୦୯ (୫୦୯.୨୪) ପଏଣ୍ଟ ବା ୦.୮୯% ହ୍ରାସ ପାଇ ୫୬,୫୯୮ (୫୬,୫୯୮.୨୮) ଅଙ୍କରେ ବନ୍ଦ ହୋଇଥିବା ବେଳେ ନ୍ୟାଶନାଲ୍ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି ମଧ୍ୟ ପ୍ରାୟ ୧୪୯ (୧୪୮.୮୦) ପଏଣ୍ଟ ବା ୦.୮୯% ତଳକୁ ଖସି ୧୬,୮୫୯ (୧୬,୮୫୮.୬୦) ଅଙ୍କରେ ବନ୍ଦ ହୋଇଛି।

# ବିଶ୍ୱ ବାଣିଜ୍ୟମେଳାରେ ବେଦାନ୍ତର ଉତ୍କୃଷ୍ଟ ପ୍ରଦର୍ଶନ

ନୂଆଦିଲ୍ଲୀ,୨୮।୯

ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଆଲୁମିନିୟମ ନିକଟରେ ଏକ ସମ୍ମାନଜନକ ସ୍ୱୀକୃତି ଲାଭ କରିଛି। ଏପରିକି ଜର୍ମାନୀର ଡ୍ୟୁସେଲ୍‌ଡର୍ଫଠାରେ ଆୟୋଜିତ 'ଆଲୁମିନିୟମ-୨୦୨୨' ବିଶ୍ୱ ବାଣିଜ୍ୟ ମେଳାରେ ବେଦାନ୍ତ ଆଲୁମିନିୟମର ମେଡ୍ ଇନ୍ ଇଣ୍ଡିଆ ଆଲୁମିନିୟମ ଚାମ୍ପିୟନ ହୋଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ଲିମିଟେଡ୍‌ର ସିଇଓ ରାହୁଲ ଶର୍ମା କହିଛନ୍ତି, ଆଲୁମିନିୟମର ଗୁଣବତ୍ତା ଏବଂ ଆମର ଉତ୍ପାଦନର କ୍ଷମତା ପାଇଁ ଏଭଳି ଏକ ସମ୍ମାନ ମିଳିଛି। ଏପରିକି ସମଗ୍ର ବିଶ୍ୱ ପାଇଁ ଭାରତରେ ତିଆରି ଉତ୍ପାଦ ପ୍ରଦର୍ଶନ କରିବା ଆମ ପାଇଁ ଏକ ଗୌରବର ବିଷୟ ଥିଲା। ସେହିଭଳି ପ୍ରଚଳିତ ଓ ସମ୍ଭାବ୍ୟ ପ୍ରଯୁକ୍ତିବିଦ୍ୟାରେ ଏହାର ଭବିଷ୍ୟତର ବ୍ୟାପକତାକୁ ଦୃଷ୍ଟି ଦେଇ ଆଗାମୀ ଦଶନ୍ଧିରେ ଆଲୁମିନିୟମ



ଦୁନିଆର ଏହା ସର୍ବାଧିକ ବିନିଯୋଗ ହେଉଥିବା ଧାତୁରେ ପରିଣତ ହେବ। ଆମେ ବେଦାନ୍ତ ଆଲୁମିନିୟମରେ ଭବିଷ୍ୟତର ଧାତୁ ମାଧ୍ୟମରେ ଆମର ଗ୍ରାହକ ଓ ଦେଶ ପାଇଁ ନିରନ୍ତର ଅଭିବୃଦ୍ଧି ଆଣିବା ଲକ୍ଷ୍ୟରେ ଅଛୁ। ଏହା ଆମକୁ ଆମ ସମ୍ପତ୍ତିର ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରିବାକୁ ସୁଯୋଗ ଦେବ। ସେହିପରି ନବସୃଜନ କ୍ଷମତାକୁ ଗଭୀର କରାଇବା ସହ ବିଶ୍ୱ ଭାଗୀଦାରି ବୃଦ୍ଧି କରିବାକୁ ଏବଂ ସ୍ୱଳ୍ପ କାର୍ବନଯୁକ୍ତ ଉଚ୍ଚସ୍ତରୀୟ ଉତ୍ପାଦ ପ୍ରସ୍ତୁତି ପାଇଁ ମଧ୍ୟ ସୁଯୋଗ ଦେବ ବୋଲି ଶର୍ମା ମତବ୍ୟକ୍ତ କରିଛନ୍ତି।

# ଆଲୋଚନା ପରେ ସମାଧାନ ହେଲା ବିବାଦ



ଭୁବନେଶ୍ୱର,୨୮।୯

ରାଜ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା କୁକୁଡ଼ା ଇନ୍‌ଟିଗ୍ରେସନ କମ୍ପାନୀ ଏବଂ ଓଡ଼ିଶା କୁକୁଡ଼ାଚାଷୀ ସଂଘର ବିବାଦ ଏବଂ ବିରୋଧ ଘଟଣାର ସମାଧାନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର କଟକର ଏକ ତାରକା ହୋଟେଲରେ ଉଭୟ ପକ୍ଷଙ୍କ ମଧ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଇନ୍‌ଟିଗ୍ରେସନ କମ୍ପାନୀ ଏବଂ କୁକୁଡ଼ା ଚାଷୀ ସଂଘର ବରିଷ୍ଠ କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ଏପରିକି ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି କୁକୁଡ଼ାଚାଷ ବ୍ୟବସାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ମିଳିତ ଭାବେ ଉକ୍ତ ବିବାଦର ସମାଧାନ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ଓଡ଼ିଶାର କୁକୁଡ଼ା ଚାଷୀ ସଂଘର ବିଭିନ୍ନ ଦାବିକୁ ଇନ୍‌ଟିଗ୍ରେସନ କମ୍ପାନୀଗୁଡ଼ିକ ସମର୍ଥନ ଜଣାଇବା ସହ ଭବିଷ୍ୟତରେ ଏଭଳି ସମସ୍ୟା ଆଉ ନ ହେଉ ବୋଲି ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷକରି ଓଡ଼ିଶାରେ କୁକୁଡ଼ାଚାଷର ଦ୍ରୁତ ଉନ୍ନତି ପାଇଁ ଆବଶ୍ୟକ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ଓଡ଼ିଶା କୁକୁଡ଼ାଚାଷୀ ସଂଘର ସଂଯୋଜକ ନୀଳାଚଳ ପରିଡ଼ା, ସଭାପତି ଜ୍ୟୋତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରାଜ୍ୟରେ ଚାଲିଥିବା ବିରୋଧ ଓ ବିବାଦକୁ ପ୍ରତ୍ୟାହାର କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ପୁନର୍ବାର କୁକୁଡ଼ା ଚାଷକୁ ପ୍ରୋତ୍ସାହନ ଦେବା ସହ ଇନ୍‌ଟିଗ୍ରେସନ କମ୍ପାନୀଗୁଡ଼ିକୁ ସମର୍ଥନ କରିବା ପାଇଁ ସବୁବର୍ଗଙ୍କୁ ଅନୁରୋଧ କରାଯାଇଥିଲା ବୋଲି ଉଭୟେ ମତବ୍ୟକ୍ତ କରିଛନ୍ତି।

# ୭ରୁ ୭ମ ବିଆଇଟିଏଫ୍

ଭୁବନେଶ୍ୱର,୨୮।୯




ରାଜ୍ୟର ପ୍ରମୁଖ ଇଭେଣ୍ଟ ଆଣ୍ଡ ପ୍ରଦର୍ଶନୀଭିତ୍ତିକ ଘରୋଇ ସଂସ୍ଥା ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲି .(ଜେଇଏମ୍) ପକ୍ଷରୁ ୭ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (ବିଆଇଟିଏଫ୍)-୨୦୨୨ର ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ନେଇ ବୁଧବାର ସ୍ଥାନୀୟ ଶହୀଦନଗରସ୍ଥିତ ଏକ ହୋଟେଲ ପରିସରରେ ସଂସ୍ଥା ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଜେଇଏମ୍‌ର ଏମ୍‌ଡି ସୁଜିତ ଗୁପ୍ତାଙ୍କ ସମେତ ପାୟଲ ଆଚାର୍ଯ୍ୟ, ଦୀପକ ମହାନ୍ତି, କାଜଲ ମିଶ୍ର, ନିହାର ରଞ୍ଜନ ମହାନ୍ତି, ସଞ୍ଜୟ କୁମାର, ଅବିନାଶ କୁମାର ଏବଂ ଇନ୍ଦୁରେଖା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମେଳା ଚଳିତ ବର୍ଷ ଅକ୍ଟୋବର ୭ ରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନ ପରିସରରେ ହେବାକୁ ଯାଉଛି ବୋଲି ଜେଇଏମ୍‌ର ଏମ୍‌ଡି ସୁଜିତ ଗୁପ୍ତା କହିଛନ୍ତି। ଏପରିକି ଉକ୍ତ ମେଳାରେ ୭ଟି ଦେଶ ଏବଂ ୨୦ଟି ରାଜ୍ୟର ୪୦୦ରୁ ଅଧିକ ବ୍ୟବସାୟୀ ଉକ୍ତ ମେଳାରେ ଯୋଗଦେବେ ବୋଲି ଜଣାପଡିଛି। ଏଥିରେ ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଆଭ୍ୟନ୍ତରୀଣ ସାଜସଜ୍ଜା, ଘର ସାଜସଜ୍ଜା, ଫର୍ନିଚର, ଆଣ୍ଟିକ୍ କଲେକ୍ସନ, ପେଣ୍ଟିଂ, ଜୁଏଲେରି, ଥାଇଲାଣ୍ଡ ଫୁଲ, ପୋଷାକ ପତ୍ର, ରାଜସ୍ଥାନୀ ମାର୍ବଲ୍ସ, ଆଫଗାନିସ୍ତାନ ଡ୍ରାଏ ଫ୍ରୁଟ୍ସ, ବାଂଲାଦେଶ ଶାଢ଼ି, ହାଣ୍ଡିକ୍ରାଫ୍ଟ ଓ ହ୍ୟାଣ୍ଡଲୁମ ଭଳି ଅନେକ ଜିନିଷ ପ୍ରଦର୍ଶିତ ହେବ। ସେହିଭଳି ଚଳିତ ବର୍ଷର ବାଣିଜ୍ୟ ମେଳାରେ ପ୍ରଥମ ଥର ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସହଯୋଗରେ ଏକ ରିଅଲ ଇଷ୍ଟେଟ୍ ମେଳା ମଧ୍ୟ ଆୟୋଜିତ ହେବାକୁ ଯାଉଛି। ଏଥିରେ ବହୁ ନାମୀ ଦାମୀ ବିଲ୍‌ଡର ମଧ୍ୟ ଅଂଶ ଗ୍ରହଣ କରିବେ। ବିଶେଷକରି ରିଅଲ ଇଷ୍ଟେଟ୍ ମେଳାରୁ ସମସ୍ତେ ନିଜ ନିଜର ଆବଶ୍ୟକ ମୁତାବକ ବିଭିନ୍ନ ସୁବିଧା ଓ ସେବା ମଧ୍ୟ ପାଇପାରିବେ। ସେହିପରି ମେଳା ପରିସରକୁ ଆସିଥିବା ଦର୍ଶକଙ୍କ ପାଇଁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଏକ ସ୍ୱତନ୍ତ୍ର ଫୁଡ୍ ଜୋନ୍ ମଧ୍ୟ ରହିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେବ। ଉକ୍ତ ମେଳା ପ୍ରତିଦିନ ଅପରାହ୍ନ ୨ରୁ ରାତି ୧୦ଘଟିକା ପର୍ଯ୍ୟନ୍ତ ଜାରି ରହିବ।

# ବେଲେ ଭ୍ୟୁ କ୍ଲିନିକ୍‌ରେ ବିରଳ ଅସ୍ତ୍ରୋପଚାର

ନୂଆଦିଲ୍ଲୀ,୨୮।୯

କୋଲକାତାର ବେଲେ ଭ୍ୟୁ କ୍ଲିନିକ ପୂର୍ବ ଭାରତରେ ପ୍ରଥମ ଥର ପାଇଁ ମଧୁମେହ ଫୁଟ୍ ଅଲ୍‌ସରକୁ ଭଲ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ସକ୍ଷମ ଟିସ୍ୟୁ ପୁନର୍ଗଠନ ବାୟୋ-ପ୍ୟାଚ୍ ପ୍ରଚଳନ କରିଛି। ଏପରିକି ମଧୁମେହ କ୍ଷେତ୍ରରେ ପାଦ ଘା'ର ପୁନରାବୃତ୍ତି ଏବଂ ବିଳମ୍ବରେ ଆରୋଗ୍ୟ ହୋଇଥାଏ। ମଧୁମେହ ପାଦର ଅଲ୍‌ସରରେ ପୀଡ଼ିତ ରୋଗୀମାନଙ୍କର ଅଙ୍ଗରେ ରକ୍ତ ଯୋଗାଣ ପର୍ଯ୍ୟାପ୍ତ ନ ଥିବା ଯୋଗୁ ଏହାର ସଫଳତା ହାର କମ୍ ଥିବାବେଳେ ସେମାନଙ୍କ ପାଇଁ ଅସ୍ତ୍ରୋପଚାର ବିପଦପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ।

ଏ ସମ୍ପର୍କରେ ବେଲେ ଭ୍ୟୁ କ୍ଲିନିକ୍‌ର ସିଇଓ ପ୍ରଦୀପ ଟଣ୍ଡନ କହିଛନ୍ତି, ପୂର୍ବଭାରତର ପ୍ରଥମ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଭାବେ ଏଠାରେ ଏଆଇ-ସକ୍ଷମ ଟିସ୍ୟୁ ପୁନର୍ଗଠନ ମଧୁମେହ ଫୁଟ୍ ଅଲ୍‌ସର ସର୍ଜରି ସମ୍ପନ୍ନ ହୋଇପାରୁଛି। ଏହା ମଧୁମେହ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମସ୍ୟାରୁ ମୁକ୍ତି ଦେଇପାରୁଛି। ଏହି ଅବସରରେ କୋରିଆର ଟିସ୍ୟୁ ପୁନର୍ଗଠନ ବିଶେଷଜ୍ଞମାନଙ୍କୁ ସ୍ୱାଗତ କରିଥିଲେ (ଯେଉଁମାନେ ଏହି ବିଷୟରେ ବହୁ ଗବେଷଣା କରୁଛନ୍ତି)। ବିଶିଷ୍ଟ ପ୍ଲାଷ୍ଟିକ ସର୍ଜନ ତଥା ଏହି ପ୍ରକଳ୍ପର ନେତୃତ୍ୱ ନେଉଥିବା ଡାକ୍ତର ରାଜନ ଟଣ୍ଡନ କହିଛନ୍ତି, ୪-ଡି ବାୟୋ-ପ୍ରିଣ୍ଟିଂ (ଶରୀରରେ ପ୍ରାକୃତିକ ଟିସ୍ୟୁ ବ୍ୟବହାର କରିବା ଏବଂ ରୋଗୀର ଚର୍ବି କୋଷ ସହିତ ୩-ଡି ପ୍ରିଣ୍ଟିଂ ମିଶ୍ରଣ) ମଧୁମେହ ପାଦର ଅଲ୍‌ସର ପରି କ୍ରନିକ କ୍ଷତକୁ ଚିକିତ୍ସା କରିବାରେ ଏକ ବାସ୍ତବତା, ପାରମ୍ପରିକ ପୁନଃ ନିର୍ମାଣ ପ୍ରକ୍ରିୟାକୁ ଏଡାଇଦେଇଥାଏ। ପାରମ୍ପରିକ ପ୍ରଣାଳୀରେ ଏଥିପାଇଁ ଦୀର୍ଘସ୍ଥାୟୀ ଭାବେ ଡାକ୍ତରଖାନାରେ ରହିବାକୁ ପଡ଼ିବା ସହ ଅନେକ ସର୍ଜରି କରିବାକୁ ପଡ଼ିଥାଏ। ନାନୋଫାଟ (ରୋଗୀର ଫ୍ୟାଟ୍ ଗ୍ରାଫ୍ଟରୁ ପ୍ରସ୍ତୁତ) ଏବଂ ବାୟୋ-ଇଙ୍କ୍‌ସ ମିଳିତ ହୋଇ ଆଲ୍‌କେମ ମେଡ୍‌ଟେକ୍ ଦ୍ୱାରା ଭାରତରେ ପରିଚିତ ଡେରିମ୍ କିଟ୍ ବ୍ୟବହାର କରି ଇସିଏମ୍ ବାୟୋପ୍ୟାଚ୍ ସୃଷ୍ଟି କରିଥାଏ।

## ଫୁରସତ୍

# ୨୪ ସେକେଣ୍ଡରେ ୧୦୦ ମିଟର ଦୌଡ଼ି ରେକର୍ଡ

ୱାଶିଂଟନ୍



ଆମେରିକାର ଓରେଗନ୍ ଷ୍ଟେଟ୍ ୟୁନିଭର୍ସିଟି (ଓଏସ୍‌ୟୁ) ପକ୍ଷରୁ ତିଆରି ହୋଇଥିବା ରୋବୋ ୨୪.୭ ୩ ସେକେଣ୍ଡରେ ୧୦୦ ମିଟର ଦୌଡ଼ି ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି। ୧୦୦ ମିଟର ରେସ୍‌ରେ ବାଇପେଡାଲ ରୋବୋକୁ ହରାଇବାରେ ସକ୍ଷମ ହୋଇଛି ଏହି ସ୍ପ୍ରିଣ୍ଟର କାସି ରୋବୋ। ଚଳିତବର୍ଷ ମେ' ମାସରେ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ରୋବୋ କିଛି ଦେଖିପାରିବ ନାହିଁ କାରଣ ଏହା ଶରୀରରେ କୌଣସି ପ୍ରକାର କ୍ୟାମେରା କି ସେନ୍‌ସର ଚିପ୍ ଖଞ୍ଜା ହୋଇନାହିଁ। ଗତବର୍ଷ କାସି ୫୩ ମିନିଟରେ ୫ କି.ମି ଦୂର ଦୌଡ଼ିପାରିଥିଲା। ଓରେଗନ ଷ୍ଟେଟ୍ ରୋବୋଟିକ୍ ପ୍ରଫେଶର ଜୋନା ଥାନ୍ ହୁରଷ୍ଟଙ୍କ ଦେଖାରଖାରେ ଏହି ରୋବୋ ନିର୍ମାଣ କରାଯାଇଛି। ଜଣେ ଆଥଲେଟଙ୍କ ଭଳି କାସି ଦୌଡୁଥିବାବେଳେ ଷ୍ଟାର୍ଟିଙ୍ଗ ପଏଣ୍ଟରୁ ଫିନିଶିଙ୍ଗ ପଏଣ୍ଟ ପର୍ଯ୍ୟନ୍ତ ଏହା ଷ୍ଟାଣ୍ଡିଙ୍ଗ୍ ପୋଜିଶନ୍‌ରେ ଥିବା ଦେଖିବାକୁ ମିଳିଥିଲା। ୨୦୧୭ରେ କାସିକୁ ଇଣ୍ଟ୍ରଡ୍ୟୁସ୍ କରାଯାଥିଲା। ଆଫ୍ରିକାନ ଇଣ୍ଟେଲିଜେନ୍ସ ପ୍ରଫେଶର ଆଲାନ ଫେରନ ଓ ଓଏସ୍‌ୟୁ ଛାତ୍ରୀଛାତ୍ର ମିଳିତ ଭାବେ କାସିକୁ ତିଆରି କରିଛନ୍ତି। ଲୋକୋମୋଶନ୍ ବା ଗତି କ୍ଷେତ୍ରରେ ରୋବୋ କିପରି ଭାବେ କାର୍ଯ୍ୟ କରିପାରିବ ସେ ନେଇ ଅଧିକ ଅଧ୍ୟୟନ ସକାଶେ ଏହି ରୋବୋ ତିଆରି କରାଯାଇଛି।

# 'ହଜାରେ କୋଟି ମିଳିଲେ ଆଉ କାମ କରିବିନି'


ସଲମାନ୍ ଖାନ୍

**ମୁମ୍ବାଇ:** ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଲୋକପ୍ରିୟ ରିଆଲିଟି ଶୋ' 'ବିଗ୍‌ବସ୍ ସିଜନ୍ ୧୬'। ନିକଟରେ ଶୋ'ର ପ୍ରଥମ ପ୍ରତିଯୋଗୀଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ସଲମାନଙ୍କ ଆଗାମୀ ଫିଲ୍ମ 'କିସି କା ଭାଇ କିସିକା ଜାନ୍' ରେ ଡେବ୍ୟୁ କରିଥିବା ଅବଦୁ ରୋଜିକ ଶୋ'ରେ ଅଂଶଗ୍ରହଣ କରିବେ। ଚଳିତ ବର୍ଷ ବିଗ୍‌ବସ୍ ପାଇଁ ସଲମାନ ୧୦୦୦ କୋଟି ଟଙ୍କା ନେଉଥିବା ଖବର କିଛିଦିନ ହେବ ଗଣମାଧ୍ୟମରେ ପ୍ରସାରିତ ହେଉଛି। ତେବେ ଏହାର ସତ୍ୟାସତ୍ୟ ବିଷୟରେ କେତେଜଣ ଖବରଦାତା ପ୍ରଶ୍ନ କରିବାରୁ ସଲମାନ କହିଛନ୍ତି, ଯଦି ମୋତେ ୧୦୦୦ କୋଟି ଟଙ୍କା ମିଳେ ତେବେ ମୋତେ ଆଗକୁ ଆଉ କାମ କରିବାକୁ ପଡ଼ିବନି, ଯଦି ଭବିଷ୍ୟତରେ ଏମିତି ଦିନ ଆସେ ଆଉ ମୋ କାମ ପାଇଁ ମୋତେ ହଜାରେ କୋଟି ଟଙ୍କା ମିଳେ। ତେବେ ରୋଜଗାର ନେଇ ମୋ ଖର୍ଚ୍ଚ ମଧ୍ୟ ବଢ଼ିଯାଇଥିବ। ବିଶେଷ କରି ଓକିଲମାନଙ୍କୁ ମୋତେ ଅଧିକ ଟଙ୍କା ଦେବାକୁ ପଡ଼ିବ ବୋଲି ମଜାଳିଆ ଅନ୍ଦାଜରେ ସଲମାନ କହିଛନ୍ତି। ବିଗ୍ ବସ୍‌ରୁ ମିଳୁଥିବା ଟଙ୍କା ହଜାର କୋଟିର ଚାରି ଭାଗରୁ ଭାଗେ ଟଙ୍କା ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଅକ୍ଟୋବର ୧ରେ ବିଗ୍‌ବସ୍‌ର ପ୍ରିମିୟର ଶୋ' ଅନୁଷ୍ଠିତ ହେବ ଯେଉଁଥିରେ ଅନ୍ୟ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯିବ।

# ମଞ୍ଚରେ କେଶ କାଟିଲେ ତୁର୍କୀ ଗାୟିକା ମେଲେକ



**ତେହରାନ:** ଇରାନ୍‌ର ଏକ ସଙ୍ଗୀତ ପରିବେଶଣ କାର୍ଯ୍ୟକ୍ରମ ଚାଲିଥିବାବେଳେ ତୁର୍କୀର ଫେମସ୍ ଗାୟିକା ମେଲେକ ମୋସୋ ନିଜ କେଶ କାଟିଛନ୍ତି। ତେବେ ହୀଜାବ ପରିଧାନକୁ ବିରୋଧ କରି ପ୍ରଥମେ ଗିରଫ ଓ ପରେ ପ୍ରାଣ ହରାଇଥିବା ମହସା ଆମିନିଙ୍କ ସମର୍ଥନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆମିନିଙ୍କୁ ନ୍ୟାୟ ଦାବିରେ ଏବେ ଦେଶବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମହିଳାଙ୍କ ପ୍ରତିବାଦ ଏକ ଜନଆନ୍ଦୋଳନର ରୂପ ନେଇଛି। ମହିଳା ଅଧିକାର ବାବଦରେ ଜନଜାଗରଣ ତିଆରି କରିବାରେ ମେଲେକ ଖୁବ୍ ପରିଚିତ। ୨୦୨୦ରେ ତୁର୍କୀରେ ଜଣେ ବଳାତ୍କାରୀ ପୋଲିସ କର୍ମଚାରୀଙ୍କ ନାଁରେ ଗୀତ ଗାଇବା ଯୋଗୁ ତାଙ୍କୁ ମଞ୍ଚରୁ ହଟାଇ ଦିଆଯାଇଥିଲା। ମହିଳାଙ୍କ ଉଦ୍ଦେଶ୍ୟରେ ମେଲେକ କହିଛନ୍ତି, ଯଦି ତୁମେ ଖୋଲା ଆକାଶରେ ଉଡ଼ିବାକୁ ଚାହଁ ତେବେ ତୁମକୁ ନିଡ଼ର ହେବାକୁ ପଡ଼ିବ। କଥା ହେବାକୁ ଚାହୁଁଥିଲେ ତୁମକୁ ପ୍ରଥମେ କହିବାକୁ ପଡ଼ିବ। କାହା ନିର୍ଦ୍ଦେଶରେ ବା ଅନ୍ୟର ପସନ୍ଦ ଅନୁସାରେ ପୋଷାକ ପରିଧାନ କରିବା ଅନୁଚିତ୍। କାହାର ଆଶ୍ରିତରେ ନ ରହି ତୁମ ନିଜ ଡେଣାରେ ଉଡ଼ିବାକୁ ଚେଷ୍ଟାକର।

# ଚିତାଙ୍କ ଉପରେ ଡଗ୍ ସ୍କ୍ୱାଡ୍ ରଖିବ ନଜର



ଭୋପାଳ

ପ୍ରାୟ ୭୦ ବର୍ଷ ପରେ ଭାରତରେ ଚିତାଙ୍କ ଗର୍ଜଣ ଶୁଣିବାକୁ ମିଳୁଛି। ଆଫ୍ରିକାର ନାମ୍ବିଆରୁ କୁନୋ ନ୍ୟାଶନାଲ ପାର୍କକୁ ଆସିଥିବା ୮ ଚିତାଙ୍କ ଅବ୍‌ଜରଭେଶନ୍ ପାଇଁ ସେମାନଙ୍କୁ ଏକ ଏନ୍‌କ୍ଲୋଜର୍‌ରେ ରଖାଯାଇଛି। ନ୍ୟାଶନାଲ ପାର୍କର ଅଧିକାରୀ, ନାମ୍ବିଆରୁ ଆସିଥିବା ସ୍ୱତନ୍ତ୍ର ଟିମ୍ ଏହି ଚିତାଙ୍କ ଉପରେ ନଜର ରଖିଥିବାବେଳେ ସୁପର ସ୍ନାଇପର ଡଗ୍ ସ୍କ୍ୱାଡ୍‌କୁ ଚିତାଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯିବ। ଏ ନେଇ କୁକୁରଙ୍କୁ ସ୍ୱତନ୍ତ୍ର ଟ୍ରେନିଙ୍ଗ ଦିଆଯାଇଥିବା କୁହାଯାଉଛି। ଏହି ଡଗ୍ ସ୍କ୍ୱାଡ୍‌ରେ ସାମିଲ ଥିବା ଜର୍ମାନ୍ ଶେଫର୍ଡ ପ୍ରଜାତି ଇଲୁକୁ ଇଣ୍ଡୋ-ତିବ୍ବତାନ ବର୍ଡର ପୋଲିସ ଫୋର୍ସ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଉଛି। ତିନିମାସର ବେସିକ୍ ଏବଂ ୪ ମାସର ଆଡଭାନ୍ସ ଟ୍ରେନିଂ ପରେ ଇଲୁର ଟ୍ରେନିଂ ଶେଷ ହୋଇଯିବ। ଆସନ୍ତା ବର୍ଷ ଏପ୍ରିଲ ମାସ ବେଳକୁ ଇଲୁର ଟ୍ରେନିଂ ସରିଯାଇଥିବ ଏବଂ ତାକୁ ମଧ୍ୟପ୍ରଦେଶର କୁନୋ ନ୍ୟାଶନାଲ ପାର୍କରେ ମୁତୟନ କରାଯିବ। ବାଘ, କଲରାତରିଆ ବାଘଙ୍କ ଚର୍ମ, ହାଡ଼, ହାତୀ ଦାନ୍ତ ଆଦି ଚିହ୍ନିବା ପାଇଁ ମଧ୍ୟ ସ୍ନାଇପର ଡଗ୍‌କୁ ଟ୍ରେନିଂ ଦିଆଯାଇଛି। ଚିତା ସମେତ ଅନ୍ୟ ଜୀବଙ୍କୁ ସୁରକ୍ଷା ଦେବା ଲାଗି ପାର୍କର ଆଉଟ୍ ଷ୍ଟ୍ରାଇକ୍‌ରେ ଇଲୁ ଅନ୍ୟ ଗାର୍ଡମାନଙ୍କ ସହ ରହିବ।

# ନିଆରା ପ୍ରତିଯୋଗିତା



**କେପ୍‌ଟାଉନ୍:** ସାଉଥ୍ ଆଫ୍ରିକାର ଭୁୟୋଲୱେଥୁ ସିମାନିଲେ ଚିକେନ୍ ଫିଟ୍ (କୁକୁଡ଼ା ଗୋଡ଼) ଖାଇ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଦୁରବାନ ଉମଲାଜି ମାଶାମପ୍ଲେନ୍ସ ଲଞ୍ଜ ରେଷ୍ଟୁରାଣ୍ଟ ଆଣ୍ଡ ବାର୍‌ରେ ସିମାନିଲେ କାମ କରୁଥିବାବେଳେ ତାଙ୍କ ୪ ସହକର୍ମୀଙ୍କ ସହ ସେ ଚିକେନ୍ ଫିଟ୍ ଖାଇବା କମ୍ପିଟିଶନ୍ କରିଥିଲେ। ସିମାନିଲେ ଗୋଟିଏ ମିନିଟରେ ୧୨୦ ଗ୍ରାମ ଚିକେନ ଫିଟ୍ ଖାଇ ୱାର୍ଲ୍ଡ ରେକର୍ଡ ତିଆରି କରିଛନ୍ତି। ପ୍ରତିଯୋଗିତାରେ ପ୍ରତ୍ୟେକଙ୍କ ନିକଟରେ ୧୮୩ ଗ୍ରାମର ଚିକେନ୍ ଫିଟ୍ ବଢ଼ାଯାଇଥିଲା।

**ନନ୍ଦନକାନନରେ କୁତ୍ରାର ମୃତ୍ୟୁ**

ବାରଙ୍ଗ,(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଏକ ମାଈ କୁତ୍ରାର ମୃତ୍ୟୁ ହୋଇଛି। ତୃଣଭୋଜି ସଫାରିରେ ଥିବାବେଳେ ଏହି କୁତ୍ରାଟି ଅନ୍ୟମାନଙ୍କ ସହ ମାଡଗୋଳ ଘଟି ସ୍ୱାସ୍ଥ୍ୟରେ ଅବନତି ଘଟିଥିଲା। ଜନ୍ତୁ ରକ୍ଷକ ଏହାଦେଖି ଡାକ୍ତରଙ୍କୁ କହିବା ପରେ ସୋମବାର ଅସୁସ୍ଥ କୁତ୍ରାକୁ ଚିକିତ୍ସା ପାଇଁ ତୃଣଭୋଜି ସଫାରିରୁ ଡାକ୍ତରମାନେ ଆଣିଥିଲେ। କିନ୍ତୁ ଡାକ୍ତରଖାନାକୁ ନ ଆଣି ପୂର୍ବରୁ ରହୁଥିବା କୁତ୍ରା ଏନକ୍ଲୋଜର ୩୬ସିରେ ରଖିଥିଲେ। ପରେ ଅପରାହ୍ନ ସମୟରେ ଅସୁସ୍ଥ କୁତ୍ରାକୁ ଚିକିତ୍ସା କରିବାକୁ ଡାକ୍ତରମାନେ ଯାଇଥିବାବେଳେ ସେ ମରିପଡିଥିବାର ଦେଖିବାକୁ ପାଇଥିଲେ।

## ମା’ କାଳିଜାଈ ପୀଠକୁ ରୋପ୍‌ୱେ ସଂଯୋଗୀକରଣ

କୃଷ୍ଣପ୍ରସାଦ,୨୮।୯(ଡି.ଏନ୍.ଏ.)

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା’ କାଳିଜାଈଙ୍କ ଶକ୍ତିପୀଠର ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଣ୍ଟା ଭିଡିଛି। ନୀଳାମ୍ବୁ ଚିଲିକା ମଧ୍ୟସ୍ଥ କାଳିଜାଈ ପାହାଡ଼ରେ ଅବସ୍ଥିତ ଏହି ପ୍ରାଚୀନ ମନ୍ଦିରର ଇତିହାସ ପାରିକୁଦ ଗଡ଼ର ରାଜ ପରିବାର ସହିତ ଜଡ଼ିତ। କେବଳ ଓଡ଼ିଶା ନୁହେଁ ଦେଶ ଏବଂ ବିଦେଶରୁ ବର୍ଷତମାମ ପର୍ଯ୍ୟଟକଙ୍କ ସୁଅ ମା’ଙ୍କ ପୀଠକୁ ଛୁଟିଥାଏ। ପାରିକୁଦ ଗଡ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ମାଙ୍କ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଳମ୍ବରେ ହେଉପଛେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମା’ କାଳିଜାଈଙ୍କ ପୀଠର ଭିତ୍ତିଭୂମି ବିକାଶ ହେବାକୁ ଯାଉଥିବାରୁ ଏନେଇ ସମଗ୍ର ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କୃଷ୍ଣପ୍ରସାଦ ଗଡ଼ରୁ ମା’ଙ୍କ ପୀଠକୁ ରୋପ ୱେ ସଂଯୋଗୀକରଣ, କାଳିଜାଈ ପାହାଡ଼ର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ, ପର୍ଯ୍ୟଟକଙ୍କ ହିତକୁ ଦୃଷ୍ଟିରେ ରଖି ଚିଲିକାର ଜଳରାଶୀରେ ଦ୍ରୁତଗାମୀ ବୋଟ୍‌ର ବ୍ୟବସ୍ଥା, ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଏକ ଯାତ୍ରୀନିବାସ ନିର୍ମାଣ କରାଯିବ।

# ଭୂଅର୍ଜନ ଅଧିକାରୀଙ୍କୁ ଝାଡ଼ୁମାଡ଼

ନୟାଗଡ଼ ଅଫିସ,୨୮।୯

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜମି ବାବଦ ଅର୍ଥ ପ୍ରଦାନ ପାଇଁ ଲାଞ୍ଚ ମାଗିବା ଓ ମହିଳାଙ୍କୁ ଅସଦାଚରଣ କରିବା ଜଣେ ଭୂଅର୍ଜନ ଅଧିକାରୀଙ୍କ ପାଇଁ କାଳ ହୋଇଛି। ଏହାର ବିସ୍ଫୋରକ ରୂପ ବୁଧବାର ନୟାଗଡ଼ ଟାଉନ ଥାନା ଅଧୀନ ମିଶ୍ର କଲୋନୀରେ ଦେଖିବାକୁ ମିଳିଛି। ନ୍ୟାୟ ନ ମିଳିବାରୁ ମହିଳାମାନେ ଆଇନକୁ ନିଜ ହାତକୁ ନେଇଛନ୍ତି। ସେମାନେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଭୂ ଅର୍ଜନ ମଣ୍ଡଳ ଅଧିକାରୀ ସଞ୍ଜୟ କୁମାର ପ୍ରତିହାରୀଙ୍କୁ ଝାଡ଼ୁରେ ଗୋଡ଼ାଇ ଗୋଡ଼ାଇ ପିଟିବା ସହିତ ଅଳତା, ସିନ୍ଦୂର ଶଙ୍ଖା ପିନ୍ଧାଇଛନ୍ତି। ଏହାକୁ ନେଇ କିଛି ସମୟ ପାଇଁ ମିଶ୍ର କଲୋନୀ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଭୂଅର୍ଜନ ଅଧିକାରୀଙ୍କୁ ପଚରାଉଚୁରା କରିଥିଲା। ପରେ ଉପଜିଲାପାଳ ଲଗ୍ନଜିତ ରାଉତ ଓ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ପହଞ୍ଚି ସମ୍ପୃକ୍ତ ଅଧିକାରୀଙ୍କୁ ସାଙ୍ଗରେ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଘଟଣାରେ ପୋଲିସ ୫ ମହିଳାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା-

**ଲାଞ୍ଚ ମାଗିବା କାଳ ହେଲା**

- ସିନ୍ଦୂର, ଅଳତା, ଶଙ୍ଖା ପିନ୍ଧାଇଲେ ମହିଳା
- ଆହତ ଅଧିକାରୀ ଡାକ୍ତରଖାନାରେ ଭର୍ତ୍ତି
- ୫ ମହିଳା ଗିରଫ

ବଲାଙ୍ଗୀର ରେଳ ପ୍ରକଳ୍ପର ନୟାଗଡ଼ ଜିଲାରେ କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ଜମି ଅଧିଗ୍ରହଣ ଟଙ୍କା ଦେବା ପାଇଁ ୧୬ ଲକ୍ଷ ୮୦ ହଜାର ଟଙ୍କା ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ବିଭିନ୍ନ ସମୟରେ ଜିଲାପାଳ, ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏନେଇ ଗତ ଜୁଲାଇ ୨୫ରେ ଆଦିବାସୀ ଓ ଦଳିତମାନେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଭୂ ଅର୍ଜନ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ସେଦିନ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ (ଏଡିଏମ୍) ଙ୍କୁ ଭେଟିବା ପରେ କାର୍ଯ୍ୟାନୁଷ୍ଠାନ ହେବାର ଆଭାସ ମିଳିଥିଲା। ତେବେ ଥାନାରେ ମାମଲା



ମହିଳାମାନେ ଭୂଅର୍ଜନ ଅଧିକାରୀଙ୍କୁ ଧରି ଝାଡ଼ୁରେ ପିଟୁଛନ୍ତି।

ରୁଜୁ କରି ଘଟଣାକୁ ଚାପି ଦିଆଯାଇଥିଲା। ନ୍ୟାୟ ନ ପାଇ ମହିଳାମାନେ ବାରମ୍ବାର ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଭୂ ଅର୍ଜନ ମଣ୍ଡଳ ଅଧିକାରୀଙ୍କୁ ଯୋଗାଯୋଗ କରୁଥିଲେ। ଜମି ଅଧିଗ୍ରହଣ ଟଙ୍କା ଦେବା ପାଇଁ ସେ ୫ ହଜାର ଟଙ୍କା ମାଗୁଥିଲେ। ପରେ ମହିଳାମାନଙ୍କୁ ଅସଦାଚରଣ କରିବାକୁ ସେ ପଛାଇ ନ ଥିଲେ। ଏହାକୁ ନେଇ ମହିଳାମାନେ ତାତିଥିଲେ। ସେମାନେ ସମ୍ପୃକ୍ତ ଅଧିକାରୀଙ୍କୁ ବୁଦ୍ଧି ଶିଖାଇବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ବୁଧବାର ଭୂ ଅର୍ଜନ ଅଧିକାରୀ ପ୍ରତିହାରୀ ଅଫିସକୁ ଆସିବାରେ ବିଳମ୍ବ କରିଥିଲେ। ତାଙ୍କ ଆସିବା ବାଟକୁ କେତେଜଣ ଲୋକ ଅଫିସ ନିକଟରେ ଜଗି ରହିଥିଲେ। ଆଉ କେତେଜଣ ଅଧିକାରୀଙ୍କ ମିଶ୍ର କଲୋନୀସ୍ଥିତ ବାସ ଭବନ ନିକଟରେ ରହି ତାଙ୍କ ଗତିବିଧି ଉପରେ ନଜର ରଖିଥିଲେ। କେତେଜଣ ମହିଳା ନୟାଗଡ଼-ଖଣ୍ଡପଡ଼ା ରୋଡ୍‌ର ମିଶ୍ର କଲୋନୀ ଛକରେ ରହି ତାଙ୍କୁ ଅପେକ୍ଷା କରିଥିଲେ। ମଧ୍ୟାହ୍ନ ପ୍ରାୟ ୧୨.୪୦ରେ ଭୂ ଅର୍ଜନ ଅଧିକାରୀ ଅଫିସକୁ ବାଇକ୍ ଯୋଗେ ଆସୁଥିଲେ। ମହିଳାମାନେ ମିଶ୍ର କଲୋନୀ ଛକରେ ତାଙ୍କ ବାଇକ୍‌କୁ ଅଟକାଇ ଝାଡ଼ୁରେ ତାଙ୍କୁ ଝାଡ଼ିଥିଲେ। ପରେ ସିନ୍ଦୂର, ଅଳତା ଓ କାଚ ପିନ୍ଧାଇଥିଲେ। ଏତିକିରେ ମହିଳାମାନଙ୍କ ରାଗ ଶାନ୍ତି ହୋଇ ନ ଥିଲା। ସେମାନେ ଝାଡ଼ୁରେ ତାଙ୍କୁ ଗୋଡାଇ ଗୋଡାଇ ପିଟି ଘରେ ଛାଡି ଦେଇଥିଲେ। ତେବେ ଉତ୍ତେଜିତ ମହିଳାମାନେ ଭୂଅର୍ଜନ ଅଧିକାରୀଙ୍କ ବାଇକ୍‌ର କୌଣସି କ୍ଷତି କରି ନାହାନ୍ତି। ହେଲେ ତାଙ୍କ ପାଦରେ ଅଳତା ଲଗାଇବା ପାଇଁ ବାହାର କରିଥିବା ଜୋତାକୁ ପୋଡ଼ି ପ୍ରତିବାଦ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ଭୂ ଅର୍ଜନ ଅଧିକାରୀ ପ୍ରତିହାରୀ କୁହନ୍ତି, ମୁଁ ଅଫିସକୁ ଯିବା ସମୟରେ କେତେଜଣ ମହିଳା ମୋତେ ଅଟକାଇ ଗୋଡାଇ ଗୋଡାଇ ପିଟିଲେ। ଏପରିକି ଅଳତା, ସିନ୍ଦୂର, କାଚ ପିନ୍ଧାଇଲେ। ଏ ସବୁ କେତେଜଣ ଗଣମାଧ୍ୟମର ପ୍ରତିନିଧି ଓ ଦେଖଣାହାରିଙ୍କ ସମ୍ମୁଖରେ ଘଟିଛି। ଅଭିଯୋଗକାରୀ ବାଣିଗୋଛା ଥାନା କୁଲୁରୁକୁମ୍ପାର ପୁଷ୍ପାଞ୍ଜଳୀ ମାଝି କୁହନ୍ତି, ମୋତେ ନ୍ୟାୟ ମିଳିଲାନି। ମାମଲା ପରେ ବି ଭୂ ଅର୍ଜନ ମଣ୍ଡଳ ଅଧିକାରୀଙ୍କୁ ଗିରଫ କରାଗଲାନାହିଁ। ମୋତେ ଅଶ୍ଳୀଳ ଇଙ୍ଗିତ କରିବା ସହ ସେ ଘରକୁ ଡାକିଥିଲେ। ଏହାର ପ୍ରତିବାଦରେ ଆମେ ସେହି ଅଧିକାରୀଙ୍କୁ ଅଳତା, ସିନ୍ଦୂର ଓ କାଚ ପିନ୍ଧାଇଛୁ।

## ଗୋ-ମାଂସ ବିକ୍ରି ବେଳେ ଉତ୍ତେଜନା: ୨ ଗିରଫ



ଗିରଫ ଦୁଇ ଅଭିଯୁକ୍ତ।

ଦେବଗଡ଼,୨୮।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ଆଦର୍ଶ ଥାନା ଟାଇଁସର ପଞ୍ଚାୟତ ବାଲିପଶି ଗ୍ରାମରେ ବୁଧବାର ଗୋ-ମାଂସ ବିକ୍ରିବେଳେ ଉତ୍ତେଜନା ଦେଖାଯାଇଥିଲା। ସୂଚନାପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ କଟା ଗୋ-ମାଂସ ଜବତ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ବଡ଼ବାଲିପସି ଗ୍ରାମର ଶ୍ରୀରାମ ନାଏକ ଓ ଗୋବିନ୍ଦ ନାଏକ। ମିଳିଥିବା ସୂଚନା ଅନୁଯାୟୀ ଶ୍ରୀରାମ ଓ ଗୋବିନ୍ଦ ଗ୍ରାମରୁ ଜଣେ ବ୍ୟକ୍ତିଙ୍କଠାରୁ ମଙ୍ଗଳବାର ଏକ ଗୋରୁ କିଣି ଆଣିଥିଲେ। ବୁଧବାର ସକାଳେ ଗ୍ରାମରେ ଗୋରୁକୁ ହତ୍ୟା କରି ମାଂସ ବିକ୍ରି ପାଇଁ ପ୍ରସ୍ତୁତି କରୁଥିବାବେଳେ ଗ୍ରାମବାସୀ ଜାଣିପାରିଥିଲେ। ଫଳରେ ଗ୍ରାମରେ ଉତ୍ତେଜନା ଦେଖାଯାଇଥିଲା। ସୂଚନାପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ରୀରାମ ଓ ଗୋବିନ୍ଦଙ୍କୁ ଥାନାକୁ ଆଣି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଲୋକଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଧରିଲା**

# ରାଜଧାନୀ ଆସି ପ୍ରତିବାଦ ଜଣାଇଲେ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋର ଧରିଛି। ବୁଧବାର ପଶ୍ଚିମ ଓଡ଼ିଶାର ଶତାଧିକ ଆଇନଜୀବୀ ରାଜଧାନୀ ରାସ୍ତାରେ ଗର୍ଜିଛନ୍ତି। ମାଷ୍ଟରକ୍ୟାଣ୍ଟିନଛକରୁ ଏକ ଶୋଭାଯାତ୍ରା ବିଧାନସଭା ଆଡ଼କୁ ଯିବାବେଳେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ଉଭୟ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଧାରଣାସ୍ଥଳକୁ ଫେରି ଏକ ପ୍ରତିବାଦ ସଭା କରିଥିଲେ। ପ୍ରାୟ ସାଢ଼େ ୨ଟାରେ ଆଇନଜୀବୀଙ୍କ ଏକ ୧୫ଜଣିଆ ପ୍ରତିନିଧି ଦଳ ସହ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଅତିରିକ୍ତ ସଚିବ ପ୍ରଦୀପ ଜେନା ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟ ବାହାରେ ଥିବାରୁ ସେ ଫେରିବା ପରେ ଆଇନଜୀବୀଙ୍କ ଦାବି ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆଇନଜୀବୀମାନେ ଧାରଣାରୁ ହଟିଥିଲେ।

ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ୧୯୯୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମ୍ବଲପୁରଠାରେ ଏକ ସର୍କିଟ ବେଞ୍ଚ ପ୍ରତିଷ୍ଠା ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟକୁ ସୁପାରିଶ କରିଥିଲେ। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ୨୦୦୭ରେ ଡା. ଜଷ୍ଟିସ ଯଶୋବନ୍ତ ସିଂ



ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଅଲ୍ ବାର୍ ଆସୋସିଏଶନ୍ସ ଅଫ୍ ୱେଷ୍ଟର୍ନ ଓଡ଼ିଶା ସେଣ୍ଟ୍ରାଲ ଆକ୍ସନ କମିଟି ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ ସହ ବିଧାନସଭା ଅଭିମୁଖେ ଯିବାବେଳେ ପୋଲିସ ସହ ମୁହାଁମୁହିଁ।

### ପୋଲିସ-ଆଇନଜୀବୀ ଧସ୍ତାଧସ୍ତି

ପଶ୍ଚିମାଞ୍ଚଳର ସମ୍ବଲପୁରଠାରେ ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ଲାଗି ସୁପାରିଶ କରିଥିଲେ। ଏହାକୁ ଭିତ୍ତିକରି ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ମାତ୍ର ଏହି ସୁପାରିଶକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହାର ଯଥାର୍ଥତା ନ ଥିବା କହି ବିରୋଧ କରୁଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିବା ସହ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାକୁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶକ୍ରମେ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବାକୁ ବାରମ୍ବାର ଚିଠି ଲେଖୁଥିଲେ ହେଁ ରାଜ୍ୟ ସରକାର ନୀରବ ରହୁଛନ୍ତି। ଏପରିକି ୨୦୧୯ରେ ବେଞ୍ଚ ପ୍ରତିଷ୍ଠା ଲାଗି ବିଧାନସଭାରେ ୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଘୋଷଣା କରିଥିଲେ ହେଁ ତାହା ନାଳିଫିତା ତଳେ ରହିଯାଇଛି। ରାଜ୍ୟ ସରକାରଙ୍କ ଏପରି ମନୋବୃତ୍ତି ପଶ୍ଚିମ ଓଡ଼ିଶା ପ୍ରତି ଅବହେଳାର ପ୍ରମାଣ। ତେଣୁ ୭ ଜଣ ବିଚାରପତିଙ୍କୁ ନେଇ ସମ୍ବଲପୁରରେ ଏକ ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ସହ ରାଜ୍ୟ ସରକାର ଏଥିପାଇଁ ଆବଶ୍ୟକୀୟ ଜମି ଯୋଗାଇ ଦେବା ଏବଂ ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ବହନ କରିବାକୁ ଉଲ୍ଲେଖ କରି ଉଚ୍ଚ ନ୍ୟାୟାଳୟଙ୍କ ମତାମତ ଓ ରାଜ୍ୟପାଳଙ୍କ ପରାମର୍ଶ ନେଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ ସଂଘ ଦାବି କରିଛି। ସେପଟେ ଏନେଇ ସମଗ୍ର ପଶ୍ଚିମ ଓଡିଶାରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହାଛଡା ହାଇକୋର୍ଟକୁ ଭୁବନେଶ୍ୱରକୁ ସ୍ଥାନାନ୍ତର ଦାବିକୁ ମଧ୍ୟ ସଂଘ ସମର୍ଥନ କରିଛି। ଆନ୍ଦୋଳନରେ ନିଖିଳ ଓଡିଶା ଆଇନଜୀବୀ ସଂଘର ସଭାପତି ଜ୍ଞାନ ମହାନ୍ତି, ସମ୍ବଲପୁର ଓକିଲ ସଂଘ ସଭାପତି ସର୍ବେଶ୍ୱର ମିଶ୍ର, କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଆବାହକ ପ୍ରମୋଦ କୁମାର ଦାସ, ଆବାହକ ଅଶୋକ କୁମାର ଦାସ, ବିଜେନ୍ଦ୍ର ପ୍ରଧାନ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ଦାସ, ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଧାରେ ରହିଗଲା ଭାଇ ଜିଉନ୍ତିଆ

**ଦୁର୍ଘଟଣାରେ ଚାଲିଗଲା ଭଉଣୀଭାଇଙ୍କ ଜୀବନ**

ବର୍ତ୍ତିଗଲା ୫ମାସର ଶିଶୁକନ୍ୟା

ଝାରସୁଗୁଡ଼ା ଅଫିସ,୨୮।୯

ଦଶହରା ପର୍ବରେ ବିବାହିତ ଝିଅମାନେ ଶାଶୁଘରୁ ବାପଘରକୁ ଆସି ଭାଇଜିଉନ୍ତିଆ ପୂଜାକରି ଭାଇର ଶୁଭକାମନା କରିଥାନ୍ତି। ଏହି ପରମ୍ପରା ଅନୁଯାୟୀ ଶାଶୁଘରୁ ଭଉଣୀଙ୍କୁ ଧରି ଭାଇ ବାଇକ୍‌ରେ ଫେରୁଥିବାବେଳେ ସଡକ ଦୁର୍ଘଟଣାରେ ଉଭୟଙ୍କ ମୃତ୍ୟୁ ଘଟିଛି। ହେଲେ ଭଉଣୀର ୫ମାସର ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଯାଇଛି। ମୃତକ ହେଲେ ଅଞ୍ଜଳି ପ୍ରଧାନ (୨୮) ଓ ଭାଇ ରୂପେଶ ସାହୁ (୨୫)। ଏଭଳି ଏକ ଦୁଃଖଦ ଘଟଣା ବୁଧବାର ଝାରସୁଗୁଡ଼ା ଜିଲା ବଡମାଲ ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ରାସ୍ତାର ବସନ୍ତବିହାର ନିକଟରେ ଘଟିଛି।

ସୂଚନା ଅନୁଯାୟୀ ବ୍ରଜରାଜନଗର ଥାନା ଛୁଆଲିବେର୍ଣ୍ଣା ଗ୍ରାମର ଅଞ୍ଜଳି ସମ୍ବଲପୁର ଜିଲା ଯୁଯୁମୁରା ଥାନା ବସିଆପଡାର ବିରଞ୍ଚି ପ୍ରଧାନଙ୍କୁ ବିବାହ କରିଥିଲେ। ଭାଇଜିଉନ୍ତିଆ ପାଳନ ପାଇଁ ଅଞ୍ଜଳି ଶାଶୁଘରୁ ନିଜର ୫ମାସର ଝିଅ ଇଶିତାକୁ ଧରି ଭାଇ ରୂପେଶ ସହିତ ବାଇକ୍‌ରେ ବାପଘରକୁ ଆସୁଥିଲେ। ବଡମାଲ ନିକଟ ବିଜୁ ଏକ୍ସପ୍ରେସ୍ ୱେର ବସନ୍ତବିହାରଠାରେ ଏକ ଟ୍ରେଲର ବାଇକ୍‌କୁ ପଛରୁ ଧକ୍କାଦେଇ ଫେରାର୍ ହୋଇଯାଇଥିଲା। ଫଳରେ ବାଇକ୍‌ରେ ଥିବା ଭଉଣୀଭାଇ ଗୁରୁତର ଆହତ



ବର୍ତ୍ତିଯାଇଥିବା ଶିଶୁକନ୍ୟାକୁ କୋଳରେ ଧରିଛନ୍ତି କନଷ୍ଟେବଳ।

ହୋଇଥିବାବେଳେ ଶିଶୁକନ୍ୟା ଦୁର୍ଘଟଣାରୁ ରକ୍ଷାପାଇଯାଇଥିଲା। ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅଞ୍ଜଳିଙ୍କ ମୃତ୍ୟୁ ହୋଇଥିବାବେଳେ ରୂପେଶ ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ସୁସ୍ଥଥିବା ଡାକ୍ତରଙ୍କ ସୂତ୍ରରୁ ଜଣାପଡିଛି। ଏବେ ଶିଶୁଟି ମା’ ଛେଉଣ୍ଡ ହୋଇଯାଇଛି। ପୋଲିସ୍ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିରଞ୍ଚିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ବଡମାଲ ଥାନା (କେସ୍ ନଂ୨୦୯/୨୨)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଦୁର୍ଘଟଣା ଗ୍ରସ୍ତ ଓଡି୨୩ଏଚ୍ ୯୨୪୮ନଂ. ବାଇକ୍‌କୁ ପୋଲିସ୍ ଜବତ କରିଛି। ଖୁବ୍‌ଶୀଘ୍ର ଫେରାର୍ ଟ୍ରେଲରକୁ ଧରାଯିବ ବୋଲି ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି।

## ସ୍ତ୍ରୀ, ଝିଅ, ପୁଅ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଭଞ୍ଜନଗର,୨୮।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ବେଲପଡ଼ା ଗ୍ରାମରେ ୨୦୧୨ରେ ଘଟିଥିବା ବହୁଚର୍ଚ୍ଚିତ ସ୍ତ୍ରୀ, ଝିଅ, ପୁଅଙ୍କ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବବ୍ରତ ପଟ୍ଟନାୟକ ୨୪ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ଅଭିଯୁକ୍ତ ସୀମାଞ୍ଚଳ ନାୟକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି।

ସୀମାଞ୍ଚଳ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାୟକଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଲାଗି ରହିଥିଲା। ୨୦୧୨ ଫେବୃୟାରୀ ୧୭ରେ ପାରିବାରିକ କଳହ ଉଗ୍ର ରୂପ ନେଇଥିଲା। ଉକ୍ତ ରାତିରେ ସୀମାଞ୍ଚଳ ହିତାହିତ ଜ୍ଞାନ ଭୁଲି ଖଣ୍ଡାରେ ସ୍ତ୍ରୀ ଲକ୍ଷ୍ମୀ (୩୩), ଝିଅ ଶିବାନୀ (୧୨) ଓ ପୁଅ ଦୀପକ (୧୦)ଙ୍କ ବେକକୁ ହାଣି ହତ୍ୟା କରିଥିଲେ। ଝିଅ ଶିବାନୀଙ୍କ ବାମ ହାତକୁ କାଟି ଦେଇଥିଲେ। ସ୍ତ୍ରୀଙ୍କ ଉପରେ ଥିବା ରାଗ ଶୁଝାଇବାକୁ ଯାଇ ୩ ଜୀବନ ନେବା ପରେ ସୀମାଞ୍ଚଳ ଘର ସମ୍ମୁଖରେ ବସି କାନ୍ଦୁଥିଲେ। ଭୋରରୁ ଗ୍ରାମର



ଅଭିଯୁକ୍ତ ସୀମାଞ୍ଚଳ ନାୟକ।

ସୁକୁଟା ଗୌଡ ଦାଣ୍ଡରେ ଯାଉଥିବା ଦେଖି ସୀମାଞ୍ଚଳ ତାଙ୍କୁ ପାଖକୁ ଡାକି ଘଟଣା ବିଷୟରେ କହିଥିଲେ। ସୁକୁଟା ଏ ନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୨/୧୨ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସୀମାଞ୍ଚଳଙ୍କୁ ଗିରଫ କରିଥିଲା। ସେବେଠାରୁ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରରେ ସେ ବନ୍ଦୀ ଜୀବନ ବିତାଉଥିଲେ। ଉକ୍ତ ମାମଲାର ଶୁଣାଣି ପାଇଁ ବୁଧବାର ତାଙ୍କୁ କୋର୍ଟକୁ ଅଣାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏମ. ତାଜ ଆଦେନୀ ଏବଂ ମୁଦାଲାଙ୍କ ପକ୍ଷରୁ ଏସ୍‌ଡିସି ରମେଶ ଚନ୍ଦ୍ର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଯାତ୍ରା ପାଇଁ ଭଡ଼ାରେ ବଳଦ

ଭୁବନ, ୨୮।୯(ଡି.ଏନ୍.ଏ.)

ଜମି ଥିଲା। ବର୍ଷତମାମ ହେଉଥିଲା ଚାଷବାସ। ଲୋଡ଼ା ହେଉଥିଲେ ବଳଦ, ପୋଢ଼ ଭଳି ଭାରବାହୀ ପ୍ରାଣୀ। ଏବେ କିନ୍ତୁ ଯାନ୍ତ୍ରିକ ଯୁଗ। କଳଲଙ୍ଗଳରେ କମ୍ ସମୟରେ ହୋଇଯାଉଛି ଚାଷ। ଆଉ ବର୍ଷତମାମ ଖର୍ଚ୍ଚ କରି ବଳଦ ପାଳିବାକୁ ମନ ବଳାଉନାହାନ୍ତି ଚାଷୀ। ତେବେ ଏହାର ପ୍ରଭାବ ଯେ ସାଂସ୍କୃତିକ, ସାମାଜିକ ଜୀବନକୁ ପ୍ରଭାବିତ କଲାଣି, ତାହା ଆଉ ଅଛପା ନାହିଁ। ଢେଙ୍କାନାଳ ଜିଲା ଭୁବନର ଐତିହାସିକ ବଳଦଯାତ୍ରାରେ ଦେଖିବାକୁ ମିଳିଛି ଏହାର ସିଧାସଳଖ ପ୍ରଭାବ। ଏହି ଐତିହ୍ୟସମ୍ପନ୍ନ ଯାତ୍ରା ପାଇଁ ହୃଷ୍ଟପୁଷ୍ଟ ବଳଦ ମିଳୁନାହାନ୍ତି। ତେଣୁ ବାହାର ଗାଁରୁ ଖୋଜାଖୋଜି କରି ମନଲାଖି ବଳଦ ଭଡ଼ାରେ ଆଣୁଛନ୍ତି ବଳଦିଆ। କେବଳ ଏତିକି ନୁହେଁ, ପ୍ରତିଯୋଗିତାପୂର୍ଣ୍ଣ ଯାତ୍ରାରେ ପରମ୍ପରା ବଞ୍ଚାଇ ରଖିବାକୁ ଯାଇ କେତେକ କମିଟି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବଳଦ ମଧ୍ୟ କିଣିଛନ୍ତି।

ବାଣିଜ୍ୟ ବ୍ୟବସାୟକୁ ନେଇ କେଉଁ ଆବହମାନ ଚାଲିଆସିଛି ବଳଦଯାତ୍ରା। ପ୍ରଥମେ ମାତ୍ର ୨ଟି ବଳଦରୁ ଏହାର ଆରମ୍ଭ ହୋଇଥିବାବେଳେ ସମୟକ୍ରମେ ଏହି ସଂଖ୍ୟା ୧୫୦ ପାର୍ କରିଥିଲା। ତେବେ

- ଐତିହାସିକ ବଳଦଯାତ୍ରା ପାଇଁ ମିଳୁନାହାନ୍ତି ବଳଦ
- ପରମ୍ପରା ବଞ୍ଚାଇବାକୁ ଦେଢ଼ଲକ୍ଷ ଟଙ୍କା ଦେଇ କିଣିଲେ

ଯାତ୍ରା ମାତ୍ରାଧିକ ବ୍ୟୟବହୁଳ ହେବା ପରେ କମିଆସିଲା ବଳଦଙ୍କ ସଂଖ୍ୟା। ଚଳିତବର୍ଷ ମାତ୍ର ୩୨ ବଳଦ ଯାତ୍ରାରେ ସାମିଲ ହେବେ ବୋଲି ନିଷ୍ପତ୍ତି ହୋଇଛି। ସାଧାରଣତଃ ମହାଳୟା ଅମାବାସ୍ୟାରୁ ଆରମ୍ଭ ହୋଇଥାଏ ଅଭ୍ୟାସ ଯାତ୍ରା। ବଳଦମାନେ ଯେପରି ବୋଲ ମାନିବେ ସେଥିଲାଗି ପାରମ୍ପରିକ ବାଜାବାଣର ତାଳେତାଳେ ସୁସଜ୍ଜିତ ବଳଦଙ୍କୁ ନଗର ପରିକ୍ରମା କରାଯାଇଥାଏ। ଦଶହରା ଦିନ ବଳଦଯାତ୍ରାରେ ସାମୂହିକ ଭାବେ ସୁସଜ୍ଜିତ ବଳଦ ସାମିଲ ହେବା ପରମ୍ପରା ରହିଛି। ତେବେ ଦୁଇବର୍ଷ ହେଲା କରୋନା ପାଇଁ ଯାତ୍ରା ବନ୍ଦ ଥିବାରୁ ବଳଦଙ୍କୁ ଭଲଭାବେ ପ୍ରଶିକ୍ଷଣ ଦେବାକୁ ଗଣେଶ ପୂଜାରୁ ଆରମ୍ଭ ହୋଇଛି ଚଳିତବର୍ଷର ଅଭ୍ୟାସ ଯାତ୍ରା। ପର୍ବ। ତେବେ ଏଥିରେ ଉପୁଜିଛି ସମସ୍ୟା। କାରଣ ଶୋଭାଯାତ୍ରାରେ ଦୃଷ୍ଟି ଆକର୍ଷଣ କରିବା ଭଳି ବଳଦ ମିଳୁନାହାନ୍ତି।



ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ଯୁବକସଂଘ ପକ୍ଷରୁ କିଣାଯାଇଥିବା ସୁସଜ୍ଜିତ ବଳଦକୁ ଅଭ୍ୟାସ ଯାତ୍ରାରେ ସାମିଲ କରାଯାଇଛି।

ପ୍ରାୟ ୧୦ ବଦଳିଆ କମିଟିର ନିଜସ୍ୱ ବଳଦ ଥିବାବେଳେ ଅବଶିଷ୍ଟ ବାହାର ଗାଁରୁ ଭଡ଼ାସୂତ୍ରରେ ଅଣାଯାଇଛି। ଏଥିଲାଗି ବଳଦ ପିଛା ୫,୦୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି। କେବଳ ଏତିକି ନୁହେଁ, ଚଳିତ ବର୍ଷ ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ଯୁବକ ସଂଘ ତଥା ବଳଦଯାତ୍ରା କମିଟିର କର୍ମକର୍ତ୍ତାମାନେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ବଳଦ କିଣିଛନ୍ତି। ସେମାନଙ୍କ କହିବା କଥା, ଉକ୍ତ ବଳଦକୁ କେବଳ ବଳଦଯାତ୍ରା ପାଇଁ କିଣାଯାଇଛି। ଯାତ୍ରା ସରିବା ପରେ ଏହାକୁ ଯତ୍ନର ସହ ରଖାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ଅନ୍ୟ କେତେକ କମିଟି ମଧ୍ୟ ଅନୁରୂପ ପନ୍ଥା ଆପଣାଇଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ଯୁବକସଂଘ ତଥା ବଳଦିଆ କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ କୁହନ୍ତି, ଭୁବନ ଅଞ୍ଚଳରେ ବଳଦଯାତ୍ରାରେ ସାମିଲ ହେବା ଭଳି ବଳିଷ୍ଠ ବଳଦଙ୍କ ସଂଖ୍ୟା ଆଶାତୀତ ଭାବେ କମିଗଲାଣି। ଅଭ୍ୟାସ ଯାତ୍ରାଠାରୁ ଆରମ୍ଭ କରି ଭସାଣି ଯାଏ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ବଳିଷ୍ଠ ବଳଦ ନ ମିଳିଲେ ସବୁ ଫିକା। ତେଣୁ ଚଳିତବର୍ଷ ଦେଢ଼ ଲକ୍ଷ ଟଙ୍କା ଦେଇ ଏକ ବଳଦ କିଣିଛୁ। ବଳଦ କିଣାରେ ଏତେ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପରମ୍ପରା ବଞ୍ଚାଇ ରଖିଥିବାରୁ ଏହା ଆତ୍ମସନ୍ତୁଷ୍ଟି ଦେଇଛି।

ଭୁବନ ବଣିଆ ସାହି ଦଶହରା କମିଟି ସଭାପତି ତଥା ସୁନା ବ୍ୟବସାୟୀ ଶିବାନନ୍ଦ ସାହୁ କୁହନ୍ତି, ମନଲାଖି ବଳଦ ମିଳୁ ନ ଥିବାରୁ ବାଧ୍ୟ ହୋଇ ଅନେକେ ବଳଦିଆ ବଳଦ ଭଡ଼ାରେ ଆଣୁଛନ୍ତି। ଏଥିରେ ୧୦,୦୦୦ ଟଙ୍କା ଯାଏ ଖର୍ଚ୍ଚ ହେଉଛି। ଏବେ କେତେକ ବଳଦିଆ କମିଟି ଚାଷୀଙ୍କ ସହ ବୁଝାମଣା ମଧ୍ୟ କରୁଛନ୍ତି। ଚାଷୀଙ୍କୁ ବଳଦ କ୍ରୟ ବାବଦ ଅଧା ଟଙ୍କା ଦେଉଛନ୍ତି। ସମ୍ପୃକ୍ତ ଚାଷୀ ବଳଦକୁ ବର୍ଷତମାମ ପୋଷୁଥିବାବେଳେ ଯାତ୍ରା ସମୟରେ ଦେଇଥାଆନ୍ତି। ସେମାନଙ୍କ ସହ ଉତ୍ତମ ସମ୍ପର୍କ ନ ରହିଲେ ବଳଦ ମିଳିବ ନାହିଁ। ଯାତ୍ରା ପ୍ରଭାବିତ ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ସମ୍ମାନ ସ୍ୱରୂପ ବଳଦ ମାଲିକ ତଥା ଚାଷୀଙ୍କ ଘରକୁ ଯାଇ ଲୁଗାପଟା, ମିଠା ଦେଇ ସମ୍ମାନିତ କରିଥାଉ। ଏହା ବଳଦଯାତ୍ରାକୁ ବଞ୍ଚାଇ ରଖିବାରେ ସହାୟକ ହେଉଥିବାବେଳେ ଭାଇଚାରା ମଧ୍ୟ ବଢ଼ାଉଛି।



ରାଜ୍ୟପାଳ ଗଣେଶୀ ଲାଲଙ୍କ ଦ୍ୱାରା ବୁଧବାର ରାଜଭବନରେ ସମ୍ବର୍ଦ୍ଧିତ ହେବାପରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଖେଳାଳି ଓ ଆୟୋଜକ। ନିକଟରେ ଅଛନ୍ତି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି।

# ଆଜି ହରଭଜନ-ଗମ୍ଭୀର ମୁକାବିଲା

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

ଭୁବନେଶ୍ୱର,୨୮।୯(ସ୍ପୋର୍ଟ୍ସ ବ୍ୟୁରୋ)

ଲିଜେଣ୍ଡ୍ସ ଲିଗ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚରଣର ଅନ୍ତିମ ମ୍ୟାଚ୍ ଗୁରୁବାର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଗୌତମ ଗମ୍ଭୀରଙ୍କ ଇଣ୍ଡିଆ କ୍ୟାପିଟାଲ୍ସ ଓ ହରଭଜନ ସିଂଙ୍କ ମଣିପାଲ ଟାଇଗର୍ସ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ମଣିପାଲ ଟାଇଗର୍ସ ବାରବାଟୀରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବାକୁ ଯାଉଛି। ସୋମବାର ଭିଲୱାରା କିଙ୍ଗସକୁ ହରାଇଥିବା ଟାଇଗର୍ସ କ୍ରମାଗତ ବିଜୟ ଲକ୍ଷ୍ୟରେ ରହିବ। ଅନ୍ୟପକ୍ଷରେ ଗୌତମ ଗମ୍ଭୀରଙ୍କ ଇଣ୍ଡିଆ କ୍ୟାପିଟାଲ୍ସ ଦଳ ଏହାର ଅନ୍ତିମ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଥିବା ବେଳେ ଏହି ଧାରା ଅବ୍ୟାହତ ରଖିବାକୁ ପ୍ରୟାସ କରିବ।

ଉଭୟ ଦଳରେ ଏକାଧିକ ଷ୍ଟାର ଖେଳାଳି ରହିଥିବା ବେଳେ ଇଣ୍ଡିଆ କ୍ୟାପିଟାଲ୍ସର ପ୍ରଦର୍ଶନ ସାମାନ୍ୟ ଭଲ ରହିଛି। ଟେବୁଲ ଟପରେ ରହିଥିବା ଇଣ୍ଡିଆ କ୍ୟାପିଟାଲ୍ସ ଉଭୟ ବ୍ୟାଟିଂ ଓ ବୋଲିଂରେ ବଢିଆ ପ୍ରଦର୍ଶନ ଦେଇଛି। ଟପ୍ ଅର୍ଡରରେ ଅଧିନାୟକ ଗୌତମ ଗମ୍ଭୀରଙ୍କ ବ୍ୟାଟରୁ ରନ୍ ଆସି ନ ଥିଲେ ହେଁ ସୋଲୋମନ୍ ମିର୍ ଓ ହାମିଲଟନ୍ ମାସାକାଜା ଏହି ଅଭାବ ଅନୁଭୂତ ହେବାକୁ ଦେଇନାହାନ୍ତି। ମଧ୍ୟକ୍ରମରେ ଦୀନେଶ ରାମଦୀନ, ଆସଲେ ନର୍ସଙ୍କ ସହିତ ଲିଆମ ପ୍ଲଙ୍କେଟଙ୍କ ଉପସ୍ଥିତି ଦଳକୁ ଆହୁରି ଶକ୍ତିଶାଳୀ କରୁଛି। ବୋଲିଂରେ ମଧ୍ୟ କ୍ୟାପିଟାଲ୍ସର ପ୍ରଦର୍ଶନ ଭଲ ରହିଛି। ପୂର୍ବତନ ଭାରତୀୟ ଷ୍ଟାର ପଙ୍କଜ ସିଂ ଓ ପ୍ରବୀଣ ତାମ୍ବେଙ୍କ ସହିତ ପ୍ରସ୍ପର ଉତ୍ସେୟା, ଆସ୍‌ଲେ ନର୍ସ, ଲିଆମ୍ ପ୍ଲଙ୍କେଟ୍ ଓ ପଓ୍ୱନ ସୁୟଲଙ୍କ ପରି ବୋଲିଂ ବିକଳ୍ପ ରହିଛି। ପଙ୍କଜ ଓ ତାମ୍ବେ ୭ଟି ଲେଖାଏ ଉଇକେଟ ନେଇଥିବା ବେଳେ ସର୍ବାଧିକ ଉଇକେଟ ହାସଲକାରୀଙ୍କ ମଧ୍ୟରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଅନ୍ୟପକ୍ଷରେ ଦୁଇଟି ପରାଜୟ ପରେ ବିଜୟ ଧାରାକୁ ଫେରିଥିବା ମଣିପାଲ ଟାଇଗର୍ସ ପାଇଁ ଅଧିନାୟକ ହରଭଜନ ସିଂ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଦଳର ସର୍ବଶ୍ରେଷ୍ଠ ବୋଲର ଭାବରେ ସେ ୬ଟି ଉଇକେଟ ନେଇଛନ୍ତି। ୪ ମ୍ୟାଚ ଖେଳିଥିବା ମଣିପାଲ ଦଳ ବାରବାଟୀରେ ଏହାର ପ୍ରଥମ ବିଜୟ ହାସଲ କରିଥିଲା। ଜେସି ରାଇଡର ଓ ତାତେନ୍ଦା ତାଇବୁଙ୍କ ବ୍ୟାଟିଂ ବେଶ୍ ଚମତ୍କାର ରହିଥିବା ବେଳେ କୋରି ଆଣ୍ଡରସନଙ୍କ ଉପସ୍ଥିତି ମଧ୍ୟକ୍ରମକୁ ଦୃଢତା ପ୍ରଦାନ କରୁଛି। ମହମ୍ମଦ କୈଫ୍ ଭଲ ଫର୍ମରେ ରହିଥିବା ବେଳେ ୪ ମ୍ୟାଚରୁ ୧୩୬ ରନ କରିଛନ୍ତି। ରିକାର୍ଡୋ ପାଓ୍ୱେଲଙ୍କ ଉପସ୍ଥିତି ନିମ୍ନ ମଧ୍ୟକ୍ରମ ବ୍ୟାଟିଂକୁ ଆହୁରି ଶକ୍ତିଶାଳୀ କରୁଥିବା ବେଳେ ଡାରେନ୍ ସାମିଙ୍କୁ ଏହି ମ୍ୟାଚରେ ସୁଯୋଗ ମିଳିପାରେ। ସେହିପରି ଗତ ମ୍ୟାଚରେ ଦିଲହାରା ଫର୍ନାଣ୍ଡୋ ଓ ପରବିନ୍ଦର ଆଓ୍ୱାନା ମଧ୍ୟ ବେଶ୍ ବଢିଆ ବୋଲିଂ କରିଥିଲେ। ହରଭଜନ ଓ ମୁଥେୟା ମୁରଲୀଧରନଙ୍କ ସ୍ପିନ ଯୁଗଳଙ୍କ ନିକଟରୁ ମଧ୍ୟ ଦଳ ଭଲ ପ୍ରଦର୍ଶନ ଆଶା କରିବ।

# ବିର୍ସାମୁଣ୍ଡା ଷ୍ଟାଡିୟମରେ ଅଭ୍ୟାସ ପାଇଁ ମନପ୍ରୀତ ବ୍ୟଗ୍ର

ନୂଆଦିଲ୍ଲୀ, ୨୮।୯

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ୨୦୨୩ ହକି ବିଶ୍ୱକପ ପାଇଁ କାର୍ଯ୍ୟସୂଚୀ ଘୋଷିତ ହୋଇସାରିଛି। ଏହାକୁ ନେଇ ଭାରତୀୟ କ୍ୟାମ୍ପରେ ଉତ୍ସାହ ଓ ବ୍ୟଗ୍ରତା ପରିଲକ୍ଷିତ ହୋଇଛି। ଜାନୁୟାରୀ ୧୩ରେ ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଓଡ଼ିଶାର ହକି ପ୍ରାଣକେନ୍ଦ୍ରରେ ଅଭିଯାନ ଆରମ୍ଭ କରିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି ଭାରତୀୟ ଅଧିନାୟକ ମନ୍‌ପ୍ରୀତ ସିଂ। '' କାର୍ଯ୍ୟସୂଚୀ ପ୍ରକାଶ ଦ୍ୱାରା ଆମେ କେଉଁଠି ଏବଂ କାହା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବୁ ତାହା ଜାଣିଯାଇଛୁ। ଫଳରେ ସ୍ୱାଭାବିକ ଭାବେ ଦଳ ମଧ୍ୟରେ ବ୍ୟଗ୍ରତା ପ୍ରକାଶ ପାଇଛି। ଭୁବନେଶ୍ୱରରେ ପରିବେଶ ଓ ପରିସ୍ଥିତିକୁ ନେଇ ଆମର ଅଭିଜ୍ଞତା ଅଛି। ମାତ୍ର ସୁନ୍ଦରଗଡ଼ରୁ ଆସିଥିବା ଆମ ଦଳୀୟ ସାଥିଙ୍କଠାରୁ ରାଉରକେଲାର ପରିବେଶ ସମ୍ପର୍କରେ ଶୁଣିଛି। ସେହି ଅଞ୍ଚଳରୁ ବହୁ ସଂଖ୍ୟାରେ ପ୍ରଶଂସକ ମ୍ୟାଚ ଦେଖିବାକୁ ଅପେକ୍ଷା କରି ଅଛନ୍ତି। ତେଣୁ ଆମର ଓପନିଂ ଗେମ୍ କିଭଳି ପରିବେଶରେ ହେବ ତାହା ଅନୁଭବ କରି ହେଉଛି'' ବୋଲି ମନ୍‌ପ୍ରୀତ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଖେଳିବାବେଳେ ପ୍ରଶଂସକମାନେ ଆମକୁ ଅନେକ ଉତ୍ସାହିତ କରିଛନ୍ତି। ତେଣୁ ଆମେ ଆଗାମୀ ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି।



ମନପ୍ରୀତ ସିଂ

ହକି ବିଶ୍ୱକପ ଡ୍ର' ଅନୁସାରେ ଭାରତ ପୁଲ୍ 'ଡି'ରେ ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ଘରୋଇ ଦଳ ଏହାର ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ଭେଟିବ। ''୨୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ କ୍ଷମତା ବିଶିଷ୍ଟ ଭାରତର ସବୁଠାରୁ ବଡ଼ ଷ୍ଟାଡିୟମରେ ଖେଳିବା ପାଇଁ ଆମେ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ। ସେହି ଅଞ୍ଚଳରେ ଭିତ୍ତିଭୂମିର ଯେପରି ଉନ୍ନତି ଘଟିଛି ତାହା ଅବିଶ୍ୱସନୀୟ। ପ୍ରାକ୍ଟିସ ଷ୍ଟାଡିୟମ ପ୍ରସ୍ତୁତ ହୋଇସାରିଛି ବୋଲି ଆମେ ଅନୁଭବ କରୁଛୁ। ଏହା ଅତି ସୁନ୍ଦର ଦେଖାଯାଉଛି। ତେଣୁ ଆମେ ରାଉରକେଲାରେ ଅଭ୍ୟାସ ପାଇଁ ଆଉ ଅଧିକ ଦିନ ଅପେକ୍ଷା କରିବାକୁ ଚାହୁଁନାହୁଁ'' ବୋଲି କହିଛନ୍ତି ଅଧିନାୟକ ମନ୍‌ପ୍ରୀତ।

ଭାରତୀୟ ଦଳ ଏବେ ଅକ୍ଟୋବର ୨ ପର୍ଯ୍ୟନ୍ତ ବ୍ରେକ୍‌ରେ ରହିଛି। ଓଡ଼ିଶାରେ ଖେଳାଯିବାକୁଥିବା ନ୍ୟୁଜିଲାଣ୍ଡ ଓ ସ୍ପେନ୍ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚ ପୂର୍ବରୁ ଖେଳାଳିମାନେ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଜାତୀୟ କ୍ୟାମ୍ପକୁ ଫେରିବେ। ''ପ୍ରୋ ଲିଗ୍ ମ୍ୟାଚରେ ଆମେ ସ୍ପେନ୍ ବିପକ୍ଷରେ ଖେଳିବାକୁ ଥିବାରୁ ଖୁସି ଅଛୁ। କାରଣ ଆମେ ଏହି ମ୍ୟାଚରୁ ସେମାନଙ୍କ ଗେମ୍ ସମ୍ପର୍କରେ ଅବଗତ ହେବୁ ଏବଂ ବିଶ୍ୱକପ ପୂର୍ବରୁ ଆମକୁ ଆଉ କ'ଣ ଉନ୍ନତି କରିବାକୁ ପଡ଼ିବ ତା' ଉପରେ ଧ୍ୟାନ ଦେବୁ। ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଆମର ପ୍ରଶଂସକମାନେ ଭୁବନେଶ୍ୱର ଓ ରାଉରକେଲା ଆସି ଆମକୁ ଉତ୍ସାହିତ କରିବା ନେଇ ଆଶା ରହିଛି'' ବୋଲି ମନ୍‌ପ୍ରୀତ ପ୍ରକାଶ କରିଛନ୍ତି।

# ହନୁମା ଅବଶିଷ୍ଟ ଭାରତ ଏକାଦଶର ନେତୃତ୍ୱ ନେବେ

**ଇରାନୀ କପ୍**

ନୂଆଦିଲ୍ଲୀ, ୨୮।୯ (ପି.ଟି.)

ତିନି ବର୍ଷର ବ୍ୟବଧାନ ପରେ ଇରାନୀ କପ୍ କ୍ରିକେଟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କ୍ୟାଲେଣ୍ଡରକୁ ଫେରିଛି। ରାଜକୋଟଠାରେ ଅକ୍ଟୋବର ୧ରୁ ୫ ପର୍ଯ୍ୟନ୍ତ ଇରାନୀ କପ୍ ଅବଶିଷ୍ଟ ଭାରତ ଏକାଦଶ ଏବଂ ୨୦୧୯-୨୦ ରଣଜୀ ଟ୍ରଫି ଚାମ୍ପିୟନ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ମ୍ୟାଚ ପାଇଁ ବୁଧବାର ୧୬ ଜଣିଆ ଅବଶିଷ୍ଟ ଭାରତ ଏକାଦଶ ଦଳ ଘୋଷଣା କରାଯାଇଛି। ତାରକା ବ୍ୟାଟର ହନୁମା ବିହାରୀ ଦଳର ନେତୃତ୍ୱ ନେବେ। କୋଭିଡ୍-୧୯ ମହାମାରୀ ପାଇଁ ଗତ ୨ ସିଜନରେ ଇରାନୀ କପ୍ ଖେଳାଯାଇ ନ ଥିଲା। ଅବଶିଷ୍ଟ ଭାରତ ଏକାଦଶର ବ୍ୟାଟିଂ ୟୁନିଟକୁ ଦୃଢ଼ କରାଯାଇଛି। ରେଡ୍ ବଲ୍ ସ୍ପେଶାଲିଷ୍ଟ ମୟଙ୍କ ଅଗ୍ରୱାଲ ଓ ନିକଟରେ ନ୍ୟୁଜିଲାଣ୍ଡ 'ଏ' ବିପକ୍ଷରେ ଭାରତ 'ଏ' ଦଳର ନେତୃତ୍ୱ ନେଇଥିବା ପ୍ରିୟଙ୍କ ପଞ୍ଚାଲ ଲାଇନ୍‌ଅପ୍‌ରେ ରହିଛନ୍ତି। ପଞ୍ଚାଲ ଦୁଲୀପ ଟ୍ରଫି ବିଜୟୀ ପଶ୍ଚିମାଞ୍ଚଳ ଦଳର ମଧ୍ୟ ସଦସ୍ୟ ଥିଲେ। ଯୁବ ପ୍ରତିଭା ଯାଶ ଧୁଲ ଓ ଦିଲୀପ ଟ୍ରଫିରେ ଦ୍ୱିଶତକ ଅର୍ଜନ କରିଥିବା ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଦଳରେ ରହିଛନ୍ତି। ଉଦୀୟମାନ ଫାଷ୍ଟ ବୋଲର ଉମ୍ରାନ ମଲିକ, ବିଗ୍ ହିଟର ସର୍ଫରାଜ ଖାଁ ମଧ୍ୟ ସୁଯୋଗ ପାଇଛନ୍ତି। ଟେଷ୍ଟ ବ୍ୟାଟର ଚେତେଶ୍ୱର ପୂଜାରା ସୌରାଷ୍ଟ୍ର ପକ୍ଷରୁ ଖେଳିବା ସମ୍ଭାବନା ଅଛି।

ଅବଶିଷ୍ଟ ଭାରତ ଏକାଦଶ ଦଳ: ହନୁମା ବିହାରୀ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପ୍ରିୟଙ୍କ ପଞ୍ଚାଲ, ଅଭିମନ୍ୟୁ ଈଶ୍ୱରନ, ଯାଶ୍ ଧୁଲ, ସର୍ଫରାଜ ଖାଁ, ଯଶସ୍ୱୀ ଜୟସ୍ୱାଲ, କେ.ଏସ. ଭରତ, ଉପେନ୍ଦ୍ର ଯାଦବ, ଜୟନ୍ତ ଯାଦବ, ସୌରଭ କୁମାର, ଆର. ସାଇ କିଶୋର, ମୁକେଶ କୁମାର, ଉମ୍ରାନ ମଲିକ, କୁଲଦୀପ ସେନ, ଆର୍ଜାନ ନାଗାସ୍ୱାଲା।

# ଛେତ୍ରୀଙ୍କ ସିରିଜ ରିଲିଜ କଲା ଫିଫା

ନୂଆଦିଲ୍ଲୀ,୨୮।୯(ପି.ଟି.)

ଭାରତୀୟ ପୁରୁଷ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କ ଉପରେ ଏକ ସିରିଜ ରିଲିଜ କରିଛି ଫିଫା। ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ପକ୍ଷରୁ ଛେତ୍ରୀଙ୍କ ଜୀବନୀ ଉପରେ ଏକ ୩ ଏପିସୋଡ୍‌ର ସିରିଜ ରିଲିଜ କରାଯାଇଛି। ଛେତ୍ରୀଙ୍କ ଗୋଲ ସ୍କୋରିଂ ଦକ୍ଷତା ଏବଂ କୃତିତ୍ୱ ଉପରେ ଏହି ସିରିଜଟି ନିର୍ମିତ। ଏହି ସିରିଜର ନାମ କ୍ୟାପଟେନ୍ ଫାଣ୍ଟାଷ୍ଟିକ ରଖାଯାଇଛି। ଫିଫା ପ୍ଲସର ଷ୍ଟ୍ରିମିଂ ପ୍ଲାଟଫର୍ମରେ ଏହା ଉପଲବ୍ଧ ହେବ। ଫିଫାର ବିଶ୍ୱକପ୍ ଟ୍ୱିଟର ହ୍ୟାଣ୍ଡେଲ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ବିଶ୍ୱରେ ସକ୍ରିୟ ଫୁଟବଲରଙ୍କ ମଧ୍ୟରୁ ଛେତ୍ରୀ ସର୍ବାଧିକ ଗୋଲସ୍କୋରରଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ୧୧୭ ଗୋଲ ସହିତ କ୍ରିଷ୍ଟିଆନୋ ରୋନାଲ୍ଡୋ ପ୍ରଥମ ସ୍ଥାନରେ ରହିଥିବା ବେଳେ ୯୦ ଗୋଲ ସହିତ ଲିଓନେଲ ମେସି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଛେତ୍ରୀ ବର୍ତ୍ତମାନ ସୁଦ୍ଧା ୮୪ଟି ଗୋଲ ସ୍କୋର କରିଛନ୍ତି। ରୋନାଲ୍ଡୋ ଓ ମେସିଙ୍କ ବିଷୟରେ ସମଗ୍ର ବିଶ୍ୱ ଜାଣିଥିବା ବେଳେ ତୃତୀୟ ସର୍ବାଧିକ ଗୋଲ ସ୍କୋରରଙ୍କ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବ ଏହି ସିରିଜ।

ଏହି ସିରିଜରେ ୨୦ ବର୍ଷ ବୟସରୁ ଛେତ୍ରୀଙ୍କ ଭାରତ ପଦାର୍ପଣକୁ ଦେଖାଯାଇଛି। ସାଥୀ ଖେଳାଳି ଓ ବନ୍ଧୁମାନଙ୍କ ପ୍ରତିକ୍ରିୟାକୁ ପ୍ରଥମ ଏପିସୋଡ୍‌ରେ ଦେଖାଯାଇଛି। କ୍ୟାପଟେନ୍, ଲିଡର, ଲିଜେଣ୍ଡ ନାମରେ ଥିବା ପ୍ରଥମ ଏପିସୋଡ୍ ପାଇଁ ଛେତ୍ରୀ ନିଜେ ଡବିଂ ମଧ୍ୟ କରିଛନ୍ତି। ଦ୍ୱିତୀୟ ଏପିସୋଡ୍‌ରେ ଜାତୀୟ ଦଳରେ ଛେତ୍ରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏହା ସହିତ ବିଦେଶରେ ପ୍ରଫେସନାଲ ଲିଗ୍ ପାଇଁ ଖେଳିବାକୁ ଥିବା ସ୍ୱପ୍ନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ତୃତୀୟ ଏପିସୋଡ୍‌ରେ ଛେତ୍ରୀଙ୍କ ଖେଳ ପଡିଆ ଭିତର ଓ ବାହାର ବିଷୟରେ ଦେଖିବାକୁ ମିଳିଛି।



ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମର ଅଭ୍ୟାସ ପଡ଼ିଆ।




ଖେଳାଳିଙ୍କ ଡ୍ରେସିଂ ରୁମ୍।

# ଜାତୀୟ କ୍ରୀଡ଼ାରେ କିଟ୍‌ର ୩୦ ପ୍ରତିଯୋଗୀ

**ଭୁବନେଶ୍ୱର, ୨୮।୯ (କ୍ରୀଡ଼ା ପ୍ରତିନିଧି):** ଜାତୀୟ କ୍ରୀଡ଼ାର ୩୬ତମ ସଂସ୍କରଣ ଗୁରୁବାର ଗୁଜରାଟରେ ଉଦ୍‌ଘାଟିତ ହେବ। ଏହାର ବିଭିନ୍ନ ପ୍ରତିଯୋଗିତାର ମ୍ୟାଚ କିନ୍ତୁ ଗତ ୨୬ ତାରିଖରୁ ଆରମ୍ଭ ହୋଇଯାଇଛି। ପ୍ରତିଯୋଗିତାରେ କିଟ୍ ଓ କିସ୍‌ର ୩୦ ପ୍ରତିଯୋଗୀ ଓ ୩ ଅଫିସିଆଲ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ୨୨ ମହିଳା ଓ ୮ ପୁରୁଷ ପ୍ରତିଯୋଗୀ ସାମିଲ। କିଟ୍ ପ୍ରତିଯୋଗୀମାନେ ଆର୍ଚେରୀ, ଆଥଲେଟିକ୍ସ, ସାଇକ୍ଲିଂ, ହକି, ଖୋ ଖୋ, ରୋଇଂ, ରଗ୍‌ବୀ, ଶୁଟିଂ ଓ ଭାରୋତ୍ତୋଳନ ଆଦି ୯ଟି ଇଭେଣ୍ଟରେ ଭାଗନେବେ। ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ କୁମାର ମଲିକ, ଲାଲୁ ପ୍ରସାଦ ଭୋଇ, ସ୍ୱସ୍ତି ସିଂ, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, ଶ୍ରୀୟଙ୍କା ଷଡ଼ଙ୍ଗୀ, ସ୍ନେହା ସୋରେନ ପ୍ରମୁଖ ରହିଛନ୍ତି। କିଟ୍‌ର ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଭଲିବଲ ଟେକ୍ନିକାଲ କମିଟି ଚେୟାରମ୍ୟାନ ନିଯୁକ୍ତ ହୋଇଥିବାବେଳେ ରାଜେଶ ହାଂସଦା ଓଡ଼ିଶା ଆର୍ଚେରୀ ଟିମ୍‌ର କୋଚ୍, କନ୍ଦନ ମୁର୍ମୁ ଜୁଡୋ ଏବଂ ବିଶ୍ୱଜିତ ଦାସ ଭଲିବଲ୍‌ର ବୈଷୟିକ ଅଧିକାରୀଭାବେ ଦାୟିତ୍ୱ ତୁଲାଇବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅଚ୍ୟୁତ ସାମନ୍ତଙ୍କ ସହ କିଟ୍ ବାଳିକା ଓ ବାଳକ ରଗ୍‌ବୀ ଖେଳାଳି।

# ମାର୍କ ୱଙ୍କ ଟପ୍ ୫ରେ ବୁମ୍‌ରା

ମେଲବୋର୍ନ,୨୮।୯(ପି.ଟି.)

ବିଶ୍ୱକପ ବିଜୟୀ ଅଷ୍ଟ୍ରେଲିଆ ଦଳର ପୂର୍ବତନ ଓପନର ମାର୍କ ୱଙ୍କ ଟପ୍‌୫ରେ ସାମିଲ ଅଛନ୍ତି ଯଶପ୍ରୀତ ବୁମରା। ଚଳିତ ଟି୨୦ ବିଶ୍ୱକପ ପୂର୍ବରୁ ମାର୍କ ୱ ଚୟନ କରିଥିବା ଟପ୍ ୫ ତାଲିକାରେ ବୁମରାଙ୍କ ବ୍ୟତିତ ଶାହିନ୍ ଶାହ ଆଫ୍ରିଦି, ଗ୍ଲେନ୍ ମ୍ୟାକ୍ସୱେଲ, ରାଶିଦ୍ ଖାନ୍ ଓ ଜୋସ୍ ବଟଲରଙ୍କୁ ସାମିଲ କରାଯାଇଛି। ନିକଟରେ ବୁମରା ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୮ ବର୍ଷୀୟ ବୁମରା ଏନ୍‌ସିଏରେ ରିହାବ୍ ପରେ ଅଷ୍ଟ୍ରେଲିଆ ସିରିଜ୍‌ରେ ଫେରିଥିଲେ। ବୁମରା ନିଜ ପୁରୁଣା ଫର୍ମରେ ନଥିଲେ ମଧ୍ୟ ସ ଜଣେ ଚମତ୍କାରୀ ବୋଲର। ଟି ୨୦ କ୍ରିକେଟରେ ଉଇକେଟ ନେବାରେ ତାଙ୍କର ଦକ୍ଷତା ବେଶ ସ୍ୱତନ୍ତ୍ର। ପାୱାର ପ୍ଲେ ସହିତ ଡେଥ ଓଭର ବୋଲିଂ କରିବାରେ ମଧ୍ୟ ସେ ବେଶ ଧୂରୀଣବୋଲି ୱ କହିଛନ୍ତି। ୱଙ୍କ ତାଲିକାରେ ପାକିସ୍ତାନର ଶାହିନ ଶାହ ଆଫ୍ରିଦି ଦ୍ୱିତୀୟ ଖେଳାଳି ରହିଛନ୍ତି। ଆଫ୍ରିଦି ଜଣେ ବାମହାତୀ ବୋଲର ଏବଂ ଇନ ସ୍ୱିଙ୍ଗର ଜରିଆରେ ଡାହାଣହାତୀ ବ୍ୟାଟରଙ୍କୁ ଅସୁବିଧାରେ ପକାଇ ପାରିବେ। ଶାହିନ୍ ଅନ୍ୟ ଖେଳାଳିଙ୍କ ପାଇଁ ଉଦାହରଣ ପାଲଟିବେ ବୋଲି ୱ କହିଛନ୍ତି। ସ୍ପିନର ଭାବର ରାଶିଦ୍ ଯେ କୌଣସି ଦଳ ଉପରେ ଚାପ ପକାଇପାରିବେ। ଯେ କୌଣସି ବ୍ୟାଟିଂ ଲାଇନଅପ୍‌କୁ ନୀରବ ରଖି ପାରୁଥିବା ରାଶିଦ୍ ଦ୍ରୁତ ରନ୍ ସଂଗ୍ରହରେ ମଧ୍ୟ ସମର୍ଥ। ନିମ୍ନକ୍ରମରେ ରାଶିଦ୍ ବଡ ଶଟ୍ ମାରିବାର କ୍ଷମତା ରଖୁଥିବା ବେଳେ ଯେ କୌଣସି ବାଉଣ୍ଡ୍ରି ପାର କରିପାରିବେ। ସେହିପରି ଉଭୟ ବ୍ୟାଟିଂ ଓ ବୋଲିଂ କରୁଥିବା ମ୍ୟାକ୍ସୱେଲଙ୍କୁ ସେ ଅଲରାଉଣ୍ଡର ଭୂମିକା ନିର୍ବାହ କରିପାରିବେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ପର୍ଶୁରାମ ଗଡ଼ନାୟକ

ଏଲ୍-୪୨୩, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର

ଆବିର୍ଭାବ- ୧୩।୧୧।୧୯୪୬

ତିରୋଧାନ- ୧୯।୦୯।୨୦୨୨

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ଅନୁ, ରାଜା, ମଞ୍ଜୁ, ମାମି, ଓମ୍, ଅଭିକ୍, ଆହାନା, ନାରାୟଣ, ଲକ୍ଷ୍ମୀ ଏବଂ ସମସ୍ତ ଆତ୍ମୀୟସ୍ୱଜନ।

ଧ-୧୬୫୩

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



ସ୍ୱ ଖୁଲଣା ବେହେରା

ସ୍ୱାମୀ- ସନ୍ତୋଷ କୁମାର ବେହେରା

ବଇଣ୍ଡା ଛକ, ଅନୁଗୋଳ

ଆବିର୍ଭାବ- ତା୨୨।୦୭।୧୯୫୫

ତିରୋଧାନ- ତା୦୩।୧୦।୨୦୨୧

ମା, ଚାହୁଁ ଚାହୁଁ ତୁ ଚାଲିଯିବାର ଏକବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ଅପୂରଣୀୟ। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲ ପାଇବା ଆମମାନଙ୍କ ପାଇଁ ଚିର ସ୍ମରଣୀୟ । ତୁମେ ଯେଉଁଠି ବି ଥାଅ ଆମ୍ଭମାନଙ୍କ ଉପରେ ସଦାସର୍ବଦା ତୁମର ଆଶୀର୍ବାଦ ଥାଉ।

ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପୁତୁରା, ଝିଆରୀ ଓ ବେହେରା ପରିବାରବର୍ଗ।

ଧ-୧୬୪୯

**ଚର୍ତୁର୍ବିଂଶତମ ଶ୍ରାଦ୍ଧ ବାର୍ଷିକୀ**



ସ୍ୱ ବିଦ୍ୟୁଲତା ପଟ୍ଟନାୟକ

ଆର୍ବିଭାବ: ତା ୩୦.୦୯.୧୯୫୦

ତିରୋଧାନ: ତା ୨୪.୦୯.୧୯୯୮

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ସ୍ୱାମୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପୁତ୍ର ବାପି, ବୋହୂ ଜିତା, ଝିଅ ଗୁନୁ, ଝୁନୁ, ଜ୍ୱାଇଁ ନିହାର, କମଲ, ନାତିନାତୁଣୀ ସାଇନି, କ୍ରୀଷ୍ଟାଲ, ତନୁ ସ୍ୱେଟ, ରିଙ୍କୁ, ଟିଙ୍କୁ, ଲୋରା, ଶିଲ୍ପୀ, ରବି ଓ ଲକ୍ଷ୍ମୀ।

D-1654

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ବିନୋଦ ବିହାରୀ ପରିଡ଼ା

ଆବିର୍ଭାବ : ୨୩.୦୮.୧୯୪୮ | ତିରୋଧାନ : ୧୯.୦୯.୨୦୨୨

ଅବସରପ୍ରାପ୍ତ ଏସ୍.ବି.ଆଇ କର୍ମଚାରୀ (ବୁଦ୍ଧ ବିହାର, ଭଦ୍ରକ)

ଆପଣଙ୍କର ଆଶିଷ ଏକାନ୍ତ କାମ୍ୟ। ଆପଣଙ୍କର ପବିତ୍ର ଓ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ "ଶ୍ରୀଜଗନ୍ନାଥଙ୍କ" ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

D-73877

# ବାଇପାସ୍ ସର୍ଜରି



ହାର୍ଟ ବା ହୃତ୍‌ପିଣ୍ଡ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ମୁଖ୍ୟ କାମ ଶରୀରର ବିଭିନ୍ନ ଅଙ୍ଗରୁ ଆସୁଥିବା ଅଶୁଦ୍ଧ ରକ୍ତକୁ ଫୁସ୍‌ଫୁସ୍‌କୁ ପଠାଇବା ଏବଂ ଶୁଦ୍ଧ ରକ୍ତକୁ ଶରୀରର ବିଭିନ୍ନ ଅଙ୍ଗକୁ ପଠାଇବା। ଏହା ମୁଖ୍ୟତଃ ଏକ ପମ୍ପ ପରି କାର୍ଯ୍ୟ କରିଥାଏ। ଗଠନ ଦୃଷ୍ଟିରୁ ଏହା ଏକ ମାଂସପେଶୀ। ଏହାର କାର୍ଯ୍ୟ କରିବା ପାଇଁ ଏହାକୁ ମଧ୍ୟ ଶୁଦ୍ଧ ରକ୍ତ ଆବଶ୍ୟକ ଥାଏ, ଯାହାକି ଏହା ଦୁଇଟି ମୁଖ୍ୟ ରକ୍ତନଳୀ ମାଧ୍ୟମରେ ଯାଇଥାଏ। କୌଣସି କାରଣରୁ ଏହି ରକ୍ତନଳୀର ମାର୍ଗ ସଙ୍କୁଚିତ ହେଲେ(ଯଥା କୋଲେଷ୍ଟରଲ ଓ ଏହି ପ୍ଲାକ୍)ହୃତ୍‌ପିଣ୍ଡକୁ ଠିକ୍ ଭାବରେ ରକ୍ତ ପହଞ୍ଚିପାରେ ନାହିଁ। ଫଳରେ ଛାତିରେ ଯନ୍ତ୍ରଣା ହୋଇଥାଏ ଏବଂ ମାର୍ଗଟି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଗଲେ ହାର୍ଟ ଆଟାକ୍ ବା ହୃଦ୍‌ଘାତ ହୁଏ। ଏଥିରେ ରୋଗୀର ପ୍ରାଣ ଯିବାର ଆଶଙ୍କା ଥାଏ। ତେବେ ନିୟମିତ ଭାବରେ ଲକ୍ଷଣ ଦେଖିଲେ ଇସିଜି, ଇକୋକାର୍ଡିଓଗ୍ରାଫି, ଟିଏମ୍‌ଟି ବା କରୋନାରୀ ଆଞ୍ଜିଓଗ୍ରାଫି ଭଳି ପରୀକ୍ଷା କଲେ ହାର୍ଟର ଅବସ୍ଥା ବିଷୟରେ ଜାଣିହୁଏ।

ବାଇପାସ୍ ସର୍ଜରି କ'ଣ? ଯେପରି ସହରର ଭିଡ଼ ରାସ୍ତାରୁ ମୁକ୍ତି ପାଇବା ପାଇଁ ଅଲଗା ଏକ ବାଇପାସ୍ ରାସ୍ତା ଥାଏ, ସେହିପରି ଏହି ସର୍ଜରୀରେ ହାର୍ଟର ଭିଡ଼ ରାସ୍ତା ଅର୍ଥାତ୍ ପ୍ଲାନ୍‌କୁ ବାଇପାସ୍ କରି ଶରୀରର ଧମନୀ ବା ଅନ୍ୟ ରକ୍ତନଳୀକୁ ପ୍ଲାକ୍ ଆଗକୁ ଯୋଡ଼ି ଦିଆଯାଏ। ଫଳରେ ହାର୍ଟକୁ ଶୁଦ୍ଧରକ୍ତ ସହଜରେ ପହଞ୍ଚିପାରେ। କୋଲେଷ୍ଟରଲ, ଡାଇବେଟିସ୍, ଖାଦ୍ୟ ପାନୀୟରେ ଅନିୟମିତତା, ବ୍ୟାୟାମ ନ କରିବା ବା ବଂଶାନୁକ୍ରମିକ ହାର୍ଟ ରୋଗ ଆଦି ଏହାର ମୁଖ୍ୟ କାରଣ। ରକ୍ତନଳୀ ବାଇପାସ୍ ସେତେବେଳେ ଦରକାର ହୁଏ ଡାଇବେଟିକ୍ ରୋଗୀ/ଷ୍ଟେନ୍ଟ ଫେଲ୍ୟୁଅର/ ମେନ୍ (ଲେଫ୍ଟ ମେନ ଡିଜିଜ୍) ଭଳି ସମସ୍ୟା ଦେଖାଯାଏ। ବିଟିଙ୍ଗ୍ ହାର୍ଟ ସର୍ଜରି ଦୁଇ ପ୍ରକାର ଅର୍ଥାତ୍ ହାର୍ଟ ବନ୍ଦ ନ କରି ବାଇପାସ୍ ସର୍ଜରୀ କିମ୍ବା ହାର୍ଟକୁ କିଛି ସମୟ ବନ୍ଦ କରି ଅପରେଶନ ହୋଇଥାଏ। ହାର୍ଟକୁ ବନ୍ଦ କରି ସର୍ଜରୀ କରିବା ସମୟରେ ହାର୍ଟ-ଫୁସ୍‌ଫୁସ ମେଶିନର ସାହାଯ୍ୟ ନିଆଯାଏ। ହାର୍ଟର ଅବସ୍ଥା ଦେଖି ଉପରୋକ୍ତ କୌଣସି ପ୍ରକାରର ସର୍ଜରୀ କରାଯାଏ। ଆଜିକାଲି ଏହି ସର୍ଜରୀ ସହଜରେ ବିଭିନ୍ନ ମେଶିନ ସହାୟତାରେ କରାଯାଇପାରୁଛି।

ରୋଗୀ ଶରୀରର ରକ୍ତନଳୀ ଯଥା ଗୋଡ଼ କିମ୍ବା ଛାତି ଭିତରର ଧମନୀ ଅଥବା ହାତର ଧମନୀ ଦେଇ ବାଇପାସ ସର୍ଜରୀରେ ଲଗାଯାଇଥାଏ। ଏହି ଅପରେଶନରେ ରୋଗୀ ଅଧିକ ଦିନ ଯାଏ ସୁସ୍ଥ ଜୀବନଯାପନ କରେ। ସାଧାରଣତଃ ଅପରେଶନ ପରେ ୭ରୁ ୧୦ ଦିନ ଡାକ୍ତରଖାନାରେ ରହିବାକୁ ପଡ଼ିଥାଏ। ରୋଗୀ ତା'ର ଦୈନନ୍ଦିନ କାର୍ଯ୍ୟ ୧୫ରୁ ୩୦ ଦିନ ମଧ୍ୟରେ କରିପାରେ। କିନ୍ତୁ ରୋଗୀକୁ କିଛିଟା ଔଷଧ ଖାଇବାକୁ ପଡ଼ିଥାଏ। କିଛି ବ୍ୟାୟାମ ମଧ୍ୟ କରିବାକୁ ପଡେ ଓ କମ୍ ତେଲ ବା ଘିଅଯୁକ୍ତ ଖାଦ୍ୟ ଖାଇବାକୁ ପଡ଼େ। ତେଣୁ ଛାତିରେ ସାମାନ୍ୟ ଯନ୍ତ୍ରଣା ବି ଅନୁଭବ କଲେ ସମ୍ପୃକ୍ତ ବିଭାଗୀୟ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

**-ଡା. ପଙ୍କଜ କୁମାର ମିଶ୍ର**
କନ୍‌ସଲଟାଣ୍ଟ, କାର୍ଡିଓଥୋରାସିକ୍ ଓ ଭସ୍କୁଲାର ସର୍ଜରୀ, କଳିଙ୍ଗ ହସ୍‌ପିଟାଲ, ଭୁବନେଶ୍ୱର




## ଏ ବର୍ଷର ସ୍ଲୋଗାନ

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ରୋଗ ମଧ୍ୟରୁ ହୃଦ୍‌ରୋଗ ଅନ୍ୟତମ। ଏହାର ଉନ୍ନତ ଧରଣର ଚିକିତ୍ସା ପ୍ରଣାଳୀ ବର୍ତ୍ତମାନ ଅନୁସୃତ ହେଉଛି। ତଥାପି ସଚେତନତାର ଅଭାବରୁ ଅନେକେ ଏ ସମ୍ପର୍କରେ ଠିକ୍ ଭାବେ ଅବଗତ ହୋଇପାରୁନାହାନ୍ତି, ଫଳରେ ହୃଦ୍‌ରୋଗ ଦିନକୁ ଦିନ ଉଦ୍‌ବେଗଜନକ ହେଉଛି। ତେଣୁ ପ୍ରତିବର୍ଷ ସେପ୍ଟେମ୍ବର ୨୯କୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ (ୱାର୍ଲ୍ଡ ହାର୍ଟ ଡେ') ଭାବେ ପାଳନ କରାଯାଇଆସୁଛି। ଏହି ଅବସରରେ ସରକାରୀ, ବେସରକାରୀ ସ୍ତରରେ ଅନେକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଉକ୍ତ ଦିବସର ସ୍ଲୋଗାନ୍‌ଟି ହେଉଛି 'ୟୁଜ୍ ହାର୍ଟ ଫର୍ ଏଭ୍ରି ହାର୍ଟ।' ଆମେ ନିଜ ହୃତ୍‌ପିଣ୍ଡକୁ କିପରି ସୁସ୍ଥ ରଖିବା ସେନେଇ ସଚେତନ ହେବା ଜରୁରୀ। ୨୦୦୦ ମସିହାଠାରୁ ୨୦୧୧ ମସିହା ପର୍ଯ୍ୟନ୍ତ ଏହି ଦିବସ ସେପ୍ଟେମ୍ବର ମାସର ଶେଷ ରବିବାର ପାଳନ କରାଯାଉଥିଲା। କିନ୍ତୁ ୨୦୧୨ଠାରୁ ଏହା ସେପ୍ଟେମ୍ବର ୨୯ରେ ପାଳିତ ହୋଇଆସୁଅଛି।

ହୃଦ୍‌ଘାତ(ହାର୍ଟ ଆଟାକ୍) ଏକ ମାରାତ୍ମକ ରୋଗ। ଏହା ଅନ୍ୟ ରୋଗ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ଆଗରୁ ସୂଚନା ଦେଇ ଆସି ନ ଥାଏ। ଛାତିରେ ହଠାତ୍ ଖୁବ୍ ଯନ୍ତ୍ରଣା ହେବା, ଝାଳବୋହିବା, ଧଇଁସଇଁ ହେବା ଏହାର ଲକ୍ଷଣ। ଲୋକେ ବେଳେବେଳେ ପେଟରେ ଗ୍ୟାସ୍ କିମ୍ବା ବ୍ଲଡ୍ ସୁଗାର କିମ୍ବା ଇଶିନୋଫିଲିଆ ଭାବି ଏହାକୁ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପାଖରେ ଦେଖାଇବା ପାଇଁ କୁଣ୍ଠାବୋଧ କରନ୍ତି। କିନ୍ତୁ ଉପରୋକ୍ତ ଲକ୍ଷଣ ସବୁ ହୃଦ୍‌ଘାତର ହୋଇଥାଏ। ସୂଚନାଯୋଗ୍ୟ, ଏକ ଚତୁର୍ଥାଂଶ ଲୋକ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ହିଁ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ସେଥିପାଇଁ ଉପରୋକ୍ତ ଲକ୍ଷଣ ଯଦି କାହାରି ପାଖରେ ଦେଖାଯାଏ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଯେଉଁମାନଙ୍କର ମଧୁମେହ, ରକ୍ତଚାପ କିମ୍ବା ଅଧିକ କୋଲେଷ୍ଟରଲ ଥାଏ, ସେମାନଙ୍କଠାରେ ଏହି ରୋଗ ଦେଖାଦେଇଥାଏ। ବେଳେବେଳେ ହୃଦ୍‌ରୋଗ ଆମ ଶରୀରକୁ ଜିନ୍ ମାଧ୍ୟମରେ ବାପା, ମା', ଜେଜେଙ୍କଠାରୁ ବି ଆସିପାରେ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ, ତମାଖୁ ସେବନ କରିଥାନ୍ତି

# ହୃଦ୍‌ରୋଗ ଓ ଖାଦ୍ୟ



ସେମାନଙ୍କୁ ଏହି ରୋଗ ଅଧିକ ହେବାର ଆଶଙ୍କା ରହିଥାଏ। ହୃଦ୍‌ରୋଗର ଚିକିତ୍ସା ଯଦି ୧୨ ଘଣ୍ଟା ଭିତରେ କରାଯାଏ, ତେବେ ଚିକିତ୍ସା ଫଳପ୍ରଦ ହେବାର ଆଶା ବଢ଼ିଯାଏ। ତେବେ ହୃଦ୍‌ରୋଗ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ସତର୍କ ହେବା ନିହାତି ଜରୁରୀ। ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢାମାଂସ ଆଦି ନ ଖାଇବା ଭଲ। ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟରଲ ପରିମାଣ ଅଧିକ ହୋଇଥିବାରୁ ଏଗୁଡିକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁନାହିଁ। ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦ୍‌ରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ। ବେଶି ଲୁଣ, ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ।

ପ୍ରତିଦିନ ଯଥେଷ୍ଟ ପରିମାଣର ଫଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ଓ ସୋୟାବିନ୍ ତେଲ ଭଲ। ବାଦାମ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟ ମନ୍ଦ ନୁହେଁ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ୍ ମଧ୍ୟ ଉପାଦେୟ। ସବୁଦିନେ ମାଛ ଖାଇପାରିଲେ ତାହା ବେଶ୍ ଉପକାରୀ।

## ଭିଟାମିନ୍-ଡି' ଅଭାବରେ ହୋଇପାରେ ହୃଦ୍‌ଘାତ

ହରମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ୍-ଡି'। ଏହା ଶରୀରରେ ଅସ୍ଥି ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହାର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ହାର୍ଟକୁ ପ୍ରଭାବିତ କରିଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। 'ଭିଟାମିନ୍ 'ଡି' ଏବଂ ହୃଦ୍‌ଘାତ' ଶୀର୍ଷକ ବିଷୟକୁ ନେଇ ୟୁନିଭରସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ଷ୍ଟେଟ୍ ପକ୍ଷରୁ ଏକ ଗବେଷଣା କରାଯାଇଥିଲା। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତିଙ୍କ ଶରୀରରେ ଭିଟାମିନ୍ 'ଡି' ପରିମାଣ କମିଲେ ରକ୍ତଚାପ ବଢ଼ିଯାଇଥାଏ। ଫଳରେ ବ୍ୟକ୍ତି ଜଣଙ୍କ ହୃଦ୍‌ଘାତର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି'ଯୁକ୍ତ ଖାଦ୍ୟ ଯଥା-କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦି ଖାଇବା ନିହାତି ଆବଶ୍ୟକ। ଆଉ ଯଦି ହୃଦ୍‌ଘାତର ଅଧିକ ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଦୁଇ କୋଳା ରସୁଣରେ ହୃତ୍‌ପିଣ୍ଡ ସୁରକ୍ଷା

ସାମ୍ପ୍ରତିକ ବ୍ୟସ୍ତବହୁଳ ଅନିୟମିତ ଜୀବନଶୈଳୀରେ କେତେକଙ୍କଠାରେ ହାର୍ଟ ସମସ୍ୟା ଦେଖାଯାଉଛି। ତେବେ ଏହାର ଚିକିତ୍ସା ଆରମ୍ଭରୁ ଘରେ କରାଯାଇପାରେ। ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ରସୁଣ ଦ୍ୱାରା ଏହାର ସଫଳ ଉପଚାର ହେବା ସହିତ ଗୁରୁତର ହାର୍ଟ ସମ୍ପର୍କିତ ସମସ୍ୟାଠାରୁ ଦୂରେଇ ରହି ହେବ।

ହାର୍ଟ ସମସ୍ୟା କ୍ଷେତ୍ରରେ ରସୁଣର ପରୀକ୍ଷାମୂଳକ ଅଧ୍ୟୟନ ବେଶ୍ ଉତ୍ସାହଜନକ ମଧ୍ୟ ରହିଛି। ଯାହା ପରବର୍ତ୍ତୀ ସମୟରେ ଅନେକ କ୍ଲିନିକାଲ ପରୀକ୍ଷଣକୁ ପ୍ରୋତ୍ସାହିତ କରିଥିଲା। କ୍ଲିନିକାଲ ଟ୍ରାଏଲରେ ହାର୍ଟ ସମସ୍ୟା ଦୂର କରିବାରେ ରସୁଣର ଏକ ସକାରାତ୍ମକ ପ୍ରଭାବ ଦେଖାଯାଇଛି।

ରସୁଣର ଠିକ୍ ବ୍ୟବହାର କରିବା ଏବଂ ଏହାର ସର୍ବାଧିକ ଲାଭଦାୟକ ପ୍ରଭାବ ଉପଲବ୍ଧି କରିବା ସମଗ୍ର ବିଶ୍ୱରେ ବୈଜ୍ଞାନିକମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। କାରଣ ହାର୍ଟ ସମସ୍ୟାକୁ ରୋକିବା ପାଇଁ ଏହା ସବୁଠାରୁ ଶସ୍ତା ଉପାୟ। ରସୁଣରେ ଆଲିସିନ (ଆଲିଲ ୨-ପ୍ରୋପେନେଥାଇସୁଲଫିନେଟ କିମ୍ବା ଡାଏଲ ଥିଓସୁଲଫିନେଟ) ଥାଏ। ଏହା ଏକ ବାୟୋଆକ୍ଟିଭ ଯୌଗିକ।

କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ରସୁଣ ଏବଂ ରସୁଣ ସପ୍ଲିମେଣ୍ଟଗୁଡ଼ିକ କୋଷର କ୍ଷତିକୁ ରୋକିବା, କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବା ଏବଂ ରକ୍ତଚାପ ହ୍ରାସ କରି ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ରସୁଣର ଫାଇବ୍ରିନୋଲାଇଟିକ କାର୍ଯ୍ୟକଳାପ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ।




Sunshine HOSPITAL Bhubaneswar
A unit of Sai Sidhi Swagat Health Services Pvt. Ltd.
ୟୁବ ଅବସ୍ଥାରେ ହୃଦ୍‌ଘାତ
WORLD HEART DAY 29 SEP

ଆଜିକାଲି ବିଳାସବ୍ୟସନ ବ୍ୟସ୍ତବହୁଳତା ଜୀବନଶୈଳୀ ସାଙ୍ଗକୁ ଶାରୀରିକ ପରିଶ୍ରମ ନଥାଇ ଶରୀର ତଥା ହୃଦୟରେ ବିଭିନ୍ନ ସମସ୍ୟା ତଥା ରକ୍ତଚାପ, ମଧୁମେହ, ମେଦବହୁଳତା ଇତ୍ୟାଦି ଦେଖା ଦେଇଥାଏ, ଯାହାକି ହୃଦ୍‌ରୋଗ ହେବାର ଆଶଙ୍କା ବଢ଼ାଇ ଦେଇଥାଏ । ହୃଦ୍‌ରୋଗ ଏକ ବଂଶାନୁକ୍ରମିକ ରୋଗ ଅଟେ, ଯାହା ବୟସ ବଢିବା ଅନୁଯାୟୀ ଏହି ରୋଗ ବଢିବାର ଆଶଙ୍କା ଥାଏ । ଏହା ପୁରୁଷମାନଙ୍କ କ୍ଷେତ୍ରରେ ଦଶଭାଗ ୪୫ ବର୍ଷ ବୟସ ପୂର୍ବରୁ ଦେଖାଦେଇଥାଏ, ଏହାର କାରଣ ଅତ୍ୟଧିକ ଚର୍ବି ଜାତୀୟ ଖାଦ୍ୟ ତଥା ତେଲଜାତୀୟ, ଫାଷ୍ଟଫୁଡ ଇତ୍ୟାଦି ନିୟମିତ ଖାଇବା ଦ୍ୱାରା Cholesterolର ମାତ୍ରା ବୃଦ୍ଧି କରାଇ ରକ୍ତଧମନୀକୁ ଅବରୋଧ କରାଇ ହୃଦ୍‌ଘାତ କରାଇଥାଏ । ଅଣଆୟତ୍ତ ରକ୍ତ ଶର୍କରା ସାଙ୍ଗକୁ ଉଚ୍ଚ ରକ୍ତଚାପ ଏହି ରୋଗର ଅନ୍ୟ ଏକ କାରଣ ହୋଇଥାଏ । ହୃଦ୍‌ଘାତର ପୂର୍ବାଭାଷ-ଚାଲିବା ବୁଲିବା, ଶିଡ଼ି ଚଢିବା ସମୟରେ ଛାତିରେ କଷ୍ଟ ଅନୁଭବ, ଅଳ୍ପ ପରିଶ୍ରମରେ ଝାଳ ବାହାରିବା କିମ୍ବା ବିନା କାରଣରେ ଝାଳ ଗମଗମ ହୋଇ ବୋହିଯିବା ଇତ୍ୟାଦି ଲକ୍ଷଣକୁ ହୃଦ୍‌ରୋଗ ଜନିତ ବୋଲି ଧରାଯାଏ ।

ଉକ୍ତ ଜନିତ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଆବଶ୍ୟକ ଥାଏ, କାରଣ ଯଦି ରୋଗୀର ହୃଦ୍‌ଘାତ ହୋଇଥାଏ ତେବେ ଏହା ହୃଦୟରେ ଥିବା ଧମନୀକୁ ଅବରୋଧ କରିଦେଇଥାଏ, ଯାହାଫଳରେ କି ରୋଗୀ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥାଏ । ସେହି ପରିପ୍ରେକ୍ଷୀରେ ରୋଗୀର urea ଚରାତିଣିନେ, blood ସୁଗାର, Blood Pressure ଇତ୍ୟାଦି ଯାଞ୍ଚ କରି ରୋଗୀର angiogram କରାଯାଇଥାଏ ଏବଂ ଆବଶ୍ୟକ ସ୍ଥଳେ ରୁଦ୍ଧ ହୋଇଯାଇଥିବା ଧମନୀରେ Angioplasty କିମ୍ବା stenting କରାଯାଇଥାଏ । ତେବେ ମନୁଷ୍ୟର ସାଙ୍ଗକୁ ଉପଯୁକ୍ତ ଏବଂ ସୁଷମ ଖାଦ୍ୟ ସାଙ୍ଗକୁ ନିୟମିତ ବ୍ୟାୟାମ ଏକ ସୁସ୍ଥ ହୃଦୟ ଗଠନରେ ସାହାଯ୍ୟ କରିଥାଏ । ଡକ୍ଟରଙ୍କ କହିବା ଅନୁଯାୟୀ ଉପରୋକ୍ତ ନିୟମାବଳୀ ସାଙ୍ଗକୁ ୩୫ ବର୍ଷ ଅତିକ୍ରମ କଲାପରେ ବର୍ଷକୁ ଥରେ ନିଜ ଶରୀରର ପରୀକ୍ଷାନିରୀକ୍ଷା କରିବା ଆବଶ୍ୟକ ଅଟେ ।



ଡା.ବିଶ୍ୱରଞ୍ଜନ ଜେନା
ହୃଦ୍‌ରୋଗ ବିଶେଷଜ୍ଞ
ସନସାଇନ ହସ୍ପିଟାଲ, ଭୁବନେଶ୍ୱର






DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ୨୯ ସେପ୍ଟେମ୍ବର, ୨୦୨୨ Sambalpur, Thursday, September 29/2022

# ଅର୍ଶଦୀପ, ଚହରଙ୍କ ଚମକ

## ଭାରତ ୮ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇଲା





ଉଇକେଟ ନେବାପରେ ଦୀପକ ଚହର ଓ ଅର୍ଶଦୀପ ସିଂଙ୍କ ପ୍ରତିକ୍ରୀୟା।

**ଥିରୁଭାନନ୍ତପୁରମ, ୨୮।୯**

ଅର୍ଶଦୀପ ସିଂ ଓ ଦୀପକ ଚହରଙ୍କ ଘାତକ ବୋଲିଂରେ ଧରାଶାୟୀ ହୋଇଛି ଦକ୍ଷିଣ ଆଫ୍ରିକା। ବୁଧବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଏହି ଦୁଇ ବୋଲର ବଡ଼ ଧରଣର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୦୬ ରନ କରିବାକୁ ସକ୍ଷମ ହୋଇଥିଲା। ପରେ ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ୧୬.୪ ଓଭରରେ ୨ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରି ନେଇଥିଲା। ଫଳରେ ୮ ଉଇକେଟରେ ବିଜୟୀ ହୋଇ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଦକ୍ଷିଣ ଆଫ୍ରିକାପରି ଭାରତ ମଧ୍ୟ ୧୭ ରନ ମଧ୍ୟରେ ଅଧିନାୟକ ରୋହିତ ଶର୍ମା (୦) ଓ ବିରାଟ କୋହଲି (୩)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ରାହୁଲ ଓ ସୂର୍ଯ୍ୟକୁମାର ତୃତୀୟ ଉଇକେଟରେ ୬୩ ବଲ୍‌ରୁ ୯୩ ରନର ଭାଗୀଦାରି ଗଢ଼ି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ରାହୁଲ ୫୬ ବଲ୍‌ରୁ ୫୧ (୨ ଚୌକା, ୪ ଛକା) ଓ ସୂର୍ଯ୍ୟକୁମାର ୩୩ ବଲ୍‌ରୁ ୫୦ (୫ ଚୌକା, ୩ ଛକା) ରନରେ ଅପରାଜିତ ରହିଥିଲେ।

### ୧୫ ବଲ୍‌ରେ ଦକ୍ଷିଣ ଆଫ୍ରିକାର ବିପର୍ଯ୍ୟୟ

ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ଗ୍ରୀନ୍ ପିଚ୍‌ରେ ବଲ୍ ମୁଭ୍‌ମେଣ୍ଟରୁ ଫାଇଦା ଉଠାଇଥିଲେ ଭାରତୀୟ ଦ୍ରୁତ ବୋଲର। ପ୍ରଥମ ୧୫ ବଲ୍‌ରେ ହିଁ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ୨.୩ ଓଭରରେ ଭ୍ରମଣକାରୀ ଦଳ ମାତ୍ର ୯ ରନରେ ୫ ଉଇକେଟ ହରାଇଥିଲା। ଅଧିନାୟକ ଟେମ୍ବା ବଭୁମା, ରିଲି ରୋସୋ, ଡେଭିଡ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବାବେଳେ କ୍ୱିଣ୍ଟନ ଡି'କକ୍ ମାତ୍ର ୧ ରନ କରିଥିଲେ। ଅର୍ଶଦୀପ ୩ଟି ଓ ଚହର ୨ଟି ଉଇକେଟ ନେଇଥିଲେ। ମିଡିଲ ଅର୍ଡରରେ ଏଡେନ ମାରକ୍ରାମ ଏବଂ ଶେଷଭାଗରେ ୱେନ ପାର୍ନେଲ ବିଶେଷ କରି କେଶବ ମହାରାଜଙ୍କ ସମ୍ମାନ ରକ୍ଷାକାରୀ ଇନିଂସ ଯୋଗୁ ଦକ୍ଷିଣ ଆଫ୍ରିକା ଲଜ୍ଜାଜନକ ସ୍ଥିତିରୁ ବର୍ତ୍ତି ଯାଇଥିଲା। ମାରକ୍ରାମ ୨୪ ବଲ୍‌ରୁ ୨୫ ଓ ପାର୍ନେଲ ୩୭ ବଲ୍‌ରୁ ୨୪ ରନ କରିଥିବାବେଳେ ମହାରାଜ ୩୫ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୪୧ ରନ କରିବାରୁ ଦକ୍ଷିଣ ଆଫ୍ରିକା ସ୍କୋର ୧୦୦ ଅତିକ୍ରମ କରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ୩ଟି, ଦୀପକ ଚହର ଓ ହର୍ଶଲ ପଟେଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅକ୍ଷର ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂ ଅତି ଚମତ୍କାର ରହିଥିଲା। ଅଶ୍ୱିନ ଉଇକେଟ ପାଇ ନ ଥିଲେ ମଧ୍ୟ ୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୮ ରନ ବ୍ୟୟ କରିଥିଲେ। ଅକ୍ଷର ୪ ଓଭରରେ ୧୬ ରନ ବ୍ୟୟ କରି ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୦୬/୮ (କେଶବ ମହାରାଜ-୪୧, ଏଡେନ ମାରକ୍ରାମ-୨୫, ୱେନ ପାର୍ନେଲ-୨୪, ଅର୍ଶଦୀପ ସିଂ-୩/୩୨, ଦୀପକ ଚହର-୨/୨୪, ହର୍ଶଲ ପଟେଲ-୨/୨୬, ଅକ୍ଷର ପଟେଲ-୧/୧୬)। ଭାରତ ୧୬.୪ ଓଭରରେ ୧୧୦/୨ (ଲୋକେଶ ରାହୁଲ-୫୧*, ସୂର୍ଯ୍ୟକୁମାର ଯାଦବ-୫୦*, କାଗିଶୋ ରାବାଡ଼ା-୧/୧୬, ଏଡ଼ରିଚ୍ ନର୍ଜେ-୧/୩୨)।

# ରଗବୀରେ ଓଡ଼ିଶା ମହିଳା ଦଳର ବୃହତ ବିଜୟ



ଓଡ଼ିଶା ମହିଳା ରଗ୍‌ବୀ ଦଳ।

**ଅହମ୍ମଦାବାଦ, ୨୮।୯(ପି.ଟି.)**

ବୁଧବାର ଠାରୁ ଗୁଜରାଟରେ ଆରମ୍ଭ ହୋଇଛି ୩୬ ତମ ଜାତୀୟ କ୍ରୀଡା। ଜାତୀୟ କ୍ରୀଡାର ପ୍ରଥମ ଦିନରେ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ବିଜେତା ନୟନମୋନି ସାଇକିଆ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ରଗବୀ ୭ଏସରେ ଏକପାଖିଆ ବିଜୟ ହାସଲ କରିଛି ଓଡ଼ିଶା ମହିଳା ଦଳ। ଲନ୍ ବୋଲ୍ସରେ ନୟନମୋନି ଦୁଇଟି ସିଙ୍ଗଲ୍ସ ଓ ଗୋଟିଏ ଟିମ୍ ମ୍ୟାଚ ଜିତିବାରେ ସମର୍ଥ ହୋଇଛନ୍ତି। କେନ୍ସଭିଲ ଗଲ୍ଫ ଓ କଣ୍ଟ୍ରି କ୍ଲବରେଏହି ମ୍ୟାଚ ଖେଳା ଯାଇଥିବା ବେଳେ ସିଙ୍ଗଲ୍ସ ବର୍ଗରେ ନୟନମୋନି ଗୁଜରାଟର ବୈଶାଳୀ ମକଭାନାଙ୍କୁ ୨୩-୦ରେ ଓ ପଶ୍ଚିମ ବଙ୍ଗର ବୀଣା ଶାହଙ୍କୁ ୨୧-୧୦ରେ ପରାସ୍ତ କରିଥିଲେ। ଏହା ପରେ ଲନ ବୋଲ୍ସରେ ଫୋର କମ୍ପିଟେସନରେ ଆସାମ ପକ୍ଷରୁ ଖେଳିଥିଲେ ସାଇକିଆ। ଏହି ମ୍ୟାଚରେ ଆସାମ ୩୩-୩ରେ ବିଜୟୀ ହୋଇଥିଲା। ସେହିପରି ନେଟବଲ୍‌ରେ ସେମି ଫାଇନାଲରେ ପ୍ରବେଶ କରିଛି ଗୁଜରାଟ। ଗ୍ରୁପ ଏରେ ପଞ୍ଜାବ ଦଳକୁ ୫୭-୩୩ରେ ପରାସ୍ତ କରି ଗୁଜରାଟ ସେମିରେ ପ୍ରବେଶ କରିଛି। ସେମିରେ ଗୁଜରାଟ ଗ୍ରୁପ ବି ଟପ୍ପରକୁ ଭେଟିବ। ଅନ୍ୟ ସେମିଫାଇନାଲଟି ଗ୍ରୁପ ଏ ଟପ୍ପର ହରିଆଣା ଖେଳିବ।

ଇକେଏ ଟ୍ରାନ୍ସଷ୍ଟାଡିଆରେ ଖେଳା ଯାଉଥିବା ରଗବୀ ୭ଏସ୍ ପୁରୁଷ ମୁକାବିଲାରେ ସେମି ଫାଇନାଲ ବର୍ଥ ସୁରକ୍ଷିତ କରିଛନ୍ତି ଦିଲ୍ଲୀ ଓ ପଶ୍ଚିମବଙ୍ଗ। ଦିଲ୍ଲୀ ୨୬-୦ରେ ପଞ୍ଜାବ ଓ ୧୪-୧୦ରେ ଓଡ଼ିଶାକୁ ହରାଇଥିଲା। ସେହିପରି ପଶ୍ଚିମବଙ୍ଗ ୨୪-୭ ଓ ୨୨-୧୨ ପଏଣ୍ଟରେ ଯଥାକ୍ରମେ ଓଡ଼ିଶା ଓ ପଞ୍ଜାବକୁ ହରାଇଥିଲା। ରଗବୀ ୭ଏସ୍ ମହିଳା ବର୍ଗରେ ଗ୍ରୁପ ବିରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି ପଶ୍ଚିମବଙ୍ଗ ଓ ଓଡ଼ିଶା। ପଶ୍ଚିମବଙ୍ଗ ୨୯-୫ରେ ଚଣ୍ଡୀଗଡକୁ ହରାଇଥିବା ବେଳେ କେରଳକୁ ୬୪-୦ରେ ଏକପାଖିଆ ଭାବରେ ପରାସ୍ତ କରିଥିଲଲା ଓଡ଼ିଶା। ଗ୍ରୁପ ଏରେ ହରିଆଣା ୨୮-୦ରେ ଗୁଜରାଟକୁ, ମହାରାଷ୍ଟ୍ର ୧୯-୧୦ରେ ଦିଲ୍ଲୀକୁ ଓ ବିହାର ୪୪-୦ରେ ଘରୋଇ ଦଳକୁ ପରାସ୍ତ କରିଥିଲା। ସେହିପରି ସର୍ଭିସେସ ଓ ମହାରାଷ୍ଟ୍ର ମଧ୍ୟରେ ମ୍ୟାଚ ୧୪-୧୪ରେ ଡ୍ର ରହିଥିଲା।

36TH NATIONAL GAMES GUJARAT 2022
Celebrating Unity Through Sports

**ଆଜିଠୁ ଶୁଟିଂ ପ୍ରତିଯୋଗିତା:** ଗୁରୁବାର ଠାରୁ ସ୍ଥାନୀୟ ରାଇଫଲ୍ କ୍ଲବରେ ଶୁଟିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ବର୍ଗରେ ପ୍ରଥମ ପର୍ଯ୍ୟାୟ ମୁକାବିଲା ଆରମ୍ଭ ହେବାକୁ ଯାଉଛି। ହରିଆଣାର ଅନୀଷ ଭନୱାଲା, ପଞ୍ଜାବର ବିଜୟବୀର ସିଦ୍ଧୁ, ୨୦୧୨ ଅଲିମ୍ପିକ୍ସ ପଦକ ବିଜେତା ହିମାଚଳ ପ୍ରଦେଶର ବିଜୟ କୁମାର ଓ ସର୍ଭିସେସର ଗୁରପ୍ରୀତ ସିଂଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିବ।



₹73 400^ ରୁ ଆରମ୍ଭ | 5.55%# ସୁଧ ହାର | ₹ 0# ପ୍ରୋସେସିଙ୍ଗ ଚାର୍ଜ |
ICICI Bank FESTIVE BONANZA 5% instant discount up to ₹ 5 000/-*
TVS Jupiter ବେଶୀ ଲାଭ
5 YEAR WARRANTY+ TVS CREDIT | L&T Financial Services | IDFC FIRST Bank | HDFC BANK | ICICI Bank
ଦୁଇ ଚକିଆ ବାହନ ଚଳାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ।
tvsjupiter | www.tvsmotor.com/tvs-jupiter
Call: 1800 315 7777
^ Ex-showroom price of TVS Jupiter 110 SMW. # Terms & conditions apply. + 5 yr. warranty without any additional charges. * 5% instant discount up to ₹ 5 000/-. This is applicable only on Jupiter 110cc. T&C apply.
Download TVS Service App
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph : 8114372182, 8114372181, Guru Gobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732; BHAWANIPATNA : Raj Rajeswari TVS, Ph : 7682809880. Authorised Dealers: Brajrajnagar: Ph: 9937077883, Rengali: Ph: 9437052831, Deogarh: Ph: 9437392892 Modipara: Ph: 9337016000, Bamra: Ph: 9668005302, Kuchinda: Ph: 9777189689, Redakhol: Ph: 9938020777 Kantapali: Ph: 9437096134, Dhama: Ph: 7735079641, Boudh: Ph: 9437223008, Dungripally: Ph: 9937926986 Kantamal: Ph:7008225996, Birmaharajpur: Ph:8018860710, Patnagarh: Ph:9938621078, Raj Khariar: Ph:9439144433, Kantabanji: Ph:8596980487, Gaisilat: Ph:7683848645, Saintala: Ph:9861471371 Bangamunda: Ph: 9937526500, Tusura: Ph: 9437890955, Udanbandh: Ph: 9437626855, Lathor: Ph:7008086417 Titlagarh: Ph: 9776516666, Belpahar: Ph: 8249880971, Bandhbahal: Ph: 9439810542, Barpali: Ph: 9437158843 Nuapara: Ph:9938098888, Baragarh: Ph:9938739550, Bhatli: Ph:7326806471, Attabira: Ph:8658966777, Paikmal: Ph:9938119999, Bheden: Ph:7008822177, Godbagha: Ph:9438043220, Diptipur: Ph:9937119913 Padampur: Ph: 8018570957, Jharbandh: Ph: 9937120964, Laikera: Ph: 9938465363, Bagdehi: Ph: 9438736989 Sundargarh: Ph:9437139011, Rajgangpur: Ph:9437172724, San Balichuan: Ph:8249601308, Kutra: Ph:6370578102, Muniguda: Ph:9583860028.
dentsu/dha sam/08/22

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୯ ସେପ୍ଟେମ୍ବର, ୨୦୨୨



# ଡେମୋ ଦେଖାଇଲେ ଅଭିଯୁକ୍ତ

**ବଲାଙ୍ଗୀର ଅଫିସ,୨୮।୯**

ପୌରସଂସ୍ଥା ମହିଳା ସଫେଇ କର୍ମଚାରୀ ତଥା ସ୍ୱଚ୍ଛସାଥୀ ଅଷ୍ଟମୀ ବକୁଲ (୩୦)ଙ୍କ ହତ୍ୟା ଘଟଣାରେ ଟାଉନ୍ ଥାନା ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ବଲାଙ୍ଗୀର ବେହେରାପାଲିର ଗୁଲ୍‌ଠୁ ଓରଫ ବାଲେକ ତାଣ୍ଡି (୩୫)। ଅଭିଯୁକ୍ତ ତାଣ୍ଡିଙ୍କୁ ପୋଲିସ ହତ୍ୟାକାଣ୍ଡ ସ୍ଥଳକୁ ନେଇ ହତ୍ୟା ଘଟଣାର ଡେମୋ ଦେଖାଇଥିଲା। ଅଭିଯୁକ୍ତ କିଭଳି ଭାବେ ଶନିବାର ଅପରାହ୍ଣରେ ଅଷ୍ଟମୀଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲା ତାର ସିନ୍ ରିକ୍ରିଏସନ୍ କରାଯାଇଥିଲା। ସଦର ଏସ୍‌ଡିପିଓ ତୋଫାନ ବାଗ ଏବଂ ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ଓ ପୋଲିସ ଟିମ୍ ଉପସ୍ଥିତ ଥିଲେ। ପୋଲିସ ସିନ୍ ରିକ୍ରିଏସନ୍ କରିଥିଲେ ମଧ୍ୟ ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଗଣମାଧ୍ୟମକୁ କିଛିବି ସୂଚନା ଦେଇନାହିଁ। ତେବେ ପ୍ରେମ ସମ୍ପର୍କକୁ ନେଇ ଗୁଲଠୁ ତାଣ୍ଡି ଅଷ୍ଟମୀଙ୍କୁ ହତ୍ୟା କରିଥିବା ଆଲୋଚନାର ବିଷୟ ହୋଇଛି।


ଅଭିଯୁକ୍ତ ବାଲେକ୍ ଓରଫ୍ ଗୁଲଠୁ ତାଣ୍ଡି ପୋଲିସକୁ ହତ୍ୟାକାଣ୍ଡର ଡେମୋ ଦେଖାଉଛନ୍ତି।

ସଫେଇ କର୍ମଚାରୀ ଅଷ୍ଟମୀ ବକୁଲ ବଲାଙ୍ଗୀର ମ୍ୟୁନିସିପାଲିଟିର ଆବର୍ଜନା ଗାଡି ଚଲାଉଥିଲେ। ପ୍ରତିଦିନ ଭଳି ଘଟଣା ଦିନ ଅପରାହ୍ଣ ପ୍ରାୟ ସାଢ଼େ

## ପୌର ମହିଳା କର୍ମଚାରୀଙ୍କୁ ହତ୍ୟା ଘଟଣା

୫ଟାରେ ବିଜାଖମନଠାରେ ଥିବା ୱେଷ୍ଟ ମେନେଜମେଣ୍ଟ ୟୁନିଟ୍‌ରେ ଆବର୍ଜନା ଡମ୍ପିଂ କରିବା ପରେ ଗାଡିକୁ ରଖିଦେଇ ନିଜ ସାଇକେଲରେ ଘରକୁ ଫେରୁଥିଲେ। ବିଜାଖମନ-ରାଜୀବନଗର ରାସ୍ତାରେ ସେ ପ୍ରତିଦିନ ଫେରୁଥିବାରୁ ଏବଂ ଏହି ରାସ୍ତାଟି ନିଛାଟିଆ ହୋଇଥିବାରୁ ଅଭିଯୁକ୍ତ ଗୁଲ୍‌ଠୁ ହତ୍ୟାକାଣ୍ଡ ପାଇଁ ସ୍ଥାନ ବାଛିଥିଲେ। ପୋଲିସକୁ ଡେମୋ ଦେଖାଇବାବେଳେ ଅଭିଯୁକ୍ତ ଗୁଲଠୁ ଏକ ଖଣ୍ଡା ଧରି ଆରଟିଓ ଅଫିସ ରାସ୍ତାରୁ ଆସି ଘଟଣାସ୍ଥଳରେ ପହଞ୍ଚି ରାସ୍ତାକଡରେ ଖଣ୍ଡାକୁ ରଖିଦେଇ ବସି ରହିଥିଲେ। ସାଇକେଲରେ ଅଷ୍ଟମୀ ଘଟଣାସ୍ଥଳରେ ପହଞ୍ଚିବା ପରେ ରାସ୍ତାକଡରେ ପକାଇ ରଖିଥିବା ଖଣ୍ଡାକୁ ଧରି ଅତର୍କିତ ଭାବେ ଅଭିଯୁକ୍ତ ଗୁଲ୍‌ଠୁ ଅଷ୍ଟମୀଙ୍କ ମୁଣ୍ଡରେ ଚୋଟ୍ ପକାଇଥିଲେ। ରାସ୍ତାକଡରେ ଅଷ୍ଟମୀ ସାଇକେଲରୁ ଟଳି ପଡିଥିଲେ। ଏହାପରେ ଆଉ ଏକ ଚୋଟ ମାରି ସେ ମୃତ୍ୟୁ ଘଟିଥିବା ଜାଣିବା ପରେ ଅଷ୍ଟମୀଙ୍କ ମୃତଦେହ ଓ ସାଇକେଲକୁ ରାସ୍ତାକଡ ବୁଦା ଭିତରକୁ ଫିଙ୍ଗିଦେଇଥିଲେ। ଅଷ୍ଟମୀ ଧରିଥିବା ମୋବାଇଲକୁ ପଥରରେ ଛେଚି ଭାଙ୍ଗି ଦେବା ପରେ ତାକୁ ମଧ୍ୟ ଫିଙ୍ଗି ଦେଇଥିଲେ। ଏହାପରେ ତାଙ୍କୁ ଯେମିତି କେହି ଦେଖି ନ ପାରିବେ ସେଥିପାଇଁ ରାସ୍ତା ଉପରେ ଫେରାର ନହୋଇ ଘଟଣାସ୍ଥଳରୁ ଚାଷଜମି ଭିତର ଦେଇ ଫେରାର ମାରିଥିଲେ। ବାଟରେ ଏକ ବୁଦାରେ ଖଣ୍ଡାକୁ ଫିଙ୍ଗି ଦେଇଥିଲେ। ପୋଲିସ ଉକ୍ତ ସ୍ଥାନରୁ ମାରଣାସ୍ତ୍ରକୁ ଜବତ କରିଛି। ପୋଲିସ ଏହି ଘଟଣାରେ କେବଳ ଗୁଲ୍‌ଠୁ ଓରଫ୍ ବାଲେକ ତାଣ୍ଡି ସମ୍ପୃକ୍ତ ଥିବା କହିଛି। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଗୁରୁବାର ଖବରଦାତା ସମ୍ମିଳନୀ କରି ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଭଗତ ସିଂଙ୍କ ବଳିଦାନର ପଟାନ୍ତର ନାହିଁ

**ମୁରିବାହାଲ,୨୮।୯( ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ରାଷ୍ଟ୍ରରକ୍ଷା ଶ୍ରୀରାମ ସେନା ତରଫରୁ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଶହୀଦ ଭଗତ ସିଂ ୧୧୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସେନା ପ୍ରମୁଖ ରାଜୀବ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶମାତୃକାର ସେବାରେ ଭଗତ ସିଂଙ୍କ ତ୍ୟାଗ, ବଳିଦାନର ପଟାନ୍ତର ନାହିଁ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ବି.ଆର.ଆମ୍ବେଦକର ହାଇସ୍କୁଲ ପ୍ରଧାନଶିକ୍ଷକ କୃତ୍ତିବାସ ଦାଶ, ତରୁଣ ପୋଢ଼, ତାରିଣୀସେନ ମେହେର, ମହେନ୍ଦ୍ର ବାଗ, ଅଭୟାନନ୍ଦ ଦାଶ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସେନା ସଭାପତି ରାଜୀବ କୁଅଁର ସଂଯୋଜନା କରିଥିଲେ। ରବିନ ମହାକୁର, ରିତିକ ସାହୁ, ମଧୁସୂଦନ ନାଗ, ହୃଦାନନ୍ଦ ସାହୁ, ଭୀଷ୍ମ ମେହେର କାର୍ଯ୍ୟକ୍ରମ ପରିଚାଳନା, ପ୍ରବୀର କୁମାର କମ୍ପ ଧନ୍ୟବାଦ ଅର୍ପଣ କରିଥିଲେ।

MAHANADI AQUA FRESH LLP
FRESH TILAPIA FISH HIRAKUD DAM
- GOOD FOR THE BONES — ହାଡ଼ ପାଇଁ ଭଲ
- GOOD FOR THE BRAIN — ମସ୍ତିଷ୍କ ପାଇଁ ଭଲ
- PROTECT THE HEART — ହୃଦ୍‌ଘାତରୁ ସୁରକ୍ଷା
- GREAT SOURCE OF VITAMIN-D — ପ୍ରଚୁର ପରିମାଣରେ ଭିଟାମିନ୍ D ଥାଏ
- HIGH PROTEIN AND LOW FAT — ଅଧିକ ପ୍ରୋଟିନ ଏବଂ ମୋଟାପାରୁ ସୁରକ୍ଷା

Special Rate for Trader
Contact No.: 9348459748, 8554917617



# ରୂପାନ୍ତରଣ କାମ ତ୍ୱରାନ୍ୱିତ କର


ନବମ ଶ୍ରେଣୀ ଛାତ୍ରୀଙ୍କ ସହ କକ୍ଷରେ ବିଡିଓ କଥା ହେଉଛନ୍ତି।

**ଲୋଇସିଂହା,୨୮।୯(ଡି.ଏନ.ଏ)**

### ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ବେଳେ ବିଡିଓଙ୍କ ପରାମର୍ଶ

ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟର ୫ଟି ରୂପାନ୍ତରଣ କାମ ବୁଧବାର ବିଡିଓ ଆକାଶ ରଞ୍ଜନ ସାହୁ ପରିଦର୍ଶନ କରିଥିଲେ। ସ୍ମାର୍ଟ କ୍ଲାସରୁମ, ବିଜ୍ଞାନ ପାଠାଗାର ଏବଂ ଶୌଚାଳୟ ନିର୍ମାଣ କାମ ବୁଲି ଦେଖିଥିଲେ।ପ୍ରସ୍ତୁତି ଚାଲିଥିବା ସ୍ମାର୍ଟ ଶ୍ରେଣୀଗୃହ ଛାତ କେତେକ ସ୍ଥାନରେ ସିମେଣ୍ଟ କଂକ୍ରିଟ ଖସି ରଡ ଦେଖାଯାଉଥିବା ଦେଖିବାକୁ ପାଇଥିଲେ। ଏହା କେତେ ବର୍ଷର ପୁରୁଣା କୋଠା ବୋଲି ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କୁ ପଚାରିଥିଲେ। ଏହା ୧୫ ବର୍ଷର ପୁରୁଣା କୋଠା ବୋଲି ଜଣାପଡିଥିଲା। ଗ୍ରିଡିଂ କରି ଛାତକୁ ମରାମତି କରିବାକୁ ବିଡିଓ ଓ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ ପରାମର୍ଶ ଦେଇଥିଲେ । ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା କରିବାକୁ କହିଥିଲେ ବିଡିଓ। ଏହାପରେ ପାଠପଢା ଚାଲିଥିବା ନବମ ଶ୍ରେଣୀର ଏ ଓ ବି ବିଭାଗକୁ ଯାଇ ଶ୍ରେଣୀ କୋଠରିର ସ୍ଥିତି ପରଖିଥିଲେ । ଏ ବିଭାଗରେ ଶିକ୍ଷୟିତ୍ରୀ ପରମିତା ସାହୁ ଗଣିତ ପଢାଉଥିବା ବେଳେ ବିଡିଓ ସାହୁ ପିଲାଙ୍କୁ କିଛି ପ୍ରଶ୍ନ କରିଥିଲେ। ସେହିପରି ବି ବିଭାଗକୁ ଯାଇ ଶିକ୍ଷୟିତ୍ରୀ ସସ୍ମିତା ସେଠକୁ ଛାତ୍ରୀଙ୍କ ଉପସ୍ଥାନ ସମ୍ପର୍କରେ ପଚାରି ଥିଲେ। ନିୟମିତ ଅନୁପସ୍ଥିତି ଛାତ୍ରୀଙ୍କ ସଂଖ୍ୟା ସମ୍ପର୍କରେ ଅନୁସନ୍ଧାନ କରିଥିଲେ ବିଡିଓ। ରୂପାନ୍ତରଣ କାମକୁ ତ୍ୱରାନ୍ୱିତ କରିବାକୁ ପ୍ରଧାନଶିକ୍ଷକଙ୍କୁ ବିଡିଓ ସାହୁ ପରାମର୍ଶ ଦେଇଥିଲେ।

# ନବରାତ୍ରରେ ଜମୁଛି ଦାଣ୍ଡିଆ ନୃତ୍ୟ


ଦାଣ୍ଡିଆ ନୃତ୍ୟ ପରିବେଷଣ ମୂହୂର୍ତ୍ତ।

**ଖଡ଼ିଆଳ,୨୮।୯(ଡି.ଏନ.ଏ)**

ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ଦଶହରା ପାଳନ ନେଇ ଚଳଚଞ୍ଚଳ ହୋଇପଡିଛି । ଖଡ଼ିଆଳ ସହରର ପଟ୍ଟନାୟକପଡ଼ା ଓ ରାଜା ପଦାରେ ଧୁମ୍‌ଧାମରେ ପାଳନ ହେଉଛି ନବରାତ୍ର ପୂଜା। ଆକର୍ଷଣୀୟ ଶହଶହ ପୂଜା ମଣ୍ଡପ ସାଙ୍ଗକୁ ସୁସଜ୍ଜିତ ଆଲୋକ ସଜ୍ଜାରେ ଖଡ଼ିଆଳ ସହର ଝଲସି ହୋଇଉଠୁଛି। ନବରାତ୍ର ପୂଜାକୁ ନେଇ ଖଡ଼ିଆଳ ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଛି। ଗତ ଦୁଇ ବର୍ଷ ହେଲା କରୋନା କଟକଣା ଯୋଗୁ ଖଡ଼ିଆଳ ସହରରେ ନବରାତ୍ର ପୂଜା ଫିକା ପଡ଼ିଯାଇଥିଲା। ବର୍ତ୍ତମାନ ଏବେ କରୋନା କଟକଣା କୋହଳ ହେବା ପରେ ଖଡ଼ିଆଳ ସହର ସମେତ ପୁରପଲ୍ଲୀରେ ଉତ୍ସବର ମାହୋଲ ଦେଖାଦେଇଛି। ତେବେ ଚଳିତ ନବରାତ୍ର ପୂଜାରେ ଖଡ଼ିଆଳ ରାଜା ପଡ଼ାରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ଦାଣ୍ଡିଆ ନୃତ୍ୟ। ଉକ୍ତ ଦାଣ୍ଡିଆ ନୃତ୍ୟକୁ ଆୟୋଜନ କରୁଛି ଖଡ଼ିଆଳର ନବଦୁର୍ଗା ଗର୍ବା କମିଟି। ଏନେଇ ଦୁର୍ଗା ପୂଜା ମଣ୍ଡପକୁ ଲାଗି ରାଜ ଦରବାର ସମ୍ମୁଖରେ ଗତ ଦୁଇ ଦିନ ହେଲା ଦାଣ୍ଡିଆ ନୃତ୍ୟ ହେଉଥିବାବେଳେ ଏଥିରେ ଛୋଟ ଛୋଟ ପୁଅ ଝିଅଠାରୁ ଆରମ୍ଭ କରି ଯୁବତୀ ଯୁବକ ଏବଂ ବୟସ୍କମାନେ ଦାଣ୍ଡିଆ ନୃତ୍ୟରେ ମଶଗୁଲ ହୋଇ ଦାଣ୍ଡିଆ ନୃତ୍ୟ କରି ମା’ ଦୁର୍ଗାଙ୍କୁ ଆରାଧନା କରୁଥିବା ଦେଖିବାକୁ ମିଳିଛି। ଏଥିସହ ଦାଣ୍ଡିଆ ନୃତ୍ୟକୁ ଶତାଧିକ ସଂଖ୍ୟାରେ ଲୋକେ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ରାତ୍ରିରେ ଅନୁଷ୍ଠିତ ଦାଣ୍ଡିଆ ନୃତ୍ୟରେ ଛୋଟ ପିଲାମାନଙ୍କ ସହ ଖଡ଼ିଆଳ ଯୁବରାଜ ଦେବ ସିଂ ଦେଓ ସାମିଲ ହୋଇ ଦାଣ୍ଡିଆ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ଏଥିରେ ନବଦୁର୍ଗା ଗର୍ବା କମିଟିର ସଭାପତି ଅଜୟ ସେବକ ନେତୃତ୍ୱ ନେଇ ଥିବାବେଳେ କମିଟିର ସଦସ୍ୟ ବନମାଳୀ ନାଗ, ମନୋଜ ହଂସ, ମନୋଜ ମୁଣ୍ଡ, କାହ୍ନା ପଟେଲ, ଶିବ ପ୍ରକାଶ ଝା, ଖୁସି ଗୁପ୍ତା, ଗୋକୁଳ ଗୁପ୍ତା, ସବୀର ସିଂହ ଦେଓ, ମିଳିନ୍ଦ୍ର ଖମାରୀ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

Azadi Ka Amrit Mahotsav
GOVERNMENT OF INDIA

ଅମୃତ କାଳରେ
ପୁରୁଣା ମାନସିକତାରୁ ମୁକ୍ତି

ଏକ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଭାରତ ଏକ ନିର୍ଣ୍ଣାୟକ କାଳଖଣ୍ଡରେ ଦ୍ରୁତଗତିରେ ଆଗକୁ ବଢୁଛି । ଆସନ୍ତୁ ମିଳିମିଶି ଗୋଲାମି ମାନସିକତାରୁ ଦେଶକୁ ମୁକ୍ତ କରିବା ।

ପରିବାରବାଦରୁ ମୁକ୍ତ ହେଉଛନ୍ତି ବିଭିନ୍ନ ପ୍ରତିଷ୍ଠାନ
- କ୍ରୀଡ଼ା କ୍ଷେତ୍ରରେ ହକଦାର ପ୍ରତିଭାଙ୍କୁ ମିଳୁଛି ସୁଯୋଗ, ଖେଳାଳି ଲଗାତାର ରଚୁଛନ୍ତି ନୂଆ କୀର୍ତ୍ତିମାନ
- ଏବେ ଚିହ୍ନା ପରିଚିତଙ୍କ ବଦଳରେ ପ୍ରତିଭାଙ୍କୁ ମିଳୁଛି ଅଗ୍ରାଧିକାର, ଯୋଗ୍ୟ ଲୋକ ପାଉଛନ୍ତି ପଦ୍ମ ପୁରସ୍କାର

ଦାସତ୍ୱ ମାନସିକତାରୁ ମୁକ୍ତି
- ୧୫୦୦ରୁ ଅଧିକ ପୁରୁଣା ଏବଂ ଅନୁପଯୋଗୀ ଆଇନ ଉଚ୍ଛେଦ
- ଭାରତୀୟ ନୌସେନାର ଚିହ୍ନକୁ ମିଳିଲା ଉପନିବେଶବାଦୀ ପ୍ରତୀକରୁ ମୁକ୍ତି
- ବଜେଟ ଉପସ୍ଥାପନ କରିବାର ତାରିଖରେ ପରିବର୍ତ୍ତନ, ସାଧାରଣ ବଜେଟ୍ ଓ ରେଳ ବଜେଟ୍‌ର ହେଲା ବିଲୟ
- ସରକାରୀ ଗାଡ଼ିରୁ ହଟିଲା ନାଲିବତୀ, ଭିଆଇପି ସଂସ୍କୃତି ଉପରେ ପ୍ରହାର

ଦୁର୍ନୀତିରୁ ମୁକ୍ତି ପାଇଲା ବ୍ୟବସ୍ଥା
- ଡିବିଟି ଯୋଗୁ ଦୂର ହେଲା ଦଲାଲି, ହିତାଧିକାରୀଙ୍କୁ ମିଳିଲା ପ୍ରତ୍ୟକ୍ଷ ଲାଭ
- CPGRAMS ପୋର୍ଟାଲ ମାଧ୍ୟମରେ ଅଭିଯୋଗର ତୁରନ୍ତ ସମାଧାନ
- ଆୟକର, ଇଡି ଭଳି ଏଜେନ୍ସି ଦୁର୍ନୀତିରେ ଲିପ୍ତ ଲୋକଙ୍କ ବିରୋଧରେ ଗ୍ରହଣ କରୁଛି କାର୍ଯ୍ୟାନୁଷ୍ଠାନ

ମଇଳା ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକରୁ ମୁକ୍ତି
- ସ୍ୱଚ୍ଛ ଭାରତ ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କଲା ଦେଶ, ସ୍ୱଚ୍ଛତା ହେଲା ରାଷ୍ଟ୍ରୀୟ ସ୍ୱଭାବ
- ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧରେ ଦେଶ ହେଲା ଏକଜୁଟ, ପ୍ରତ୍ୟେକ ଆୟୁ ବର୍ଗର ଲୋକମାନେ ଦେଉଛନ୍ତି ଯୋଗଦାନ

ରାସାୟନିକ ମୁକ୍ତ କୃଷି
- ପ୍ରାକୃତିକ କୃଷିକୁ ଆପଣାଉଛନ୍ତି ସାରା ଦେଶର କୃଷକ
- ପ୍ରାକୃତିକ କୃଷି କ୍ଷେତ୍ରରେ ହେଉଛି ଅଭିବୃଦ୍ଧି

ଲକ୍ଷ୍ୟ ଯେତେ କଠିନ ହେଉ, ଆହ୍ୱାନ ଯେତେ ବଡ଼ ହେଉ, ଥରେ ଭାରତ ସଂକଳ୍ପ ନେଲେ, କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ ।
-ନରେନ୍ଦ୍ର ମୋଦୀ

cbc 22201/13/0119/2223



ଆଜି ଗୁଜରାଟର ଅହମ୍ମଦାବାଦଠାରେ ଦେଶର କ୍ରୀଡ଼ା ମହାକୁମ୍ଭ, ୩୬ତମ ଜାତୀୟ କ୍ରୀଡ଼ାର ଭବ୍ୟ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

୩୬ତମ ଜାତୀୟ କ୍ରୀଡ଼ା | ୩୬ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ | ୩୬ କ୍ରୀଡ଼ା
ଜୁଡ଼େଗା ଇଣ୍ଡିଆ, ଜିତେଗା ଇଣ୍ଡିଆ



## ସଂକ୍ଷେପରେ

### ୨ଅଭିଯୁକ୍ତଙ୍କୁ ୩ ମାସ ଜେଲ ଦଣ୍ଡାଦେଶ, ହଜାରେ ଟଙ୍କା ଜରିମାନା

**ମହିଳାଙ୍କୁ ଅଶାଳୀନ ବ୍ୟବହାର ଘଟଣାର ରାୟ ପ୍ରକାଶ**

ଜୁନାଗଡ,୨୮।୯(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ବୁଡିପଦର ଗ୍ରାମର ଜଣେ ମହିଳାଙ୍କୁ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ଜୁନାଗଡ ଜେଏମଏଫସି କୋର୍ଟ ବିଚାରପତି ପି.ସୀତାଲକ୍ଷ୍ମୀ ଏହି ଘଟଣାର ଶୁଣାଣି କରି ବ୍ରାହ୍ମଣୀଗୁଡା ଗ୍ରାମର ନିରାକାର ନାଗ ଓ ମିକି ନାଗଙ୍କୁ ୩ ମାସ ଜେଲଦଣ୍ଡାଦେଶ ସହ ହଜାରେ ଟଙ୍କା ଜରିମାନା କରିଛନ୍ତି। ପ୍ରକାଶ ଯେ,ମହିଳା ଜଣକ ନିଜ ସ୍ୱାମୀଙ୍କ ଜମିରେ ଆରଆଇଙ୍କ ସହ ଡିମାର୍କେସନ କରୁଥିବା ସମୟରେ ଉପରୋକ୍ତ ୨ ଅଭିଯୁକ୍ତ ସେଠାକୁ ଆସି ମହିଳାଙ୍କୁ ଗାଳିଗୁଲଜ କରିବା ସହ ଆଶାଳୀନ ବ୍ୟବହାର ଦେଖାଇଥିଲେ। ଏହି ଘଟଣାକୁ ନେଇ ମହିଳା ଜଣକ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା(୫୮/୨୦୧୭) ରୁଜୁ ହୋଇଥିଲା। ପରେ ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ଏହି ମାମଲାକୁ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ଅଶୋକ କୁମାର ନାୟକ ପରିଚାଳନା କରିଥିଲେ। ସେହିପରି ପୋଲିସ ପକ୍ଷରୁ ଏସଆଇ ଆନ୍ନା ମିଞ୍ଜ ଓ ଏଏସଆଇ ସ୍ୱର୍ଗତ ପୀତବାସ ଶବର ପରିଚାଳନା କରିଥିଲେ।

### କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ନୂଆପଡା ଅଫିସ,୨୮।୯: କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ସଭାପତି ସାଗର ଦାସଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ନୂଆପଡା ଜିଲା ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶାହରୁଖ ଖାନ, ଗୋପାଳ କୁମ୍ଭା, ଭବାନୀ ପଣ୍ଡା, ଜୟଦେବ ମାଝି, ପ୍ରବୀଣ ସେନାପତି, ଟିକନୁ ପଟେଲ, ପୁଷ୍ପମ ଲୁହାର ପ୍ରମୁଖ ଉପସ୍ଥିତ ଥିଲେ ।

### ପୋଷଣ ମାସ ପାଳିତ

ବେହେରା,୨୮।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଣ୍ଣାଣବାହାଲି ହୋମିଓପ୍ୟାଥି ଡାକ୍ତରଖାନା ପରିସରରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କୁପୋଷଣ ଦୂର କରି ସୁସ୍ଥ ଭାରତ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଗର୍ଭବତୀ, ପ୍ରସୂତି, କିଶୋରୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଖାଇବା ଉପରେ ଆଲୋଚନା କରାଯାଇଥିଲା। ପୋଷଣଯୁକ୍ତ ଖାଦ୍ୟ ଓ ତାର ଉପକାରିତା ବିଷୟରେ ଡାକ୍ତର ମଳୟ କୁମାର ତାଣ୍ଡି ବୁଝାଇଥିଲେ। କର୍ତ୍ତବ୍ୟ ସଂସ୍ଥା ଆନୁକୂଲ୍ୟ ଓ ରିଲାଏନ୍ସ ଫାଉଣ୍ଡେଶନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ଼, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ପ୍ରୀତି ବେମାଲ, ସମିତି ସଭ୍ୟା ଚର୍ଚ୍ଚିକା ଗୋପାଳ, ଡାକ୍ତର ମଳୟ କୁମାର ତାଣ୍ଡି, ଠାକୁରାଣୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିହର ପାଣିଗ୍ରାହୀ, ଗ୍ରାମ୍ୟ କୃଷି ସହାୟିକା କୁମୁଦିନୀ ଠାକୁର, ସାମାଜିକ କର୍ମୀ ଗଗନେଶ୍ୱର ବେମାଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପ୍ରୋଜେକ୍ଟ କୋଅର୍ଡ଼ିନେଟର ନିରାକାର ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତଦନ୍ତ ବେଳେ ଉତ୍ତେଜନା

ଖପ୍ରାଖୋଲ, ୨୮।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ବୁଧବାର ହେବାକୁ ଥିଲା। ଅଧିକାରୀମାନେ ପହଞ୍ଚିବା ପୂର୍ବରୁ ଉତ୍ତେଜନା ପ୍ରକାଶ ପାଇଥିଲା। କନଗାଁ, ପାଚେର ଓ ସାଲେପାଲି ଗାଁର ଗ୍ରାମ ସାଥୀମାନଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଅନିୟମିତତାରେ ଲିପ୍ତଥିବା ନେଇ ସରପଞ୍ଚ ଗାଁସାଥୀଙ୍କୁ କାର୍ଯ୍ୟରୁ ବହିଷ୍କାର ନୋଟିସ୍ ଜାରି କରିଥିଲେ। ଏହା ପରେ ଗାଁ ସାଥୀ ସଂଘ ବିଡ଼ିଓଙ୍କଠାରେ ଫରଦ ହୋଇଥିଲା। ବିଡିଓ ରଶ୍ମି ରଞ୍ଜନ ରାଉତ ଘଟଣାର ତଦନ୍ତ ପାଇଁ ଏକ ଦଳ ଗଠନ କରିଥିଲେ। ଉକ୍ତ ଦଳ ତଦନ୍ତ ପାଇଁ ପହଞ୍ଚିବା ପୂର୍ବରୁ ଗାଁ ସାଥୀଙ୍କ ସମର୍ଥକମାନେ ପଞ୍ଚାୟତ ପରିସରରେ ପାଟିତୁଣ୍ଡ କରିବା ସହ ସ୍ଥାନୀୟ ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଖପ୍ରାଖୋଲ ଥାନା ଏସଆଇ ଗୋପୀନାଥ ମହାକୁଡ



ତଦନ୍ତ ଟିମ୍ ପହଞ୍ଚିବା ପୂର୍ବରୁ ପଞ୍ଚାୟତ ଅଫିସରେ ଶ୍ରମିକମାନେ।

**ଏମ୍‌ଜିଏନ୍‌ଆର୍‌ଜିଏସ୍ କାମ ଅନିୟମିତତା ଅଭିଯୋଗ ଘଟଣା**

ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ପରେ ଅନିୟମିତତା ଘଟଣାର ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ, ଏକାଉଣ୍ଟ ଅଫିସର ହରେକୃଷ୍ଣ ମେହେର, ଏପିଓ ସୁଶାନ୍ତ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଦୀପକ ବେହେରା, ବଳଭଦ୍ର ନାଏକ, ଏସିପି ରାମନନ୍ଦ ବେହେରା ପ୍ରମୁଖ ଘଟଣାର ତଦନ୍ତ କରି ଫେରିଥିଲେ। ସରପଞ୍ଚ ଆକ୍ରୋଶ ରଖି ବେଆଇନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଶ୍ରମିକ ଅସନ୍ତୋଷ ପ୍ରକାଶ ପାଉଛି ବୋଲି ଗାଁ ସାଥୀମାନେ କହିଛନ୍ତି। ତଦନ୍ତକୁ ଭଣ୍ଡୁର କରିବା ପାଇଁ ଗାଁ ସାଥୀମାନେ ପଞ୍ଚାୟତ ପରିସରରେ ଉତ୍ତେଜନା ସୃଷ୍ଟି କରାଇଥିବା ଅଭିଯୋଗ କରି ସରପଞ୍ଚ ଦେବରାଜ ପ୍ରଧାନ ଖପ୍ରାଖୋଲ ଥାନାରେ ଲିଖିତଭାବେ ଜଣାଇଛି ବୋଲି କହିଛନ୍ତି। ଏନେଇ ତଦନ୍ତକାରୀ ଦଳ ସଦସ୍ୟ ଏପିଓ ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ହୋଇଛି। ଜିଆରଏସଙ୍କୁ କାମଗୁଡ଼ିକର କେସ ରେକର୍ଡ ମଗାଯାଇଛି। ମିଳିଲା ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜଣେ ଶିକ୍ଷକରେ ଚାଲିଛି ପାଠପଢ଼ା

ଲାଠୋର,୨୮।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ କହ୍ନେଇଛାପର ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଣେ ଶିକ୍ଷକରେ ଚାଲିଛି। ଏଥିଯୋଗୁ ପିଲାଙ୍କ ପାଠପଢା ଗୁରୁତର ବାଧାପ୍ରାପ୍ତ ହେଉଛି। ଶିକ୍ଷକ ନିଯୁକ୍ତି ଦାବି ହୋଇ ଆସୁଥିଲେ ମଧ ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ନେଇ ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା ସମିତି ଅଭିଯୋଗ କରିଛନ୍ତି। ୧୯୭୧ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୫୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଜଣେ ଶିକ୍ଷକ ୫ ଶ୍ରେଣୀର ପିଲାଙ୍କୁ ପଢାଇବା କଠିନ ହେଉଛି। ପ୍ରଥମେ ଏଠାରେ ପ୍ରଧାନଶିକ୍ଷକଙ୍କ ସହ ଦୁଇଜଣ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଥିଲେ। ୨୦୨୦ ଅକ୍ଟୋବର ୨୭ରେ ଶିକ୍ଷୟିତ୍ରୀ ଉଷାବତୀ ପ୍ରଧାନଙ୍କୁ ଶିକ୍ଷା ବିଭାଗ ଝଲିଆଲିଟି ବିଦ୍ୟାଳୟକୁ ଡ଼େପୁଟେସନରେ ପଠାଇଥିବା ବେଳେ ପ୍ରଧାନଶିକ୍ଷକ ଉଜଲ ରଣା ଲାଠୋର ସାଧନ କେନ୍ଦ୍ର ସଂଯୋଜକଭାବେ ନିଯୁକ୍ତି ହୋଇଛନ୍ତି। ଏଣୁ ବିଦ୍ୟାଳୟରେ କେବଳ ଶିକ୍ଷକ ବସନ୍ତ ମେହେର ରହିଛନ୍ତି। ପରିଚାଳନା ସମିତି ସଦସ୍ୟ ଓ ଅଭିଭାବକମାନେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ସାକ୍ଷାତ୍ କରି ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ୧୦ଦିନ ବିତିଯାଇଥିଲେ ଅଦ୍ୟାବଧି ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଦଶହରା ଛୁଟି ଭିତରେ ଶିକ୍ଷା ବିଭାଗ କହ୍ନେଇଛାପର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନଦେଲେ ବିଦ୍ୟାଳୟ ଖୋଲିଲା ପରେ ଅକ୍ଟୋବର ୧୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ପରିଚାଳନା କମିଟି ସଭାପତି ବଂଶୀଧର ପୋଢ ଏବଂ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

# ବିଧାୟକଙ୍କ କଲେଜ ପରିଦର୍ଶନ



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

କର୍ଲାମୁଣ୍ଡା,୨୮।୯(ଡି.ଏନ.ଏ.)

**ଉତ୍ତମ ମଣିଷ ହେବାକୁ ପରାମର୍ଶ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ ଓ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବୁଧବାର ବିଧାୟକ ଭୂପିନ୍ଦର ସିଂ ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରଥମେ ଜଗନ୍ନାଥ ଡିଗ୍ରୀ କଲେଜର ନବନିର୍ମିତ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟନ କରିବା ସହ ପ୍ରଶାସନିକ ଭବନର ଶିଳାନ୍ୟାସ କରିଥିଲେ। ଏହାପରେ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅତିରିକ୍ତ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କଲେଜର ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା । ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କୁନି ସାହୁ,ଭାରପ୍ରାପ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେର, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଷିଡା ପଞ୍ଚାୟତ ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ ପ୍ରମୁଖ ଯୋଗଦେଇ ପାଠପଢା ସହ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିସହ ୨୦୨୦-୨୧ ବର୍ଷ କଲେଜ ଟପ୍ପର ରଶ୍ମୀ ରେଖା ସାହୁ ଓ ୨୦୨୧-୨୨ ବର୍ଷ ପାଇଁ କଲେଜ ଟପ୍ପର ପୂଜା ଭୋଇଙ୍କୁ ସ୍ୱାମୀ ବିବେକାନନ୍ଦ ଆୱାର୍ଡ ଓ ନଗଦ ରାଶି ପ୍ରଦାନ କରାଯାଇଥିଲା। ସେହିପରି କଲେଜ ରେ ଆଦିବାସୀ ବର୍ଗର ଶ୍ରେଷ୍ଠ କୃତୀ ଛାତ୍ର ଥୋମାସ ପ୍ରଧାନୀ ଓ ପୂଜା ଭୋଇଙ୍କୁ ସ୍ୱର୍ଗତ ଶତ୍ରୁଘନ କୁମରା ଆୱାର୍ଡ ଦିଆଯାଇଥିଲା। ସଭାରେ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଦିଲିପ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗିରିରାଜ ଗହୀର,ନୀଳାମ୍ବର ପାତ୍ର, ଚନ୍ଦନ ରଣା, ଗ୍ରନ୍ଥପାଳ ଚିନ୍ମୟ ରଣା, ଡିଇଓ ସୌମ୍ୟ ରଞ୍ଜନ ତ୍ରିପାଠୀ, ଜଗଦୀଶ ଭୋଇ, ନାରାୟଣ ଗହୀର, ଯୋଗେନ୍ଦ୍ର ବେହେରା, ପାଣ୍ଡବ ହରିଜନ, ଜଗଦୀଶ ଭୋଇ, କଳ୍ପନା ରଣା ସହଯୋଗ କରିଥିଲେ। ଅଧ୍ୟାପକ ହେମନ୍ତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂତନ ପେନ୍‌ସନ ଯୋଜନା ଉଚ୍ଛେଦ କର

ବଲାଙ୍ଗୀର ଅଫିସ,୨୮।୯

**■ପୁରୁଣା ପେନସନ ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ ସଂଘ**

**■ଅକ୍ଟୋବର ୧୫ରେ ବ୍ଲକ, ୨୯ରେ ଜିଲା ସ୍ତରରେ ଘେରାଉ କାର୍ଯ୍ୟକ୍ରମ**

ନୂତନ ପେନସନ ଯୋଜନା ଆମକୁ ହତାଶ କରିଛି। ଏହା ଆମର ସ୍ୱାର୍ଥ ବିରୋଧୀ। ଏଣୁ ଏହାର ଉଚ୍ଛେଦ ସହ ପୁରୁଣା ପେନସନ ବ୍ୟବସ୍ଥାକୁ ଲାଗୁ କରିବା ଆମର ଦାବି। ଏହି ଦାବି ପୂରଣ ନ ହେବା ଯାଏ ଦୁର୍ବାର ଆନ୍ଦୋଳନ କରାଯିବ। ବଲାଙ୍ଗୀର କଲେଜ ଛକଠାରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ଏହିପରି ଚେତବନୀ ଦିଆଯାଇଛି।

ସଂଘର ଜିଲା ସଭାପତି ଶିତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ୧୪ଟି ବ୍ଲକର କର୍ମକର୍ତ୍ତା, ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ଜିଲା କର୍ମକର୍ତ୍ତା, କନିଷ୍ଠ ଶିକ୍ଷକ ସଂଘ ଜିଲା କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ କୁହାଯାଇଥିଲା ଯେ, ୨୦୦୫ ପୂର୍ବରୁ ନିଯୁକ୍ତ ସରକାରୀ କର୍ମଚାରୀ ପେନସନ ପାଇବା ପାଇଁ ହକ୍‌ଦାର। ହେଲେ ହଠାତ୍ ସରକାର ୨୦୦୫ ପରେ ଚାକିରି କରୁଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ନୂତନ ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦୁର୍ଭାଗ୍ୟଜନକ। ଭାରତବର୍ଷର ବିଭିନ୍ନ ରାଜ୍ୟ ଯଥା ରାଜସ୍ଥାନ, ଛତିଶଗଡ, ଝାରଖଣ୍ଡ, ପଞ୍ଜାବ କର୍ମଚାରୀଙ୍କ ଆବେଗକୁ ବିଚାର କରି ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରଣା ପେନସନ ଯୋଜନା ଲାଗୁ କରିଛନ୍ତି। ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନରୁ ବଞ୍ଚିତ କରି ନୂତନ ପେନସନ ଯୋଜନା ପ୍ରଚଳନ ସରକାରଙ୍କ ଏକ ଷଡଯନ୍ତ୍ର। ନୂତନ ପେନସନ ଯୋଜନାରେ ଅବସରପ୍ରାପ୍ତ କର୍ମଚାରୀ ନିଜର ଗଚ୍ଛିତ ଟଙ୍କା ଯୋଗୁଁ ମାତ୍ର ୬୦୦ରୁ ୧୮୦୦ ଟଙ୍କା ପାଇବା କେତେ ଦୂର ଯୁକ୍ତିଯୁକ୍ତ। ସରକାରଙ୍କ ଏଭଳି ସିଦ୍ଧାନ୍ତ ୨୦୦୫ ପରେ ସରକାରୀ କର୍ମଚାରୀଙ୍କୁ ହତୋତ୍ସାହିତ କରିବା ସହିତ ସରକାର ପୁରୁଣା ପେନସନ ନ ଦେଲେ ଆନ୍ଦୋଳନକୁ ଜୋରଦାର ଓ ବ୍ୟାପକ କରାଯିବ । ଜିଲାର ୧୪ ବ୍ଲକରେ ୧୫ ଅକ୍ଟୋବରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଏବଂ ୨୯ ଅକ୍ଟୋବରରେ ଜିଲାସ୍ତରରେ ଜିଲାପାଳଙ୍କ ଜରିଆରେରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ସଭାପତି ପାଣିଗ୍ରାହୀ, ସମ୍ପାଦକ ଚକାନନ୍ଦ କମ୍ପ, କାର୍ଯ୍ୟକାରୀ ସଭାପତି କରୁଣାକର ପଟେଲ, ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ଜୟନ୍ତିଲାଲ ସାହୁ, କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ତ୍ରିପାଠୀ, କନିଷ୍ଠ ଶିକ୍ଷକ ସଂଘ ସଭାପତି ରାୟଦତ୍ତ ବିଶ୍ୱାଳ, ସମ୍ପାଦକ ସଞ୍ଜୀବ ସାହୁ, ଦେବକାନ୍ତ ମେହେର, ଶୁଶିଲ ପୋଢ, ମୋହନ ସାହୁ, ଆଶିଷ ସିଂଭୋଇ, କୋଶରାଜ ବେହେରା ଓ ଅମର ବାଗ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ୬ ବାଇକ୍ ଓ ୨ କାର୍ ଜାଳିଦେଲେ ଦୁର୍ବୃତ୍ତ

**ସିସିଟିଭିରେ କଏଦ ହେଲା ଭିଡିଓ**

ଭବାନୀପାଟଣା,୨୮।୯(ସ୍ୱ.ପ୍ର.)

ମଙ୍ଗଳବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଇରିଗେଶନ କଲୋନୀର ୧୭ ନମ୍ବର ଲେନରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରର ପାର୍କିରେ ପଶି ଦୁର୍ବୃତ୍ତମାନେ ୬ଟି ବାଇକ୍ ଓ ୨ଟି କାରକୁ ଜାଳି ଦେଇଥିବା ଜଣାପଡ଼ିଛି। ଏହା ଜାଣିବା ପରେ ଘର ମାଲିକ ରୋଶନ ପାଣ୍ଡେ ସ୍ଥାନୀୟ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ସଂକ୍ରାନ୍ତରେ ବୁଧବାର ରୋଶନ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇବା ବେଳେ ସିସି ଟିଭିରେ ରେକର୍ଡ ହୋଇଛି। ଏକ ସିସି ଟିଭି କ୍ୟାମେରାକୁ ମଧ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲାପାଳଙ୍କ ଅଫିସ ଆଗରେ ଜନ ଅଧିକାର ମଞ୍ଚର ବିକ୍ଷୋଭ

ଭବାନୀପାଟଣା,୨୮।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ କାରଖାନା ସ୍ଥାପନ ହେବାର ଦୀର୍ଘ ବର୍ଷ ପରେ ବି ସ୍ଥାନୀୟ ପ୍ରଭାବିତ ଲୋକଙ୍କ କୌଣସି ସମସ୍ୟାର ସମାଧାନ ହୋଇନାହିଁ। ଏପରି କି ସ୍ଥାନୀୟ ଅଞ୍ଚଳର ଅଧିବାସୀଙ୍କୁ ବିକାଶର ସ୍ୱପ୍ନ ଦେଖାଇ କମ୍ପାନୀ ଠକି ଦେଇଥିବା ଅଭିଯୋଗ ଆଣିଛି କଳାହାଣ୍ଡି ଜନ ଅଧିକାର ମଞ୍ଚ। ଏହି ପରିପ୍ରେକ୍ଷୀରେ ବୁଧବାର ବେଦାନ୍ତ ବିରୋଧରେ ଜନ ଅଧିକାର ମଞ୍ଚ ପକ୍ଷରୁ ଭବାନୀପାଟଣା କଲେଜ ଛକଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ସେଠାରେ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜନ ଅଧିକାର ମଞ୍ଚର ବିକ୍ଷୋଭ ।

କମ୍ପାନୀ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଜନ ଅଧିକାର ମଞ୍ଚର ସୁରେଶ ମାଝୀ, ମନମୋହନ ନାଏକ, ଅଗସ୍ତି ନାଏକ, ସଞ୍ଜୟ ସୁନାନୀ ପ୍ରମୁଖ ଯୋଗଦେଇ କମ୍ପାନୀର ମିଥ୍ୟା ପ୍ରତିଶ୍ରୁତିକୁ ନେଇଁ ବର୍ଷିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ୧୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବେଦାନ୍ତର ଟ୍ରେନ ଲାଇନ କରିବା ପାଇଁ ଜମି ଓ ଘର ହରାଇଥିବା ବ୍ୟକ୍ତିମାନଙ୍କୁ ଘରଡିହ ଏକର ପ୍ରତି ୩ କୋଟି ଦେବା ,ପିଏପିଧାରୀଙ୍କୁ ବେଦାନ୍ତରେ ସ୍ଥାୟୀ ନିଯୁକ୍ତି ଦେବା ଆଦି ଉଲ୍ଲେଖ ରହିଛି।

# ବେଲଗାଁ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

ନୂଆପଡ଼ା ଅଫିସ,୨୮।୯

ନୂଆପଡା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁସ୍ଥିତ ଚାରିଛକ ଗଜଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେଶବ ଚରଣ ମାଝି ସଭାପତିତ୍ୱ କରିଥିଲେ। ସର୍ବସମ୍ମତିକ୍ରମେ ନୂତନ ପୂଜା କମିଟି ଗଠନ କରାଯାଇଥିଲା। ସଭାପତି ଲଛମନ ଶଗରିଆ, ଉପସଭାପତି ଜୟଧର ସଲମା, ସମ୍ପାଦକ ବହିତରାମ କରୁଆ, ସହସମ୍ପାଦକ ଭିକରାମ ଖର୍ସେଲ, କୋଷାଧ୍ୟକ୍ଷଭାବେ ଗୌତମ ବାଗଙ୍କୁ ମନୋନୀତ କରାଯାଇଛି। କରୋନା କଟକଣା ହଟିବା ପରେ ଚଳିତବର୍ଷ ପୂଜାକୁ ଧୂମଧାମର ସହ ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ହରେରାମ କରୁଆ, କ୍ଷିରସିନ୍ଧୁ ଭୋଇ, ପରମେଶ୍ୱର ଭୋଇ, ନରହରି ଶଗରିଆ, ପ୍ରମୁଖ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

# ସ୍କୁଲସ୍ତରୀୟ ଫୁଟବଲ: ଯୋଗୀସର୍ଡା ଚାମ୍ପିୟନ

ଲୋଇସିଂହା,୨୮।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ମିନିଷ୍ଟାଡିୟମରେ ସ୍କୁଲସ୍ତରୀୟ ଫୁଟବଲ ପ୍ରତିଯୋଗୀତା-୨୨ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ହରେକୃଷ୍ଣ ମହତାବ ଓ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସୀତ ରହିଥିଲା । ଟାଇବ୍ରେକର ୩-୨ ଗୋଲରେ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଦଳ ବିଜୟୀ ହୋଇଥିଲା। ଯୋଗୀସର୍ଡା ଚାମ୍ପିୟନ ହୋଇଥିବାବେଳେ ଲୋଇସିଂହା ରନର୍ସ ଅପ ହୋଇଛି। ପ୍ରତିଯୋଗୀତାରେ ୧୫ଟି ସ୍କୁଲ ଅଂଶଗ୍ରହଣ କରିଥିଲା। ଆୟୋଜକ ସ୍କୁଲ କ୍ରୀଡା ଶିକ୍ଷକ ତଥା ବ୍ଲକ କ୍ରୀଡା ଶିକ୍ଷକ ସଂଘ ସମ୍ପାଦକ ଶ୍ୟାମସୁନ୍ଦର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗୀତାକୁ ସୁରେଶ ନାଏକ, ଜ୍ୟୋତି ମହାଲିଙ୍ଗ, କରୁଣା କର୍ତ୍ତି ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲ ପ୍ରଧାନଶିକ୍ଷକ କପିଳେଶ୍ୱର କୁମ୍ଭାର ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଯୋଗୀସର୍ଡା ଦଳର ଖେଳାଳିମାନେ।

# ବିଡିଓଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

କୋକସରା,୨୮।୯(ଡି.ଏନ.ଏ.)

ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବାକୁ ଦାବି କରି ବୁଧବାର କଳାହାଣ୍ଡି ଜିଲା କୋକସରା ବ୍ଲକର ତୁନଗାଁ ଗ୍ରାମବାସୀ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ଏହି ବ୍ଲକର କନ୍ଦାବୁଟୁରା ପଞ୍ଚାୟତର କନ୍ଦାବୁଟୁରା ଓ ତୁନଗାଁ ଗ୍ରାମବାସୀଙ୍କ ମଧ୍ୟରେ ୬ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନକୁ ନେଇ ବିବାଦ ଲାଗିରହିଛି। କାଶିବାହଲ ପଞ୍ଚାୟତରୁ ଅଲଗା ହୋଇ କନ୍ଦାବୁଟୁରା ଏକ ସ୍ୱତନ୍ତ୍ର ପଞ୍ଚାୟତ ହୋଇଥିଲା। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟ କନ୍ଦାବୁଟୁରା ଓ ତୁନଗାଁ ଗ୍ରାମର ଉପକଣ୍ଠରେ ହେବା ପାଇଁ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିଲା। ହେଲେ ତାକୁ ପରବର୍ତ୍ତୀ ସମୟରେ ଅଣଦେଖା କରି



ପଞ୍ଚାୟତ ଗୃହ କାର୍ଯ୍ୟ ସ୍ଥଗିତ ରଖିବାକୁ ବିଡ଼ିଓଙ୍କୁ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

କନ୍ଦାବୁଟୁରା ଗ୍ରାମବାସୀ ଏହି କାର୍ଯ୍ୟାଳୟ କନ୍ଦାବୁଟୁରାରେ ନିର୍ମାଣ କରିଛନ୍ତି। ତାହା ଏବେ ଅଧାପନ୍ତରିଆ ରହିଛି। ଏହାକୁ ବିରୋଧ କରି ବିଭିନ୍ନ ସମୟରେ ତୁନଗାଁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଫଳସ୍ୱରୂପ ପଞ୍ଚାୟତ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ତେବେ

**ପଞ୍ଚାୟତ ଗୃହ କାର୍ଯ୍ୟ ସ୍ଥଗିତ ରଖିବାକୁ ଦାବି**

କନ୍ଦାବୁଟୁରାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେଉଥିବା ଦେଖି କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ତୁନଗାଁ ଗ୍ରାମର ପ୍ରେମଲାଲ ଶବର, ବନମାଳୀ ପାଣିଗ୍ରାହୀ, ପରାସର ବେମାଲ, କିଶୋର ଶବର, ଚନ୍ଦ୍ର ଶବର, ସୋମନାଥ ଶବର, ସୁରେନ୍ଦ୍ର ଶବର, ରଏନୁ ପାଣିଗ୍ରାହୀ, ପରମା ଶବରଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ଥିବା ଦାବିପତ୍ର କୋକସରା ବିଡ଼ିଓ ଉତ୍ତମ କୁମାର ବାଗଙ୍କୁ ପ୍ରଦାନ କରାଯାଇଛି। ଏନେଇ ବିଡ଼ିଓ ବାଗଙ୍କୁ ପଚାରିବାରେ ତଦନ୍ତ କରିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

**ଘଣ୍ଟାଶିଣୀ ପୀଠ ରାସ୍ତା ସଫେଇ କଲେ ଯୁବଗୋଷ୍ଠୀ**

ବିନିକା (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହର ନିକଟରେ ଥିବା ମା ଘଣ୍ଟାଶିଣୀ ପୀଠ ରାସ୍ତାକୁ ନୂଆଁପାଲି ଘଣ୍ଟାଶିଣୀ ଯୁବକ ସଂଘ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଁପାଲି ଗ୍ରାମ୍ୟ କମିଟି ସଭାପତି ଅଜିତ ଦାଶ, ଅରୁଣ ପଣ୍ଡା, ମା ଘଣ୍ଟାଶିଣୀ ଯୁବକ ସଂଘ ସଭାପତି ଦୀପକ ବେହେରା, ସମ୍ପାଦକ ଉପେନ୍ଦ୍ର ଭୁଏ, ସଦସ୍ୟ ଜଗନ୍ନାଥ ଭୁଏ, ହିତୁ ଭୁଏ, ତାପସ ନାୟକ, ଅନନ୍ତ ଭୁଏ, କରୁଣା ଭୁଏ, ଭିବି ଭୁଏ, ସୁମନ୍ତ ଖଣ୍ଡାୟତ, ସଙ୍ଗୀତ ଭୁଏ, ଜୟରାମ ମଲ୍ଲିକ, ବରୁଣ ଭୁଏ, ପଳିତ ବାହୁକ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

ସୋନପୁର,୨୮।୯(ନି.ପ୍ର.): ସୋନପୁର ଥାନା ଛେପାପାଲି ନୂଆବସ୍ତିର ପ୍ରଦୀପ ମେହେରଙ୍କ ସ୍ତ୍ରୀ ହେମଲତା(୨୭) ବୁଧବାର ପୋଖରିରେ ବୁଡି ଯାଇ ମୃତ୍ୟୁ ଘଟିଛି। ହେମଲତା ସକାଳେ ହରଡଖୋଲ ପୋଖରିକୁ ଗାଧୋଇବାକୁ ଯାଇଥିଲେ। ପାଦ ଖସି ଯିବାରୁ ସେ ପାଣି ଭିତରେ ବୁଡି ଯାଇଥିଲେ। ସୂଚନା ପାଇ ସୋନପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପାଣିରେ ଖୋଜାଖୋଜି କରିଥିଲେ। ଶେଷରେ ମହିଳାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା । ଏ ସମ୍ପର୍କରେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ମୃତ ମହିଳାଙ୍କ ୧୧ ବର୍ଷର ପୁଅ ଓ ୪ ବର୍ଷର ଝିଅ ଥିବା ଜଣାପଡିଛି ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଝାରବନ୍ଧ, ୨୮।୯(ଡି.ଏନ.ଏ.): ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଆମ୍ ଆଦ୍‌ମୀ ପାର୍ଟି ସଂଯୋଜକ ବାଲ୍ମିକୀ ନାଏକଙ୍କ ନେତୃତ୍ୱରେ ଶନିବାର ବଜାର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆବାହକ ଭବାନୀ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଅଭିନାଶ ବାଗ, ପୋଲସ୍ତ୍ୟ ସାହୁ, ଭଗବାନ ବେହେରା, ଧନିରାମ ନାଏକ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାର ବ୍ୟତିକ୍ରମ ବିଷୟରେ ଆଲୋକପାତ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ବ୍ଲକକୁ ଯାଇ ବିଡ଼ିଓ ସୁନୀଲ ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଘୋଷିତ ବିଦ୍ୟୁତ୍ କାଟ, ଲୋ ଭୋଲଟେଜ ସମସ୍ୟା ଓ ଦୁଇ ଶହ ୟୁନିଟ ବିଜୁଳି ବିଲ୍ ଛାଡ଼ ପ୍ରମୁଖ ଦାବି କରାଯାଇଥିଲା।

### ବ୍ଲକସ୍ତରୀୟ ଯାଦବ ସମାଜ ବୈଠକ

ଜାମଟିକ୍ରା, ୨୮।୯(ଡି.ଏନ.ଏ.): ଅତାବିରା ଏନ୍ଏସି ଅଧୀନ ରେଙ୍ଗାଲିକ୍ୟାମ୍ପ ଛକରେ ବ୍ଲକସ୍ତରୀୟ ଯାଦବ ସମାଜର ଏକ ବୈଠକ ବ୍ଲକ ସଭାପତି ଅର୍ଜୁନ ଦୀପଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ନୂତନ ଯାଦବ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ବ୍ଲକ ଯାଦବ ସମାଜର ସଭାପତି ପୂର୍ଣ୍ଣଚନ୍ଦ୍ର ସାଲମା, ସମ୍ପାଦକ ସୁରେନ୍ଦ୍ର କଠାର, ସହ ସମ୍ପାଦକ ଶୁକ୍ରୁ ଭୋଇ, କୋଷାଧ୍ୟକ୍ଷ ମୋହନ କଠାରଙ୍କୁ ମନୋନିତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଅର୍ଜୁନ ଦୀପ, ମାଲିକ ମହାକୁର, ସନ୍ତୋଷ ଭୋଇ, ପଦ୍ମଲୋଚନ ପୋଢ, ବ୍ଲକ କମିଟିର ସଦସ୍ୟ ଭାବେ ଦେବଦତ୍ତ ତାଣ୍ଡି, ସୁରେନ୍ଦ୍ର ପୋଢ, ତୀର୍ଥବାସୀ ପୋଢ ମନୋନିତ ହୋଇଛନ୍ତି ।

# ଶାସନର କିଣାବିକା ଦେଶକୁ ବିପଦ

ବରଗଡ଼ ଅଫିସ୍,୨୮।୯

ଆଜି ମଧ୍ୟ ଆମ ଦେଶରେ ଗଣତନ୍ତ୍ର ସୁଦୃଢ଼ ହୋଇପାରିନାହିଁ। ଦେଶରେ ଜନତନ୍ତ୍ର ଉପରେ ଧନତନ୍ତ୍ରର କବ୍‌ଜା ଅଛି। ଦେଶରେ କେବଳ ଅର୍ଥବଳରେ କାର୍ଯ୍ୟ ଚାଲିଛି। ପଇସାରେ କେବଳ ଶାସନର କିଣାବିକା ଚାଲିଛି । ତାହା ଦେଶ ତଥା ଭବିଷ୍ୟତ ପାଇଁ ବିପଦ ହୋଇଛି। ଶାସକ ଅର୍ଥ ବଳରେ ଶାସନକୁ ଆସୁଛି। ଅନ୍ୟାୟ, ଅନୀତି କରୁଛି। ଜନତା ଅର୍ଥ ନେଇ ଭୋଟ ବିକ୍ରି କରି ସେହି ଅନ୍ୟାୟ ବିରୁଦ୍ଧରେ ନେତାଙ୍କୁ ପ୍ରଶ୍ନ ପଚାରିବାର ସତ୍‌ସାହସ ହରାଇଛି। ଦେଶର ଶାସନ ପୁଞ୍ଜିପତିଙ୍କ କବଳରେ କବଳିତ ହୋଇପଡ଼ିଛି ବୋଲି ମଙ୍ଗଳବାର ସନ୍ଧ୍ୟାରେ ବରଗଡ଼ ସୌଖୀନ କଳାକାର ସଂଘରେ ସମାଜବାଦୀ ଜନନାୟକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଭାରତୀୟ ଲୋକତନ୍ତ୍ରର ସାମ୍ପ୍ରତିକ ସଙ୍କଟ ଏବଂ ଜନ ଆନ୍ଦୋଳନମାନଙ୍କ ଭୂମିକା ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ବିଶିଷ୍ଟ ସମାଜବାଦୀ ନେତା ତଥା ସ୍ୱରାଜ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଆନ୍ଦୋଳନର ପ୍ରତିଷ୍ଠାତା ସଭାପତି ପ୍ରଫେସର ଆନନ୍ଦ କୁମାର କହିଛନ୍ତି।

କିଶନ ପଟ୍ଟନାୟକ ସମତା ଟ୍ରଷ୍ଟ, ସମତା ଭବନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁମାର ଆହୁରି କହିଥିଲେ, ଯେଉଁ ଦେଶରେ ଶ୍ରମ କରି ଦୁଇମୁଠା ଖାଇବା ପାଇଁ କମ୍ ଦରମାରେ କାମ କରିବାକୁ ଲୋକେ ରାଜ୍ୟ ରାଜ୍ୟ ବୁଲୁଛନ୍ତି, ସେହି ଦେଶରେ ସତ୍ତା ପାଇବା ପାଇଁ ହଜାର ହଜାର ଟଙ୍କାରେ ଭୋଟ୍ କିଣାଯାଉଛି। ଯୋଡ଼ିବା ବଦଳରେ ସମାଜକୁ ଭାଗ ଭାଗ କରି ବାଣ୍ଟିବାର ପ୍ରାବଲ୍ୟ ବଢ଼ିଯାଇଛି। ପୂର୍ବ ନିର୍ବାଚନ ଗୁଡ଼ିକରେ ସଙ୍କୋଚତା ପାଇଁ ପ୍ରତିଯୋଗିତା ଚାଲିଥିବାବେଳେ ବର୍ତ୍ତମାନ କଳାଧନର ପୁଞ୍ଜି ବଢ଼ାଇବା ପାଇଁ ପ୍ରତିଯୋଗିତା ଚାଲିଛି। ଯାହାକି ଆମ ଗଣତନ୍ତ୍ରକୁ ଧୀରେ ଧୀରେ ତଳକୁ ନେଉଛି। ଆଜି ରାଜନେତା ଏବଂ ଶାସନରେ ଥିବା ଶାସକଙ୍କ ଧନତନ୍ତ୍ର ବିଭେଦ ସୃଷ୍ଟି ଓ ଭ୍ରଷ୍ଟାଚାର ମୂଳମନ୍ତ୍ର ପାଳିଟିଛି ବୋଲି କୁମାର କହିଥିଲେ। ପ୍ରଧାନମନ୍ତ୍ରୀ ନିଜ ମନ୍ କି ବାତ୍ ଲୋକଙ୍କୁ କହୁଛନ୍ତି। କିନ୍ତୁ ଲୋକଙ୍କ ମନ୍ କି ବାତ୍ ସେ କେବେ ଶୁଣିବେନି। ଆଜି ଦେଶରେ ଚାଷୀ, କ୍ଷୁଦ୍ର ବେପାରୀ, ଶ୍ରମିକ, ଯୁବକ ସମସ୍ତେ ହତୋତ୍ସାହିତ ହୋଇ ବସିଛନ୍ତି। ସମୟ ଆସୁଛି, ନିଜର ମନ୍ କି ବାତ୍ କହି ଲୋକଙ୍କୁ ଭୂଆଁ ବୁଲାଉଥିବା ପ୍ରଧାନମନ୍ତ୍ରୀଙ୍କୁ ମନ୍ କି ବାତ୍ କହି ଲୋକେ ୨୦୨୪ରେ ଗାଦିଚ୍ୟୁତ କରିବେ ବୋଲି ସେ କହିଥିଲେ।

ଯେଉଁମାନେ ଜନନାୟକ ଥାଆନ୍ତି, ସେମାନେ ଜନତାଙ୍କ ପାଇଁ ସ୍ୱପ୍ନ ଦେଖି ସେହି ପିଢ଼ି ପାଇଁ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ମଧ୍ୟରୁ କିଶନ ବାବୁ ଥିଲେ ଜଣେ। ଏହି ଶତାବ୍ଦୀର ଜଣେ ଶ୍ରେଷ୍ଠ ଜନନାୟକ ଭାବେ କିଶନ ବାବୁ ସତ୍ତା ଓ ସିଦ୍ଧାନ୍ତର ଲଢ଼େଇରେ ସିଦ୍ଧାନ୍ତକୁ ବାଛି ନେଇ ମୂଳ କଳୁଷିତ ରାଜନୀତିକ ପୃଷ୍ଠଭୂମିରୁ ନିଜକୁ ଦୂରେଇ ରଖିଥିବା ଯୋଗୁ ଆଜି ସେ ସମସ୍ତଙ୍କ ପୂଜ୍ୟ ଓ ନମସ୍ୟ ହୋଇ ପାରିଛନ୍ତି ବୋଲି କୁମାର କହିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାଷୀନେତା ତଥା ଟ୍ରଷ୍ଟ ସଭାପତି ଲିଙ୍ଗରାଜ ସ୍ୱାଗତ ଭାଷଣ ଏବଂ ଅରୁଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ ସାମନ୍ତରାଙ୍କ ପୁସ୍ତକ 'ଆମ ଭବିଷ୍ୟତ, କେତେ ସୁରକ୍ଷିତ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ନାଟକ 'ଚାଷୀର ଦଶା' ମଞ୍ଚସ୍ଥ ହୋଇଥିଲା।

## ବୁରୋମୁଣ୍ଡାରେ ବିଜ୍ଞାନ, ଗଣିତ ମେଳା



କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବରପାଲି,୨୮।୯(ଡି.ଏନ.ଏ.)

ବରପାଲି ବ୍ଲକ ବୁରୋମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ବରପାଲି ବିଇଓ ମୁକୁନ୍ଦ ମାହାର ମୁଖ୍ୟଅତିଥି, ପାଟକୁଲୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶୁତୋଷ ରଥ ଓ ଆଞ୍ଚଳିକ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସାହେପାଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜ୍ଞାନ ମେଳା ଯୋଗୁ ଜ୍ଞାନ ବିଜ୍ଞାନର ଉନ୍ନତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମେଳାରେ ୪୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସିନିୟର ଗ୍ରୁପ୍‌ରେ ଟିଙ୍କୁ ପଧାନ ପ୍ରଥମ, ସାଇନା ପଧାନ ଦ୍ୱିତୀୟ ଓ ସୁଜାତା ଲୁହା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ଗ୍ରୁପ୍‌ରେ ସୋହାନା ସାହୁ ପ୍ରଥମ, ଆର୍ଯ୍ୟନ ପଧାନ ଦ୍ୱିତୀୟ ଓ ଟିକେଶ୍ୱରୀ ପଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ମୋରାରଜୀ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷୟିତ୍ରୀ ଚମ୍ପାବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନିମାଇଁ ପଧାନ ଏବଂ ସ୍କୁଲ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଡାକ୍ତର ନିଯୁକ୍ତି ଦାବିରେ ଆନ୍ଦୋଳନ




ଡାକ୍ତର ନିଯୁକ୍ତି ଦାବିରେ ସରକଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଆନ୍ଦୋଳନ ।

ବରଗଡ଼ ଅଫିସ୍/ସୋହେଲା,୨୮।୯

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ନେଇ ଆନ୍ଦୋଳନ ତେଜି ଉଠିଛି। ଡାକ୍ତର ନିଯୁକ୍ତି ଦାବିରେ ସ୍ଥାନୀୟ ଲୋକେ ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ସ୍ୱସ୍ତିକ ସାହୁ ସେଠାକୁ ପହଞ୍ଚି ଡାକ୍ତର ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ସରକଣ୍ଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ୨ଜଣ ଡାକ୍ତର ଅବସ୍ଥାପିତ ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ କୁଦୋପାଲି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟ ଜଣଙ୍କୁ ସୋହେଲା ଡାକ୍ତରଖାନାକୁ ଡେପୁଟେଶନରେ ପଠାଯାଇଛି। ଫଳରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୂନ୍ୟ ହୋଇପଡ଼ିଛି ଏବଂ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିଲା। ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଖବର ପାଇ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ସାହୁ ସେଠାକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାସହିତ ଲୋକଙ୍କ ଦାବି ଉପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶଙ୍କ ସହିତ ସେ ଫୋନ୍ ଯୋଗେ ଆଲୋଚନା କରିଥିଲେ। ମେଡ଼ିକାଲ ଅଫିସର, ଲାବୋରେଟୋରି ଟେକ୍ନିସିଆନ ନିଯୁକ୍ତି, ଡା. ସଞ୍ଜୀବ କୁମାର ଦାଶଙ୍କ ଡେପୁଟେଶନ ବାତିଲ କରିବା ଏବଂ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମନୋଜ କୁମାର କଳେତ, ସତ୍ୟ ମେହେର, ସୁରେନ୍ଦ୍ର ମେହେର, କୀର୍ତ୍ତି ସାହୁ, ମହେଶ ବାରିକ, ଗଜେନ୍ଦ୍ର ସାହୁ, ଶିରୋମଣି ହିଆଲ, ହିମାଂଶୁ କୁଦେଇ, ପ୍ରଦୀପ ଷାଣ୍ଡ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଫୁଟ୍‌ବଲ: ଖରମୁଣ୍ଡା, ସୋହେଲା ବିଜୟୀ

ସୋହେଲା,୨୮।୯(ଡି.ଏନ.ଏ.): ସୋହେଲା ଦୁର୍ଗାପୂଜା ଅବସରରେ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତାର ଦିତୀୟ ଦିବସରେ ବରଗାଁ ଏବଂ ଖରମୁଣ୍ଡା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଖରମୁଣ୍ଡା ବରଗାଁ ଦଳକୁ ୩-୦ ଗୋଲରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ବୁଧବାର ତୃତୀୟ ଦିବସରେ ସୋହେଲା ଏବଂ ସିମନଷ୍ଟାର ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ କରିବାକୁ ସକ୍ଷମ ନ ହେବାରୁ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ସୋହେଲା ୫-୪ ଗୋଲରେ ବିଜୟୀ ହୋଇଥିଲେ ।

## ଜିଲାସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା

ସୋନପୁର, ୨୮।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ଟିଇ ଆଣ୍ଡ ଏସସିଇଆରଟି ଭୁବନେଶ୍ୱରଙ୍କ ସହଯୋଗରେ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇଙ୍କ ଅଧ୍ୟକ୍ଷତାରେ ମା'ସୁରେଶ୍ୱରୀ ଓ ଗଣେଷଙ୍କ ପୂଜାର୍ଚ୍ଚନା ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସମଲେଇଚୁଆଁ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ପ୍ରତି ବ୍ଲକରୁ ଚିହ୍ନଟ ହୋଇଥିବା ୬ଟି ଦଳ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ଏକାଡେମୀ କୋଟସମଲାଇ ଉଚ୍ଚବିଦ୍ୟାଳୟର ମଞ୍ଚସ୍ଥ ନାଟକ ମ୍ୟାନ ଇଜ ଅନନୋନ ବିଇଙ୍ଗ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ହିସାବରେ ପୁରସ୍କୃତ ହୋଇଥିଲା। କୋଟସମଲାଇ ଉଚ୍ଚ ବିଦ୍ୟାଳୟର ଦଳ ପରବର୍ତ୍ତୀ ଜୋନାଲ ଲେଭେଲରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛି। କାର୍ଯ୍ୟକ୍ରମରେ ଆଇନଜୀବୀ ତଥା ବରିଷ୍ଠ ନାଟ୍ୟକାର ଅବକାଶ ମିଶ୍ର ଓ ନାଟ୍ୟଚକ୍ରର ନିର୍ଦ୍ଦେଶକ ମନୋଜ ବାରିକ ବିଚାରକଭାବେ ଯୋଗଦେଇଥିଲେ। ସାହାରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।




ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ଫୁଟବଲ ଖେଳାଳି ଚୟନ ଶିବିର

ଅମରପାଲି,୨୮।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ୧୭ବର୍ଷରୁ କମ୍ ବର୍ଗ ଛାତ୍ରୀଛାତ୍ରଙ୍କ ଫୁଟବଲ ଖେଳାଳି ଚୟନ ଶିବିର ସୁବଳୟା ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସର୍ଣ୍ଣଲତା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଶାରୀରିକ କ୍ରୀଡା ନୀରିକ୍ଷକ ଦୁର୍ଯ୍ୟୋଧନ ରାଉତ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ସୁବଳୟା ସମିତି ସଭ୍ୟ ଲିଲି ମେହେର, ସଂଗ୍ରାମପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ଭାବେ ଯୋଗ ଦେଇଥିଲେ। ୧୭ବର୍ଷରୁ କମ୍ ବାଳିକା ବାଳକ ବର୍ଗରୁ ୨୨ଜଣ ଲେଖାଏ ଖେଳାଳି ଚୟନ କରାଯାଇଛି। ସେମାନେ ଜିଲାସ୍ତରୀୟ ଫୁଟବଲ ଚୟନ ଶିବିରରେ ଯୋଗଦେବେ। ଖେଳଶିକ୍ଷକ ପ୍ରଦୀପ ମହାନନ୍ଦ, ବ୍ରଜଗୋପାଳ ମହାପାତ୍ର, ଉପେନ୍ଦ୍ର ସାହୁ, ରଞ୍ଜିତ ପ୍ରଧାନ ଓ କହ୍ନେଇ ଚରଣ ପ୍ରଧାନ ଖେଳାଳି ଚୟନ କରିଥିଲେ।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଅମରପାଲି,୨୮।୯(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି ସେକ୍ଟର ପରିଦର୍ଶିକା ଶ୍ରଦ୍ଧାଞ୍ଜଳି ପଣ୍ଡା ସଭାପତିତ୍ୱ କରିଥିଲେ। ସରପଞ୍ଚ ଶ୍ରୀୟା କର୍ମୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ପରିଦର୍ଶିକା ବ୍ରଜେଶ୍ୱରି ପାତ୍ର, ଅଙ୍ଗନୱାଡ଼ି କର୍ମୀ ପ୍ରଭାତୀ ବେହେରା, ନମିତା ପୁରୋହିତ, ଶିତଲା ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ମନ ମୋହୁଛି ରାବଣ ଦରବାର

ବିନିକା, ୨୮।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଆୟୋଜିତ ହୋଇଛି ରାବଣ ଦରବାର। ରାବଣ ଦରବାରରେ ଉଦ୍‌ଘାଟନ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ବିଡିଓ ବ୍ୟାସଦେବ ବେହେରା, ଏନଏସି ଇଓ ଶ୍ରୀକୁମାର ରଥ, ଆଇଆଇସି ପବିତ୍ର ସାହୁ, କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାସ। ସାଂସ୍କୃତିକ ଆବାହକ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ନାଟ୍ୟାଭିନୟରେ ଶିବଧନୁ ଭଗ୍ନ, ସୀତା ବିବାହ ମଞ୍ଚସ୍ଥ ହୋଇଥିଲା। ରାବଣ ଭୂମିକାରେ ଗୋପାଳ ପଣ୍ଡା, ରାମ ଭୂମିକାରେ ପାର୍ଥ ଭାଟିଙ୍କ ଚିତାକର୍ଷକ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ସମ୍ବଲପୁରୀ ଡ୍ୟାନ୍ସ କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର ରାବଣ ଦରବାରର ଦ୍ୱିତୀୟ ଦିବସରେ ରାମ ବନବାସ ଦୃଶ୍ୟ ଅଭିନୀତ ହୋଇଥିଲା। ଏହାକୁ ଦେଖିବା ପାଇଁ ବିପୁଳ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ରାଜଅତିଥି ଭାବେ ଦିଲୀପ କୁମାର ଅଗ୍ରୱାଲା, ଜୁନାପଡା ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଉମ୍ବରୁଧର ମେହେର ଦଣ୍ଡଶନା ପଡା ଦୁର୍ଗା ପୂଜା କମିଟି ସଭାପତି ହୃଷିକେଶ ଦଣ୍ଡସେନା, ଗୋକୁଳାଷ୍ଟାମୀ ପୂଜା କମିଟି ସଭାପତି ପ୍ରସନ୍ନ ଦାସ, ବେଲପଡା ଦୁର୍ଗାପୂଜା କମିଟି ସଭାପତି ଆର୍ତ୍ତ ନାଏକ, ଗାନ୍ଧିପଡ଼ା ଗଣେଶ ପୂଜା କମିଟି ସଭାପତି କୈଳାସ ଚନ୍ଦ୍ର ଗଣ୍ଡ, ଗଜପତି ନଗର ଦୁର୍ଗାପୂଜା କମିଟି ସଭାପତି ସୁଦାମ ମହାନନ୍ଦ, ଗଡଭିତର କାଳୀପୂଜା କମିଟି ସଭାପତି ଭୁବନେଶ୍ୱର ପାତ୍ର, ଗୁଲାପଡା ଦୁର୍ଗାପୂଜା କମିଟି ସଭାପତି ଶରଣ ପାତ୍ର ଗୁଲାପଡା ମା ମଙ୍ଗଳା ପୂଜା କମିଟି ସଭାପତି କୃଷ୍ଣ ପ୍ରସାଦ ସେବକ ଯୋଗ ଦେଇଥଲେ।



ବୁଧବାର ଅନୁଷ୍ଠିତ ରାବଣ ଦରବାର।

# ମହାନଦୀରେ ଛଡ଼ାଗଲା ମାଛ ଯାଆଁଳ

ସୋନପୁର,୨୮।୯(ନି.ପ୍ର)

### ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ଚିନ୍ତା

ମହାନଦୀ ଗର୍ଭରେ ଡିନାମାଇଟ୍ ଦ୍ୱାରା ବେଆଇନଭାବେ ବ୍ଲାଷ୍ଟିଂ କରି ମାଛ ମାରିବା ଦ୍ୱାରା ମାଛ ବଂଶ ଲୋପ ପାଇବାରେ ଲାଗିଛି। ସେହିପରି ଶିଳ୍ପାନୁଷ୍ଠାନ ଓ ସହରର ବର୍ଜ୍ୟବସ୍ତୁ ଛଡାଯିବା କାରଣରୁ ନଦୀରେ ଜୈବବିବିଧତା ହ୍ରାସ ପାଉଛି । ଏହାର ପ୍ରଭାବ ନଦୀକୂଳରେ ବସବାସ କରୁଥିବା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ପଡୁଛି। ତେଣୁ ମହାନଦୀରେ ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ନିମନ୍ତେ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡଙ୍କ ସହଯୋଗରେ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଜିଲାର ମହାନଦୀରେ ୧୦ଲକ୍ଷ ଉନ୍ନତ ମାଛ ଯାଆଁଳ ଛାଡିବା କାର୍ଯ୍ୟକ୍ରମ ରହିଛି। ସୋନପୁର ରାମେଶ୍ୱର ଘାଟରେ ପ୍ରଥମ ପର୍ଯ୍ୟାୟରେ ୪ଲକ୍ଷ ମାଛ ଯାଆଁଳ ଛଡାଯାଇଛି । ପର୍ଯ୍ୟାୟ କ୍ରମେ ଉଲୁଣ୍ଡାର ନିମ୍ନା, ବୀରମହାରାଜପୁର ଓ ବିନିକା ସହର ପାପକ୍ଷୟଘାଟ ସ୍ଥିତ ରହିଲାଠାରେ ମହାନଦୀ ମୁଖ୍ୟସ୍ରୋତରେ ଉନ୍ନତମାନର ଭାକୁର, ରୋହି, ମିରିକାଳି, ଗ୍ରାସ କ୍ରାପ ଓ କଳାବଇଁଶୀ ଯାଆଁଳ ଛଡାଯିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ କହିଛନ୍ତି । ସୋନପୁର ରାମେଶ୍ୱରଘାଟ ଓ ତେନ୍ତୁଳିଘାଟରେ ମାଛ ଜାଆଁଳ ଛାଡିବା କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଦାସ, ବିନିକା ସହକାରୀ ମତ୍ସ୍ୟ ଅଧିକାରୀ ସ୍ନିଗ୍ଧାରାଣୀ କହଁର, ସୋନପୁର ସହକାରୀ ମତ୍ସ୍ୟ ଅଧିକାରୀ ଡୁଙ୍ଗୁରୁ ନନ୍ଦ, ଶଶିକାନ୍ତ ଦାସ, ପ୍ରତାପ ମେହେର, ଜିତେନ୍ଦ୍ର ପୃଷ୍ଟି ଓ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମତ୍ସ୍ୟଜୀବୀ ସାମିଲ ହୋଇଥିଲେ। ପରେ ସର୍କିଟ୍ ହାଉସଠାରେ ମତ୍ସ୍ୟଚାଷୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲେ। ମହାନଦୀ ସୁବର୍ଣ୍ଣପୁର ଜିଲାବାସୀଙ୍କ ପାଇଁ ପ୍ରକୃତିର ବରଦାନ ସଦୃଶ। ନଦୀ ନାଳ ପରିବେଷ୍ଟିତ ଏହି ଜିଲାରେ ମତ୍ସ୍ୟ ଚାଷ ପାଇଁ ଭଲ ସୁଯୋଗ ରହିଥିବା ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ନଦୀରେ ମତ୍ସ୍ୟ ବଂଶ ବୃଦ୍ଧି ପାଇଁ ମତ୍ସ୍ୟ ବିଭାଗର ଏଭଳି ପ୍ରୟାସକୁ ଜିଲାର ମତ୍ସ୍ୟଜୀବୀ ପ୍ରଶଂସା କରିଛନ୍ତି ।



ମହାନଦୀର ରାମେଶ୍ୱର ଘାଟରେ ମାଛ ଯାଆଁଳ ଛଡାଯାଉଛି ।

## ଖମ୍ଭେଶ୍ୱରପାଲି: ଛଡ଼ାଗଲା ୨ଲକ୍ଷ ମାଛ ଜାଆଁଳ

ଅମରପାଲି, ୨୮।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଖମ୍ଭେଶ୍ୱରୀପାଲି ମହାନଦୀ ଘାଟରେ ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟ ଉତ୍ପାଦ ବୃଦ୍ଧି ଉଦ୍ଦେଶ୍ୟରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ୨ଲକ୍ଷ ଉନ୍ନତ (ଇଣ୍ଡିଆନ ମେଜର କାର୍ପ) ମାଛ ଜାଆଁଳ ଛଡାଯାଇଛି। ଏହି ଅବସରରେ ଖମ୍ଭେଶ୍ୱରୀପାଲିଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବିଭାଗ ପକ୍ଷରୁ ମତ୍ସ୍ୟଚାଷୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ସହ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯିବା, ବୀରମହାରାଜପୁର ବ୍ଲକ ପାଇଁ ସହକାରୀ ମତ୍ସ୍ୟ ଅଧିକାରୀ ନିଯୁକ୍ତି ସହ ମତ୍ସ୍ୟଚାଷୀଙ୍କୁ ଚିହ୍ନଟ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ସରପଞ୍ଚ କର୍ମୀ ଦାବି କରିଥିଲେ। ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରତାପ ମେହେର, କନିଷ୍ଠ ବୈଷୟିକ ମତ୍ସ୍ୟ ସହାୟକ ଶଶିକାନ୍ତ ଦାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚରଣ ସାହୁ, ଯୋଗାଣ ସହାୟକ ଦେବେନ୍ଦ୍ର ପଣ୍ଡା, ୱାର୍ଡସଭ୍ୟ ଧରିତ୍ରୀ ବାଘ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମର ମତ୍ସ୍ୟଜୀବୀମାନେ ଜାଆଁଳ ମହାନଦୀରେ ଛାଡିବାରେ ସହଯୋଗ କରିଥିଲେ ।



ଖମ୍ଭେଶ୍ୱରୀପାଲି ନିକଟ ମହାନଦୀ ଘାଟରେ ମାଛ ଯାଆଁଳ ଛଡା ଯାଉଛି।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୨୯ ସେପ୍ଟେମ୍ବର, ୨୦୨୨



# ଆଗକୁ ପୁଣି ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୨୮।୯**

ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚପୁନଃସ୍ଥାପନ ଦାବି ପୁଣି ଥରେ ଉଷ୍ମତା ଆଣି ଦେଇଛି। ଜିଲା ଓକିଲ ସଂଘ ପକ୍ଷରୁ ବୁଧବାର ମିଳିତ ଜରୁରୀ ବୈଠକ ଡକାଯିବା ପରେ ପୁଣି ଥରେ ହାଇକୋର୍ଟ ବେଞ୍ଚ ପୁନଃସ୍ଥାପନ ଆନ୍ଦୋଳନ ଦାବି ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଛି। ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ସିଭିଲ କୋର୍ଟ ବାର ହଲଠାରେ ଜିଲାର ବିଭିନ୍ନ ସାମାଜିକ ଓ ରାଜନୈତିକ ସଙ୍ଗଠନ ମାନଙ୍କୁ ନେଇ ଏକ ମିଳିତ ବୈଠକ ଡକାଯାଇଥିଲା। ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀଙ୍କ ଆବାହକତ୍ୱରେ ତଥା ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଳିତ ବୈଠକରେ ଜିଲାର ବିଭିନ୍ନ ସାମାଜିକ, ରାଜନୈତିକ, ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡିକର ପ୍ରତିନିଧି, କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ହାଇକୋର୍ଟ ବେଞ୍ଚ ପୁନଃସ୍ଥାପନ ଦାବିକୁ ତୃଣମୂଳସ୍ତରରୁ ସୁଦୃଢ଼ କରାଯିବାକୁ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଭାଜପା ନେତା ଶଶୀଭୂଷଣ ପୁରୋହିତ, ଜିଲା ଓକିଲ ସଂଘ ପୂର୍ବତନ ସଭାପତି ତଥା ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ମଞ୍ଚାସୀନ ହୋଇ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ଆଦିବାସୀ ସଂଘ କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ମିଶ୍ର, ଭାଜପା ନେତ୍ରୀ ରଞ୍ଜିତା ପାଣିଗ୍ରାହୀ, ନାଗରିକ କମିଟି ସଭାପତି ବେଲାର ସିଂ ଭୋଇ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା, କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଟ୍ୟାକ୍ସ ବାର ଆସୋସିଏସନ ସଭାପତି ଚିତ୍ତରଞ୍ଜନ ଦାଶ, ସମ୍ପାଦକ ମହେନ୍ଦ୍ର ଅଗ୍ରୱାଲ, ଜିଲା ଓକିଲ ସଂଘ ପୂର୍ବତନ ସମ୍ପାଦକ ଅମନ ନାଗ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ସପକ୍ଷରେ ମତ ଉପସ୍ଥାପନ କରିଥିଲେ । ଆନ୍ଦୋଳନକୁ ଆହୁରି ଜୋରଦାର କରିବା ପାଇଁ ପ୍ରତ୍ୟେକ ମାସ ତୃତୀୟ ଗୁରୁବାର ଜିଲାପାଳ ଅଫିସ, କୋର୍ଟ କଚେରି, ବ୍ୟାଙ୍କ ବୀମା କାର୍ଯ୍ୟାଳୟ ଆଦି ବନ୍ଦ କରିବା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଭିନ୍ନ ସ୍ୱେଚ୍ଛାସେବୀ ଓ ରାଜନୈତିକ ସଙ୍ଗଠନ କର୍ମକର୍ତ୍ତାଙ୍କ ସମେତ ଜିଲା ଓକିଲ ସଂଘର ବହୁ ସଦସ୍ୟ ଯୋଗଦାନ କରିଥିଲେ। ଜିଲା ଓକିଲ ସଂଘ ସମ୍ପାଦକ ଅଧିକାରୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଜିଲା ଓକିଲ ସଂଘ କର୍ମକର୍ତ୍ତା।

**ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପୁନଃ ସ୍ଥାପନ ପ୍ରସଙ୍ଗ**

- ଜିଲା ଓକିଲ ସଂଘ ପକ୍ଷରୁ ମିଳିତ ବୈଠକ
- ପ୍ରତ୍ୟେକ ମାସ ତୃତୀୟ ଗୁରୁବାର ଜିଲାପାଳ ଅଫିସ ବନ୍ଦ ନିଷ୍ପତ୍ତି

## ଦାବିପୂରଣ ହେଲାନି, ୧ରୁ ଉଠାଦୋକାନୀଙ୍କ ଅନଶନ

**ବଲାଙ୍ଗୀର ଅଫିସ,୨୮।୯**

ରାସ୍ତାକଡରେ ଦୋକାନ ଲଗାଇ ପରିବାର ପ୍ରତିପୋଷଣ କରୁଥିବା ଉଠାଦୋକାନୀମାନେ ଜିଲା ପ୍ରଶାସନକୁ ବିଭିନ୍ନ ଦାବି ସମ୍ପର୍କରେ ଜଣାଇଥିଲେ। ଗତ ଅଗଷ୍ଟ ୧୨ରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ୬୨ଜଣ ଉଠାଦୋକାନୀ ଆନ୍ଦୋଳନରେ ବସିଥିଲେ। ଅଗଷ୍ଟ ୧୩ରେ ପୌର ପ୍ରଶାସନ ପକ୍ଷରୁ ଉଠାଦୋକାନୀଙ୍କ ସହ ଆଲୋଚନା ହୋଇଥିଲା। ସେମାନଙ୍କ ଦାବିପୂରଣ ନେଇ ପ୍ରତିଶ୍ରୁତି ଦିଆଯିବାରୁ ଉଠାଦୋକାନୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ତେବେ ୪୬ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବିପୂରଣ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ପୁଣି ଥରେ ବାଧ୍ୟହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାଇଛନ୍ତି। ଉଠା ଦୋକାନୀମାନେ ଆସନ୍ତା ଅକ୍ଟୋବର ୧ରୁ ଗାନ୍ଧୀନଗର ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ପରିବାର ସଦସ୍ୟଙ୍କ ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଲିଖିତ ଜଣାଇଛନ୍ତି। ଉଠାଦୋକାନୀମାନେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଜିଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା ସୂଚନା ଦେଇଛନ୍ତି। ଦୀର୍ଘ ୪ ମାସ ହେଲା ଉଠା ଦୋକାନୀଙ୍କୁ ରାସ୍ତାକଡରୁ ଉଠାଇ ଦିଆଯାଇଥିଲା। ଏହାର ପ୍ରତିବାଦରେ ଆଗାମୀ ୧ରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଉଠାଦୋକାନୀ ଶରତ ଚନ୍ଦ୍ର ଜୟସ୍ୱାଲ, ଶିବ ସାହୁ, ଅମର କର, ବନମାଳୀ ମେହେର, ଅନିଲ ଲାଲୱାନି, ନାରାୟଣ ରାଉତ, ସୟଦ ଅଫ୍ରୋଜ ଅଲ୍ଲି, ଶୈକ ବୈରୁଦ୍ଦିନ ଲିଖିତ ଜଣାଇଥିବା ସୂଚନା ଦେଇଛନ୍ତି।

## ମିଳିନି ୪ମାସର ଭତ୍ତା

**ଲାଠୋର, ୨୮।୯(ଡି.ଏନ.ଏ.)**

ବ୍ୟାଙ୍କ ପାସ୍‌ବହିରେ ଭତ୍ତା ଟଙ୍କା ପ୍ରତି ମାସ ଜମାରେ କରିବା ବ୍ୟବସ୍ଥା କରାଯାଇଛି। ସେହି ଅନୁସାରେ ବୃଦ୍ଧା, ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ବ୍ୟାଙ୍କ ଜରିଆରେ ଭତ୍ତା ପ୍ରଦାନ କରାଯାଉଛି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା, ବେନ୍ଦେର ଏବଂ କୁଇମୁଡ଼ା ଗ୍ରାମର କେତେକ ହିତାଧିକାରୀ ଗତ ମେ ମାସରୁ ଭତ୍ତା ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ହିତାଧିକାରୀମାନେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ୍ କରି ଭତ୍ତା ପ୍ରଦାନ ପାଇଁ ଅନୁରୋଧ କଲେ ବ୍ୟାଙ୍କ ମାଧ୍ୟମରେ ମିଳିବ କହୁଛନ୍ତି। ବ୍ୟାଙ୍କକୁ ଗଲେ ଟଙ୍କା ଜମା ହୋଇନାହିଁ କହି ହିତାଧିକାରୀଙ୍କୁ ଫେରାଇ ଦିଆଯାଉଛି। ହିତାଧିକାରୀ ବାରମ୍ବାର ପଞ୍ଚାୟତରୁ ବ୍ୟାଙ୍କ ଦୌଡି ନୟାନ୍ତ ହୋଇ ପଡ଼ିଲେଣି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କୁ ପଚାରିବାରେ ହିତାଧିକାରୀଙ୍କ ବ୍ୟାଙ୍କ ଜମା ପାସ୍‌ବହିରେ ଠିକଠାକ ଟଙ୍କା ଜମା ହେଉଛି। କେତେକ ବ୍ୟାଙ୍କ କର୍ମଚାରୀ ଏମାନଙ୍କ ଜମା ପାସ୍‌ବହିକୁ ଯାଞ୍ଚ ନକରି ଟଙ୍କା ଜମା ହୋଇ ନାହିଁ କହି ଫେରାଇ ଦେଉଛନ୍ତି। ଯଥାଶୀଘ୍ର ବ୍ୟାଙ୍କମାନଙ୍କୁ ଚିଠି କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଥିଲେ।

## ସମିତି ସଭ୍ୟାଙ୍କ ପରଲୋକ

**ଗୋଲାମୁଣ୍ଡା,୨୮।୯(ଡି.ଏନ.ଏ.)**



କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କୁହୁରା ପଞ୍ଚାୟତର ସମିତି ସଭ୍ୟା ମାଧୁରୀ ସୁନାନୀ(୫୫)ଙ୍କ ବୁଧବାର ଆକସ୍ମିକ ପରଲୋକ ହୋଇଯାଇଛି। ମଙ୍ଗଳବାର ହଠାତ୍ ତାଙ୍କ ଦେହ ଖରାପ ହେବାରୁ ପ୍ରଥମେ ସ୍ଥାନୀୟ ଚପ୍ରିଆ ପ୍ରାଥମିକ ଚିକିତ୍ସାଳୟ ଓ ପରେ ଭବାନୀପାଟଣା ଜିଲା ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ହେବାରୁ ବରଗଡ ସ୍ଥିତ ବିକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ଟଙ୍କଧର ମୁଖାଗ୍ନି ଦେଇଥିଲେ। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନିଜେ କାନ୍ଧ ଦେଇଥିବା ବେଳେ କୁହୁରା ସରପଞ୍ଚ ପିଙ୍କି ତାଣ୍ଡି, ଉଦେଶୃଙ୍ଗ ପଞ୍ଚାୟତ ସମିତି ସଭ୍ୟ ଚୈତନ୍ୟ ମାଝି, ମହେନ୍ଦ୍ର ମଙ୍ଗରାଜ,ଦିନେଶ ପାନକା ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭ୍ୟାଙ୍କ ଅକାଳ ବିୟୋଗରେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଜିଲା ପରିଷଦ ସଭାପତି ପୁଷ୍ପେନ୍ଦୁ ସିଂଦେଓ, ବିଡିଓ ଶ୍ରୀଧର ପଣ୍ଡା, ବିଜେଡିର ବରିଷ୍ଠ ସଂଗଠକ ଦିନେଶ ବରଗ୍ରେ, ସରପଞ୍ଚ ସଂଘ ବ୍ଲକ ସଭାପତି ପୁରୁଷୋତ୍ତମ ରାଉତ,ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ କୁମାର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

## ଧାନକ୍ଷେତ୍ର ପରିଦର୍ଶନ କଲେ କୃଷି ବୈଜ୍ଞାନିକ

**ଲୋଇସିଂହା,୨୮।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଗଲାପାଲି ଓ ଝାରମୁଣ୍ଡା ପଞ୍ଚାୟତ ସଦର ଗାଁରେ ହୋଇଥିବା ନୂତନ କିସମର ପରୀକ୍ଷାମୂଳକ ଧାନ କ୍ଷେତ୍ରକୁ ଓଡିଶା ଏବଂ ହାଇଦ୍ରାବାଦର ଏକ କୃଷି ବୈଜ୍ଞାନିକ ଟିମ୍ ବୁଧବାର ପରିଦର୍ଶନ କରିଥିଲେ। ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ଏବଂ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଅଗଲାପାଲି ଏବଂ ଝାରମୁଣ୍ଡାର କେତେକ ଅଗ୍ରଣୀ ଚାଷୀଙ୍କ ଜମିରେ ୭୩ କିସମର ଧାନ ବିହନ ଅବଧି, ବନ୍ୟା ଏବଂ ମରୁଡି ସହଣୀ, ପୃଷ୍ଟିଯୁକ୍ତ ଓ ସୁଗନ୍ଧିତ ଧାନ ପରୀକ୍ଷାମୂଳକ ଭାବେ ଚାଷ କରାଯାଇଛି । ବୁଧବାର ଓଡିଶା ଏବଂ ହାଇଦ୍ରାବାଦର ଡ.ବିକାଶ ସିଂ, ପଲ୍ଲବି ଶର୍ମା, ଉମାମହେଶ୍ୱରୀ ସିଂ, ଏସ.କେ.ମୁସରଫ ହୋସିଏନ, ଚାଲ୍ଲା ଭେଙ୍କ୍ଟ, ଇରିର କ୍ଷେତ୍ର ଅଧିକାରୀ ଦିଲୀପ କୁମାର ରାଉତ ପ୍ରମୁଖ ପରଦର୍ଶନ କରିଥିଲେ। ସ୍ଥାନୀୟ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଚାଷୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ଏହା ସଫଳ ହୋଇ ଚାଷୀଙ୍କ ପାଇଁ ଉପଲବ୍ଧ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ କୃଷି ବୈଜ୍ଞାନିକ ଟିମ।



ଅଗଲାପାଲିର କ୍ଷେତ୍ର ପରିଦର୍ଶନ ଅବସରରେ କୃଷି ବୈଜ୍ଞାନିକ।

## ୪୮ ବର୍ଷରେ ପଦାର୍ପଣ କଲା କର୍ଲାମୁଣ୍ଡା ଦୁର୍ଗାପୂଜା

**କର୍ଲାମୁଣ୍ଡା,୨୮।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଦୁର୍ଗାପୂଜା ଚଳିତବର୍ଷ ୪୮ ବର୍ଷରେ ପଦାର୍ପଣ କରିଛି। କର୍ଲାମୁଣ୍ଡା ବ୍ଲକ ସଦର ଦୁର୍ଗାମଣ୍ଡପଠାରେ ରବିବାର ଠାରୁ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ନବରାତ୍ର ଆରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟପୂଜକ ଭାବେ ପଣ୍ଡିତ ନୃସିଂହ ଚରଣ ଦାଶ ଦାୟିତ୍ୱ ତୁଲାଉଛନ୍ତି। ଯଜ୍ଞ କର୍ତ୍ତା ଭାବେ ସତ୍ୟନାରାୟଣ ସାହୁ ଓ ତାଙ୍କ ସ୍ତ୍ରୀ ସୈରେନ୍ଦ୍ରୀ ସାହୁ ରହିଛନ୍ତି। ପୂଜାର ସୁପରିଚାଳନା ପାଇଁ ପୂଜା କମିଟିର ସଭାପତି ଭାବେ ଦେବେନ୍ଦ୍ର ସାହୁ,ଉପ ସଭାପତି ଡୋଳାମଣି ଭୋଇ,ସମ୍ପାଦକ ଚନ୍ଦ୍ରଭାନୁ ସାହୁ,ସହ ସମ୍ପାଦକ ହେମ ସାଗର ସାହୁ,କୋଷାଧ୍ୟକ୍ଷ କୁଞ୍ଜ ସାହୁ ଓ ଉପଦେଷ୍ଟା ଭାବେ ଶେଷ ଦେବ ସାହୁ ରହିଛନ୍ତି। ଆସନ୍ତା ୬ ତାରିଖରେ ଭସାଣି ଯାତ୍ରା ହେବ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ, ଏହି ମଣ୍ଡପରେ ୧୯୭୪ ମସିହାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା।

## କ୍ୟାନ୍ସର ରୋଗୀଙ୍କ ଫେକ୍ ଆକାଉଣ୍ଟ ଖୋଲି ଟଙ୍କା ହଡ଼ପ

**ବଲାଙ୍ଗୀର ଅଫିସ,୨୯।୯**

- କ୍ୟାନ୍ସର ରୋଗୀଙ୍କୁ ସହାୟତା ପାଇଁ ସ୍ୱେଚ୍ଛାସେବୀ କରିଥିଲେ ଅପିଲ
- କଳାହାଣ୍ଡି ଜିଲାର ଜଣେ ସାଇବର ଠକ ଖୋଲିଛନ୍ତି ଫେକ୍ ଆକାଉଣ୍ଟ
- ଅଭିଯୋଗ ପରେ ବି ପୋଲିସର କାର୍ଯ୍ୟାନୁଷ୍ଠାନ ନାହିଁ

ଜଣେ କ୍ୟାନସର ରୋଗୀଙ୍କୁ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ପଡୁଥିବାରୁ ସ୍ୱେଚ୍ଛାସେବୀ ବନ୍ଧୁମାନେ ସୋସିଆଲ ମିଡିଆରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ। ଏହାକୁ ମୌକା ଭାବି ଜଣେ ସାଇବର ଠକ ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି ଅର୍ଥ ଠକେଇ ଉଦ୍ୟମ କରିଥିବା ବଲାଙ୍ଗୀର ସାଇବର ଥାନାରେ ଅଭିଯୋଗ ହୋଇଛି। ବଲାଙ୍ଗୀରର ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ କର୍ତ୍ତବ୍ୟ ଫାଉଣ୍ଡେସନ୍‌ର ଜଣେ ସକ୍ରିୟ ସ୍ୱେଚ୍ଛାସେବୀ ରାଜା ଜାଲ କ୍ୟାନସରରେ ପୀଡିତ ଥିବା କିଛିଦିନ ତଳେ ଜଣାପଡିଥିଲା। ତାଙ୍କ ଚିକିତ୍ସା ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଆବଶ୍ୟକ କରୁଥିବା ଏକ ଘରୋଇ ହସ୍ପିଟାଲ ସୂତ୍ରରୁ ଜଣାପଡିବା ପରେ ତାଙ୍କ ସାଙ୍ଗସାଥୀମାନେ ଆର୍ଥିକ ସହାୟତା ପାଇଁ ଉଦ୍ୟମ କରିଥିଲେ। କେତେକ ବନ୍ଧୁ ରାଜା ଜାଲଙ୍କ ଫଟୋ, ବ୍ୟାଙ୍କ ଆକାଉଣ୍ଟ, ଆଏଫ୍‌ଏସସି କୋର୍ଡ, ଫୋନ୍ ପେ ନମ୍ବର ସୋସଆଲ ମିଡିଆରେ ଉଲ୍ଲେଖ କରି ଜନସାଧାରଣଙ୍କୁ ଆର୍ଥିକ ସହାୟତା ପାଇଁ ଅପିଲ କରିଥିଲେ। ରାଜାଙ୍କ ମାତା ବଲାଙ୍ଗୀର ଡେଲିମାର୍କେଟ ପରିବା ବ୍ୟବସାୟୀଙ୍କୁ ଭେଟି ସହାୟତା ମାଗିଥିଲେ। କେତେକ ପୀଡିତ ରାଜାଙ୍କ ଚିକିତ୍ସା ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ଅର୍ଥଦାନ କରୁଥିବା ଦେଖାଯାଇଥିଲା। ଲୋକେ ରାଜାଙ୍କୁ କେତେ ଟଙ୍କା ଦେଲେ ସେ ସମ୍ପର୍କରେ ସୋସସିଆଲ ମିଡିଆରେ ସ୍ୱେଚ୍ଛାସେବୀମାନେ ସୂଚନା ଦେଉଥିଲେ। ସୋସିଆଲ ମିଡିଆରେ ଏହାକୁ ଫଲୋ କରି କଳାହାଣ୍ଡି ଜିଲା କୋକସରାର ସମ୍ଭାନ୍ତ କୁମାର ମୁଣ୍ଡ ଓରଫ୍ ନିକୁ ନାମକ ଜଣେ ଯୁବକ ସୋସିଆଲ ମିଡିଆର ରାଜା ଜାଲଙ୍କ ସମ୍ପର୍କିତ ପୋଷ୍ଟକୁ ଏଡିଟ୍ କରି ସେହି ସ୍ଥାନରେ ନିଜର ବ୍ୟାଙ୍କ ଆକାଉଣ୍ଟ, ଆଇଏଫ୍‌ଏସସି କୋର୍ଟ ଓ ଫୋନ୍ ପେ ନମ୍ବର ଦେଇ ନେହା ପଣ୍ଡା ନାମରେ ଏକ ଫେକ୍ ଆକାଉଣ୍ଟ ଖୋଲି ଅର୍ଥ ଠକେଇ କରୁଥିବା ଜଣାପଡିଥିଲା। ଏହା ଜାଣିବା ପରେ ମଙ୍ଗଳବାର ରାତିରେ କର୍ତ୍ତବ୍ୟ ଫାଉଣ୍ଡେସନ୍‌ର କାହ୍ନା ଶତପଥୀ ଓ ଅନ୍ୟମାନେ ବଲାଙ୍ଗୀର ସାଇବର ଥାନାକୁ ଯାଇ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଘଟଣାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବୁଧବାର ଫାଉଣ୍ଡେସନ୍ ସଦ୍ୟମାନେ ଅଭିଯୋଗ କରିଛନ୍ତି। କ୍ୟାନସର ରୋଗୀଙ୍କ ଚିକିତ୍ସା ପାଇଁ ସୋସିଆଲ ମିଡିଆରେ ଲୋକଙ୍କ ଠାରୁ ସହାୟତା ମାଗିବାର ମହତ ଉଦ୍ଦେଶ୍ୟ ରଖିଥିବାବେଳେ ଜଣେ ସାଇବର ଠକ ଏହାକୁ ମୌକା ଭାବି ଅର୍ଥ ଠକେଇ କରିଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।


Bank of India BOI

ବ୍ୟାଙ୍କ ଅଫ୍ ଇଣ୍ଡିଆ

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ
ଷ୍ଟାର୍ ହାଉସ୍, ୧/୧ଡି, ଜୟଦେବ ବିହାର,
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍: ୦୬୭୪-୨୩୬୨୨୫୧/୨୩୬୨୨୪୬,
ଇ-ମେଲ୍: zo.bhubaneswar@bankofindia.co.in

**ବର୍ତ୍ତମାନର ଅଫିସ୍ ଗୃହ ଉପରେ ୩ୟ ମହଲା ନିର୍ମାଣ (ଇଣ୍ଟେରିଅର, ଇଲେକ୍ଟ୍ରିକାଲ ଏବଂ ଡାଟା କେବଲିଙ୍ଗ୍, ଏସି ସ୍ଥାପନା) ନିମନ୍ତେ ଆର୍କିଟେକ୍ଟ ନିଯୁକ୍ତି**

ନୟାପଲ୍ଲୀ, ଭୁବନେଶ୍ୱରରେ ଥିବା ଅଫିସ୍ ଗୃହ ଉପରେ ୩ୟ ମହଲା ନିର୍ମାଣ ପାଇଁ ଆର୍କିଟେକ୍ଟ ପରାମର୍ଶଦାତା ନିଯୁକ୍ତି / ପ୍ରାକ୍ ଯୋଗ୍ୟତା ନିମନ୍ତେ ଆବେଦନ ପତ୍ର ଆହ୍ୱାନର ସବିଶେଷ ବିଜ୍ଞପ୍ତି ଆମର ୱେବସାଇଟ୍ www.bankofindia.co.inରେ ଉପଲବ୍ଧ। ପ୍ରସ୍ତାବ ଦାଖଲ ପାଇଁ ଧାର୍ଯ୍ୟ ଫର୍ମାଟ ଉପରୋକ୍ତ କାର୍ଯ୍ୟାଳୟ ଠିକଣାରେ ତା.୧୮.୧୦.୨୦୨୨ରିଖ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ଟ.୧,୦୦୦/- (ଦରଖାସ୍ତ ଫି) ଦାଖଲ କରି ପାଇପାରିବେ । ବିକଳ୍ପ ଭାବେ ଉକ୍ତ ଫର୍ମାଟ ଆମ ୱେବସାଇଟ୍‌ରୁ ମଧ୍ୟ ଡାଉନ୍‌ଲୋଡ କରିପାରିବେ। ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ଅଞ୍ଚଳ ଠାରେ ପ୍ରସ୍ତାବ ଦାଖଲ କରିବାର ଅନ୍ତିମ ତାରିଖ: ୧୮.୧୦.୨୦୨୨ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା।

ଆଞ୍ଚଳିକ ପ୍ରବନ୍ଧକ



## ବିଜ୍ଞପ୍ତି

ପ୍ରାପ୍ତେଷୁ

**ଶ୍ରୀ କେଶବ ଚନ୍ଦ୍ର ମହାରଣା,ବୈଷୟିକ ସହାୟକ**
**ସହାୟକ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ,**
**ଭବାନୀପାଟଣା, ଜିଲ୍ଲା-କଳାହାଣ୍ଡି ।**
**ସ୍ଥାୟୀ ଠିକଣା:ଗ୍ରାମ-ଗମହାଡିଆ, ପୋଷ୍ଟ-ବକ୍ସିବଜାର, ଜିଲ୍ଲା-କଟକ**

**No.PP-39:**ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଆପଣ ଆସନ୍ତା ତା.୧୦.୧୦.୨୦୨୨ ରିଖ ଦିବା ୧୧.୩୦ ସମୟରେ ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ସତ୍ୟନଗର, ଭୁବନେଶ୍ୱରଙ୍କ ନିକଟରେ ଉପସ୍ଥିତ ହୋଇ ସ୍ମାରକ ପତ୍ର ନଂ.୩୮୫୦/ବୟନ ତାରିଖ ୨୬.୦୫.୨୦୨୨ ର ପ୍ରାପ୍ତ ସ୍ୱୀକାର ରସିଦକୁ ଫେରସ୍ତ କରିବେ ଏବଂ ଏହାକୁ ଉପଯୁକ୍ତ ସମୟରେ ଫେରସ୍ତ ନ କରିବା ସମ୍ବନ୍ଧରେ ନିଜ ପକ୍ଷ ଉପସ୍ଥାପନ କରିବେ ।

ଉପରୋକ୍ତ ନିର୍ଦ୍ଧାରିତ ସମୟାନୁଯାୟୀ ଉପସ୍ଥିତିରେ ବିଫଳ ହେଲେ ଆପଣଙ୍କୁ ପଳାତକ ହିସାବରେ ଧରି ନିଆଯିବ ଏବଂ ଆପଣଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏକତରଫାଭାବେ ଫଇସଲା କରାଯିବ ।

**ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା**

OIPR-31001/11/0006/2223



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**No.A-549: TEL BASIN, BHAWANIPATNA**
**"e" PROCUREMENT NOTICE NO.- CE&BM,TEL, 04/2022-23**

| | | | |
|---|---|---|---|
| 1 | Name of Work:- | Construction of FPE on Tel left from Gaterkela to Tel Bridge from RD 0.00 M To 6000 M | |
| 2 | Total Number of Works:- | 1 No | |
| 3 | Value of work:- | Rs 1269.56 Lakhs (excluding G.S.T.) | |
| 4 | Period of completion:- | 18 (Eighteen) Calendar months | |
| 5 | Other details as follows. | | |
| Procurement Officer/ Name & address of the officer inviting Bids. | Bid Identification No. | Date & Time of availability of Bid document in the Portal. | |
| Chief Engineer & Basin Manager, Tel Basin, Bhawanipatna | **CE&BM, TEL, 04/2022-23** | From Dt.30.09.2022 10.00 hours | To Dt.20.10.2022 to 17.30 hours |

Further details can be seen from the Govt. website www.tendersorissa.gov.in.

**Sd./- Chief Engineer & Basin Manager, Tel Basin, Bhawanipatna**
**OIPR-32317/11/0005/2223**



| କ୍ର.ନଂ. | ସର୍ଭେ/ ପ୍ଲଟ ନଂ. | ସରକାରୀ/ ବେସରକାରୀ | ଜମିର କିସମ | ଅଧିଗ୍ରହଣ (ହେକ୍ଟର) | ଜମିର ମାଲିକ |
|---|---|---|---|---|---|
| ୯୯ | ୧୧୩ | ବେସରକାରୀ | ଘରବାରି | ୦.୦୦୮୯ | ସୁଜାତା ପାତ୍ର, ସ୍ୱା:ଲଳିତ ମୋହନ ପାତ୍ର, ହରେକୃଷ୍ଣ ପାତ୍ର, ପି:ଲଳିତ ମୋହନ ପାତ୍ର, ଜା:ଖଡୁରା, ବା:ଝାରସୁଗୁଡା, ୧୧୩ |
| ୧୦୦ | ୧୧୪ | ବେସରକାରୀ | ଘରବାରି | ୦.୦୧୨୫ | ବୁଦ୍ଧି ଘାସି, ପି:ସହଦେବ ଘାସି, ଜା:ଘାସି, ବା:ନିଜଗାଁ ୧୧୪ |
| ୧୦୧ | ୧୧୫ | ବେସରକାରୀ | ଘରବାରି | ୦.୦୩୧୫ | ରମେଶ କୁମାର ସୋନି, ପି:କିସନ ଲାଲ ସୋନି, ଜା:ପଞ୍ଜାବୀ, ବା:ଝାରସୁଗୁଡା ୧୧୫ |
| ୧୦୨ | ୧୧୭ | ବେସରକାରୀ | ଆଟ ସାଧାରଣ | ୦.୦୧୧୭ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ସତ୍ରୀ ବା:ଝାରସୁଗୁଡା ୧୧୭ |
| ୧୦୩ | ୧୧୭/ ୨୫୪୬ | ବେସରକାରୀ | ଆଟ ସାଧାରଣ | ୦.୦୧ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ସତ୍ରୀ ବା:ଝାରସୁଗୁଡା ୧୧୭/୨୫୪୬ |
| ୧୦୪ | ୧୭୬୦ | ବେସରକାରୀ | ଆଟ ସାଧାରଣ | ୦.୦୧ | ଲଳିତ ପଟେଲ, ପି:ଶୁବନାଥ ପଟେଲ, ଜା:ମାଳି, ବା:ନିଜଗାଁ ୧୭୬୦ |
| ୧୦୫ | ୧୭୬୭ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ମାୟାରାମ ସାହୁ, ଗୁରୁଚରଣ ସାହୁ, ପ:ନାନକୁ ସାହୁ, ସୁନ୍ଦରଲାଲ ସାହୁ, ବଂଶିଲାଲ ସାହୁ, ପି:ଦୟାରାମ ସାହୁ, ଆଶା ସାହୁ, ସ୍ୱା:ଶିବ ନାରାୟଣ ସାହୁ, ବିଜୟ କୁମାର ସାହୁ, ଅଜୟ କୁମାର ସାହୁ, ହେମନ୍ତ କୁମାର ସାହୁ, ପି:ଶିବ ନାରାୟଣ ସାହୁ, ଶାନ୍ତିଲତା ସାହୁ, ସ୍ୱା:ରାମ ପ୍ରସାଦ ସାହୁ, ନୀଳକାନ୍ତ ସାହୁ, ପି: ରାମ ପ୍ରସାଦ ସାହୁ, ରାଜକୁମାରୀ ସାହୁ, ସ୍ୱା:ସଞ୍ଜୟ କୁମାର ସାହୁ, ସାହିଲ ସାହୁ, ପି:ସଞ୍ଜୟ କୁମାର ସାହୁ, ଜା:ତେଲି, ବା:ସମାସିଂହା ୧୭୬୭ |
| ୧୦୬ | ୧୮୫୭ | ବେସରକାରୀ | ଘରବାରି | ୦.୦୦୪ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୧୮୫୭ |
| ୧୦୭ | ୧୮୬୦ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୧୮୬୦ |
| ୧୦୮ | ୧୮୭୮ | ବେସରକାରୀ | ଆଟ ସାଧାରଣ | ୦.୦୨ | ମାୟାରାମ ସାହୁ, ଗୁରୁଚରଣ ସାହୁ, ପି:ନାନକୁ ସାହୁ, ସୁନ୍ଦରଲାଲ ସାହୁ, ବଂଶିଲାଲ ସାହୁ, ପି:ଦୟାରାମ ସାହୁ, ଆଶା ସାହୁ, ସ୍ୱା:ଶିବ ନାରାୟଣ ସାହୁ, ବିଜୟ କୁମାର ସାହୁ, ଅଜୟ କୁମାର ସାହୁ, ହେମନ୍ତ କୁମାର ସାହୁ, ପି:ଶିବ ନାରାୟଣ ସାହୁ, ଶାନ୍ତିଲତା ସାହୁ, ସ୍ୱା:ରାମ ପ୍ରସାଦ ସାହୁ, ନୀଳକାନ୍ତ ସାହୁ, ପି: ରାମ ପ୍ରସାଦ ସାହୁ, ରାଜକୁମାରୀ ସାହୁ, ସ୍ୱା:ସଞ୍ଜୟ କୁମାର ସାହୁ, ସାହିଲ ସାହୁ, ପି:ସଞ୍ଜୟ କୁମାର ସାହୁ, ଜା:ତେଲି, ବା:ସମାସିଂହା ୧୮୭୮ |
| ୧୦୯ | ୨୦୦ | ବେସରକାରୀ | ଆଟ ସାଧାରଣ | ୦.୦୦୯୩ | ଗିରଶ ଚନ୍ଦ୍ର ପାଣ୍ଡେ, ହେମାଦ୍ରୀ ପାଣ୍ଡେ, ଦବ୍ୟଲୋଚନ ପାଣ୍ଡେ, ତେଜରାଜ ପାଣ୍ଡେ, ପି: ନରୋତ୍ତମ ପାଣ୍ଡେ, ଜା:ଅଘରିଆ, ବା:ପୂର୍ଣ୍ଣା ୨୦୦ |
| ୧୧୦ | ୨୦୨ | ବେସରକାରୀ | ଆଟ ସାଧାରଣ | ୦.୦୨୮୭ | ଭବାନୀ ପଟେଲ, ସ୍ୱା:ଘନଶ୍ୟାମ ପଟେଲ, ଜା:ମାଳି, ବା:ଦଲକି ୨୦୨ |
| ୧୧୧ | ୨୦୩୨ | ବେସରକାରୀ | ଜଙ୍ଗଲ | ୦.୦୨୩ | ରାମଚନ୍ଦ୍ର ମାହାର, ପୁରୁଷୋତ୍ତମ ମାହାର, ପି:କଳିଆ ମାହାର, ଜା:ଗଉଡ, ବା: ନିଜଗାଁ (ବୁଚାମୁଣ୍ଡା ପଡା) ୨୦୩୨ |
| ୧୧୨ | ୨୦୮ | ବେସରକାରୀ | ଆଟ ସାଧାରଣ | ୦.୦୩୮ | ଦୈତାରି ପଟେଲ, ଦିନବନ୍ଧୁ ପଟେଲ, ବୁନ୍ଦେ ପଟେଲ, ନିସପୁରି ପଟେଲ, କାଦୋ ପଟେଲ, ପି:ଦଶରଥ ପଟେଲ, ବୁଇ ପଟେଲ, ପଚ୍ଚାଙ୍ଗି ପଟେଲ, ରାଏମତି ପଟେଲ, ପି:ଲତାବନ ପଟେଲ, ଜା:ମାଳି, ବା:ନିଜଗାଁ ୨୦୮ |
| ୧୧୩ | ୨୨୮ | ବେସରକାରୀ | ଆଟ ସାଧାରଣ | ୦.୦୨ | ଯୁଧିଷ୍ଠିର ଝଙ୍କାର, ଇନ୍ଦୁ ନାୟକ, କଳା ଭୋଇ, ପିତା:ଖେଦୁ ଝଙ୍କାର, ଜାତି: ଗୋଣ୍ଡ, ଗ୍ରାମ:ନିଜଗାଁ ୨୨୮ |
| ୧୧୪ | ୨୨୯/ ୨୨୩୫ | ବେସରକାରୀ | ଆଟ ସାଧାରଣ | ୦.୦୧୪୫ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୨୨୯/୨୨୩୫ |
| ୧୧୫ | ୨୩୦ | ବେସରକାରୀ | ଆଟ ସାଧାରଣ | ୦.୦୧୪୫ | ଖେଦୁ ଝାଙ୍କର, ପି:ମାଦ୍ରୀ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୦ |
| ୧୧୬ | ୨୩୮ | ବେସରକାରୀ | ଆଟ ସାଧାରଣ | ୦.୦୧୬ | ଯୁଧିଷ୍ଠିର ଝାଙ୍କର, ଇନ୍ଦୁ ନାଏକ, କଳ ଭୋଇ, ପି:ଖେଦୁ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୮ |
| ୧୧୭ | ୨୩୯ | ବେସରକାରୀ | ଆଟ ସାଧାରଣ | ୦.୦୨୪ | ଯୁଧିଷ୍ଠିର ଝାଙ୍କର, ଇନ୍ଦୁ ନାଏକ, କଳ ଭୋଇ, ପି:ଖେଦୁ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୯ |
| ୧୧୮ | ୨୪୪ | ବେସରକାରୀ | ଆଟ ସାଧାରଣ | ୦..୦୧୮ | ଅଶୋକ କୁମାର ସିଂହ, ପି:ଜାନେଶ୍ୱର ସିଂହ, ଜା:ରାଜପୁତ, ବା:କାଳୀ ମନ୍ଦିର ରୋଡ, ଝାରସୁଗୁଡା ୨୪୪ |
| ୧୧୯ | ୨୪୫ | ବେସରକାରୀ | ଆଟ ସାଧାରଣ | ୦.୦୧୮୬ | ଅଶୋକ କୁମାର ସିଂହ, ପି:ଜାନେଶ୍ୱର ସିଂହ, ଜା:ରାଜପୁତ, ବା:କାଳୀ ମନ୍ଦିର ରୋଡ, ଝାରସୁଗୁଡା ୨୪୫ |
| ୧୨୦ | ୨୫୨ | ବେସରକାରୀ | ଆଟ ସାଧାରଣ | ୦.୦୨୧୮ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୨୫୨ |
| ୧୨୧ | ୨୫୩ | ବେସରକାରୀ | ଆଟ ସାଧାରଣ | ୦.୦୧୨୫ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ଛତ୍ରି, ବା:ଝାରସୁଗୁଡା ୨୫୩ |
| ୧୨୨ | ୨୫୪ | ବେସରକାରୀ | ଆଟ ସାଧାରଣ | ୦.୦୪୮୫ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ଛତ୍ରି, ବା:ଝାରସୁଗୁଡା ୨୫୪ |
| ୧୨୩ | ୨୫୫ | ବେସରକାରୀ | ଆଟ ସାଧାରଣ | ୦.୦୩୩୫ | ରଘୁନାଥ ନାଏକ, ପି:ନରସିଂହ ନାଏକ, ଜା:କରଣ, ବା:ନିଜଗାଁ, ୨୫୫ |
| ୧୨୪ | ୨୬୪ | ବେସରକାରୀ | ଆଟ ସାଧାରଣ | ୦.୦୪୨ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୨୬୪ |
| ୧୨୫ | ୫୦ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ଗିରିଶ ଚନ୍ଦ୍ର ପାଣ୍ଡେ, ପି: ନରୋତ୍ତମ ପାଣ୍ଡେ, ଜା:ଅଘରିଆ, ବା:ପୂର୍ଣ୍ଣା, ଥା:ଝାରସୁଗୁଡା ୫୦ |
| ୧୨୬ | ୫୧ | ବେସରକାରୀ | ଆଟ ସାଧାରଣ | ୦.୦୫୨୬ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୫୧ |
| ୧୨୭ | ୫୨ | ବେସରକାରୀ | ଆଟ ସାଧାରଣ | ୦.୦୦୪ | ବାଳମତି ପଟେଲ, ସ୍ୱା:କୌତୁକ ପଟେଲ, ପ୍ରେମାନନ୍ଦ ପଟେଲ, ପ୍ରମୋଦିନୀ ପଟେଲ, ସଇରେନ୍ଦ୍ରି ପଟେଲ, ରାଜେଶ୍ୱରୀ ପଟେଲ, ପି:ବିଛଲାଲ ପଟେଲ, ଶିବଲାଲ ପଟେଲ, ମୁନୁ ଉର୍ଫ ନରେନ୍ଦ୍ର ପଟେଲ, ସୁଷମା ପଟେଲ, କିଶୋର ପଟେଲ, କଳକତି ପଟେଲ, ପି:ଚନ୍ଦ୍ରଶେଖର ପଟେଲ, ଜା:ମାଳି, ବା:ନିଜଗାଁ ୫୨ |
| ୧୨୮ | ୫୨/ ୨୨୯୧ | ବେସରକାରୀ | ଆଟ ସାଧାରଣ | ୦.୦୨ | ଆଶା ଶର୍ମା, ସ୍ୱା:କମଳ କିଶୋର ଶର୍ମା, ଜା:ବ୍ରାହ୍ମଣ, ବା:ମାରୱାଡିପଡା, ଝାରସୁଗୁଡା, ୫୨/୨୨୯୧ |
| ମୋଟ ଅଧିକୃତ ଜମି | | | | ୩.୮୩୧୪୯ | |

ସ୍ୱା./- ତହସିଲଦାର ତଥା କ୍ଷମତାପନ୍ନ ଭୂ-ଅର୍ଜନ ଅଧିକାରୀ
ଜାତୀୟ ରାଜପଥ ନଂ. ୪୯, ଭୂ-ଅର୍ଜନ ପ୍ରକୋଷ୍ଠ, ତହସିଲ କାର୍ଯ୍ୟାଳୟ,
କୋଲାବିରା, ଝାରସୁଗୁଡ଼ା

OIPR-24126/14/0011/2223

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୯ ସେପ୍ଟେମ୍ବର, ୨୦୨୨



# ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ



ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ।

**ବରଗଡ଼ ଅଫିସ୍,୨୮।୯**

ବରଗଡ଼ ସହର ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ବୁଧବାର ମା' ସମଲେଶ୍ୱରୀ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିଥିଲେ। ପଣ୍ଡିତ ଶିବ ପ୍ରସାଦ ଦାଶ, ଚୂଡ଼ାମଣି ରଥ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।

# ବୌଦ୍ଧକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତରେ ସାମିଲ ଦାବି

**ବୌଦ୍ଧ,୨୮।୯(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପଶ୍ଚିମ ଓଡିଶାର ଭାଷାଭାଷୀ, ଚାଲିଚଳନ, ସଂସ୍କୃତି ଓ ପରମ୍ପରା ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ। ବୌଦ୍ଧ ୧୯୯୪ ମସିହା ଠାରୁ ଏକ ସ୍ୱତନ୍ତ୍ର ଜିଲା ଭାବେ ମାନ୍ୟତା ପାଇବା ପରେ ଜିଲାବାସୀ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ନେଇ ଦାବି କରି ଆସୁଛନ୍ତି। କିନ୍ତୁ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ସରକାରୀ କଳର ନାଲିଫିତା ତଳେ ଚାପି ହୋଇରହିଛି। ବୌଦ୍ଧ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇବା ପାଇଁ ଜିଲା ଓକିଲ ସଂଘ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ସେହିପରି ଜିଲାବାସୀଙ୍କ ଦୀର୍ଘ ଦିନର ମୁଖ୍ୟ ଦାବି ବୌଦ୍ଧକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତରେ ସାମିଲ ନେଇ ପୁଣି ବୁଧବାର ଦିନ ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରାଯାଇଥିଲା। ବୌଦ୍ଧ ଜିଲା ପୂର୍ବରୁ ଉପଖଣ୍ଡର ମାନ୍ୟତା ପାଇଥିଲା ଓ କନ୍ଧମାଳ ଜିଲା ଅଧୀନରେ ଥିଲା। ଏହା ୧୯୯୪ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସରକାର ସମୟରେ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଥିଲା। ବର୍ତ୍ତମାନ ଏହି ଜିଲା ବ୍ରହ୍ମପୁର ରାଜସ୍ୱ ମଣ୍ଡଳ ଅଧୀନରେ ରହିଥିବା ବେଳେ ଏହାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତରେ ସାମିଲ କରିବା ପାଇଁ ଜିଲାବାସୀଙ୍କ ପକ୍ଷରୁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଛି। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳରେ ସାମିଲ କରିବା ପାଇଁ ଜନସାଧାରଣଙ୍କ ଦାବିକୁ ସରକାର ଅଣଦେଖା କରି ଚାଲିଛନ୍ତି। ଏନେଇ ଜିଲା ଓକିଲ ସଂଘର ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟ ପୂର୍ବାହ୍ନ ୧୦ ଟାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସି ରହିବା ସହ ପ୍ରତିବାଦ ସଭା କରିଥିଲେ। ଏହାସହ ପଶ୍ଚିମ ଓଡିଶାର ସମ୍ବଲପୁରଠାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କରିଥିଲେ। ବୌଦ୍ଧ ଜିଲା ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତରେ ସାମିଲ ହେଲେ ଜିଲାର ଜନସାଧାରଣ କମ ବାଟ ହେଉଥିବାରୁ କାର୍ଯ୍ୟ କରିବା ସହଜ ହୋଇପାରିବ ବୋଲି ଜିଲା ଓକିଲ ସଂଘର ସଭାପତି ମହାପାତ୍ର ପ୍ରକାଶ କରିବା ସହ ଆଗାମୀ ଦିନରେ ଦାବି ପୂରଣ ପାଇଁ ଆନ୍ଦୋଳନ ଜୋରଦାର ହେବ ବୋଲି କହିଥିଲେ। ଏହି ପ୍ରତିବାଦ ସଭାରେ ସଂଘର ବରିଷ୍ଠ ଆଇନଜୀବୀ ଓମ ପ୍ରକାଶ ମିଶ୍ର, ସଂଘର ସଂପାଦକ ଅଶୋକ କୁମାର ମିଶ୍ର, ସୁଧର କର୍ଣ୍ଣ, ସୁରେଶ ଚନ୍ଦ୍ର ମେହେର, ଧୂରୀଣ କୁମାର ଦେହୁରୀ, ଦେବରଞ୍ଜନ ମହାକୁଡ, ଆଶୋକ କୁମାର ସାହୁ, ଶିବପ୍ରସାଦ ପଣ୍ଡା, ତାରେଣୀ ଜେନା, ଜ୍ୟୋତି ରଞ୍ଜନ ସିହ୍ନା, ରାଜେନ୍ଦ୍ର ଦେହୁରୀ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଜ୍ଞାନରଞ୍ଜନ ପଟ୍ଟନାୟକ, ଦେବରଞ୍ଜନ ବିଶି, ସୁରେନ୍ଦ୍ର ପ୍ରଧାନ, ଜାମିନି ମୁଖି, ତଦଶା ମାଝୀ, ଅଙ୍କିତା ଶତପଥୀ, ମନୋଜ ମହାରଣା, ଜୁଲିୟସ ସିଜର ମହାକୁଲ, ଅମ୍ରିତ ପ୍ରଧାନ, ଅଜିତ କୁମାର ବାରିକଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ସାମିଲ ଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲା ଓକିଲ ସଂଘର ପ୍ରତିବାଦ ସଭାରେ ସମସ୍ତ ଆଇନଜୀବୀ।

**ବୌଦ୍ଧ ଜିଲା ଓକିଲ ସଂଘର ପ୍ରତିବାଦ ସଭା**

# ଶହୀଦ ଭଗତ ସିଂଙ୍କ ତ୍ୟାଗ ଅତୁଳନୀୟ

**ବରଗଡ଼ ଅଫିସ୍,୨୮।୯**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଶହୀଦ ଭଗତ ସିଂଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ଏକ ସଭା ହୋଇଥିଲା। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଛାତ୍ରୀଛାତ୍ର ଦେଶାତ୍ମବୋଧ ସଙ୍ଗୀତ ମାଧ୍ୟମରେ ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶ ପାଇଁ ଶହୀଦ ଭଗତ ସିଂଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରଧାନଶିକ୍ଷକ ରଥ ନିଜ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଭଗତ ସିଂଙ୍କ ଜୟନ୍ତୀ ଅବସରରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଆପ୍ କର୍ମୀମାନେ ରକ୍ତଦାନ କରିଥିଲେ ଏବଂ ୧୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆପର ଜିଲା ଆବାହକ ଭବାନୀ ସାହୁ, ସ୍ୱରୂପ ଭୋଇ, ଝାରବନ୍ଧ ବ୍ଲକ ସଂଯୋଜକ ବାଲ୍ମିକୀ ନାୟକ, ପବତ୍ର ଦେହେରୀ, ଦିନେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଅଭିଭାବକ ସଂଘ, ବରଗଡ଼ ଜିଲା ପକ୍ଷରୁ ଅନୁଷ୍ଠିତ ଜୟନ୍ତୀ ସଭାରେ ଜିଲା ଆବାହକ ବିମଳ କୁମାର ଦାଶ, ସାଧାରଣ ସମ୍ପାଦକ ସୁଜିତ ମିଶ୍ର, ଶିବାନନ୍ଦ ମଟାରୀ, ଆଶୁତୋଷ ରଥ, ବିରେନ୍ଦ୍ର ପ୍ରମୁଖ ଯୋଗଦାନ କରି ଭଗତ ସିଂଙ୍କ ସ୍ମୃତିଚାରଣ କରିଥିଲେ।

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ
ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର,
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ: ୦୬୭୪-୨୩୬୨୨୫୧/୨୩୬୨୨୪୬,
ଇ-ମେଲ: zo.bhubaneswar@bankofindia.co.in
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବର୍ତ୍ତମାନର ଅଫିସ୍ ଗୃହ ଉପରେ ୩ୟ ମହଲା ନିର୍ମାଣ (ଇଣ୍ଟେରିଅର, ଇଲେକ୍ଟ୍ରିକାଲ ଏବଂ ଡାଟା କେବଲିଙ୍ଗ, ଏସି ସ୍ଥାପନା) ନିମନ୍ତେ ଆର୍କିଟେକ୍ଟ ନିଯୁକ୍ତି**

ନୟାପଲ୍ଲୀ, ଭୁବନେଶ୍ୱରରେ ଥିବା ଅଫିସ୍ ଗୃହ ଉପରେ ୩ୟ ମହଲା ନିର୍ମାଣ ପାଇଁ ଆର୍କିଟେକ୍ଟ ପରାମର୍ଶଦାତା ନିଯୁକ୍ତି / ପ୍ରାକ୍ ଯୋଗ୍ୟତା ନିମନ୍ତେ ଆବେଦନ ପତ୍ର ଆହ୍ୱାନର ସବିଶେଷ ବିଜ୍ଞପ୍ତି ଆମର ୱେବସାଇଟ୍ www.bankofindia.co.inରେ ଉପଲବ୍ଧ। ପ୍ରସ୍ତାବ ଦାଖଲ ପାଇଁ ଧାର୍ଯ୍ୟ ଫର୍ମାଟ ଉପରୋକ୍ତ କାର୍ଯ୍ୟାଳୟ ଠିକଣାରେ ତା.୧୮.୧୦.୨୦୨୨ରିଖ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ଟ.୧,୦୦୦/- (ଦରଖାସ୍ତ ଫି) ଦାଖଲ କରି ପାଇପାରିବେ। ବିକଳ୍ପ ଭାବେ ଉକ୍ତ ଫର୍ମାଟ ଆମ ୱେବସାଇଟରୁ ମଧ୍ୟ ଡାଉନଲୋଡ କରିପାରିବେ। ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ଅଞ୍ଚଳ ଠାରେ ପ୍ରସ୍ତାବ ଦାଖଲ କରିବାର ଅନ୍ତିମ ତାରିଖ: ୧୮.୧୦.୨୦୨୨ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା।

ଆଞ୍ଚଳିକ ପ୍ରବନ୍ଧକ

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଉଛି।

**ଝାରବନ୍ଧ,୨୮।୯(ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଡଭାଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଝାରବନ୍ଧ ତହସିଲଦାର ସୀମା ସବିତା କୁଲୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ସୁପରଭାଇଜର ନବୀନ ରାଉତ, ଧନଞ୍ଜୟ ଭୁଏ, ସତ୍ୟମ ପ୍ରଧାନ, ଧନେଶ୍ୱର ପଟେଲ, ଧର୍ମରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜସ୍ୱ ନିରୀକ୍ଷକ ଭାବେ ସତ୍ୟପ୍ରକାଶ ଭୋଇ, ଅମିନ ଭାବେ ପ୍ରହ୍ଲାଦ ପ୍ରଧାନ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି।

# ପରିବାର ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ

**ବୌଦ୍ଧ,୨୮।୯(ସ୍ୱ.ପ୍ର.)**

ତାମିଲନାଡୁର କୋଇମ୍ବାଟୁରରୁ ଫେରୁଥିବା ଜଣେ ପ୍ରବାସୀ ଶ୍ରମିକ ଟ୍ରେନରୁ ନିଖୋଜ ହୋଇ ଯାଇଛନ୍ତି। ତାଙ୍କ ସାଙ୍ଗରେ ଥିବା ସମ୍ପର୍କୀୟ ପୁତୁରାଙ୍କ ଠାରୁ ଏହି ସୂଚନା ପାଇଁ ଶ୍ରମିକଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ଖୋଜିବା କାର୍ଯ୍ୟରେ ସହଯୋଗ କରିବା ପାଇଁ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁସାରେ, ବୌଦ୍ଧ ଥାନା ଗୁଡିଆଲି ଗ୍ରାମର ଉସତ କହଁର ତାମିଲନାଡୁର ଏକ କମ୍ପାନୀରେ କାମ କରୁଥିଲେ। ସମ୍ପର୍କୀୟ ପୁତୁରା ଆମ୍ବଝରୀ ପଞ୍ଚାୟତ ଖଜୁରିପଡା ଗ୍ରାମର ସରୋଜ ଝାଙ୍କରଙ୍କ ସହ ସେ ସେଠାରେ ଏକାଠି ରହୁଥିଲେ। ଘରକୁ ଫେରିବା ପାଇଁ ଦୁଇ ଜଣ ଶନିବାର ମଧ୍ୟାହ୍ନରେ ଧନବାଦ ଏକ୍ସପ୍ରେସରେ କୋଇମ୍ବାଟୁର ରେଳ ଷ୍ଟେଶନରୁ ଚଢିଥିଲେ। ରାତି ପ୍ରାୟ ୧୦ଟାରେ ଉଭୟ ଶୋଇ ପଡିଥିଲେ। ସକାଳେ ବିଜୟୱାଡା ଷ୍ଟେଶନରେ ନିଦ ଭାଙ୍ଗିବା ପରେ ସରୋଜ ମଉସା ଉସତଙ୍କୁ ପାଇ ନ ଥିଲେ। ସେ ବିଭିନ୍ନ ବଗିରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ବଲାଙ୍ଗୀର ଷ୍ଟେଶନରେ ପହଞ୍ଚିବା ପରେ ରେଳବାଇ ଥାନାରେ ଅଭିଯୋଗ କରିଥିଲେ। ଗାଁକୁ ଆସି ମାଉସୀଙ୍କୁ ସବୁ କଥା କହିଥିଲେ। ବୁଧବାର ଉସତଙ୍କ ସ୍ତ୍ରୀ ସସ୍ମିତା କୋଳରେ ଏକ ବର୍ଷର ଶିଶୁ ପୁତ୍ରକୁ ଧରି ପୁତୁରା ସରୋଜଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ନେହୁରା ହୋଇଛନ୍ତି।



ଉସତଙ୍କ ସ୍ତ୍ରୀ ଜିଲାପାଳଙ୍କ ଦ୍ୱାରସ୍ଥ।

**ପ୍ରବାସୀ ଶ୍ରମିକ ଟ୍ରେନରୁ ନିଖୋଜ**

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ତିନି ଗୁରୁତର

**ବାଉଁଶୁଣୀ,୨୮।୯(ଡି.ଏନ.ଏ.)**

୫୭ନଂ ଜାତୀୟ ରାଜପଥର ବୌଦ୍ଧ ବ୍ଲକ କଣ୍ଟା ଛକ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ତିନି ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରାହ୍ମଣୀପାଲି ଗ୍ରାମ ପଞ୍ଚାୟତ ସାନ୍ତୁମ ଗ୍ରାମର ସୁଦାମ ପ୍ରଧାନ (୪୦) ବାଇକ୍ ଯୋଗେ ବାଉଁଶୁଣୀ ଆଡକୁ ଆସୁଥିବା ବେଳେ କନାପଡା ଗ୍ରାମର ଉସତ ବାଘ (୧୮) ଓ ସୌମ୍ୟ ରଞ୍ଜନ ବାଘ (୧୭) ଅନ୍ୟ ଏକ ବାଇକ୍‌ରେ ବାଉଁଶୁଣୀ ପଟରୁ ବୌଦ୍ଧ ଆଡକୁ ଆସୁଥିଲେ। ଉଭୟ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ ଜଣ ଆହତ ହୋଇଥିଲେ। ଖବରପାଇ ବାଉଁଶୁଣୀ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଜ୍ଞପ୍ତି

ପ୍ରାପ୍ତେଷୁ

**ଶ୍ରୀ କେଶବ ଚନ୍ଦ୍ର ମହାରଣା,ବୈଷୟିକ ସହାୟକ**
**ସହାୟକ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ,**
**ଭବାନୀପାଟଣା, ଜିଲ୍ଲା-କଳାହାଣ୍ଡି।**
**ସ୍ଥାୟୀ ଠିକଣା:ଗ୍ରାମ-ଗମହାଡିଆ, ପୋଷ୍ଟ-ବକ୍ସିବଜାର, ଜିଲ୍ଲା-କଟକ**

**No.PP-39:**ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଆପଣ ଆସନ୍ତା ତା.୧୦.୧୦.୨୦୨୨ ରିଖ ଦିବା ୧୧.୩୦ ସମୟରେ ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ସତ୍ୟନଗର, ଭୁବନେଶ୍ୱରଙ୍କ ନିକଟରେ ଉପସ୍ଥିତ ହୋଇ ସ୍ମାରକ ପତ୍ର ନଂ.୩୮୫୦/ବୟନ ତାରିଖ ୨୬.୦୫.୨୦୨୨ ର ପ୍ରାପ୍ତ ସ୍ୱୀକାର ରସିଦକୁ ଫେରସ୍ତ କରିବେ ଏବଂ ଏହାକୁ ଉପଯୁକ୍ତ ସମୟରେ ଫେରସ୍ତ ନ କରିବା ସମ୍ବନ୍ଧରେ ନିଜ ପକ୍ଷ ଉପସ୍ଥାପନ କରିବେ।

ଉପରୋକ୍ତ ନିର୍ଦ୍ଧାରିତ ସମୟାନୁଯାୟୀ ଉପସ୍ଥିତିରେ ବିଫଳ ହେଲେ ଆପଣଙ୍କୁ ପଳାତକ ହିସାବରେ ଧରି ନିଆଯିବ ଏବଂ ଆପଣଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏକତରଫାଭାବେ ଫଇସଲା କରାଯିବ।

**ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା**

**OIPR-31001/11/0006/2223**

# ୪୮ ବର୍ଷରେ ପଦାର୍ପଣ କଲା କର୍ଲାମୁଣ୍ଡା ଦୁର୍ଗାପୂଜା

**କର୍ଲାମୁଣ୍ଡା,୨୮।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଦୁର୍ଗାପୂଜା ଚଳିତବର୍ଷ ୪୮ ବର୍ଷରେ ପଦାର୍ପଣ କରିଛି। କର୍ଲାମୁଣ୍ଡା ବ୍ଲକ ସଦର ଦୁର୍ଗାମଣ୍ଡପଠାରେ ରବିବାର ଠାରୁ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ନବରାତ୍ର ଆରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟପୂଜକ ଭାବେ ପଣ୍ଡିତ ନୃସିଂହ ଚରଣ ଦାଶ ଦାୟିତ୍ୱ ତୁଲାଉଛନ୍ତି। ଯଜ୍ଞ କର୍ତ୍ତା ଭାବେ ସତ୍ୟନାରାୟଣ ସାହୁ ଓ ତାଙ୍କ ସ୍ତ୍ରୀ ସୈରେନ୍ଦ୍ରୀ ସାହୁ ରହିଛନ୍ତି। ପୂଜାର ସୁପରିଚାଳନା ପାଇଁ ପୂଜା କମିଟିର ସଭାପତି ଭାବେ ଦେବେନ୍ଦ୍ର ସାହୁ,ଉପ ସଭାପତି ଡୋଳାମଣି ଭୋଇ,ସମ୍ପାଦକ ଚନ୍ଦ୍ରଭାନୁ ସାହୁ,ସହ ସମ୍ପାଦକ ହେମ ସାଗର ସାହୁ,କୋଷାଧ୍ୟକ୍ଷ କୁଞ୍ଜ ସାହୁ ଓ ଉପଦେଷ୍ଟା ଭାବେ ଶେଷ ଦେବ ସାହୁ ରହିଛନ୍ତି। ଆସନ୍ତା ୬ ତାରିଖରେ ଭସାଣି ଯାତ୍ରା ହେବ ବୋଲି ଜଣାଯାଇଛି।

# ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର




ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ ମନୋନୀତ ଖେଳାଳିବୃନ୍ଦ।

**ବରଗଡ଼ ଅଫିସ୍,୨୮।୯**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବୁଧବାର ବରଗଡ଼ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫ଜଣିଆ ବାଳିକା ବାଳକ ଫୁଟବଲ ଟିମ୍ ଚୟନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଆଦିକନ୍ଦ ସ୍ୱାଇଁ, ପ୍ରକାଶ ନନ୍ଦ ଭୋଇ, ଗିରିଜା ପ୍ରସାଦ ନାଥ, ଡାକ୍ତର ଭୋଇ, ରଷ୍ଟୁଭ ହୋତା, ସମ୍ପୂର୍ଣ୍ଣ ଭୋଇ, ଶୁଭଶ୍ରୀ ଭୋଇ, ଗୀତା ବାରା ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଖେଳାଳି ଚୟନ କରିଥିଲେ। ମନୋନୀତ ଖେଳାଳିମାନେ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜର୍ଜ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡଃ ଡୋଲାମଣି ଶତପଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କପିଳ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକର ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ବେଆଇନ ବାଲି ଚାଲାଣ: ୧୦ ହଜାର ଜରିମାନା ଆଦାୟ

**ବାଉଁଶୁଣୀ,୨୮।୯(ଡି.ଏନ.ଏ.)**

ବେଆଇନ ବାଲି ଚାଲାଣ ଅଭିଯୋଗରେ ଜଣେ ଟ୍ରାକ୍ଟର ମାଲିକଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୋମବାର ସକାଳେ ବୌଦ୍ଧ ତହସିଲ ଅନ୍ତର୍ଗତ ଦହ୍ୟା ଅମୃତା ଘାଟରେ ଦହ୍ୟା ରାଜସ୍ୱ ନିରୀକ୍ଷକ ଦିଲିପ ପାଣିଗ୍ରାହୀ ଓ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ଚଢାଉ କରି ବାଲି ପରିବହନ କରୁଥିବା ଟ୍ରାକ୍ଟର (ନଂ ଓଡି ୩୧ ଜେ ୨୬୭୩) ଜବତ କରିବା ସହ ଜରିମାନା ଆଦାୟ କରିଥିଲେ। ବୌଦ୍ଧରେ ନୂତନ ଜିଲାପାଳଙ୍କ ଯୋଗଦାନ ପରେ ବାଲି ଧରପଗଡ ଜୋରଦାର ଚାଲିଛି। ହେଲେ ବାଲି ବ୍ୟବସାୟୀମାନେ ରାତି ରେ ବାଲି ଚୋରାଚାଲାଣ କରୁଛନ୍ତି। ବାଉଁଶୁଣୀ ଅଞ୍ଚଳରେ ବିନା କାଗଜପତ୍ରରେ ଅନେକ ଟ୍ରାକ୍ଟର ଚାଲିଛି। ଏନେଇ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଗଲେ ବାଲି ଚୋରାଚାଲାଣ ସହିତ ଦୁର୍ଘଟଣା ମଧ୍ୟ କମିବାର ସମ୍ଭାବନା ରହିଛି।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**No.A-549: TEL BASIN, BHAWANIPATNA**
**"e" PROCUREMENT NOTICE NO.- CE&BM,TEL, 04/2022-23**

| | | | |
|---|---|---|---|
| 1 | Name of Work:- | Construction of FPE on Tel left from Gaterkela to Tel Bridge from RD 0.00 M To 6000 M | |
| 2 | Total Number of Works:- | 1 No | |
| 3 | Value of work:- | Rs 1269.56 Lakhs (excluding G.S.T.) | |
| 4 | Period of completion:- | 18 (Eighteen) Calendar months | |
| 5 | Other details as follows. | | |
| Procurement Officer/ Name & address of the officer inviting Bids. | Bid Identification No. | Date & Time of availability of Bid document in the Portal. | |
| Chief Engineer & Basin Manager, Tel Basin, Bhawanipatna | CE&BM, TEL, 04/2022-23 | From Dt.30.09.2022 10.00 hours | To Dt.20.10.2022 to 17.30 hours |

Further details can be seen from the Govt. website www.tendersorissa.gov.in.

**Sd./- Chief Engineer & Basin Manager, Tel Basin, Bhawanipatna**

**OIPR-32317/11/0005/2223**

| କ୍ର.ନଂ. | ସର୍ଭେ/ ପ୍ଲଟ ନଂ. | ସରକାରୀ/ ବେସରକାରୀ | ଜମିର କିସମ | ଅଧିଗ୍ରହଣ (ହେକ୍ଟର) | ଜମିର ମାଲିକ |
|---|---|---|---|---|---|
| ୯୯ | ୧୧୩ | ବେସରକାରୀ | ଘରବାରି | ୦.୦୦୮୯ | ସୁଜାତା ପାତ୍ର, ସ୍ୱା:ଲଳିତ ମୋହନ ପାତ୍ର, ହରେକୃଷ୍ଣ ପାତ୍ର, ପି:ଲଳିତ ମୋହନ ପାତ୍ର, ଜା:ଖଣ୍ଡୁରା, ବା:ଝାରସୁଗୁଡା, ୧୧୩ |
| ୧୦୦ | ୧୧୪ | ବେସରକାରୀ | ଘରବାରି | ୦.୦୧୨୫ | ବୁଦ୍ଧି ଘାସି, ପି:ସହଦେବ ଘାସି, ଜା:ଘାସି, ବା:ନିଜଗାଁ ୧୧୪ |
| ୧୦୧ | ୧୧୫ | ବେସରକାରୀ | ଘରବାରି | ୦.୦୩୧୫ | ରମେଶ କୁମାର ସୋନି, ପି:କିସନ ଲାଲ ସୋନି, ଜା:ପଞ୍ଜାବୀ, ବା:ଝାରସୁଗୁଡା ୧୧୫ |
| ୧୦୨ | ୧୧୭ | ବେସରକାରୀ | ଆଟ ସାଧାରଣ | ୦.୦୧୧୭ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ସତ୍ରୀ ବା:ଝାରସୁଗୁଡା ୧୧୭ |
| ୧୦୩ | ୧୧୭/ ୨୫୪୬ | ବେସରକାରୀ | ଆଟ ସାଧାରଣ | ୦.୦୧ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ସତ୍ରୀ ବା:ଝାରସୁଗୁଡା ୧୧୭/୨୫୪୬ |
| ୧୦୪ | ୧୭୬୦ | ବେସରକାରୀ | ଆଟ ସାଧାରଣ | ୦.୦୧ | ଲଳିତ ପଟେଲ, ପି:ଶୁବନାଥ ପଟେଲ, ଜା:ମାଳି, ବା:ନିଜଗାଁ ୧୭୬୦ |
| ୧୦୫ | ୧୭୬୭ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ମାୟାରାମ ସାହୁ, ଗୁରୁଚରଣ ସାହୁ, ପି:ନାନକୁ ସାହୁ, ସୁନ୍ଦରଲାଲ ସାହୁ, ବଂଶିଲାଲ ସାହୁ, ପି:ଦୟାରାମ ସାହୁ, ଆଶା ସାହୁ, ସ୍ୱା:ଶିବ ନାରାୟଣ ସାହୁ, ବିଜୟ କୁମାର ସାହୁ, ଅଜୟ କୁମାର ସାହୁ, ହେମନ୍ତ କୁମାର ସାହୁ, ପି:ଶିବ ନାରାୟଣ ସାହୁ, ଶାନ୍ତିଲତା ସାହୁ, ସ୍ୱା:ରାମ ପ୍ରସାଦ ସାହୁ, ନୀଳକାନ୍ତ ସାହୁ, ପି: ରାମ ପ୍ରସାଦ ସାହୁ, ରାଜକୁମାରୀ ସାହୁ, ସ୍ୱା:ସଞ୍ଜୟ କୁମାର ସାହୁ, ସାହିଲ ସାହୁ, ପି:ସଞ୍ଜୟ କୁମାର ସାହୁ, ଜା:ତେଲି, ବା:ସମାସିଂହା ୧୭୬୭ |
| ୧୦୬ | ୧୮୫୭ | ବେସରକାରୀ | ଘରବାରି | ୦.୦୦୪ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୧୮୫୭ |
| ୧୦୭ | ୧୮୬୦ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୧୮୬୦ |
| ୧୦୮ | ୧୮୭୮ | ବେସରକାରୀ | ଆଟ ସାଧାରଣ | ୦.୦୨ | ମାୟାରାମ ସାହୁ, ଗୁରୁଚରଣ ସାହୁ, ପି:ନାନକୁ ସାହୁ, ସୁନ୍ଦରଲାଲ ସାହୁ, ବଂଶିଲାଲ ସାହୁ, ପି:ଦୟାରାମ ସାହୁ, ଆଶା ସାହୁ, ସ୍ୱା:ଶିବ ନାରାୟଣ ସାହୁ, ବିଜୟ କୁମାର ସାହୁ, ଅଜୟ କୁମାର ସାହୁ, ହେମନ୍ତ କୁମାର ସାହୁ, ପି:ଶିବ ନାରାୟଣ ସାହୁ, ଶାନ୍ତିଲତା ସାହୁ, ସ୍ୱା:ରାମ ପ୍ରସାଦ ସାହୁ, ନୀଳକାନ୍ତ ସାହୁ, ପି: ରାମ ପ୍ରସାଦ ସାହୁ, ରାଜକୁମାରୀ ସାହୁ, ସ୍ୱା:ସଞ୍ଜୟ କୁମାର ସାହୁ, ସାହିଲ ସାହୁ, ପି:ସଞ୍ଜୟ କୁମାର ସାହୁ, ଜା:ତେଲି, ବା:ସମାସିଂହା ୧୮୭୮ |
| ୧୦୯ | ୨୦୦ | ବେସରକାରୀ | ଆଟ ସାଧାରଣ | ୦.୦୦୯୩ | ଗିରଶ ଚନ୍ଦ୍ର ପାଣ୍ଡେ, ହେମାଦ୍ରୀ ପାଣ୍ଡେ, ଦିବ୍ୟଲୋଚନ ପାଣ୍ଡେ, ତେଜରାଜ ପାଣ୍ଡେ, ପି: ନରୋତ୍ତମ ପାଣ୍ଡେ, ଜା:ଅଘରିଆ, ବା:ପୂର୍ଣ୍ଣା ୨୦୦ |
| ୧୧୦ | ୨୦୨ | ବେସରକାରୀ | ଆଟ ସାଧାରଣ | ୦.୦୨୮୭ | ଭବାନୀ ପଟେଲ, ସ୍ୱା:ଘନଶ୍ୟାମ ପଟେଲ, ଜା:ମାଳି, ବା:ଦଲକି ୨୦୨ |
| ୧୧୧ | ୨୦୩୨ | ବେସରକାରୀ | ଜଙ୍ଗଲ | ୦.୦୨୩ | ରାମଚନ୍ଦ୍ର ମାହାର, ପୁରୁଷୋତ୍ତମ ମାହାର, ପି:କଳିଆ ମାହାର, ଜା:ଗଉଡ, ବା: ନିଜଗାଁ (ବୁଟାମୁଣ୍ଡା ପଡା) ୨୦୩୨ |
| ୧୧୨ | ୨୦୮ | ବେସରକାରୀ | ଆଟ ସାଧାରଣ | ୦.୦୩୮ | ଦୈତାରି ପଟେଲ, ଦିନବନ୍ଧୁ ପଟେଲ, ବୁନ୍ଧେ ପଟେଲ, ନିସପୁରି ପଟେଲ, କାଦୋ ପଟେଲ, ପି:ଦଶରଥ ପଟେଲ, ବୁଇ ପଟେଲ, ପଚ୍ଚାଙ୍ଗି ପଟେଲ, ରାଏମତି ପଟେଲ, ପି:ଲତାବନ ପଟେଲ, ଜା:ମାଳି, ବା:ନିଜଗାଁ ୨୦୮ |
| ୧୧୩ | ୨୨୮ | ବେସରକାରୀ | ଆଟ ସାଧାରଣ | ୦.୦୨ | ଯୁଧିଷ୍ଠିର ଝଙ୍କାର, ଇନ୍ଦୁ ନାୟକ, କଳା ଭୋଇ, ପିତା:ଖେଡୁ ଝଙ୍କାର, ଜାତି: ଗୋଣ୍ଡ, ଗ୍ରାମ:ନିଜଗାଁ ୨୨୮ |
| ୧୧୪ | ୨୨୯/ ୨୨୩୫ | ବେସରକାରୀ | ଆଟ ସାଧାରଣ | ୦.୦୧୪୫ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୨୨୯/୨୨୩୫ |
| ୧୧୫ | ୨୩୦ | ବେସରକାରୀ | ଆଟ ସାଧାରଣ | ୦.୦୧୪୫ | ଖେଡୁ ଝାଙ୍କର, ପି:ମାଦ୍ରୀ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୦ |
| ୧୧୬ | ୨୩୮ | ବେସରକାରୀ | ଆଟ ସାଧାରଣ | ୦.୦୧୬ | ଯୁଧିଷ୍ଠିର ଝାଙ୍କର, ଇନ୍ଦୁ ନାଏକ, କଳ ଭୋଇ, ପି:ଖେଡୁ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୮ |
| ୧୧୭ | ୨୩୯ | ବେସରକାରୀ | ଆଟ ସାଧାରଣ | ୦.୦୨୪ | ଯୁଧିଷ୍ଠିର ଝାଙ୍କର, ଇନ୍ଦୁ ନାଏକ, କଳ ଭୋଇ, ପି:ଖେଡୁ ଝାଙ୍କର, ଜା:ଗଣ୍ଡ, ବା:ନିଜଗାଁ ୨୩୯ |
| ୧୧୮ | ୨୪୪ | ବେସରକାରୀ | ଆଟ ସାଧାରଣ | ୦..୦୧୮ | ଅଶୋକ କୁମାର ସିଂହ, ପି:ଜାନେଶ୍ୱର ସିଂହ, ଜା:ରାଜପୁତ, ବା:କାଳୀ ମନ୍ଦିର ରୋଡ, ଝାରସୁଗୁଡା ୨୪୪ |
| ୧୧୯ | ୨୪୫ | ବେସରକାରୀ | ଆଟ ସାଧାରଣ | ୦.୦୧୮୬ | ଅଶୋକ କୁମାର ସିଂହ, ପି:ଜାନେଶ୍ୱର ସିଂହ, ଜା:ରାଜପୁତ, ବା:କାଳୀ ମନ୍ଦିର ରୋଡ, ଝାରସୁଗୁଡା ୨୪୫ |
| ୧୨୦ | ୨୫୨ | ବେସରକାରୀ | ଆଟ ସାଧାରଣ | ୦.୦୨୧୮ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୨୫୨ |
| ୧୨୧ | ୨୫୩ | ବେସରକାରୀ | ଆଟ ସାଧାରଣ | ୦.୦୧୨୫ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ଛତ୍ରି, ବା:ଝାରସୁଗୁଡା ୨୫୩ |
| ୧୨୨ | ୨୫୪ | ବେସରକାରୀ | ଆଟ ସାଧାରଣ | ୦.୦୪୮୫ | ଦିଲୀପ କୁମାର ରାଠୋର, ପି:ଗୋବର୍ଦ୍ଧନ ଦାଶ ରାଠୋର@ ଗୋବର୍ଦ୍ଧନ ରାଠୋର, ଜା:ଛତ୍ରି, ବା:ଝାରସୁଗୁଡା ୨୫୪ |
| ୧୨୩ | ୨୫୫ | ବେସରକାରୀ | ଆଟ ସାଧାରଣ | ୦.୦୩୩୫ | ରଘୁନାଥ ନାଏକ, ପି:ନରସିଂହ ନାଏକ, ଜା:କରଣ, ବା:ନିଜଗାଁ, ୨୫୫ |
| ୧୨୪ | ୨୬୪ | ବେସରକାରୀ | ଆଟ ସାଧାରଣ | ୦.୦୪୨ | ଗଣପତରାଏ ଲାଲ, ମଦନ ଲାଲ, ବଦ୍ରୀପ୍ରସାଦ ଲାଲ, ନନ୍ଦକିଶୋର ଲାଲ, ଅର୍ଜୁନ ଲାଲ ପି:କୁଞ୍ଜ ଲାଲ, ବାସନ୍ତି ଲାଲ, ସ୍ୱା:କୁଞ୍ଜ ଲାଲ, ବିହାରି ଲାଲ ପି: ଭଜନ ଲାଲ, ଜା:ବଣିଆ, ବା:ଝାରସୁଗୁଡା ୨୬୪ |
| ୧୨୫ | ୫୦ | ବେସରକାରୀ | ଆଟ ସାଧାରଣ | ୦.୦୦୩୬ | ଗିରିଶ ଚନ୍ଦ୍ର ପାଣ୍ଡେ, ପି: ନରୋତ୍ତମ ପାଣ୍ଡେ, ଜା:ଅଘରିଆ, ବା:ପୂର୍ଣ୍ଣା, ଥା:ଝାରସୁଗୁଡା ୫୦ |
| ୧୨୬ | ୫୧ | ବେସରକାରୀ | ଆଟ ସାଧାରଣ | ୦.୦୫୨୬ | ଦୁବରାଜ ପଟେଲ, ଡିଲେଶ୍ୱର ପଟେଲ, ତୀର ପଟେଲ, କ୍ଷୀର ପଟେଲ, ପି:କାମପାଳ ପଟେଲ, ଜା:ମାଳି, ବା:ନିଜଗାଁ, ୫୧ |
| ୧୨୭ | ୫୨ | ବେସରକାରୀ | ଆଟ ସାଧାରଣ | ୦.୦୦୪ | ବାଳମତି ପଟେଲ, ସ୍ୱା:କୌତୁକ ପଟେଲ, ପ୍ରେମାନନ୍ଦ ପଟେଲ, ପ୍ରମୋଦିନୀ ପଟେଲ, ସଇରେନ୍ଦ୍ରି ପଟେଲ, ରାଜେଶ୍ୱରୀ ପଟେଲ, ପି:ବିଚ୍ଛଲାଲ ପଟେଲ, ଶିବଲାଲ ପଟେଲ, ମୁନୁ ଉର୍ଫ ନରେନ୍ଦ୍ର ପଟେଲ, ସୁଷମା ପଟେଲ, କିଶୋର ପଟେଲ, କଳକତି ପଟେଲ, ପି:ଚନ୍ଦ୍ରଶେଖର ପଟେଲ, ଜା:ମାଳି, ବା:ନିଜଗାଁ ୫୨ |
| ୧୨୮ | ୫୨/ ୨୨୯୧ | ବେସରକାରୀ | ଆଟ ସାଧାରଣ | ୦.୦୨ | ଆଶା ଶର୍ମା, ସ୍ୱା:କମାଳ କିଶୋର ଶର୍ମା, ଜା:ବ୍ରାହ୍ମଣ, ବା:ମାରୱାଡିପଡା, ଝାରସୁଗୁଡା, ୫୨/୨୨୯୧ |
| | ମୋଟ ଅଧିକୃତ ଜମି | | | ୩.୮୩୧୪୯ | |

ସ୍ୱା./- ତହସିଲଦାର ତଥା କ୍ଷମତାପନ୍ନ ଭୂ-ଅର୍ଜନ ଅଧିକାରୀ
ଜାତୀୟ ରାଜପଥ ନଂ. ୪୯, ଭୂ-ଅର୍ଜନ ପ୍ରକୋଷ୍ଠ, ତହସିଲ କାର୍ଯ୍ୟାଳୟ, କୋଲାବିରା, ଝାରସୁଗୁଡ଼ା

**OIPR-24126/14/0011/2223**